# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୩୧/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 31/2021 | ★★★★★★

୪୭ଶ ଭାଗ ୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ଟେଷ୍ଟ ର୍ୟାଙ୍କିଙ୍ଗରେ ପୂଜାରାଙ୍କ ଉନ୍ନତି**

ଆଇସିସି ଟେଷ୍ଟ ବ୍ୟାଟ୍ସମ୍ୟାନ ର୍ୟାଙ୍କିଙ୍ଗରେ ଚେତେଶ୍ୱର ପୂଜାରା ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

୧୩

୧୪

**ହେୟାର ବ୍ରାଣ୍ଡ୍ ଲଞ୍ଚ୍ କଲେ ପ୍ରିୟଙ୍କା**

ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ନିକଟରେ ନିଜର ହେୟାର ବ୍ରାଣ୍ଡ୍ ଲଞ୍ଚ କରିଛନ୍ତି ବୋଲି ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି।



# ଖୋଲିବ ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ଫେବୃୟାରୀ ପହିଲାରୁ କୋଭିଡ-୧୯ ସଂକ୍ରମିତ ଅଞ୍ଚଳ ବାହାରେ ଥିବା ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଖୋଲିବ। ଏ ନେଇ ଶନିବାର ରାଜ୍ୟ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। କୋଭିଡ୍-୧୯ ମହାମାରୀ ପାଇଁ ଦୀର୍ଘ ୧୦ ମାସ ହେବ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିଥିଲା। ପିଲାମାନଙ୍କୁ ସେମାନଙ୍କ ଘରେ ଶୁଖିଲା ଖାଦ୍ୟ ଦିଆଯାଉଥିଲା। ଏବେ କରୋନା ପ୍ରଭାବ ହ୍ରାସକୁ ଦୃଷ୍ଟିରେ ରଖି ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ବିବାହ, ବ୍ରତ, କ୍ରୀଡ଼ା, ରାଜନୈତିକ ଏବଂ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ପାଇଁ ୫୦୦ ଲୋକଙ୍କୁ ଏକାଠି ହେବାକୁ ଅନୁମତି ମିଳିବ। ବନ୍ଦ ଥିବା ସ୍ଥାନରେ ୫୦ ପ୍ରତିଶତରୁ ଅଧିକ ସମାଗମକୁ ବାରଣ କରାଯାଇଛି। ଖୋଲା ସ୍ଥାନରେ କୋଭିଡ୍ କଟକଣା ସହ ସାମାଜିକ ଦୂରତା ରକ୍ଷା କରି ଏକାଠି ହେବାକୁ କୁହାଯାଇଛି। ମୁହଁରେ ମାସ୍କ ଲଗାଇବା ସହ ହାତ ଧୋଇବା, ଥର୍ମାଲ ସ୍କ୍ରିନିଂ କରିବାକୁ ଗାଇଡ୍‌ଲାଇନରେ ପରାମର୍ଶ ଦିଆଯାଇଛି। ବାଣିଜ୍ୟ ମେଳା ଅନୁଷ୍ଠିତ ହେଉଥିବା ହଲ୍‌ଗୁଡ଼ିକରେ ୫୦ ପ୍ରତିଶତ ସ୍ଥାନକୁ ବ୍ୟବହାର କରିବାକୁ କୁହାଯାଇଛି। ୨୦୨୦ ଡିସେମ୍ବର ପହିଲାରୁ ରାଜ୍ୟର ସମସ୍ତ ମେଡିକାଲ କଲେଜ ଖୋଲିବାକୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ସେହି ସବୁ ମେଡିକାଲ କଲେଜଗୁଡ଼ିକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏସ୍‌ଓପି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖୋଲା ସ୍ଥାନରେ ହେଉଥିବା ଯାତ୍ରା ଓ ଥିଏଟର ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣିବାକୁ ହେବ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। କେନ୍ଦ୍ର ସରକାର ଜାରି କରିଥିବା ଏସ୍‌ଓପି ଏବଂ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ହୋଇଥିବା ☞ପୃଷ୍ଠା-୧୧

**ଫେବୃୟାରୀ ପାଇଁ ଗାଇଡ୍‌ଲାଇନ**

- **ସାମାଜିକ, ସାଂସ୍କୃତିକ, ରାଜନୈତିକ କାର୍ଯ୍ୟ ପାଇଁ ୫୦୦ ଲୋକଙ୍କ ସମାବେଶକୁ ଅନୁମତି**
- **ସ୍କୁଲ ଖୋଲିବା ନିଷ୍ପତ୍ତି ଝୁଲିଲା**

## ଦିନକୁ ୨ ଘଣ୍ଟା

ଭୁବନେଶ୍ୱର,୩୦।୧(ବ୍ୟୁରୋ)

କୋଭିଡ୍-୧୯ ସଂକ୍ରମିତ ଅଞ୍ଚଳ ବାହାରେ ଥିବା ରାଜ୍ୟର ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ଆସନ୍ତା ପହିଲାରୁ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥି ପାଇଁ ସରକାର ଏସ୍‌ଓପି ଓ ଗାଇଡ୍‌ଲାଇନ ଜାରି କରିଛନ୍ତି। ଶନିବାର ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଏ ନେଇ ଅବଗତ କରାଇଛନ୍ତି।

ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ଦିନକୁ ପୂର୍ବାହ୍ନ ୯ରୁ ୧୧ଟା ଯାଏ ୨ ଘଣ୍ଟା ଖୋଲିବ। ମାସକୁ ୨୫ ଦିନ କେନ୍ଦ୍ରଗୁଡ଼ିକ ଖୋଲାରହିବ। ୬ ଫୁଟ ଦୂରତାରେ ୩ରୁ ୬ ବର୍ଷର ଶିଶୁମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଂକ୍ରମିତ ଅଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ପିଲାମାନଙ୍କୁ ରନ୍ଧାଖାଦ୍ୟ ସାଙ୍ଗକୁ ଅଣ୍ଡା ଘରେ ଦେବାକୁ କୁହାଯାଇଛି। ପରିସ୍ଥିତି ସ୍ୱାଭାବିକ ହେବା ଯାଏ ଶୈଶବ ଯତ୍ନ ଓ ଶିକ୍ଷା 'ଘରେ ଘରେ ଅରୁଣିମା' କାର୍ଯ୍ୟକ୍ରମ ଜରିଆରେ ମାତାପିତା ଓ ଜେଜେ ମା'ଙ୍କ ମାଧ୍ୟମରେ କରିବାକୁ ଗାଇଡ୍‌ଲାଇନରେ ପରାମର୍ଶ ଦିଆଯାଇଛି। ଅନ୍ୟ ସମସ୍ତ ସମନ୍ୱିତ ଶିଶୁ ବିକାଶ ସେବା(ଆଇସିଡିଏସ୍) ଯଥା ଟିକାକରଣ, ସ୍ୱାସ୍ଥ୍ୟ ପରୀକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଶିକ୍ଷା ଜାରି ରହିବ। ଏ ସମସ୍ତ କାର୍ଯ୍ୟକ୍ରମ ବେଳେ କୋଭିଡ୍ ଗାଇଡ୍‌ଲାଇନ ଅନୁସରଣ କରି କରିବାକୁ ପଡ଼ିବ। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ଖୋଲିବା ପୂର୍ବରୁ ଭଲ ଭାବେ ବିଶୁଦ୍ଧୀକରଣ କରିବା ସହ ସଫାସୁତୁରା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଅଙ୍ଗନୱାଡି କର୍ମଚାରୀମାନଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଛି। ପ୍ରବେଶ ଦ୍ୱାରରେ ହାତ ସଫା କରିବା ପାଇଁ ବ୍ୟବସ୍ଥା କରିବା ସହ ଆବଶ୍ୟକ ସ୍ଥଳେ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗ କର୍ତ୍ତୃପକ୍ଷଙ୍କ ସହାୟତା ☞ପୃଷ୍ଠା-୧୧

**ଜାରି ହେଲା ଏସ୍‌ଓପି**

**ବୟସ୍କ, ଗର୍ଭବତୀଙ୍କୁ ଅଙ୍ଗନୱାଡି କେନ୍ଦ୍ର ମନା**




# କେବଳ ଏକ ଫୋନ୍ କଲ୍‌ର ଦୂରତା

ନୂଆଦିଲ୍ଲୀ,୩୦।୧(ପି.ଟି.)

୩ ନୂଆ କୃଷି ଆଇନକୁ ନେଇ କୃଷକ ସଙ୍ଗଠନଗୁଡ଼ିକ ସହ ଆଲୋଚନା ପାଇଁ ସରକାର ଏବେ ମଧ୍ୟ ପ୍ରସ୍ତୁତ। ଆମେ କେବଳ ଚାଷୀ ନେତାଙ୍କ ଗୋଟିଏ ଫୋନ୍ କଲ୍ ଦୂରରେ ରହିଛୁ ବୋଲି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି। କୃଷକ ଆନ୍ଦୋଳନ ୬୮ ଦିନରେ ପହଞ୍ଚି ଅଚଳାବସ୍ଥା ଲାଗିରହିଥିବାବେଳେ ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗରେ ପାର୍ଲାମେଣ୍ଟରେ କେନ୍ଦ୍ରକୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ତେଣୁ ସର୍ବଦଳୀୟ ବୈଠକରେ ମୋଦି ଏଭଳି ନରମ ଆଭିମୁଖ୍ୟ ଦେଖାଇଥିବା କୁହାଯାଉଛି।

ପାର୍ଲାମେଣ୍ଟର ବଜେଟ ଅଧିବେଶନ ପରିପ୍ରେକ୍ଷୀରେ ସବୁ ରାଜନୈତିକ ଦଳର ସହଯୋଗ ଲୋଡ଼ିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ଭର୍ଚୁଆଲ୍ ବୈଠକକୁ ସମ୍ବୋଧିତ କରି ମୋଦି କହିଛନ୍ତି, ଆନ୍ଦୋଳନରତ କୃଷକମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ସରକାର ନିରନ୍ତର ଉଦ୍ୟମ ଚଳାଇଛନ୍ତି। କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଆନ୍ଦୋଳନ କରୁଥିବା କୃଷକମାନଙ୍କ କେବଳ ଏକ ଫୋନ୍ କଲ୍ ଦୂରତାରେ ଅଛନ୍ତି। ତୋମାର ଏହି ବିଷୟରେ ସେମାନଙ୍କୁ ନିକଟରେ ଅବଗତ କରାଇଥିଲେ ବୋଲି ମୋଦି କହିଥିବା ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜୋଷୀ କହିଛନ୍ତି, କୃଷକଙ୍କ ସମସ୍ୟାର ସମାଧାନ ପାଇଁ ସରକାର ଖୋଲାମନରେ ଉଦ୍ୟମ କରୁଛନ୍ତି। ତେଣୁ ଜାନୁୟାରୀ ୨୨ ବୈଠକରେ ଆମର ଯାହା ଆଭିମୁଖ୍ୟ ଥିଲା ଆଜି ମଧ୍ୟ ତାହା ରହିଛି। ସାଧାରଣତନ୍ତ୍ର ଦିବସରେ ଟ୍ରାକ୍ଟର ରାଲି ବେଳେ ହୋଇଥିବା ହିଂସା ପ୍ରସଙ୍ଗରେ ଆଇନ ତା' ବାଟରେ ଯିବ ବୋଲି ମୋଦି ଦୋହରାଇଥିଲେ। ସର୍ବଦଳୀୟ ବୈଠକରେ ବିଭିନ୍ନ ଦଳର ନେତାମାନେ ସେମାନଙ୍କ ପ୍ରସ୍ତାବିତ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଶୁକ୍ରବାର ହୋଇଥିବା ବୈଠକରେ କଂଗ୍ରେସର ☞ପୃଷ୍ଠା-୧୧

**ପୁଣି ନଇଁଲା କେନ୍ଦ୍ର**

- **ସର୍ବଦଳୀୟ ବୈଠକରେ ସ୍ପଷ୍ଟ କଲେ ପ୍ରଧାନମନ୍ତ୍ରୀ**
- **କୃଷି ଆଇନକୁ ନେଇ ସରକାରଙ୍କ ପ୍ରସ୍ତାବ ଏବେ ବି ରହିଛି**
- **ଦେଢ଼ବର୍ଷ ପର୍ଯ୍ୟନ୍ତ ଆଇନ ସ୍ଥଗିତ ପାଇଁ ରାଜି**
- **ପାର୍ଲାମେଣ୍ଟରେ ବିତର୍କ ଦାବି କଲେ ବିରୋଧୀ**






## ଜୁନ୍ ସୁଦ୍ଧା କୋଭାଭାକ୍ସ

**ଭାରତରେ ଟ୍ରାଏଲ ପାଇଁ ସିରମ୍‌ର ଆବେଦନ**

**ନୂଆଦିଲ୍ଲୀ, ୩୦।୧:** କୋଭିଶିଲ୍ଡ ପରେ ଆଉ ଏକ କରୋନା ଟିକା ପ୍ରସ୍ତୁତ କରୁଛି ସିରମ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ। ଆମେରିକୀୟ କମ୍ପାନୀ ନୋଭାଭାକ୍ସ ସହଯୋଗରେ ତିଆରି ହେଉଥିବା ଏହି ଭାକ୍ସିନକୁ ଭାରତରେ ଲୋକାଲ ବ୍ରାଣ୍ଡ କୋଭାଭାକ୍ସ ନାମରେ ଲଞ୍ଚ କରାଯିବ। ଭାରତରେ ଏହି ଟିକାର ଟ୍ରାଏଲ ପାଇଁ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ(ଡିସିଜିଆଇ) ନିକଟରେ ଆବେଦନ କରାଯାଇଥିବା ସିରମର ସିଇଓ ଅଦାର ପୁନାୱାଲା କହିଛନ୍ତି। ଜୁନ୍ ୨୦୨୧ ସୁଦ୍ଧା ଏହା ଲଞ୍ଚ ହୋଇପାରେ ବୋଲି ପୁନାୱାଲା ଆଶା କରିଛନ୍ତି। ବ୍ରିଟେନରେ ଟ୍ରାଏଲ ପରେ ନୋଭାଭାକ୍ସ ଦ୍ୱାରା ବିକଶିତ ଟିକା ୮୯.୩ ପ୍ରତିଶତ ଫଳପ୍ରଦ ବୋଲି ଘୋଷଣା କରାଯାଇଥିଲା। ଏହା ବ୍ରିଟେନରେ ଦେଖାଦେଇଥିବା ନୂଆ କରୋନା ଷ୍ଟ୍ରେନ ବିରୋଧରେ ମଧ୍ୟ କାର୍ଯ୍ୟ କରୁଥିବା କୁହାଯାଇଛି। ଏ ସମ୍ପର୍କରେ ପୁନାୱାଲା ଟୁଇଟ କରି ଭାରତରେ ଲୋକାଲ ବ୍ରାଣ୍ଡ ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

ମୋଦିଙ୍କ ୮ମ ବଜେଟ୍

**ଆଜିର ମନ୍ତବ୍ୟ**

"ଶାନ୍ତି, ଅହିଂସା ଓ ନିଃସ୍ୱାର୍ଥପର ସେବାର ଯୋଦ୍ଧା ଗାନ୍ଧିଜୀଙ୍କ ପଥ ସମସ୍ତେ ଅନୁସରଣ କରିବା ଉଚିତ।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି




**ଇରାନରେ ବେଲୁଚଙ୍କୁ ଫାଶୀ**

ହତ୍ୟା, ଅପହରଣ, ଆତଙ୍କବାଦୀ ଲିଙ୍କ୍ ଅଭିଯୋଗ ଥିବା ଜଣେ ଏଥ୍ନିକ ବେଲୁଚଙ୍କୁ ଶନିବାର ଫାଶୀରେ ଝୁଲାଇଛି ଇରାନ। ଏଭଳି ରାୟକୁ ଅନ୍ତର୍ଜାତୀୟ ସ୍ତରରେ ବିରୋଧ ଏବଂ ଜାତିସଂଘ ପକ୍ଷରୁ ଏହାକୁ କାର୍ଯ୍ୟକାରୀ ନ କରାଯିବାକୁ ଅନୁରୋଧ ସତ୍ତ୍ୱେ ଇରାନ ଜାଭିଦ ଦେହଘାନ ଖଲାଦ(୩୧)ଙ୍କୁ ମୃତ୍ୟୁ ଦଣ୍ଡ ଦେଇଛି। ଜାଭିଦଙ୍କୁ ୨୦୧୫ ଜୁନ୍‌ରେ ଗିରଫ କରାଯାଇଥିଲା। ଦୁଇ ରିଭୋଲ୍ୟୁସନାରୀ ଗାର୍ଡଙ୍କୁ ହତ୍ୟା, ୫ ସୀମା ସୁରକ୍ଷା କର୍ମୀଙ୍କୁ ଅପହରଣ ସହ ସେମାନଙ୍କ ମଧ୍ୟରୁ ଜଣଙ୍କୁ ହତ୍ୟା ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା।



## ସଂକ୍ଷେପରେ

### ବସ୍-ଟ୍ରକ୍ ଧକ୍କା: ୧୦ ମୃତ

**ଲକ୍ଷ୍ନୌ, ୩୦।୧:** ଉତ୍ତରପ୍ରଦେଶର ଆଗ୍ରା-ମୋରଦାବାଦ୍ ରାଜପଥରେ ଶନିବାର ଏକ ବସ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ୨୫ ଜଣ ଗୁରୁତର ହୋଇଛନ୍ତି। ସକାଳେ ଘନ କୁହୁଡ଼ି ଯୋଗୁ ରାସ୍ତା ଦେଖା ନ ଯିବାରୁ ଦୁର୍ଘଟଣା ଘଟିଥିବା ଜଣାଯାଇଛି। ପୋଲିସ ଓ ଉଦ୍ଧାରକାରୀ ଦଳ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ଘଟଣାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ଏହାସହ ଆହତଙ୍କ ମାଗଣା ଚିକିତ୍ସା ଏବଂ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି।

### ୧୬ ମାଓବାଦୀଙ୍କ ଆତ୍ମସମର୍ପଣ

**ଦାନ୍ତେୱାଡ଼ା, ୩୦।୧:** ଛତିଶଗଡ଼ର ଦାନ୍ତେୱାଡ଼ା ଜିଲାରେ ଶନିବାର ୧୬ ମାଓବାଦୀ ପୋଲିସ ଓ ସିଆର୍‌ପିଏଫ୍ ଯବାନଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କୁ ଧରାଇଦେବା ପାଇଁ ପୋଲିସ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଦୀର୍ଘଦିନରୁ ଜିଲାର ବାଚେଲି ଏବଂ କିରନ୍ଦୁଲ ଅଞ୍ଚଳରେ ସେମାନେ ସକ୍ରିୟ ଥିଲେ। ମାଓବାଦୀ ଚିନ୍ତାଧାରାରେ ଅସହମତ ଓ ଅତିଷ୍ଠ ହେବାରୁ ସେମାନେ ମୁଖ୍ୟ ସ୍ରୋତକୁ ଫେରିବାକୁ ଚାହିଁଥିଲେ ବୋଲି ପୋଲିସ କହିଛି। ଗତବର୍ଷ ଜୁନ୍‌ରୁ ଚାଲିଥିବା ଲନ୍ ଭରାଟୁ (ନିଜ ଘରକୁ ଫେରିଆସ) କ୍ୟାମ୍ପେନରେ ଏହି ଜିଲାରୁ ୨୮୮ ଜଣ ମାଓବାଦୀ ହିଂସା ଛାଡ଼ି ମୁଖ୍ୟ ସ୍ରୋତକୁ ଫେରିଥିବା ଜଣାଯାଇଛି। ସମସ୍ତ ୧୬ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ତୁରନ୍ତ ସହାୟତା ପ୍ରଦାନ କରାଯାଇଛି। ସରକାରଙ୍କ ଆତ୍ମସମର୍ପଣ ଓ ପୁନର୍ବାସ ପଲିସି ଅନୁଯାୟୀ ସେମାନଙ୍କୁ ଅତିରିକ୍ତ ସହାୟତା ଯୋଗାଯିବ ବୋଲି ପୋଲିସ କହିଛି।

### ଭାଜପାରେ ରାଜୀବ ବାନାର୍ଜୀ



**କୋଲକାତା, ୩୦।୧:** ଟିଏମ୍‌ସି ଛାଡ଼ିଥିବା ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ରାଜୀବ ବାନାର୍ଜୀ ଭାଜପାରେ ଯୋଗଦେଇଛନ୍ତି। ଗତ ସପ୍ତାହରେ ସେ ବିଧାୟକ ପଦରୁ ଇସ୍ତଫା ଦେବା ପରେ ଦଳ ଛାଡ଼ିଥିଲେ। ଶନିବାର ସେ ଦିଲ୍ଲୀରେ ପହଞ୍ଚି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଭାଜପା ନେତା ମୁକଲ ରାୟ ଓ କୈଳାସ ବିଜୟଭର୍ଗୀୟଙ୍କୁ ସାକ୍ଷାତ୍ କରିଥିଲେ। ରାଜୀବଙ୍କ ସହ ଟିଏମ୍‌ସିର ପୂର୍ବତନ ବିଧାୟକ ପାର୍ଥସାରଥି ଚଟ୍ଟୋପାଧ୍ୟାୟ, ହାୱଡ଼ାର ପୂର୍ବତନ ମେୟର ରଥିନ ଚକ୍ରବର୍ତ୍ତୀ ଏବଂ ପୂର୍ବତନ ବିଧାୟକ ବୈଶାଳୀ ଡାଲମିଆ, ପ୍ରବୀର ଘୋଷାଲ ମଧ୍ୟ ଟିଏମ୍‌ସି ଛାଡ଼ି ଭାଜପାରେ ମିଶିଛନ୍ତି।

## ଅଭୟାରଣ୍ୟରେ ବାଘ ମୃତ



**ସିଓନି, ୩୦।୧:** ମଧ୍ୟପ୍ରଦେଶର ପେଞ୍ଚ ବାଘ ଅଭୟାରଣ୍ୟରେ ଏକ ବାଘର ସନ୍ଦେହଜନକ ମୃତ୍ୟୁ ଘଟିଛି। ଶୁକ୍ରବାର ପାଟ୍ରୋଲିଂବେଳେ ବାଘର ମୃତଦେହ ଜବତ ହୋଇଛି। ଏହାର ବୟସ ପ୍ରାୟ ୧୩ ବର୍ଷ ହେବ। ପରୀକ୍ଷଣ ପାଇଁ ଏହାର ଭିସେରା ପଠାଯାଇଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଗୁମତାରା ରେଞ୍ଜର ଅଧିକାରୀ ବିକ୍ରମ ସିଂ ପରିହାର କହିଛନ୍ତି।

## ବିସ୍ଫୋରଣ ପଛରେ ଆତଙ୍କବାଦୀ

**ନୂଆଦିଲ୍ଲୀ,୩୦।୧:** ନୂଆଦିଲ୍ଲୀର ଇସ୍ରାଏଲ୍ ଦୂତାବାସ ନିକଟରେ ଘଟିଥିବା ବିସ୍ଫୋରଣ ପଛରେ ଆତଙ୍କବାଦୀଙ୍କ ହାତ ଥିବା ତେଲ୍ ଅଭିଭ୍ ସନ୍ଦେହ କରିଛି। ଇସ୍ରାଏଲ ରାଷ୍ଟ୍ରଦୂତ ରୋନ୍ ମଲ୍‌କା କହିଛନ୍ତି, ଭାରତ-ଇସ୍ରାଏଲ୍ କୂଟନୈତିକ ସମ୍ପର୍କକୁ ଶୁକ୍ରବାର ୨୯ ବର୍ଷ ପୂରିଥିବାବେଳେ ଆତଙ୍କବାଦୀମାନେ ଏହି କାଣ୍ଡ ଭିଆଇଥାଇପାରନ୍ତି। ନୂଆଦିଲ୍ଲୀ ଓ ତେଲ୍ ଅଭିଭ୍ ମିଳିତ ଭାବେ ଏହି ବିସ୍ଫୋରଣର ତଦନ୍ତ ଚଳାଇଛନ୍ତି। ବିସ୍ଫୋରଣସ୍ଥଳରୁ ଜାତୀୟ ସୁରକ୍ଷା ଗାର୍ଡ(ଏନ୍‌ଏସ୍‌ଜି)ମାନେ ପ୍ରମାଣ ସଂଗ୍ରହ କରୁଛନ୍ତି। ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନ ୫ଟା ୫ରେ ନୂଆଦିଲ୍ଲୀର ଔରଙ୍ଗଜେବ ରୋଡ଼ସ୍ଥିତ ଇସ୍ରାଏଲ ଦୂତାବାସ ନିକଟରେ ବିସ୍ଫୋରଣ ହୋଇଥିଲା। ଏଥିରେ କେତେକ କାର୍‌ର ୱିଣ୍ଡସ୍କ୍ରିନ୍ ଭାଙ୍ଗିଯାଇଥିଲା। ଇରାନ ସହ ଅନୁବନ୍ଧିତ ଆତଙ୍କବାଦୀ ସଙ୍ଗଠନ 'ଜୈଶ୍-ଉଲ୍-ହିନ୍ଦ୍' ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ୨୦୧୨ରେ ମଧ୍ୟ ଇସ୍ରାଏଲ୍ ଦୂତାବାସର ଏକ ଗାଡ଼ିକୁ ଟାର୍ଗେଟ କରାଯାଇଥିଲା।



ନୂଆଦିଲ୍ଲୀର ଇସ୍ରାଏଲ୍ ଦୂତାବାସ ନିକଟ ବିସ୍ଫୋରଣସ୍ଥଳରେ ଏନ୍‌ଏସ୍‌ଜିର ତନାଘନା।

# ବିବାଦରେ ବିଚାରପତି

## ଉପରୁ ଛୁଇଁବା ଓ ପ୍ୟାଣ୍ଟ ଖୋଲିବା ଯୌନ ଅପରାଧ ନୁହେଁ ବୋଲି କହିଥିଲେ

**ନୂଆଦିଲ୍ଲୀ/ମୁମ୍ବାଇ, ୩୦।୧**

- ମହଙ୍ଗା ପଡ଼ିଲା ବିବାଦୀୟ ରାୟ
- ସ୍ଥାୟୀ ଜଜ୍ ନିଯୁକ୍ତି ଅଟକାଇଲେ କଲେଜିୟମ୍

ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନକୁ ନେଇ ଗୋଟିଏ ପରେ ଗୋଟିଏ ବିବାଦୀୟ ରାୟ ଦେବା ଜଣେ ମହିଳା ବିଚାରପତିଙ୍କୁ ମହଙ୍ଗା ପଡ଼ିଛି। ବମ୍ବେ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ କାର୍ଯ୍ୟରତ ଜଷ୍ଟିସ୍ ପୁଷ୍ପା ବୀରେନ୍ଦ୍ର ଗନେଡ଼ିୱାଲାଙ୍କୁ ସ୍ଥାୟୀ ଜଜ୍ ରୂପେ ନିଯୁକ୍ତି ଦେବା ଲାଗି କେନ୍ଦ୍ର ସରକାରଙ୍କୁ କରାଯାଇଥିବା ସୁପାରିସକୁ ସୁପ୍ରିମକୋର୍ଟ କଲେଜିୟମ ପ୍ରତ୍ୟାହାର କରିନେଇଛନ୍ତି।

ଜଷ୍ଟିସ୍ ଗନେଡ଼ିୱାଲାଙ୍କୁ ବିଶେଷକରି ସଦ୍ୟ ପ୍ରକାଶିତ ୩ଟି ମହିଳା ବିରୋଧୀ ରାୟକୁ ନେଇ ସବୁଠି ନିନ୍ଦା କରାଯାଉଛି। ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ୩୯ ବର୍ଷୀୟ ଅଭିଯୁକ୍ତ ଖାଦ୍ୟ ଦେବା ବାହାନାରେ ନିଜ ଘରକୁ ନେଇ ଯୌନ ଉତ୍ପୀଡ଼ନ କରିଥିଲେ। ଏହି ମାମଲାରେ ତଳ କୋର୍ଟ ଅଭିଯୁକ୍ତଙ୍କୁ ପୋକ୍ସୋ ଆଇନ ବଳରେ ଦୋଷୀ ସାବ୍ୟସ୍ତ କରି ସର୍ବନିମ୍ନ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ନାବାଳିକାଙ୍କ ସ୍ତନ ସ୍ପର୍ଶ କରିଥିବା ୩୯ ବର୍ଷୀୟ ଦୋଷୀ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜାନୁୟାରୀ ୧୯ରେ ଜଷ୍ଟିସ୍ ଗନେଡ଼ିୱାଲାଙ୍କ ଜଣିକିଆ ଖଣ୍ଡପୀଠ ନିଜ ରାୟରେ କହିଥିଲେ, ନାବାଳିକାଙ୍କ ବସ୍ତ୍ର ନ କାଢ଼ି ତାଙ୍କ ସ୍ତନକୁ ଛୁଇଁବା ପୋକ୍ସୋ ଆଇନ ବଳରେ ଦଣ୍ଡନୀୟ ନୁହେଁ। କାରଣ ଅଭିଯୁକ୍ତ ପ୍ରତ୍ୟକ୍ଷ ଭାବେ ତାଙ୍କ ଚର୍ମକୁ ସ୍ପର୍ଶକରି ନାହାନ୍ତି। ଗନେଡ଼ିୱାଲା ଦୋଷୀଙ୍କ ୩ ବର୍ଷ ଜେଲ ଦଣ୍ଡାଦେଶକୁ ୧ ବର୍ଷ ପର୍ଯ୍ୟନ୍ତ ଖସାଇଦେଇଥିଲେ। ମହିଳା ବିଚାରପତି ତାଙ୍କୁ ପୋକ୍ସୋ ଆଇନ ବଳରେ ଦୋଷୀ ସାବ୍ୟସ୍ତ ନ କରିବା ସମସ୍ତଙ୍କୁ ଚକିତ କରିଦେଇଥିଲା। ୨୭ ତାରିଖରେ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଏହା ଏକ ବିପଜ୍ଜନକ ଧାରା ସୃଷ୍ଟି କରିବ ବୋଲି ସୁପ୍ରିମକୋର୍ଟଙ୍କୁ କହିଥିଲେ। ଏହାସହ ଉକ୍ତ ରାୟ ଉପରେ ସ୍ଥଗିତାଦେଶ ଜାରି କରିବା ପାଇଁ ଅନୁରୋଧ କରିଥିଲେ। ଫଳରେ ଶୀର୍ଷ ଅଦାଲତ ଗନେଡ଼ିୱାଲାଙ୍କ ରାୟ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ସେହିପରି ଗତ ୨୮ ତାରିଖରେ ମଧ୍ୟ ଜଷ୍ଟିସ୍ ଗନେଡ଼ିୱାଲା ଅନ୍ୟ ଏକ ମାମଲାର ରାୟରେ କହିଥିଲେ, ଜଣେ ନାବାଳିକାଙ୍କ ହାତ ଧରିବା ଓ ନିଜ ପ୍ୟାଣ୍ଟର ଜିପ୍ ଖୋଲିବା ପୋକ୍ସୋ ଆଇନ କିମ୍ବା ଉତ୍ତେଜିତ ଯୌନ ଅପରାଧ ପରିସରରେ ଆସୁନାହିଁ। ୫ ବର୍ଷୀୟା ଶିଶୁକନ୍ୟା ପ୍ରତି ଯୌନ ଉତ୍ପୀଡ଼ନ ଓ ଅସଦାଚରଣ ମାମଲାରେ ସେସନ୍ସ କୋର୍ଟ ଅଭିଯୁକ୍ତ ଲିବ୍‌ନସ୍ କୁଜୁର୍‌ଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ତେବେ ୫୦ ବର୍ଷୀୟ ଅଭିଯୁକ୍ତ ଉକ୍ତ ରାୟକୁ ବମ୍ବେ ହାଇକୋର୍ଟର ନାଗପୁର ଖଣ୍ଡପୀଠରେ ଚ୍ୟାଲେଞ୍ଜ କରିଥିଲେ। ଏହି ମାମଲାରେ ଜଷ୍ଟିସ୍ ଗନେଡ଼ିୱାଲା ଉପରୋକ୍ତ ରାୟ ଦେଇ ଅଭିଯୁକ୍ତଙ୍କୁ ପୋକ୍ସୋ ଆଇନରୁ ଦୋଷମୁକ୍ତ କରିଥିଲେ। ତୃତୀୟ ମାମଲାରେ ଜଷ୍ଟିସ୍ ଗନେଡ଼ିୱାଲା ଜଣେ ଦୋଷୀଙ୍କୁ ଅନୁରୂପ ମାମଲାରେ ଦୋଷ ମୁକ୍ତ କରିଥିଲେ। ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେଇ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ ଖଲାସ କରିଥିଲେ। ନିଜ ରାୟରେ ଜଷ୍ଟିସ୍ ଗନେଡ଼ିୱାଲା କହିଥିଲେ, ପୀଡ଼ିତାଙ୍କ ବୟାନ ବିଶ୍ୱାସଯୋଗ୍ୟ ନୁହେଁ। ତାଙ୍କ ଶରୀରରେ କ୍ଷତ ନ ଥିବାରୁ ମହିଳା ଜଣକ ଅପରାଧକୁ ବିରୋଧ କରି ନ ଥିଲେ ଏବଂ ଉଭୟଙ୍କ ସହମତିରେ ଶାରୀରିକ ସମ୍ବନ୍ଧ ସ୍ଥାପନ ହୋଇଥାଇପାରେ ବୋଲି ସେ ରାୟ ଦେଇଥିଲେ।



ଜଷ୍ଟିସ୍ ପୁଷ୍ପା ବୀରେନ୍ଦ୍ର ଗନେଡ଼ିୱାଲା



ବମ୍ବେ ହାଇକୋର୍ଟ

### ଜଷ୍ଟିସ୍ ଗନେଡ଼ିୱାଲା କିଏ

୧୯୬୯ ମାର୍ଚ୍ଚ ୩ରେ ମହାରାଷ୍ଟ୍ରର ଅମରାବତୀ ଜିଲା ପରାଟୱାଡ଼ାରେ ଜଷ୍ଟିସ୍ ପୁଷ୍ପା ବୀରେନ୍ଦ୍ର ଗନେଡ଼ିୱାଲାଙ୍କ ଜନ୍ମ। ସେ ବିଭିନ୍ନ ବ୍ୟାଙ୍କ ଓ ବୀମା କମ୍ପାନୀର ପ୍ୟାନେଲ ଆଡ୍‌ଭୋକେଟ ଥିଲେ। ଅମରାବତୀର ଏକାଧିକ କଲେଜରେ ମଧ୍ୟ ସେ ଅଧ୍ୟାପନା କରିଥିଲେ। ଅମରାବତୀ ବିଶ୍ୱବିଦ୍ୟାଳୟର ଏମ୍‌ବିଏ ଏବଂ ଏଲ୍‌ଏଲ୍‌ଏମ୍ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପାଠ ପଢ଼ାଉଥିଲେ। ୨୦୦୭ରେ ଗନେଡ଼ିୱାଲା ଜିଲା ଜଜ୍ ଭାବେ ପ୍ରତ୍ୟକ୍ଷ ନିଯୁକ୍ତି ପାଇଥିଲେ। ୨୦୧୯ ଫେବୃୟାରୀ ୧୩ରେ ସେ ବମ୍ବେ ହାଇକୋର୍ଟର ଅତିରିକ୍ତ ବିଚାପତି ରୂପେ ନିଯୁକ୍ତ ହୋଇଥିଲେ।

### ଏବେ କ'ଣ କହୁଛନ୍ତି ସୁପ୍ରିମକୋର୍ଟ

କଲେଜିୟମ୍ ଏବେ ଉକ୍ତ ସୁପାରିସକୁ ପ୍ରତ୍ୟାହାର କରିନେଇଛନ୍ତି। ଜଷ୍ଟିସ୍ ଗନେଡ଼ିୱାଲା ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚରେ ଆଉ ବର୍ଷେ କିମ୍ବା ୨ ବର୍ଷ ଅତିରିକ୍ତ ବିଚାରପତି ରୂପେ କାର୍ଯ୍ୟ କରନ୍ତୁ ବୋଲି କଲେଜିୟମ୍ ମତ ଦେଇଛନ୍ତି। ଏହାସହ ପୋକ୍ସୋ ଆଇନର କାର୍ଯ୍ୟକାରିତା ପଛର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଜଷ୍ଟିସ୍ ଗନେଡ଼ିୱାଲାଙ୍କୁ ଅଧିକ ସମ୍ବେଦନଶୀଳ କରାଯିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ବିଚାରପତିମାନେ କହିଛନ୍ତି।



### କେମିତି ବଦଳିଲା ନିଷ୍ପତ୍ତି

ଜାନୁୟାରୀ ୨୦ରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ କଲେଜିୟମ୍ ଅନ୍ୟ ୨ ବରିଷ୍ଠ ବିଚାରପତି (ଜଷ୍ଟିସ୍ ଏନ୍.ଭି. ରମଣା ଏବଂ ଆର୍.ଏଫ୍. ନରିମାନ୍)ଙ୍କ ଆପତ୍ତିକୁ ଗ୍ରହଣ ନ କରି ଜଷ୍ଟିସ୍ ଗନେଡ଼ିୱାଲାଙ୍କୁ ବମ୍ବେ ହାଇକୋର୍ଟରେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ପ୍ରସ୍ତାବକୁ ମଞ୍ଜୁର କରିଥିଲେ। ସୁପ୍ରିମକୋର୍ଟ ଉକ୍ତ ସୁପାରିସକୁ ଆଇନ ମନ୍ତ୍ରଣାଳୟକୁ ପଠାଇଦେଇଥିଲେ। ଯୌନ ଉତ୍ପୀଡ଼ନ ମାମଲାରେ ମହିଳା ବିଚାରପତିଙ୍କ ସମ୍ବେଦନାହୀନ ରାୟକୁ ନେଇ ଚାରିଆଡ଼େ ସମାଲୋଚନା କରାଯାଉଥିବାବେଳେ ବମ୍ବେ ହାଇକୋର୍ଟରୁ ସୁପ୍ରିମକୋର୍ଟକୁ ଯାଇଥିବା ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ ତାଙ୍କୁ ସ୍ଥାୟୀ ଜଜ୍ କରା ନ ଯାଉ ବୋଲି କହିଥିଲେ। ଏପରି କି ୨୦୧୯ ଫେବୃୟାରୀରେ ଗନେଡ଼ିୱାଲାଙ୍କୁ ଆଡିଶନାଲ ଜଜ୍ ଭାବେ ନିଯୁକ୍ତି ଦିଆଯିବା ସମୟରେ ମଧ୍ୟ ଉଭୟେ ସହମତି ପ୍ରକାଶ କରି ନ ଥିଲେ। ଜଷ୍ଟିସ୍ ଖାନ୍‌ୱିଲକର ଏବଂ ଚନ୍ଦ୍ରଚୂଡ଼ ସୁପ୍ରିମକୋର୍ଟ କଲେଜିୟମ୍‌ର ସଦସ୍ୟ ନୁହନ୍ତି। ତେବେ ଦୁଇ ବିଚାରପତି କଲେଜିୟମ୍‌ର ଅନ୍ୟ ଜଣେ ସଦସ୍ୟଙ୍କୁ ସହମତି ପ୍ରତ୍ୟାହାର ପାଇଁ ବୁଝାଇଶୁଝାଇ ରାଜି କରାଇଥିଲେ। ସିଜେଆଇ ବୋବ୍‌ଡେ କଲେଜିୟମ୍ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ପାଇଁ ବିଚାର କରୁଥିବାବେଳେ ଜାନୁୟାରୀ ୨୮ରେ ଜଷ୍ଟିସ୍ ଗନେଡ଼ିୱାଲାଙ୍କ ଦ୍ୱିତୀୟ ବିବାଦୀୟ ରାୟ ତାଙ୍କ କାମକୁ ସହଜ କରିଦେଇଥିଲା।



ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ



କେନ୍ଦ୍ରର କୃଷି ଆଇନ ବିରୋଧରେ ସିଙ୍ଘୁ ସୀମାରେ ଆନ୍ଦୋଳନରତ ଚାଷୀ ଉପବାସ କରିଥିବାବେଳେ ସେମାନଙ୍କ ପରିବାର ଲୋକେ ତ୍ରିରଙ୍ଗା ଉଡ଼ାଇ ସ୍ଲୋଗାନ ଦେଉଛନ୍ତି।

# ଟିକା ପରେ ଗଲାଣି ୧୦ ଜୀବନ

**ନୂଆଦିଲ୍ଲୀ, ୩୦।୧**

- କାରଣ ଖୋଜିବ ଜାତୀୟ ପ୍ୟାନେଲ

କରୋନା ଟିକା ନେବା ପରେ ବର୍ତ୍ତମାନ ସୁଦ୍ଧା ଦେଶରେ ପ୍ରାୟ ୧୦ ଜଣଙ୍କ ଜୀବନ ଗଲାଣି। ଭାକ୍ସିନ ନେବାର ୫ ଦିନ ମଧ୍ୟରେ କର୍ନାଟକ, ଉତ୍ତରପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ହରିୟାଣା ଓ ଓଡ଼ିଶାରେ ଏହି ମୃତ୍ୟୁ ଘଟିଥିବା ସାମ୍ନାକୁ ଆସିଛି। ଏହାକୁ ନେଇ ଚିନ୍ତା ପ୍ରକଟ ହୋଇଛି। ସମସ୍ତ ୧୦ ମାମଲା ପଛରେ ଟିକାକରଣ କାରଣ ବୋଲି ପ୍ରତିଷେଧକ ପରବର୍ତ୍ତୀ ପ୍ରତିକୂଳ ପ୍ରଭାବ (ଏଇଏଫ୍‌ଆଇ) କମିଟି ପକ୍ଷରୁ ଅନୁମାନ କରାଯାଇଛି। ମୃତ୍ୟୁବରଣ କରିଥିବା ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ବୟସ ୨୫ରୁ ୫୬ ବର୍ଷ ମଧ୍ୟରେ ରହିଛି। ତେବେ ମୃତ୍ୟୁ ପଛର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଜଣାପଡିନାହିଁ। ନ୍ୟାଶନାଲ ଏକ୍ସପର୍ଟ ପ୍ୟାନେଲ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ପରାମର୍ଶ ଓ ନିୟମ ଅନୁଯାୟୀ ଏହାର ତଦନ୍ତ କରିବ। ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି ଜାତୀୟ ଏଇଏଫ୍‌ଆଇ କମିଟି ପରାମର୍ଶଦାତା ଏନ୍. କେ. ଅରୋରା କହିଛନ୍ତି।

### ନେଲେଣି ୩୫ ଲକ୍ଷ

ଭାରତରେ ପ୍ରାୟ ୩୫ ଲକ୍ଷ ଟିକା ନେଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ୫ ଲକ୍ଷ ୭୦ ହଜାର ଲୋକଙ୍କୁ ଟିକା ଦିଆଯାଇଛି। ଏବେ ସୁଦ୍ଧା ଉତ୍ତରପ୍ରଦେଶରେ ସର୍ବାଧିକ ୪ ଲକ୍ଷ ୬୩ ହଜାର ୭୯୩ ଜଣ ଭାକ୍ସିନ ନେଇଛନ୍ତି। ଏହା ତଳକୁ ରାଜସ୍ଥାନରେ ୩ ଲକ୍ଷ ୨୪ ହଜାର ୯୬୩ ଜଣ ଟିକା ନେଇଛନ୍ତି।

# ସିସିଟିଭି ଅଣ୍ଡାଳୁଛି ପୋଲିସ

**ନୂଆଦିଲ୍ଲୀ,୩୦।୧(ପି.ଟି.)**

- ମିଳିଛି ୧୭୦୦ ଭିଡିଓ କ୍ଲିପ୍
- ଲାଲକିଲ୍ଲାରେ ଫୋରେନ୍‌ସିକ୍ ଟିମ୍

ସାଧାରଣତନ୍ତ୍ର ଦିବସରେ ଟ୍ରାକ୍ଟର ରାଲି ବେଳେ ଲାଲକିଲ୍ଲା ହିଂସାକୁ ନେଇ କଠୋର ହୋଇଛି ଦିଲ୍ଲୀ ପୋଲିସ। ପୋଲିସକୁ ବର୍ତ୍ତମାନ ସୁଦ୍ଧା ଦିଲ୍ଲୀ ହିଂସା ସମ୍ପର୍କିତ ୧,୭୦୦ ଭିଡିଓ କ୍ଲିପ୍ ଏବଂ ସିସିଟିଭି ଫୁଟେଜ୍ ମିଳିଛି। ଫୋରେନ୍‌ସିକ୍ ବିଶେଷଜ୍ଞଙ୍କ ସହାୟତାରେ ସେଗୁଡ଼ିକୁ ବିଶ୍ଳେଷଣ ସହ ଅଭିଯୁକ୍ତମାନଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଚାଲିଛି।

ଦିଲ୍ଲୀ ପୋଲିସ ଯୁଗ୍ମ କମିଶନର (ଅପରାଧ) ବି.କେ. ସିଂ ଶନିବାର କହିଛନ୍ତି, ଲାଲକିଲ୍ଲା ଏବଂ ଆଇଟିଓ ହିଂସା ସମେତ ୯ଟି ମାମଲାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ କରୁଛି। ହିଂସା ଭିଆଇଥିବା ବ୍ୟକ୍ତିମାନଙ୍କୁ ଧରିବା ଲାଗି ସନ୍ଦିଗ୍ଧଙ୍କ ମୋବାଇଲ୍ ଫୋନ୍ କଲ୍ ଓ ସେମାନେ ବ୍ୟବହାର କରିଥିବା ଟ୍ରାକ୍ଟରଗୁଡ଼ିକର ରେଜିଷ୍ଟ୍ରେଶନ ନମ୍ବର ଯାଞ୍ଚ କରାଯାଉଛି। ୩୯୪ ପୋଲିସ କର୍ମଚାରୀ ଆହତ ଓ ଜଣେ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବା ଏହି ହିଂସା ସହ ଜଡ଼ିତ ସିସିଟିଭି ଫୁଟେଜ୍‌କୁ ବିଶ୍ଳେଷଣ କରିବା ଲାଗି ନ୍ୟାଶନାଲ ଫୋରେନ୍‌ସିକ୍ ସାଇନ୍ସ ୟୁନିଭର୍ସିଟିର ଏକ ଟିମ୍‌କୁ ଅନୁରୋଧ କରାଯାଇଛି। ହିଂସା ସମ୍ପର୍କରେ ଲୋକଙ୍କୁ ତଥ୍ୟ ମାଗିବା ପାଇଁ ପ୍ରମୁଖ ଖବରକାଗଜଗୁଡ଼ିକୁ ଅନୁରୋଧ କରାଯାଇଛି। ଏକ ଫୋରେନ୍‌ସିକ୍ ଟିମ୍ ଶନିବାର ଲାଲକିଲ୍ଲା ଯାଇ ପ୍ରମାଣ ସଂଗ୍ରହ କରିଛି।

### ଉପବାସ କଲେ ଚାଷୀ

କେନ୍ଦ୍ରର କୃଷି ଆଇନ ବିରୋଧରେ ୬୮ ଦିନ ଧରି ଆନ୍ଦୋଳନ ଚଳାଇଥିବା ଚାଷୀମାନେ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକୀକୁ ସଦ୍ଭାବନା ଦିବସ ଭାବେ ପାଳନ କରିଛନ୍ତି। ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମା ଧାରଣାସ୍ଥଳରେ ହଜାର ହଜାର ଚାଷୀ ଶନିବାର ଉପବାସ କରିଛନ୍ତି। ଆଗାମୀ ଦିନରେ ବହୁସଂଖ୍ୟକ କୃଷକ ଏହି ଆନ୍ଦୋଳନରେ ସାମିଲ ହେବେ ଓ ଆମ ଶକ୍ତି ବଢ଼ିବ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚାର ବରିଷ୍ଠ ନେତା ଅଭିମନ୍ୟୁ କୋହର କହିଛନ୍ତି।

# ଆମେରିକାରେ ଗାନ୍ଧୀ ମୂର୍ତ୍ତି ଭାଙ୍ଗିଲେ

**ୱାଶିଂଟନ୍, ୩୦।୧**

ଆମେରିକାର କାଲିଫର୍ନିଆ ରାଜ୍ୟରେ ଥିବା ମହାତ୍ମା ଗାନ୍ଧୀଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦିଆଯାଇଛି। କେତେଜଣ ଦୁର୍ବୃତ୍ତ ଗତ ୨୭ ତାରିଖରେ ଡେଭିସ୍ ସହରର ସେଣ୍ଟ୍ରାଲ ପାର୍କରେ ପଶି ପ୍ରାୟ ୬ ଫୁଟ ଉଚ୍ଚତା ଏବଂ ୨୯୪ କେଜି ଓଜନ ବିଶିଷ୍ଟ ଗାନ୍ଧିଜୀଙ୍କ ଏହି ମୂର୍ତ୍ତିକୁ ଭାଙ୍ଗି ଦେଇଛନ୍ତି। ସେଠାରୁ ମୂର୍ତ୍ତିକୁ ନିଆଯାଇ ସୁରକ୍ଷିତ ସ୍ଥାନରେ ରଖାଯାଇଥିବା କାଉନସିଲର ଲୁକାସ୍ ଫ୍ରେରିଚ୍ସ କହିଛନ୍ତି। ଘଟଣାକୁ ଭାରତ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିବୃତି ଜାରି କରାଯାଇ ବିଶ୍ୱ ନେତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସେହିପରି ୱାଶିଂଟନ୍ ଡିସିରେ ଥିବା ଭାରତ ଦୂତାବାସ ଏହି ଘଟଣାର ତଦନ୍ତ ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

୨୦୧୬ରେ ଭାରତ ସରକାରଙ୍କ ପକ୍ଷରୁ ଡେଭିସ୍ ସହରକୁ ଏହି ମୂର୍ତ୍ତି ଉପହାର ଭାବେ ପ୍ରଦାନ କରାଯାଇଥିଲା। ଅର୍ଗାନାଇଜେଶନ ଫର୍ ମାଇନରିଟିଜ୍ ଇନ୍ ଇଣ୍ଡିଆ (ଓଏଫ୍‌ଏମ୍‌ଆଇ) ପକ୍ଷରୁ ସେତେବେଳେ ଗାନ୍ଧୀ ମୂର୍ତ୍ତି ସ୍ଥାପନକୁ ବିରୋଧ କରାଯାଇଥିଲା। ଏପରି କି ସେଠାରୁ ତାହାକୁ ହଟାଇବାକୁ ଆନ୍ଦୋଳନ ମଧ୍ୟ ହୋଇଥିଲା। ଭାରତ ବିରୋଧୀ ଗୋଷ୍ଠୀ ଏବଂ ଖଲିସ୍ତାନୀ ସଙ୍ଗଠନଗଡ଼ିକ ପକ୍ଷରୁ ଏପରି କରାଯାଇ ଘୃଣା ଓ ହିଂସା ବିସ୍ତାର କରାଯାଉଥିବା ଫ୍ରେଣ୍ଡସ ଅଫ୍ ଇଣ୍ଡିଆନ ସୋସାଇଟି ଇଣ୍ଟରନ୍ୟାଶନାଲ (ଏଫ୍‌ଆଇଏସ୍‌ଆଇ)ର ଗୌରବ ଦେଶାଇ କହିଛନ୍ତି। ଅନ୍ୟପକ୍ଷରେ କାଲିଫର୍ନିଆର ଖଲିସ୍ତାନୀ ସଙ୍ଗଠନ ଓ ଏହାର ସମର୍ଥକମାନେ ଟୁଇଟରରେ ଘଟଣାକୁ ପ୍ରଶଂସା କରି ପୋଷ୍ଟ ଏବଂ ଫଟୋ ଶେୟାର କରୁଥିବା ଦେଖିବାକୁ ମିଳିଛି। ୨୦୨୦ରେ ମଧ୍ୟ ଖଲିସ୍ତାନୀ ସମର୍ଥକମାନେ ଆମେରିକାସ୍ଥିତ ଭାରତ ଦୂତାବାସ ସମ୍ମୁଖରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଥିଲେ।

### ଉପହାର ଦେଇଥିଲା ଭାରତ



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୨୮,୧୩,୯୪୮ | ୨୨,୨୧,୧୪୧ | ୭,୪୫,୦୧,୭୨୩ |
| ଭାରତ | ୧,୦୭,୪୦,୩୦୯ | ୧,୫୪,୨୦୨ | ୧,୦୪,୧୫,୦୮୦ |
| ଓଡ଼ିଶା | ୩,୩୪,୯୫୮ | ୧୯୦୬(+୫୩) | ୩,୩୧,୯୬୨ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ହାଉସ୍ ସର୍ଜନଙ୍କ ଷ୍ଟାଇପେଣ୍ଡ ବୃଦ୍ଧି

**ଭୁବନେଶ୍ୱର, ୩୦।୧(ବ୍ୟୁରୋ):** ଦୀର୍ଘ ଦିନର ଦାବି ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ଧମକ ପରେ ମେଡିକାଲ କଲେଜ ହାଉସ ସର୍ଜନଙ୍କ କଥା ଶୁଣିଛନ୍ତି ରାଜ୍ୟ ସରକାର। ହାଉସ୍ ସର୍ଜନଙ୍କ ଷ୍ଟାଇପେଣ୍ଡ୍ ବୃଦ୍ଧି କରିଛନ୍ତି। ମାସିକ ୨୦ହଜାରରୁ ୨୮ହଜାରକୁ ବୃଦ୍ଧି କରାଯାଇଥିବାବେଳେ ୨୦୨୧ ଜାନୁୟାରୀରୁ ୩ବର୍ଷ ପାଇଁ ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି। ଶନିବାର ଏ ନେଇ ଡିଏମ୍ଇଟିଙ୍କୁ ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ଚିଠି ଲେଖି ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ୨୦୧୭ରେ ଆନ୍ଦୋଳନବେଳେ ସରକାର ହାଉସ ସର୍ଜନଙ୍କ ଷ୍ଟାଇପେଣ୍ଡ୍ ବୃଦ୍ଧି କରି ୩ ବର୍ଷ ପରେ ଏହାର ପୁନର୍ବିଚାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ୨୦୨୦ ଏପ୍ରିଲରେ ପ୍ରତିଶ୍ରୁତିର ଅବଧି ଶେଷ ହୋଇଥିବା ସତ୍ତ୍ୱେ ସରକାର ଏହାର ୧୦ମାସ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନ ଥିଲେ। ତେଣୁ ଏହାର ପ୍ରତିବାଦ କରି କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ହାଉସ ସର୍ଜନମାନେ ଧମକ ଦେଇଥିଲେ। ଏହି ଆନ୍ଦୋଳନରେ ଏସ୍ସିବିର ୨୫୦ଜଣ ଏବଂ ବୁର୍ଲା ଓ ବ୍ରହ୍ମପୁରର ୫୫୦ଜଣ ଯୋଗଦେବେ ବୋଲି ସ୍ଥିର ହୋଇଥିଲା। କିନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା ପରେ ଏସ୍ସିବି ହାଉସ୍ ସର୍ଜନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଷ୍ଟାଇପେଣ୍ଡ୍ ବୃଦ୍ଧି ପରେ ଆନ୍ଦୋଳନ ନିଷ୍ପତ୍ତିରୁ ସଂଘ ଓହରିଯିବା ସହ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛି।

### ପିସିସି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ

**ଭୁବନେଶ୍ୱର,୩୦।୧(ବ୍ୟୁରୋ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶନିବାର ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ଚନ୍ଦ୍ରଶେଖରପୁର ନାଲ୍କୋ ଛକସ୍ଥିତ ଗାନ୍ଧୀ ପାର୍କଠାରେ କଂଗ୍ରେସ ନେତୃବୃନ୍ଦ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ବିରିୟାନି ଦୋକାନରେ ବାନ୍ତି କରିଥିଲେ ଝରାଫୁଲ

**ଭୁବନେଶ୍ୱର(ବ୍ୟୁରୋ)/ଯାଜପୁର ଅଫିସ/ ରସୁଲପୁର(ଡି.ଏନ.ଏ.),୩୦।୧**

ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଝରାଫୁଲ ନାୟକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ରହସ୍ୟଘେରରେ ରହିଛି। ତାଙ୍କ ମୃତ୍ୟୁର ପ୍ରକୃତ କାରଣ କ'ଣ ତାହା ଜାଣିବା ପାଇଁ ସମସ୍ତଙ୍କ ଉତ୍କଣ୍ଠା ରହିଛି। ଯାଜପୁର ଜିଲା ପୋଲିସ ଟିମ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିବାବେଳେ ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବା ଚ୍ୟାଲେଞ୍ଜ ହୋଇଛି। ଏଭଳିସ୍ଥଳେ ଶନିବାର ଆଉ ଏକ ସିସିଟିଭି ଫୁଟେଜ୍ ମିଳିଛି। ଏଥିରେ ଝରାଫୁଲ ୨୬ ତାରିଖ ମଧ୍ୟାହ୍ନ ୧୨ଟା ୨୦ରେ ପ୍ରେମିକ ରାକେଶ ସ୍ୱାଇଁଙ୍କ ସହ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଭୀମଟାଙ୍ଗୀ ଅଞ୍ଚଳରେ ଥିବା ଏକ ବିରିୟାନି ଦୋକାନ 'ବ୍ରଦର୍ସ ହୋଟେଲ ଆଣ୍ଡ ଫାଷ୍ଟଫୁଡ୍'କୁ ଯାଇଥିବାର ଦୃଶ୍ୟ ରହିଛି। ରାକେଶ ବିରିୟାନି ଅର୍ଡର ଦେଇଥିବାବେଳେ ଝରାଫୁଲ ଅସୁସ୍ଥତା କାରଣରୁ ଖାଇବାକୁ ମନା କରିଥିଲେ। କାନ୍ଦକାନ୍ଦ ମୁହଁରେ ପେଟ କାଟୁଥିବା କହିଥିଲେ। ରାକେଶ ବିରିୟାନି ଖାଉଥିଲେ। ୧୦/୧୫ ମିନିଟ୍ ପରେ ଝରାଫୁଲ ପଛ ଟେବୁଲ ପାଖରେ ବାନ୍ତି କରିଥିଲେ। ରାକେଶ ଖାଇବା ସ୍ଥାନରୁ ଉଠିଆସି ତାଙ୍କୁ ପାଣି ଦେଇଥିବା ଫାଷ୍ଟଫୁଡ୍ ମାଲିକ ସୌମ୍ୟ ବିଶ୍ୱଜିତ୍ ମଲ୍ଲିକ କହିଛନ୍ତି। ଏପରିକି ରାକେଶ ପୂର୍ବରୁ ତାଙ୍କ ଦୋକାନକୁ ଖାଇବାକୁ ଆସନ୍ତି। ସେ ଭଲ ପିଲା ବୋଲି ବିଶ୍ୱଜିତ୍ କହିଛନ୍ତି। ଏସବୁ ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭିରେ ମଧ୍ୟ କଏଦ ହୋଇଛି। ଉଭୟ ସେଠାରୁ ଦିନ ୧ଟା ୫ ମିନିଟ୍ରେ ବାହାରି ଯାଇଥିବା ଦେଖିବାକୁ ମିଳୁଛି। ସିସିଟିଭି ଫୁଟେଜ ମିଳିବା ପରେ ଉକ୍ତ ହୋଟେଲରେ ଯାଜପୁର ପୋଲିସ ଫରେନସିକ୍ ଟିମ୍ ସହ ପହଞ୍ଚି ଯାଞ୍ଚ କରିଛି।

ସୂଚନାଥାଉ କି, ଝରାଫୁଲଙ୍କ ଘର ମୟୂରଭଞ୍ଜ ଜିଲା ଯଶିପୁର ଥାନା ବୁନ୍ଦେଇପୋଷି ଗ୍ରାମରେ। ରାକେଶଙ୍କ ଘର ଭୁବନେଶ୍ୱର ଏୟାରଫିଲ୍ଡ ଥାନା ସୁନ୍ଦରପଦା ତଳସାହି ଅଞ୍ଚଳରେ। ସେ ଜଣେ ପାଇପ୍ ମିସ୍ତ୍ରି। କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁଙ୍କ କହିବାନୁଯାୟୀ, ରାକେଶ ବୁନ୍ଦେଇପୋଷିରେ ପାଇପ୍ ବିଛା କାର୍ଯ୍ୟରେ ନିୟୋଜିତ ଥିବା ସମୟରେ ଝରାଫୁଲଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଗତ ୨୪ ତାରିଖରେ ସମ୍ପର୍କୀୟଙ୍କ ଘରୋଇ ପାର୍ଟିରେ ଯୋଗଦେବା ପାଇଁ ଝରାଫୁଲ ଭୁବନେଶ୍ୱର ଆସିଥିଲେ। ୨୬ ତାରିଖରେ ସେ ଗାଁକୁ ଯିବା ପାଇଁ ଜୟଦେବ ବିହାରରୁ ଝାଡ଼େଶ୍ୱରୀ ନାମକ ବସ୍ରେ ବସିଥିଲେ। କିନ୍ତୁ ଦେହ ଅସୁସ୍ଥ ଦର୍ଶାଇ ବାଣୀବିହାର ଛକରେ ଓହ୍ଲାଇ ପଡ଼ିଥିଲେ। ଏହାପରେ ସେ ରୂପାଲି ଛକ ପର୍ଯ୍ୟନ୍ତ ଯାଇ ରାକେଶଙ୍କୁ ଭେଟିଥିଲେ। ଉଭୟେ ଉକ୍ତ ରାତିରେ ଭୁବନେଶ୍ୱର ଖଣ୍ଡଗିରି ଧର୍ମବିହାରସ୍ଥିତ ଶିବସାଇ ଗେଷ୍ଟହାଉସରେ ରାତ୍ରିଯାପନ କରିଥିଲେ। କିନ୍ତୁ ରାକେଶ ସକାଳେ ଉଠିବାବେଳେ ଝରାଫୁଲଙ୍କୁ ମୃତ ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏହାପରେ ଝରାଫୁଲଙ୍କ ମୃତଦେହକୁ ଅନ୍ୟତ୍ର ଫୋପାଡ଼ିବାକୁ ଯୋଜନା କରି ପଡ଼ୋଶୀ ସାଙ୍ଗଙ୍କ ସହଯୋଗ ନେଇଥିଲେ ବୋଲି ରାକେଶ ବୟାନ ଦେଇଥିବା ଥାନାଧିକାରୀ ସ୍ୱାଇଁ କହିଛନ୍ତି।


ଝରାଫୁଲ


ବିରିୟାନି ଦୋକାନର ସିସିଟିଭି ଫୁଟେଜ୍

### ଗେଷ୍ଟ ହାଉସ୍ରୁ ନମୁନା ସଂଗ୍ରହ

୨୬ ତାରିଖ ରାତିରେ ଝରାଫୁଲ ଓ ପ୍ରେମିକ ରାକେଶ ରହିଥିବା ଖଣ୍ଡଗିରି ଧର୍ମବିହାରସ୍ଥିତ ଶିବସାଇ ଗେଷ୍ଟହାଉସ୍ରେ ଛାନ୍ଭିନ୍ କରିଛି ଫରେନ୍ସିକ୍ ଟିମ୍। ଉଭୟ ରାତ୍ରିଯାପନ କରିଥିବା ରୁମ୍ ନଂ.୨୦୧କୁ ସିଲ୍ କରିଛି କମିଶନରେଟ୍ ପୋଲିସ। ୨ଘଣ୍ଟା ଧରି ଫରେନ୍ସିକ୍ ଟିମ୍ ଉକ୍ତ ରୁମ୍ରୁ ଫିଙ୍ଗର ପ୍ରିଣ୍ଟ ଓ ଡଷ୍ଟବିନ୍ ସହ ବିଭିନ୍ନ ନମୁନା ସଂଗ୍ରହ କରିଛି। ଏଥିସହିତ ବ୍ୟବହୃତ ବେଡଶିଟ୍କୁ ମଧ୍ୟ ଜବତ କରାଯାଇଛି। ଛାନ୍ଭିନ୍ ସମୟରେ ସାଇଣ୍ଟିଫିକ୍ ଟିମ୍ ହାତରେ କିଛି ସୁରାକ ଲାଗିଛି, ଯାହା ତଦନ୍ତରେ ସହାୟକ ହୋଇପାରେ ବୋଲି ଟିମ୍ର ଜଣେ ଅଧିକାରୀ କହିଛନ୍ତି।

### ୨ କର୍ମଚାରୀ ଅଟକ

ଭୁବନେଶ୍ୱର ସ୍ପେଶାଲ୍ ସ୍କ୍ୱାଡ୍ ସହାୟତାରେ ଯାଜପୁର ପୋଲିସ ଶିବସାଇ ଗେଷ୍ଟହାଉସ୍ର ୨ଜଣ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା କରିଛି। ୨୭ ତାରିଖରେ ଝରାଫୁଲଙ୍କ ମୃତ୍ୟୁ ଘଟଣା ଜଣାପଡ଼ିବା ପରେ ଗେଷ୍ଟହାଉସ୍ର ସମସ୍ତ କର୍ମଚାରୀ ଫେରାର ହୋଇଯାଇଥିଲେ। ତେଣୁ ୨୬ ତାରିଖ ରାତିରେ ଗେଷ୍ଟହାଉସ୍ରେ କ'ଣ ହୋଇଥିଲା, ୨୭ ତାରିଖ ସକାଳେ ରାକେଶ ଝରାଫୁଲଙ୍କୁ କେମିତି ହୋଟେଲ୍ ବାହାରକୁ ନେଲେ ଆଦି ବିଷୟରେ ପୋଲିସ ପଚରାଉଚରା କରିଛି। ସେମାନେ ପୋଲିସକୁ କହିଥିଲେ ଯେ, ୨୭ ତାରିଖ ସକାଳେ ରାକେଶ ଓ ତାଙ୍କ ସହଯୋଗୀ ଝରାଫୁଲଙ୍କୁ ଟେକି ନେଉଥିବାବେଳେ ଦେଖିଥିଲେ। ସେମାନେ କ'ଣ ହୋଇଛି ବୋଲି ରାକେଶଙ୍କୁ ପଚାରିଥିଲେ। ଦେହ ଭଲନାହିଁ, ଡାକ୍ତରଖାନାକୁ ନେବେ କହି ରାକେଶ ସେଠାରୁ ପଳାଇ ଯାଇଥିଲେ ବୋଲି କର୍ମଚାରୀମାନେ ପୋଲିସକୁ କହିଥିବା ଜଣାପଡ଼ିଛି।

### ରାକେଶଙ୍କ ସହଯୋଗୀ ଫେରାର

ଝରାଫୁଲଙ୍କ ମୃତଦେହ ଯାଜପୁର ଜିଲା କୁଆଖିଆ ଥାନା ମୂଳାପାଳ ଛକ ନିକଟରୁ ଜବତ ହୋଇଥିଲା। ତାଙ୍କ ମୃତଦେହକୁ ଦୁଇଜଣ ସ୍କୁଟିରେ ଆଣି ଫୋପାଡ଼ିଥିବା ଏକ ସିସିଟିଭି ଫୁଟେଜ୍ରୁ ଜଣାପଡ଼ିଛି। ଯାଜପୁର ଜିଲା ପୋଲିସ ଟିମ୍ ତଦନ୍ତ କରିବା ପରେ ଉକ୍ତ ଦୁଇଜଣଙ୍କ ମଧ୍ୟରୁ ଜଣେ ରାକେଶ ବୋଲି ଚିହ୍ନଟ କରିବା ସହ ଗତ ଗୁରୁବାର ଭୁବନେଶ୍ୱର ଏୟାରଫିଲ୍ଡ ଥାନା ପୋଲିସ ସହାୟତାରେ ତାଙ୍କୁ ଗିରଫ କରିଥିଲା। କିନ୍ତୁ ରାକେଶଙ୍କ ସହଯୋଗୀ କିଏ ସେନେଇ ପୋଲିସ ମୁହଁ ଖୋଲୁନାହିଁ। ଅନ୍ୟପକ୍ଷରେ ରାକେଶ ତାଙ୍କ ସହଯୋଗୀଙ୍କ ନାମ ଶେଖର ବୋଲି ପୋଲିସକୁ ଜଣାଇଥିବା ଏକ ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି। ସେ ପୋଲିସ କବ୍ଜାରେ ଥିବା କୁହାଯାଉଛି। ହେଲେ ମାମଲାର ତଦନ୍ତକାରୀ ଅଧିକାରୀ ତଥା ଯାଜପୁର ରୋଡ୍ ଏସ୍ଡିପିଓ ଚିନ୍ମୟ ନାୟକ କହିଛନ୍ତି ଯେ, ରାକେଶଙ୍କ ସହଯୋଗୀ ଫେରାର ଅଛନ୍ତି। ତାଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଛି। ସେହିପରି ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିପାରିନାହିଁ। ରିପୋର୍ଟ ମିଳିବା ପରେ ତଦନ୍ତ ଅଧିକ ସହଜ ହେବ ଏବଂ ପୋଲିସ ଚୂଡାନ୍ତ ନିଷ୍ପତ୍ତିରେ ପହଞ୍ଚିବ ବୋଲି ଏସ୍ଡିପିଓ ନାୟକ କହିଛନ୍ତି।

### ସିସିଟିଭି ଫୁଟେଜ୍ ପୁନଃ ଯାଞ୍ଚ



ମୃତଦେହ ମିଳିବା ସ୍ଥାନ ଅର୍ଥାତ୍ କୁଆଖିଆ ଥାନା ମୂଳାପାଳ ଛକ ନିକଟସ୍ଥ ଇଟା ଓ ପ୍ଲାଷ୍ଟିକ କାରଖାନାରେ ଲାଗିଥିବା ସିସିଟିଭି ଫୁଟେଜ୍ ପୋଲିସକୁ ସହାୟକ ହୋଇପାରିଛି। ତେବେ ଅଧିକ ସୁରାକ ପାଇବା ଆଶାରେ ତଦନ୍ତ ଅଧିକାରୀଙ୍କ ପକ୍ଷରୁ ଶନିବାର ପୁଣି ସିସିଟିଭି ଫୁଟେଜ୍କୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଛି। ଘଟଣାରେ ଅନେକ କଥା ରହିଥିବା ପୋଲିସ ସନ୍ଦେହ କରୁଛି। ହେଲେ ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା କରି କିଛି କହୁନାହିଁ। କୁଆଖିଆ ଥାନା ଓ ଜିଲା ହେଡ୍କ୍ୱାର୍ଟର୍ସ ପୋଲିସକୁ ନେଇ ଏକ ୮ଜଣିଆ ଟିମ୍ ତଦନ୍ତ କରୁଛି।

# ଇନ୍ଫର୍ମର ସନ୍ଦେହରେ ୨ ଯୁବକଙ୍କୁ ହତ୍ୟା

**ଫୁଲବାଣୀ ଅଫିସ/ତୁମୁଡିବନ୍ଧ,୩୦।୧**

**ଲାଲ୍ ବାହିନୀର ପ୍ରତିଶୋଧ**
- ପ୍ରଜା କୋର୍ଟରେ ଅନ୍ୟମାନଙ୍କୁ ହାଜର ନିର୍ଦ୍ଦେଶ
- ରାତି ଅଧରେ ଉଠାଇ ଶିଆଳି ଲଟାରେ ବାନ୍ଧି ନେଲେ

କନ୍ଧମାଳ ଜିଲାରେ ପ୍ରତିଶୋଧ ପରାୟଣ ହୋଇ ଉଠିଛି ଲାଲ୍ବାହିନୀ। ତୁମୁଡିବନ୍ଧ ବ୍ଲକ ଭଣ୍ଡରଙ୍ଗି ପଞ୍ଚାୟତ ସିର୍କିରେ ହୋଇଥିବା ଏନ୍କାଉଣ୍ଟରର ପ୍ରତିଶୋଧ ନେଇଛନ୍ତି ମାଓବାଦୀ। ପୋଲିସ ଇନ୍ଫର୍ମର ସନ୍ଦେହରେ ଶୁକ୍ରବାର ରାତିରେ ଘରୁ ଡାକିନେଇ ୨ ଜଣଙ୍କୁ ହତ୍ୟା କରିଛନ୍ତି। ଜଣକୁ ଲଙ୍କାଗଡ-ଝିରିପାଣି ରାସ୍ତାରେ ଏବଂ ଅନ୍ୟ ଜଣଙ୍କୁ ଭଣ୍ଡରଙ୍ଗି ପଞ୍ଚାୟତ କାର୍ଯ୍ୟାଳୟ ପାଚେରି ପାଖରେ ନିର୍ମମ ଭାବେ ହତ୍ୟା କରିଛନ୍ତି। ସେମାନେ ହେଲେ ଭଣ୍ଡରଙ୍ଗି ଗ୍ରାମ ତଥା ସରପଞ୍ଚଙ୍କ ପୁଅ ଭବାନୀ ଶଙ୍କର ପାତ୍ର(୨୧), ଗୋଚ୍ଛାଗୁଡା ଗ୍ରାମର ହେମନ୍ତ ପାତ୍ର(୨୫)। ଘଟଣାସ୍ଥଳରେ କିଛି ଧମକପୂର୍ଣ୍ଣ ପୋଷ୍ଟର ମଧ୍ୟ ଛାଡି ଯାଇଛନ୍ତି ମାଓବାଦୀ। ଯେଉଁମାନେ ପୋଲିସକୁ ଖବର ଦେଉଛନ୍ତି ୧୫ ଦିନ ମଧ୍ୟରେ ପ୍ରଜା କୋର୍ଟରେ ହାଜର ହେବାକୁ ଏଥିରେ ନିର୍ଦ୍ଦେଶ ରହିଛି। ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୧ଟା। କଳା ପୋଷାକ କେତେଜଣ ବନ୍ଧୁକଧାରୀ ଆସି ଘର କବାଟ ବାଡେଇଲେ। ଖୋଲିବାରୁ ହେମନ୍ତ କେଉଁଠି ଅଛି ପଚାରିଥିଲେ। ସେ ପଡିଶାଘରେ ଥିବା ଆମେ କହିବାରୁ ସେଠାକୁ ଯାଇ କବାଟ ବାଡେଇ ଥିଲେ। କବାଟ ଖୋଲିବା ପରେ ଘରେ ପଶି ହେମନ୍ତଙ୍କ ସହ ଅନ୍ୟ ୨ ଜଣଙ୍କୁ ଶିଆଳି ଲଟାରେ ବାନ୍ଧି ନେଇ ଯାଇଥିଲେ। କିଛି ବାଟ ଗଲା ପରେ ୨ଜଣଙ୍କୁ ଛାଡି ଦେଇଥିଲେ। ହେଲେ ହେମନ୍ତଙ୍କ ପିଠି ଏବଂ ଡାହାଣ ଗୋଡକୁ ଗୁଳି କରିଥିଲେ ବୋଲି ହେମନ୍ତଙ୍କ ପରିବାର ଲୋକେ କହିଛନ୍ତି।

ଏହାପରେ ୨ଟାରେ ଭଣ୍ଡରଙ୍ଗି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜନସେବା କେନ୍ଦ୍ରରେ ପହଞ୍ଚିଥିଲେ। ସବୁଦିନ ଭଳି ସେଠାରେ ଭବାନୀ ଶଙ୍କର ତାଙ୍କ ସମ୍ପର୍କୀୟଙ୍କ ସହ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୨ଟାବେଳେ କବାଟ ଜୋରରେ ବାଡେଇଥିଲେ। ଭବାନୀ ଉଠି କବାଟ ଖୋଲିବାରୁ ସେମାନେ ଭିତରକୁ ପଶିଥିଲେ। ଘରେ ୨ନାବାଳକ ଏବଂ ସ୍ୱାଇଁଙ୍କ ସହ ଭବାନୀ ଥିଲେ। ସ୍ୱାଇଁଙ୍କୁ ସେଠାରେ ଛାଡି ଦେଇ ଭବାନୀ ଏବଂ ଦୁଇ ନାବାଳକଙ୍କୁ ନେଇ ଆସିଥିଲେ। ନାବାଳକଙ୍କୁ ନିକଟରେ ଥିବା ସେମାନଙ୍କ ସାହି ପାଖରେ ଛାଡି ଭବାନୀଙ୍କୁ ନେଇ ଯାଇଥିଲେ। ସକାଳେ ଦେଖିବାବେଳକୁ ପଞ୍ଚାୟତ ପାଖରେ ଭବାନୀଙ୍କ ମୃତଦେହ ପଡିଥିଲା। ତାଙ୍କ ପାଟିରୁ ରକ୍ତ ବାହାରି ଥିବା ଦେଖିବାକୁ ମିଳିଥିଲା। ରଶିରେ ବେକକୁ ଚିପି ତାଙ୍କୁ ମାରି ଦିଆଯାଇଥିବା ଅନୁମାନ କରାଯାଉଛି।

ଅନ୍ୟପକ୍ଷରେ ମୁଣ୍ଡିଗଡ ସରପଞ୍ଚ ଏବଂ ଅନ୍ୟ ସରପଞ୍ଚ ଆଣ୍ଟି ନକ୍ସଲ ପିପୁଲ୍ ଟିମ୍ରେ ଯୋଗ ଦେଇଛନ୍ତି। ତୁରନ୍ତ ଏହି କାର୍ଯ୍ୟ ଛାଡନ୍ତୁ, ନଚେତ ଦଣ୍ଡ ଦିଆଯିବ ବୋଲି ବାସଧାରା ଘୁମୁସର ନାଗାବଳୀ ସଙ୍ଗଠନ ନାମରେ ମାଓବାଦୀମାନେ ଘଟଣାସ୍ଥଳରେ ଛାଡି ଯାଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି।

# ପ୍ରେମିକା ପାଇଁ ବାବା ବେଶ

**ଯାଜପୁର ରୋଡ୍/କଳିଙ୍ଗନଗର (ଡି.ଏନ୍.ଏ.),୩୦।୧**

ପ୍ରେମିକାଙ୍କୁ ଭେଟିବାକୁ ବାବା ବେଶରେ ଯାଇଥିଲେ ଜଣେ ଯୁବକ। ହେଲେ କମ୍ ବୟସରେ ଲମ୍ବା ଦାଢ଼ି, ଚୁଟି ସାଙ୍ଗକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପିଲା ଚୋରି ସନ୍ଦେହ ଯୋଗୁ ଯୁବକଙ୍କ ସବୁ ଯୋଜନା ଫସର ଫାଟିଯାଇଥିଲା। ଲୋକଙ୍କ ହାତରେ ଧରାପଡ଼ି ଯୁବକ ଜଣକ ହଟହଟା ହେବା ସହ ତାଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଏଭଳି ରୋଚକ ଘଟଣା ଯାଜପୁର ଜିଲା ବ୍ୟାସନଗର (ଯାଜପୁରରୋଡ୍) ପୌରାଞ୍ଚଳର ରମ୍ପାସ ଅଞ୍ଚଳରେ ଶନିବାର ମଧ୍ୟାହ୍ନରେ ଘଟିଛି। ଉକ୍ତ ଯୁବକ ଜଣକ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳର ଅୟେଶକାନ୍ତ ବେହେରା(୨୦)। ସେ ଭୁବନେଶ୍ୱରର ଏକ ଘରୋଇ କଲେଜରେ ଯୁକ୍ତ୨ ପାଠ ପଢୁଥିବାବେଳେ ତାଙ୍କ ସହପାଠୀ ତଥା ବ୍ୟାସନଗରର ଜଣେ ଛାତ୍ରୀଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଏ ସମ୍ପର୍କରେ ଛାତ୍ରୀଙ୍କ ପରିବାର ଲୋକେ ଅବଗତ ହେବା ପରେ ତାଙ୍କୁ ବ୍ୟାସନଗର ଫେରାଇ ଆଣି ଏକ ଘରୋଇ କଲେଜରେ ପଢ଼ାଇଥିଲେ। ଛାତ୍ରୀଙ୍କ ବିବାହ ଅନ୍ୟ ସ୍ଥାନରେ ସ୍ଥିର ହୋଇଥିବା ଖବର ପାଇ ଅୟେଶକାନ୍ତ ସୁଚିନ୍ତିତ ଯୋଜନା କରିଥିଲେ। ପୂର୍ବରୁ ସେ ଛାତ୍ରୀଙ୍କଠାରୁ ଶୁଣିଥିଲେ ଯେ, ତାଙ୍କ ମା' ଗୁଣିଗାରେଡି ଓ ହାତଦେଖା ଉପରେ ବିଶ୍ୱାସ କରନ୍ତି। ତେଣୁ ଅୟେଶକାନ୍ତ ଗେରୁଆ ବସ୍ତ୍ର ପିନ୍ଧିବା ସାଙ୍ଗକୁ ନକଲି ଚୁଟି ଓ ଦାଢ଼ି ଲଗାଇ ବାବା ବେଶରେ ଛାତ୍ରୀଙ୍କ ଘରକୁ ଯାଉଥିଲେ। ଛାତ୍ରୀଜଣକ ଯାହାଙ୍କୁ ଭଲ ପାଉଛନ୍ତି ତାଙ୍କ ସହ ଝିଅର ବିବାହ କରାଇଦିଅ। ଏହି କଥା ଛାତ୍ରୀଙ୍କ ମା'ଙ୍କର ହାତଦେଖି କହିଥାନ୍ତେ ଅୟେଶକାନ୍ତ। କିନ୍ତୁ ଛାତ୍ରୀଙ୍କ ଘରକୁ ଯିବା ବାଟରେ ସ୍ଥାନୀୟ ଲୋକେ ସନ୍ଦେହ କରି ତାଙ୍କୁ ପଚରାଉଚରା କରିଥିଲେ। ସେ ପଳାଇଯିବାକୁ ବାହାରିବାରୁ ତାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ସଞ୍ଜୟ ଜେନା କାବୁ କରିଥିଲେ। ସେ ପ୍ରଥମେ ମାଗିଯାଚି ଚଳୁଥିବା କହିଥିଲେ। କିନ୍ତୁ ସଞ୍ଜୟ ସନ୍ଦେହ କରି ଅୟେଶକାନ୍ତଙ୍କ ଲମ୍ବା ଦାଢ଼ି ଏବଂ ଚୁଟିକୁ ଟାଣିଦେବାରୁ ତାହା ଉପୁଡ଼ି ଯାଇଥିଲା। ସଞ୍ଜୟ ତୁରନ୍ତ ଯାଜପୁର ରୋଡ୍ ଥାନାକୁ ଅବଗତ କରାଇଥିଲେ। ଏହାପରେ ପୋଲିସ ପାଟ୍ରୋଲିଂ ଟିମ୍ ପହଞ୍ଚି ଅୟେଶକାନ୍ତଙ୍କୁ ଥାନାକୁ ନେଇଥିଲା। ଅୟେଶକାନ୍ତଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯିବା ସହିତ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଅନିଲ କୁମାର ମହାନ୍ତି କହିଛନ୍ତି।


ଅୟେଶକାନ୍ତ ବେହେରା



## ସଂକ୍ଷେପରେ

### ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ




କେନ୍ଦୁଝର, ୩୦।୧(ଡି.ଏନ୍.ଏ./ସ୍ୱ.ପ୍ର.): କେନ୍ଦୁଝରଗଡ଼ ରେଳ ଷ୍ଟେଶନ ନିକଟରେ ଶନିବାର ପୂର୍ବାହ୍ଣରେ ଏକ ଲୁହାପଥର ବୋଝେଇ ଟ୍ରେନର ୫ ବଗି ଲାଇନଚ୍ୟୁତ ହୋଇଛି। ଜିଆର୍‌ପି, ଆରପିଏଫ୍ ଓ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଲାଇନ୍‌ରୁ ଖସିଥିବା ବଗିଗୁଡ଼ିକୁ ରେଳ ଲାଇନ୍‌ରେ ପୁନଃ ସ୍ଥାପନ ପାଇଁ କାମ ଚାଲୁ କରାଯାଇଥିବା ଖୋର୍ଦ୍ଧା ଡିଭିଜନର ଲୋକସମ୍ପର୍କ ଅଧିକାରୀ ଲଳିତା ପଣ୍ଡା ସୂଚନା ଦେଇଛନ୍ତି। ଶନିବାର ପୂର୍ବାହ୍ଣ ୧୧ଟା ୩୫ରେ ଚକ୍ରଧରପୁର ଡିଭିଜନର ଜୁରୁଡିରୁ ଲୁହାପଥର ଗୁଣ୍ଡ ବୋଝେଇ ହୋଇ ଜେଏସ୍‌ଡବ୍ଲ୍ୟୁ କାରଖାନାକୁ ଯାଉଥିବା ମାଲବାହୀ ଟ୍ରେନ କେନ୍ଦୁଝରଗଡ ଷ୍ଟେଶନ ୟାର୍ଡରେ ପହଞ୍ଚିବାବେଳେ ଟ୍ରେନ୍ ମଧଭାଗରେ ଥିବା ୬ଟି ବଗି ମଧରୁ ୫ଟି ବଗି ସମ୍ପୂର୍ଣ୍ଣ ଲାଇନଚ୍ୟୁତ ହୋଇଯାଇଥିଲା। ଷ୍ଟେଶନ ପ୍ରବେଶ ବେଳେ ଟ୍ରେନର ବେଗ କମ୍ ଥିବାରୁ ଏକ ବଡ ଧରଣର ଦୁର୍ଘଟଣାରୁ ରକ୍ଷା ପାଇଯାଇଥିଲା। ସୂଚନାଯୋଗ୍ୟ, ଗତ ୨୮ ତାରିଖରେ ଜୁରୁଡିରୁ ପାରାଦୀପ ଯାଉଥିବା ଏକ ଲୁହାପଥର ବୋଝେଇ ଟ୍ରେନ ସମାନ ସ୍ଥାନରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ୪ଟି ବଗି ଲାଇନଚ୍ୟୁତ ହୋଇଥିଲା। ଉକ୍ତ ସ୍ଥାନରେ ରେଳ ଲାଇନରେ ତ୍ରୁଟି ଥିବାରୁ ବାରମ୍ବାର ଦୁର୍ଘଟଣା ହେଉଥିବା କୁହାଯାଉଛି।

### କେନ୍ଦୁଝରର ଯୁବ ବୈଜ୍ଞାନିକ ଇସ୍ରୋରେ ପୁରସ୍କୃତ



କେନ୍ଦୁଝର, ୩୦।୧ (ସ୍ୱ.ପ୍ର./ଡି.ଏନ୍.ଏ.): ଅନ୍ତରୀକ୍ଷ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦୁଝର ଜିଲାର ଯୁବ ବୈଜ୍ଞାନିକ ଅଟଳ କୃଷ୍ଣ ଖଟୁଆ ଇସ୍ରୋ ପକ୍ଷରୁ ବିକ୍ରମ ସରାଭାଇ କ୍ୱାଲିଟି ପୁରସ୍କାର ୨୦୨୦ ପାଇଛନ୍ତି। କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଇସ୍ରୋ ସଂସ୍ଥାର ବିକ୍ରମ ସରାଭାଇ ସ୍ପେସ ସେଣ୍ଟର ଥିରୁଭାନନ୍ତପୁରମରେ ୭ ବର୍ଷ ଧରି ବୈଜ୍ଞାନିକ ଭାବରେ କାର୍ଯ୍ୟ କରୁଛନ୍ତି। ତେବେ ଏହି ପୁରସ୍କାର କେନ୍ଦୁଝର ତଥା ରାଜ୍ୟ ପାଇଁ ଗୌରବର ବିଷୟ ବୋଲି ତାଙ୍କୁ ଶୁଭେଚ୍ଛୁମାନେ କହିଛନ୍ତି। ବାପା ଅମରବର ଖଟୁଆ, ମା’ ଅଧାପିକା ସରୋଜିନୀ ପୃଷ୍ଟି, ପରିବାର ସଦସ୍ୟ ପ୍ରମୁଖ ଧନ୍ୟବାଦ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ତୈଳ ଦର ନ କମିଲେ ୧୫ରେ ଓଡ଼ିଶା ବନ୍ଦ

## ବ୍ରହ୍ମପୁରରେ ଗଞ୍ଜାମ କଂଗ୍ରେସର ବିଶାଳ ସମାବେଶ

ବ୍ରହ୍ମପୁର ଅଫିସ,୩୦।୧



ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ସମାବେଶରେ ପ୍ରଭାରୀ ଏ.ଚେଲ୍ଲାକୁମାର ଓ ଅନ୍ୟମାନେ।

■ କେନ୍ଦ୍ର-ରାଜ୍ୟ ସରକାର ବିରୋଧରେ ବର୍ଷିଲେ ଚେଲ୍ଲାକୁମାର
■ ଜିଲାରେ ଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅଭିଯୋଗ
■ ମୋଦି, ନବୀନ କେବଳ କ୍ଷମତା ଉପଭୋଗ କରୁଛନ୍ତି

ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ଶନିବାର ବ୍ରହ୍ମପୁରରେ ବିଶାଳ ସମାବେଶ ହୋଇଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତର ୧୦୦ ବର୍ଷ ପୂର୍ତ୍ତି ଏବଂ ତାଙ୍କ ତିରୋଧାନ ଦିବସ ପାଳନ କରାଯାଇଥିଲା। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ୍‌ରେ ଆୟୋଜିତ ଏହି ସମାବେଶରେ ରାଜ୍ୟ କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲାକୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭାଷଣ ପ୍ରସଙ୍ଗରେ କେନ୍ଦ୍ରର ମୋଦି ଓ ନବୀନ ସରକାର ବିରୋଧରେ ଗର୍ଜନ କରିଥିଲେ। ବିଦେଶରୁ କଳାଧନ ଆଣିବାରେ ଏନ୍‌ଡିଏ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଗଞ୍ଜାମରୁ ପ୍ରତିନିଧିତ୍ୱ କରି ଲଗାତର ୫ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ନବୀନ ପଟ୍ଟନାୟକ ଜିଲାର ବିକାଶ ଘଟାଇବାରେ ଫେଲ୍ ମାରିଥିବା ସେ ଅଭିଯୋଗ କରିଥିଲେ। ଉଭୟ ମୋଦି ଓ ନବୀନ ଜନସାଧାରଣଙ୍କୁ ଭୁଆଁ ବୁଲାଇ କେବଳ କ୍ଷମତା ଉପଭୋଗ କରୁଥିବା ଚେଲ୍ଲାକୁମାର କଟାକ୍ଷ କରିଥିଲେ।

ଏହି ଅବସରରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ରାଜ୍ୟରେ ତୈଳ ଦର ୧୦ଟଙ୍କା ନ କମିଲେ ଆସନ୍ତା ୧୫ ତାରିଖରେ ଓଡ଼ିଶା ବନ୍ଦ ସହ କଂଗ୍ରେସ ରାଜ୍ୟବାପୀ ଆନ୍ଦୋଳନ କରିବ।

ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ବହୁସଂଖ୍ୟକ ଦଳର କର୍ମୀ ଓ ଅନ୍ୟମାନଙ୍କୁ ସମ୍ବୋଧିତ କରି ପ୍ରଭାରୀ ଆହୁରି କହିଥିଲେ, କୃଷିପ୍ରଧାନ ଗଞ୍ଜାମ ଜିଲାରେ ଜଳସେଚନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ପୂର୍ବ କଂଗ୍ରେସ ଶାସନରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବାଘଲଟି, ବାଘୁଆ ଓ ଅନ୍ୟ ପ୍ରକଳ୍ପଗୁଡ଼ିକ ଏବେ ବି ଅସମ୍ପୂର୍ଣ୍ଣ ରହିଛି। ବିଜେଡିର ୨୧ ବର୍ଷ ଶାସନରେ ଏଥିପ୍ରତି ଆଖିବୁଜି ଦିଆଯାଇଛି। ରାଜ୍ୟରେ ଚାଲିଥିବା ମୋ ସରକାର ୫–ଟି ଶାସନ ସରକାରଙ୍କ ପୋର୍ଟାଲରେ କାହିଁକି ସ୍ଥାନିତ ହୋଇନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ ଚୁପ୍ ରହିଛନ୍ତି ଏବଂ ବାବୁଙ୍କ ହାତରେ ଶାସନ ଡୋରି ରହିଥିବା ସେ କଡ଼ା ଭାଷାରେ ସମାଲୋଚନା କରିଥିଲେ। ଗୋପାଳପୁର-ରାୟଗଡ଼ା ନୂଆ ରେଳପଥ, ଶୀତଳାପଲ୍ଲୀ ରେଳ ୱାଗନ କାରଖାନା, ବ୍ରହ୍ମପୁରରୁ ସମ୍ବଲପୁର ରେଳପଥ ନିର୍ମାଣ ମୋଦି ସରକାର କରୁ ନ ଥିବା ଚେଲ୍ଲାକୁମାର ସୂଚାଇଥିଲେ। ସାନଖେମୁଣ୍ଡି ବିଧାୟକ ତଥା ଜିଲା କଂଗ୍ରେସ ସଭାପତି ରମେଶ ଜେନା ଅଧକ୍ଷତା କରି ପ୍ରାରମ୍ଭିକ ସୂଚନା ଦେଇଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ ଶରତ ପଟ୍ଟନାୟକ, ବିଧାୟକ ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ଦାଶରଥି ଗମାଙ୍ଗ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ। ଏଆଇସିସି ସମ୍ପାଦକ ରୁଦ୍ରରାଜଙ୍କ ସମେତ ଅଧିରାଜ ପାଣିଗ୍ରାହୀ, ଅକ୍ଷୟ ଆଚାର୍ଯ୍ୟ, ସଂଗ୍ରାମ ଜେନା, ବ୍ରହ୍ମପୁର ଲୋକ ସଭା ଆସନର କଂଗ୍ରେସ ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁ, ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ଓ ଜିଲାର ଯୁବ, ଛାତ୍ର କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ। ରମେଶଙ୍କ ପିତା ଅରକ୍ଷିତ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ହୁ ହୁ ବଢ଼ି ଚାଲିଥିବା ପେଟ୍ରୋଲ ଓ ଡିଜେଲ ଦର ନିୟନ୍ତ୍ରଣ କରିବାରେ ମୋଦି ସରକାର ବିଫଳ ହୋଇଥିବାରୁ ସମାଲୋଚନା କରାଯାଇଥିଲା। ବର୍ଦ୍ଧିତ ତୈଳ ଦର ନ କମାଇଲେ ଏହାର ପ୍ରତିବାଦରେ ଆଗାମୀ ଦିନରେ କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ନିରଞ୍ଜନ ଓ ଅନ୍ୟମାନେ ଚେତାବନୀ ଦେଇଥିଲେ।

# ଘରେ ପଶି ଶିକ୍ଷୟିତ୍ରୀଙ୍କୁ ଛୁରାମାଡ଼

ନୟାଗଡ଼ ଅଫିସ,୩୦।୧



ଆକ୍ରମଣର ଶିକାର ଶିକ୍ଷୟିତ୍ରୀ।



ଆକ୍ରମଣକାରୀ ସୁକାନ୍ତ ବେହେରା।

ନୟାଗଡ ଜିଲା ଶରଣକୁଳ ଥାନା ଗୋଡିପଡା ହାଇସ୍କୁଲ ସାହିରେ ଜଣେ ଯୁବକ ଶନିବାର ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ଘରେ ପଶି ସେ ଜଣେ ଶିକ୍ଷୟିତ୍ରୀଙ୍କୁ ଛୁରାମାଡ଼ କରିଛନ୍ତି। ଶିକ୍ଷୟିତ୍ରୀଙ୍କୁ ରକ୍ଷା କରିବାକୁ ଯାଇ ଅନ୍ୟ ୪ ଜଣ ସମ୍ପୃକ୍ତ ଯୁବକଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଏହି ଘଟଣା ପରେ ଆକ୍ରମଣକାରୀ ମାନସିକ ଭାରସାମ୍ୟ ହରାଇ ନିଜ ଗଳାକୁ କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଆହତଙ୍କ ମଧ୍ୟରୁ ଗୋଡିପଡା ସର୍ଦ୍ଦାର ପଟେଲ ନୋଡାଲ ହାଇସ୍କୁଲର ଶିକ୍ଷୟିତ୍ରୀ ଲିଲିମା ବେହେରା(୩୫) ଓ ଆକ୍ରମଣକାରୀ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ସୁକାନ୍ତ ବେହେରା(୪୦)ଙ୍କ ଅବସ୍ଥା ଗୁରୁତର ରହିଛି। ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଶିକ୍ଷୟିତ୍ରୀ ଲିଲିମାଙ୍କ ଭଡା ଘରର ମାଲିକ ସନ୍ତୋଷ ସାହୁ(୪୮), ତାଙ୍କ ମାଆ ପଦ୍ମି(୭୦), ପୁଅ ଲିପୁନ୍(୧୭), ଭଣଜା ଅନିଲ(୧୮) ଆହତ ହୋଇଛନ୍ତି। ଆକ୍ରମଣର କାରଣ ଅସ୍ପଷ୍ଟ ରହିଛି। ଶିକ୍ଷୟିତ୍ରୀ ଲିଲିମା ସମ୍ପୃକ୍ତ ଯୁବକଙ୍କୁ ଚିହ୍ନି ନ ଥିବା କହିଛନ୍ତି। ପୋଲିସ ଘଟଣାସ୍ଥଳରୁ ୪ଟି ଛୁରି ଜବତ କରିଛି। ତେବେ ଏହି ଘଟଣା ସମ୍ପର୍କରେ କୌଣସି ସୂଚନା ଦେଇନାହିଁ।

ଶିକ୍ଷୟିତ୍ରୀଙ୍କ ଭାଇ ଗୁଲଶନ ବେହେରାଙ୍କ ଅଭିଯୋଗ ଅନୁସାରେ ପୁରୀ ଜିଲା ସାତପଡାରେ ଲିଲିମାଙ୍କ ଘର। ସେ ଗୋଡିପଡା ସର୍ଦ୍ଦାର ପଟେଲ ନୋଡାଲ ହାଇସ୍କୁଲର ଶିକ୍ଷୟିତ୍ରୀ ଅଛନ୍ତି। ଲିଲିମା ଗୋଡିପଡା ହାଇସ୍କୁଲ ସାହିରେ ସନ୍ତୋଷ ସାହୁଙ୍କ ଘରେ ଭଡାରେ ରହୁଥିଲେ। ତାଙ୍କର ଗୋଟିଏ ପୁଅ ଓ ଝିଅ। ସ୍ୱାମୀ ବାହାରେ ଚାକିରି କରିଛନ୍ତି। ଲିଲିମା ସ୍କୁଲରେ ଥିବାବେଳେ ଜଣେ ଅଜଣା ଯୁବକ ଭଡା ଘର ମାଲିକଙ୍କ ମା’ ପଦ୍ମିଙ୍କୁ ଶିକ୍ଷୟିତ୍ରୀ ଘରେ ଅଛନ୍ତି କି ନାହିଁ ଶନିବାର ଅପରାହ୍ଣରେ ପଚାରିଥିଲେ। ଶିକ୍ଷୟିତ୍ରୀ ସ୍କୁଲକୁ ଯାଇଛନ୍ତି ଶୁଣିବା ପରେ ଯୁବକ ଜଣକ ଚାଲି ଯାଇଥିଲେ। ଅପରାହ୍ଣରେ ଶିକ୍ଷୟିତ୍ରୀ ଘରକୁ ଫେରିବା ବେଳେ ସମ୍ପୃକ୍ତ ଯୁବକ ତାଙ୍କ ପିଛା କରି ଘରେ ପହଞ୍ଚିଥିଲେ। ଘର ସମ୍ମୁଖରେ ତୁମ ସହ କଥା ଅଛି କହି ଶିକ୍ଷୟିତ୍ରୀଙ୍କୁ ଅଟକାଇଥିଲେ। ଶିକ୍ଷୟିତ୍ରୀ କହିଥିଲେ ମୁଁ ଆପଣଙ୍କୁ ଜାଣିନାହିଁ। ତେବେ ଅପେକ୍ଷା କରନ୍ତୁ ଡ୍ରେସ ବଦଳାଇ ଆସୁଛି। ଏତିକି ବେଳେ ଅଜଣା ଯୁବକ ଘରକୁ ପଶିବାକୁ ଉଦ୍ୟମ କରିଥିଲେ। ହେଲେ ଘର ମାଲିକଙ୍କ ମା’ ଯୁବକଙ୍କୁ ଘରେ ପଶିବାକୁ ଦେଇ ନ ଥିଲେ। ଅଜଣା ଯୁବକ ଘର ମାଲିକଙ୍କ ମା’କୁ ମାରପିଟ୍ କରି ଘରେ ପଶି ଶିକ୍ଷୟିତ୍ରୀଙ୍କ ବେକ, ପିଠି ବାମ ହାତକୁ ଛୁରିମାଡ କରିଥିଲେ। ଶିକ୍ଷୟିତ୍ରୀଙ୍କୁ ରକ୍ଷା କରିବାକୁ ଘର ମାଲିକଙ୍କ ପରିବାର ଲୋକେ ଉଦ୍ୟମ କରିଥିଲେ। ଏଥିରେ ୪ଜଣ ଆହତ ହୋଇଥିଲେ। ଏହାପରେ ଘଟଣାସ୍ଥଳରୁ ଅଜଣା ଯୁବକ ଫେରାର ହୋଇ ନ ପାରି ନିଜ ଗଳାକାଟି ଆତ୍ମହତ୍ୟା ଉଦ୍ୟମ କରି ତଳେ ପଡ଼ିଯାଇଥିଲେ। ଏହାକୁ ନେଇ ଗୋଡିପଡାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକ ଗୋଡିପଡା ଫାଣ୍ଡି ପୋଲିସକୁ ଖବର ଦେଇ ଆହତ ଶିକ୍ଷୟିତ୍ରୀ ଓ ଆକ୍ରମଣକାରୀଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ଅପମିଶ୍ରିତ ଘିଅ କାରଖାନାରେ ଚଢ଼ାଉ

କଟକ ଅଫିସ, ୩୦।୧




## ମାଲିକ ଗିରଫ

■ ଘିଅ, ତେଲ, ଡବା ସହ ଅନ୍ୟ ସାମଗ୍ରୀ ଜବତ
■ ପୂଜାରେ ବ୍ୟବହାର ପାଇଁ ପ୍ରସ୍ତୁତ ହେଉଥିଲା

କିଛିଦିନ ବ୍ୟବଧାନ ପରେ କଟକ ସହରରୁ ପୁଣି ଏକ ଅପମିଶ୍ରିତ ଘିଅ କାରଖାନା ଶନିବାର ଠାବ କରାଯାଇଛି। ମର୍କତନଗର ଥାନା ଅଧୀନ ସିଡିଏ ସେକ୍ଟର-୯ ଅଞ୍ଚଳରେ ଥିବା ଏହି ଅପମିଶ୍ରିତ ଘିଅ କାରଖାନା ଉପରେ ସକାଳେ ପୋଲିସ ଚଢାଉ କରିଥିଲା। ସେଠାରୁ ୨୪୮ ଲିଟର ବନସ୍ପତି ଘିଅ, ୩୩୦ ଲିଟର ରାଇସବ୍ରାନ ତେଲ, ୩ କେଜି କୁମ୍‌କୁମ୍ ମଞ୍ଜି, ଘିଅ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ପାମୋଲିନ ତେଲ, ଗୁଆତେଲ, କେମିକାଲ, ପ୍ୟାକିଂ ପାଇଁ ଡବା ସହ ଅନ୍ୟ ସାମଗ୍ରୀ ଜବତ କରିଛି। ଜବତ ଘିଅର ମୂଲ୍ୟ ପ୍ରାୟ ୮୦ ହଜାର ଟଙ୍କା ହେବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଏହି ଘଟଣାରେ କାରଖାନା ମାଲିକ ଦୀପକ ଅଗ୍ରୱାଲଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ମାମଲା(ନଂ.୨୦/୨୧) ରୁଜୁ ହୋଇଛି। ୨୦୧୧ରୁ ଦୀପକ ଢେଙ୍କାନାଳଠାରେ ଅପମିଶ୍ରିତ ଘିଅ ବ୍ୟବସାୟ କରିଆସୁଥିଲେ। ୧ ବର୍ଷ ହେବ ବିନାୟକ ବ୍ରାଣ୍ଡ ଷ୍ଟିକର ମାରି ସ୍ଥାନୀୟ ଅଞ୍ଚଳରେ ସେ ଘିଅ ବ୍ୟବସାୟ କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଜବତ ଘିଅର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଖପୁରିଆଠାରେ ଥିବା ଲାବରେଟୋରିକୁ ପଠାଯାଇଛି। ଜବତ ଘିଅ ପୂଜାରେ ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଥିବା ଦୀପକ ସଫେଇ ଦେଇଛନ୍ତି।

୨୦୨୦ ନଭେମ୍ବର ୨୮ରେ ଚାଉଳିଆଗଞ୍ଜ ଥାନା ଅଧୀନ ନୂଆବଜାର ଅଞ୍ଚଳରେ ଥିବା ଅପମିଶ୍ରିତ ଘିଅ କାରଖାନାରେ ପୋଲିସ ଚଢାଉ କରି ଲକ୍ଷାଧିକ ଟଙ୍କାର ଘିଅ, ରାଶିତେଲ ଓ କେମିକାଲ ଜବତ କରିଥିଲା। ସେହିପରି ନଭେମ୍ବର ୨୯ରେ କଟକ ସଦର ଥାନା ଅଧୀନ ୪୨ ମୌଜା ଶ୍ରୀରାମ ଗ୍ରାମରେ ଥିବା ଅପମିଶ୍ରିତ ଘିଅ ଓ ତେଲ କାରଖାନା ଉପରେ ପୋଲିସ ଚଢାଉ କରି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ କରିଥିଲା। ଜଗତ୍‌ପୁରରେ ଥିବା ଏକ ନକଲି ଘିଅ କାରଖାନା ଉପରେ ମଧ ପୋଲିସ ଚଢାଉ କରିଥିଲା। ଗତ କିଛି ମାସ ମଧରେ କଟକ ସହରର ବିଭିନ୍ନ ସ୍ଥାନରେ ଥିବା ୨୩ରୁ ଊର୍ଦ୍ଧ୍ୱ ନକଲି ଘିଅ, ଗୁଟ୍‌ଖା, ମସଲା ଓ ସିମେଣ୍ଟ କାରଖାନା ଉପରେ ଚଢାଉ କରାଯାଇ ବିପୁଳ ପରିମାଣର ଅପମିଶ୍ରିତ ସାମଗ୍ରୀ ଜବତ କରାଯିବା ସହ ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବିଶେଷକରି ଜଗତ୍‌ପୁର ଅଞ୍ଚଳରୁ ଏକାଧିକ ନକଲି କାରଖାନା ଠାବ କରାଯାଇଥିବାବେଳେ ମାଲଗୋଦାମ, ପିଠାପୁର, ଚାଉଳିଆଗଞ୍ଜ, ନୂଆବଜାର ଅଞ୍ଚଳରେ ଥିବା କାରଖାନାରୁ ବିଭିନ୍ନ ଯନ୍ତ୍ରାଂଶ ଓ ନକଲି ସାମଗ୍ରୀ ପୋଲିସ ଜବତ କରିଥିଲା। ଯାଞ୍ଚବେଳେ ଅଧିକାଂଶ କାରଖାନାର କାଗଜପତ୍ର ଠିକ୍ ନ ଥିବାବେଳେ ଆଉ କେତେକ ବିନା ଲାଇସେନ୍ସରେ ଚାଲୁଥିବା ଜଣାପଡିଥିଲା।

# ୬ରେ ଉତ୍ତର ଓଡ଼ିଶାରେ ବର୍ଷା ସମ୍ଭାବନା

## କେତେକ ସ୍ଥାନରେ ମଧ୍ୟମ ଧରଣର ବର୍ଷା

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ଗତ ଦୁଇ ମାସ ମଧରେ ରାଜ୍ୟରେ ପ୍ରଥମ ଥର ଲାଗି ଶନିବାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗଜପତି ଜିଲାର ଆର. ଉଦୟଗିରିରେ ୨ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ନୂଆପଡା ୨, ସମ୍ବଲପୁରର ବୁର୍ଲାରେ ୨, ଝାରସୁଗୁଡ଼ାର ଲଖନପୁରରେ ୨, ଲଇକେରାରେ ୧, ସୁନ୍ଦରଗଡ଼ର ହେମଗିରିରେ ୧, ହୀରାକୁଦ, ବରଗଡ଼ର ଅତାବିରା, ରାୟଗଡା, ଗଞ୍ଜାମର ମାଧମରିଡା, ଗଜପତିର ମହେନ୍ଦ୍ରଗଡ, କୁଚିଣ୍ଡା, ଜମନକିରା, ସମ୍ବଲପୁରରେ ୧ ସେଣ୍ଟିମିଟର ଲେଖାଏ ବର୍ଷା ହୋଇଛି। ଆସନ୍ତା ୫ ଓ ୬ ଦୁଇଦିନ ଧରି ଆଭ୍ୟନ୍ତରୀଣ ଏବଂ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଟ୍ରଫ୍ ଲାଇନ, ବଙ୍ଗୋପସାଗର ଏବଂ ଆରବସାଗର ପଟୁ ପ୍ରବାହିତ ବାୟୁ ରାଜ୍ୟରେ ବର୍ଷା କରାଇବ। ଏଥିଯୋଗୁ ଢେଙ୍କାନାଳ, ଅନୁଗୋଳ, ବରଗଡ, ସୁନ୍ଦରଗଡ, ସମ୍ବଲପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୧ ତାରିଖରୁ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବ ବୋଲି ପୂର୍ବାନୁମାନ କରାଯାଇଛି।

# କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଧର୍ମେନ୍ଦ୍ର

## ଲିଙ୍ଗରାଜ, ଶୁକଶାରୀ ମନ୍ଦିର ରକ୍ଷଣାବେକ୍ଷଣ

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ମନ୍ଦିରମାଳିନୀ ନଗରୀ ଭୁବନେଶ୍ୱର ଲିଙ୍ଗରାଜ ଓ ଶୁକଶାରୀ ମନ୍ଦିର ପାଇଁ ପ୍ରସିଦ୍ଧ ଅଟେ। ଏହି ଦୁଇ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ବହୁ ପ୍ରାଚୀନ କୀର୍ତ୍ତିରାଜିଗୁଡ଼ିକର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ପାଇଁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲଙ୍କୁ ଚିଠି ଲେଖିଛନ୍ତି। ଏଥିସହ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସଆଇ)ର ଏକ ବିଶେଷଜ୍ଞ ଟିମ୍‌କୁ ପଠାଇ ଏହି ମନ୍ଦିର ଚତୁଃପାର୍ଶ୍ୱରେ ପୋତିହୋଇ ରହିଥିବା ବହୁ ମନ୍ଦିର ଖନନ କରି ବିସ୍ତୃତ ଭାବେ ଗବେଷଣା କରିବାକୁ ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି, ଭୁବନେଶ୍ୱର ଲିଙ୍ଗରାଜ ଓ ଶୁକଶାରୀ ମନ୍ଦିର କୀର୍ତ୍ତିରାଜି ଏଏସ୍‌ଆଇ ଦ୍ୱାରା ସଂରକ୍ଷିତ ରଖାଯାଇଛି। ଓଡ଼ିଶାର ଅମୂଲ୍ୟ ପୁରାତନ କୀର୍ତ୍ତିରାଜିଗୁଡ଼ିକର ସଂରକ୍ଷଣ କରିବା ଆବଶ୍ୟକ ରହିଛି। ନିକଟରେ ଭୁବନେଶ୍ୱର ସର୍କଲର ଶାରୀ ମନ୍ଦିରର ଉତ୍ତର ପଶ୍ଚିମ ଦିଗରେ ଏଏସ୍‌ଆଇ ଖନନ କରି ୧୦ମ ଓ ଏକାଦଶ ଶତାବ୍ଦୀ ସୋମବଂଶୀ ଶାସନକାଳର ବହୁ ମୂଲ୍ୟବାନ କୀର୍ତ୍ତିରାଜିର ଆବିଷ୍କାର କରିଛନ୍ତି। ଏଥିସହିତ ଏଏସ୍‌ଆଇ ଉକ୍ତ ମନ୍ଦିରର ୨ କିଲୋମିଟର ବ୍ୟାସାର୍ଦ୍ଧ ମଧରେ ଖନନ କରିବା ବେଳେ ଅନ୍ୟ ଦୁଇଟି ପୁରାତନ ଭଗ୍ନାବଶେଷର ମଧ ସନ୍ଧାନ କରିଛନ୍ତି। ଏଥିସହିତ ଆହୁରି ଅନେକ ପୁରାତନ କୀର୍ତ୍ତି ମାଟି ତଳେ ରହିଥିବା ଅନୁମାନ କରାଯାଉଛି। ଓଡ଼ିଶାର ପ୍ରାଚୀନ ମନ୍ଦିରର ସ୍ଥାପତ୍ୟ, କଳା, ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ମହତ୍ତ୍ୱକୁ ଧାନରେ ରଖି ଏକାମ୍ର କ୍ଷେତ୍ର ଭୁବନେଶ୍ୱରକୁ ଏଏସ୍‌ଆଇର ଏକ ବିଶେଷଜ୍ଞ ଟିମ୍ ପଠାଇବାକୁ ଧର୍ମେନ୍ଦ୍ର କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ଶିଶୁକନ୍ୟାକୁ ପୋଷ୍ୟ ଗ୍ରହଣ କଲେ ଇଟାଲୀ ଦମ୍ପତି

ବ୍ରହ୍ମପୁର ଅଫିସ,୩୦।୧



ପୋଷ୍ୟ ସନ୍ତାନ ଗ୍ରହଣ କରୁଛନ୍ତି ଇଟାଲୀ ଦମ୍ପତି।

ଗଞ୍ଜାମ ଜିଲା ଉତ୍କଳ ବାଳାଶ୍ରମରେ ପାଳିତ ହେଉଥିବା ଶିଶୁ କନ୍ୟାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବାକୁ ବିଦେଶୀମାନେ ପସନ୍ଦ କରୁଛନ୍ତି। ଗତ ଡିସେମ୍ବର ୧୦ରେ ସ୍ପେନର ଏକ ଦମ୍ପତି ଜଣେ ଶିଶୁକନ୍ୟାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ସେହିଭଳି ଶନିବାର ଇଟାଲୀ ଜେନେଭା ସହରର ଦମ୍ପତି ଗାମ୍ବୋଲା ନିକେଲ ଓ ଉବେଜିଓ ଏଲିମା ମଧ ଏକ ଶିଶୁକନ୍ୟାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ଇଟାଲୀ ଦମ୍ପତି ଏହି ଶିଶୁକନ୍ୟାଟିକୁ ପୋଷ୍ୟ ଗ୍ରହଣ କରିଛନ୍ତି। ୨୦୧୭ ଡିସେମ୍ବର ୧୬ରେ ଏମ୍‌କେସିଜି ମେଡିକାଲ ରାସ୍ତା କଡ଼ରୁ ଉଦ୍ଧାର ହୋଇଥିବା ନବଜାତ ଶିଶୁକନ୍ୟାଟି ଗୋଷାଣୀନୂଆଗାଁ ଉତ୍କଳ ବାଳାଶ୍ରମରେ ରହି ସ୍ପେଶାଲ ଆଡ୍‌ପଶନ ଏଜେନ୍ସି (ସା) ଦ୍ୱାରା ଲାଳନ ପାଳନ ହେଉଥିଲା। ଝିଅଟି ନାମ ସ୍ନେହା। ତା’ର ଜନ୍ମ ସ୍ଥାନ ବ୍ରହ୍ମପୁର ହୋଇଥିବା ବେଳେ ସେ ଏବେ ଇଟାଲୀରେ ରହି ନିଜ ଭବିଷ୍ୟତ ଗଢ଼ିବ ବୋଲି ମା’ ଏଲିମା କହିଛନ୍ତି। ସ୍ନେହା ଏବେ ୨/୩ ଦିନ ଭିତରେ ଇଟାଲୀରେ ନୂତନ ସୂର୍ଯ୍ୟ ଦେଖିବ। ସୂଚନାଯୋଗ୍ୟ, ସା’ରେ ରହୁଥିବା ଶିଶୁ କନ୍ୟାକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ପୂର୍ବରୁ ଇଟାଲୀ ଦମ୍ପତି ସମସ୍ତ ପ୍ରକାର ଆଇନଗତ ପ୍ରକ୍ରିୟା ଶେଷ କରିଥିଲେ ବୋଲି ସା’ର ଅଧ୍ୟକ୍ଷ ସିବିୟନ ପ୍ରଧାନ କହିଛନ୍ତି। ଶିଶୁ ହସ୍ତାନ୍ତର ବେଳେ ଶିଶୁ ମଙ୍ଗଳ କମିଟି ସଦସ୍ୟା ସିଏଚ୍ ଜ୍ୟୋତି, ସଦସ୍ୟ ଶ୍ୟାମକାନ୍ତ ଜେନା, ଡିସିପିଓ ସୁବୋଧ ଷଡଙ୍ଗୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରେଖା ସୁନ୍ଦରୀ ମଲ୍ଲିକ, ବାଳାଶ୍ରମ ସୁପରିଣ୍ଟେଣ୍ଡେଣ୍ଟ ସସ୍ମିତା ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶ ସୀମା ଜଗିବେ ଭଉଣୀ ଭାଇ

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଟିହିକିପାଲି ଗ୍ରାମର ରାତ୍ର ବାରିକଙ୍କ ସାନ ଝିଅ ରଶ୍ମିତା ଓ ଏକମାତ୍ର ପୁଅ ପ୍ରଭାତ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍)ରେ ଯୋଗ ଦେବାକୁ ମନୋନିତ ହୋଇଛନ୍ତି। ସଦ୍ୟ ପ୍ରକାଶିତ ପରୀକ୍ଷାଫଳରେ ଉଭୟ ଏହି କୃତିତ୍ୱ ଅର୍ଜନ କରିଥିବା ଜଣାପଡିଛି। ଦେଶ ମାତୃକାର ସେବା ପାଇଁ ଯାଉଥିବା ଚାଷୀ ପରିବାରର ଏହି ଭଉଣୀ ଭାଇଙ୍କ ମନକଥାକୁ ନେଇ ଉପସ୍ଥାପନା ।

ରିପୋର୍ଟ: ପ୍ରେମାନନ୍ଦ ଖମାରୀ

### ଦେଶସେବା କରିବାର ସ୍ୱପ୍ନ ସାକାର ହେଲା



ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷାଲାଭ ପରେ କାଦୋବାହାଲ କଲେଜରେ ଯୁକ୍ତ ଦୁଇ ଏବଂ ବିନିକା ସିଦ୍ଧାର୍ଥ କଲେଜରେ ସ୍ନାତକ ଡିଗ୍ରୀ ଶେଷ କରିଛି। ପିଲାବେଳୁ ପୋଲିସରେ ଯୋଗଦେବା ପାଇଁ ଇଚ୍ଛା ରହିଥିଲା। ସେଥିପାଇଁ ଅଭ୍ୟାସ ଜାରି ରଖି ବିଭିନ୍ନ ପରୀକ୍ଷା ଦେଇଛି। ତେବେ ସେହି ପରୀକ୍ଷାଗୁଡ଼ିକରେ ବିଫଳ ହେଉଥିଲେ ସୁଦ୍ଧା ସଫଳତା ଲକ୍ଷ୍ୟରେ ସବୁବେଳେ ରହିଥିଲି। ସୀମା ସୁରକ୍ଷା ବାହିନୀରେ ଯୋଗଦେବା ପାଇଁ ମୁଁ ଓ ମୋ ଭାଇ ଏକାସାଥୀରେ ମନୋନୀତ ହେବା ପରେ ବହୁତ ଖୁସି ଲାଗୁଛି। ଏଭଳି ସଫଳତା ମିଳିବ ବୋଲି କେବେ ସୁଦ୍ଧା ଭାବି ନ ଥିଲି। ଭଗବାନ ପରିଶ୍ରମର ଫଳ ଦେଲେ ଏବଂ ସ୍ୱପ୍ନ ସାକାର ହେଲା ବୋଲି ଅନୁଭବ କରୁଛି। ଉଭୟ ଭଉଣୀ ଭାଇ ବିଏସ୍‌ଏଫ୍‌ରେ ଯୋଗଦେବାର ସୁଯୋଗ ପାଇ ଖୁସି ଅଛୁ।

–ରଶ୍ମିତା ବାରିକ

### ଗ୍ରାମବାସୀଙ୍କ ଉତ୍ସାହରୁ ସଫଳତା ମିଳିଛି



ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ଲାଭ କରିଛି। ତୁରୁମ ହାଇସ୍କୁଲରେ ମାଟ୍ରିକ ପାସ୍ ବରଗଡ଼ ପଞ୍ଚାୟତ କଲେଜରେ ଯୁକ୍ତ ଦୁଇ ଓ ସ୍ନାତକ ଡିଗ୍ରୀ ଶେଷ କଲି। ପରିବାର ସହିତ ଗାଁ ଲୋକଙ୍କ ଉତ୍ସାହରୁ ମୋତେ ଏହି ସଫଳତା ମିଳିଛି। ପିଲାବେଳୁ ଗାଁ ଲୋକେ ଆମ ଶାରୀରିକ ଗଠନକୁ ଦେଖି ଆଗାମୀ ଦିନରେ ପୋଲିସ ହେବେ ବୋଲି କହୁଥିଲେ। ତାହା ଆମକୁ ପିଲାଦିନୁ ପୋଲିସ କିମ୍ବା ସେନା ବାହିନୀରେ ଯୋଗ ଦେବାକୁ ଉତ୍ସାହିତ କରିଥିଲା। ଏଥିପାଇଁ କେବଳ ଘରେ ଅଭ୍ୟାସ କରୁଥିଲୁ। କେବେ କୌଣସି କୋଚିଂ କିମ୍ବା ବାହାରେ ପ୍ରସ୍ତୁତି କରିନାହୁଁ। ଶେଷରେ ଲକ୍ଷ୍ୟସ୍ଥଳକୁ ଆମେ ଭଉଣୀ ଭାଇ ପହଞ୍ଚି ପାରିଛୁ। ଦେଶସେବା କରିବାର ସୁଯୋଗ ପାଇଛୁ।

– ପ୍ରଭାତ ବାରିକ

ଧରିତ୍ରୀ
DHARITRI
ରବିବାର, ୩୧ ଜାନୁୟାରୀ, ୨୦୨୧

> ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। —ଶ୍ରୀଅରବିନ୍ଦ



# ମୋଦିଙ୍କ ୮ମ ବଜେଟ



ଆକାର ପଟେଲ

ଉପସ୍ଥାପନ ହେବାକୁ ଯାଉଛି ମୋଦି ସରକାରଙ୍କ ୮ମ ବଜେଟ। ଚଳିତ ଆର୍ଥିକବର୍ଷ ଅର୍ଥାତ୍ ଏପ୍ରିଲ ୨୦୨୧ରୁ ମାର୍ଚ୍ଚ ୨୦୨୨ ମଧ୍ୟରେ ସାମଗ୍ରୀ ଓ ସେବାର ମୋଟ ଘରୋଇ ଉତ୍ପାଦ (ଜିଡିପି) ଏପ୍ରିଲ ୨୦୨୦ରୁ ମାର୍ଚ୍ଚ ୨୦୨୧ର ଜିଡିପି ତୁଳନାରେ ୧୧% ଅଧିକ ହେବ ବୋଲି କୁହାଯାଉଛି। ଅଭିବୃଦ୍ଧି ୬% ହେବ ଏହି ତଥ୍ୟ ଗତ ବର୍ଷ ଆର୍ଥିକ ସର୍ଭେରେ ପ୍ରକାଶ କରାଯାଇଥିଲା। କିନ୍ତୁ ଏହା ପରିବର୍ତ୍ତେ ଅଭିବୃଦ୍ଧି -୭.୭% ହେଲା। ଆସନ୍ତା ବର୍ଷ ସରକାର ପୁଣି କହିବେ ଯେ, ଭାରତ ହେଉଛି ବିଶ୍ୱର 'ସବୁଠୁ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା'। ଏଭଳି କହିବା ପଛରେ ବି କାରଣ ରହିଛି। ଏଥର ନକାରାତ୍ମକ ଅଭିବୃଦ୍ଧିରେ ସୁଧାର ଆସି ୨୦୧୯ରୁ ୨୦୨୨ ଦୁଇ ଆର୍ଥିକ ବର୍ଷରେ ଆମେ ପ୍ରାୟ ୨.୨%ର ମଧ୍ୟମ ଧରଣର ଅଭିବୃଦ୍ଧି ହାସଲ କରିସାରିଥିବା। ହେଲେ ଅଭିବୃଦ୍ଧି ନକାରାତ୍ମକରୁ ସକାରାତ୍ମକ ହେବା ମରୀଚିକା ସଦୃଶ। କାରଣ ଆମର ନୈରାଶ୍ୟଜନକ ଅଭିବୃଦ୍ଧିର ରେକର୍ଡ ରହିଛି। ବାସ୍ତବରେ ଆଶା କରାଯାଉଥିବା ଅଭିବୃଦ୍ଧି ହାସଲ ହୋଇପାରିବ ନାହିଁ। ଚଳିତ ସପ୍ତାହରେ ସରକାର କହିଲେ ଯେ, ୨୦୧୯-୨୦ର ଅଭିବୃଦ୍ଧି ୪.୨% ଥିଲା। ଏହା ମଧ୍ୟ ପୂର୍ବରୁ ବି କହିଥିଲେ। କିନ୍ତୁ ବାସ୍ତବରେ ତାହା ଥିଲା ୪%। ଏହାହିଁ ପ୍ରକୃତ ଧାରା, ଯେଉଁଥିରେ ଆମେ ଚାଲିଛୁ। ସତ କହିବାକୁ ଗଲେ ଏହା ୪%ଠାରୁ ବି କମ୍ ରହିଥିଲା।

ମୁଖ୍ୟ କଥା ହେଉଛି, ଏହା ମୋଦିଙ୍କ ୮ମ ବଜେଟ। ବଡ଼ ସଫଳତା କି ବୃହତ୍ ଯୋଜନା ସମ୍ପର୍କରେ ଆମର କିଛି ଧାରଣା ଅଛି କି? ମୋଦିଙ୍କ ନିନ୍ଦୁକ କି ପ୍ରଶଂସକ ବୋଲି ନିଜକୁ ପରିଚୟ ଦେଇପାରିବା କି? ନା, ଆମେ ଏହା କରିପାରିବା ନାହିଁ। କାରଣ, ଜାତୀୟ ସୁରକ୍ଷା ନୀତିକୁ ପରିଚାଳିତ କରୁଥିବା ମୋଦିଙ୍କର ଜଣେ ବନ୍ଧୁଙ୍କ କଥାରେ ଆମେ ଚାଲିଛୁ। କିଏ ମେକ୍ ଇନ୍ ଇଣ୍ଡିଆକୁ ମନେରଖିଛି? ମେକ୍ ଇନ୍ ଇଣ୍ଡିଆ ପଛରେ ଯୁକ୍ତି ଦର୍ଶାଯାଇଥିଲା ଯେ, ମାନୁଫାକ୍ଚରିଂ ସେକ୍ଟରର ଶେୟାର ବୃଦ୍ଧି କରି ଆମେ ଫର୍ମାଲ ସେକ୍ଟରରେ ଅଧିକ ନିଯୁକ୍ତି ସୃଷ୍ଟି କରିପାରିବା। ଭଲ କଥା, ହେଲେ ଜିଡିପିର ମାନୁଫାକ୍ଚରିଂ ଶେୟାର ମେକ୍ ଇନ୍ ଇଣ୍ଡିଆ ଯୋଜନା ଆରମ୍ଭ ହେବା ପରଠାରୁ ୧୫%ରୁ ୧୪%କୁ ଖସିଛି ଏବଂ କୋଭିଡ ପରେ ସମ୍ଭବତଃ ଏହା ୧୩% ରହିଛି। ବେରୋଜଗାରି ମଧ୍ୟ ବଢ଼ିଚାଲିଲା। ମୋଦି କ୍ଷମତାକୁ ଆସିବା ପୂର୍ବରୁ ଏହା ୪% ଥିଲା। ତା'ପରେ ୬% ଏବଂ ୯% ହେଲା। ବାସ୍ତବରେ ଏହି ତଥ୍ୟ ବି ଠିକ୍ ନୁହେଁ। କାରଣ ଆମେ ଶ୍ରମ ଶକ୍ତି ବିନିଯୋଗ ହାରରେ ସବୁଠୁ ତଳେ ରହିଛୁ। ଅର୍ଥାତ ଚାକିରି ନ ଥିବା ଏବଂ କାମ କରିବା ପାଇଁ ଚାହୁଁ ନ ଥିବା ଲୋକମାନଙ୍କ ସଂଖ୍ୟା ମଧ୍ୟ ଢ଼େର ଉଚ୍ଚ ରହିଛି। ପ୍ରକୃତରେ ମୂଳ ସ୍ଥିତିକୁ ଫେରିବାକୁ ୮ଟି ବଜେଟ ଯଥେଷ୍ଟ। ଏହି ବଜେଟ ସଂଖ୍ୟା ନରସିମା ରାଓଙ୍କ ଠାରୁ ବି ବେଶି, ଏହା ବାଜପେୟୀଙ୍କଠାରୁ ବେଶି କିମ୍ବା କମ୍ ହୋଇପାରେ। ବାଜପେୟୀଙ୍କ ନେତୃତ୍ୱରେ ଜନସଂଘ ଭାରତୀୟମାନଙ୍କ ଦରମା ୨୦୦୦ ଟଙ୍କାରେ ସୀମିତ ରଖିବାକୁ ପ୍ରତିଜ୍ଞା କରିଥିବା କଥା ଲୋକମାନେ ହୁଏତ ଜାଣି ନ ଥିବେ। ଏହାଠାରୁ ଅଧିକ ଆୟ ହେଲେ ତାହାକୁ ସରକାର ନେବେ ବୋଲି କହିଥିଲା (ଏହାର ସବିଶେଷ ବିବରଣୀ ମୋ ଶେଷ ବହି 'ଆୱାର ହିନ୍ଦୁରାଷ୍ଟ୍ର'ରେ ରହିଛି)। ବାଜପେୟୀ ମଧ୍ୟ କହିଥିଲେ, ୧୦୦୦ ବର୍ଗ ଗଜ ଜାଗାରେ ଘର କରିବା ଲାଗି ଭାରତୀୟମାନଙ୍କୁ ତାଙ୍କ ପାର୍ଟି ବାଧ୍ୟ କରିବ। ଏଭଳି ସମାଜବାଦୀ ଚିନ୍ତାଧାରାରେ ଥିବା ବାଜପେୟୀ କେନ୍ଦ୍ରରେ ଏକ ସରକାର ଚଳାଇଲେ, ଯାହା ପୂର୍ବ ସରକାରଗୁଡ଼ିକ ତୁଳନାରେ ଅଧିକ ଘରୋଇକରଣ କୈନ୍ଦ୍ରିକ ହୋଇଗଲା। ୨୦୦୪ରେ 'ଇଣ୍ଡିଆ ସାଇନିଂ' ଥିଲା ବାଜପାୟୀଙ୍କ ନିର୍ବାଚନ ସ୍ଲୋଗାନ। କାରଣ ତାଙ୍କ ଆର୍ଥିକ ନୀତି ଅଧିକ ସଶକ୍ତ ଓ ସମ୍ପୂର୍ଣ୍ଣ ଭିନ୍ନ ଥିଲା, ଯାହାକୁ ନେଇ ଦେଶକୁ ବିକଶିତ କରିପାରିବେ ବୋଲି ସେ ବିଶ୍ୱାସ କରୁଥିଲେ। ନିର୍ବାଚନ ହାରିଗଲେ। କିନ୍ତୁ ଭୁଲ ନୀତି ଯୋଗୁ ହାରି ନ ଥିଲେ, ଯଦିଓ ତାଙ୍କ ନୀତିଗୁଡ଼ିକ ଉଲ୍ଲେଖନୀୟ ଥିଲା। ୨୦୧୪ ପରଠାରୁ ଭାରତରେ ଯାହା ଘଟିଛି, ତା'ସମ୍ପର୍କରେ ଏହି ସମାନ କଥା କହିପାରବା କି?

ମୋଦି ନୀତି ଆୟୋଗ ଗଠନ କଲେ। ଏହାର ପ୍ରଥମ ମୁଖ୍ୟ ଅରବିନ୍ଦ ପାନଗରିୟା କହିଚାଲିଲେ ଯେ, ଖୋଲା ଏବଂ କଟକଣାବିହୀନ ମୁକ୍ତ ବାଣିଜ୍ୟ ଦେଶର ଅର୍ଥ ବ୍ୟବସ୍ଥାରେ ଶୀଘ୍ର ଅଭିବୃଦ୍ଧି ପାଇଁ ଏକମାତ୍ର ବାଟ। ଏବକାର ମୁକ୍ତ ବାଣିଜ୍ୟର ବିପରୀତ ନୀତି ଉପରେ ପାନଗରିୟା ନିଶ୍ଚୟ ଦୁଃଖ ପ୍ରକାଶ କରୁଥିବେ। ଆତ୍ମନିର୍ଭର ଭାରତ ଅର୍ଥ ଆମଦାନୀ ବିକଳ୍ପ। ଅନ୍ୟ ଅର୍ଥରେ କହିବାକୁ ଗଲେ ବିଦେଶରୁ ଆମଦାନୀ କରାଯାଉଥିବା ଶସ୍ତା ଜିନିଷଗୁଡ଼ିକ ଉପରେ ବେଶି ଟିକସ ଲଗାଇବା, ଯଦ୍ୱାରା ଭାରତୀୟ କମ୍ପାନୀଗୁଡ଼ିକ ତାହାକୁ ଭାରତୀୟମାନଙ୍କୁ ଅଧିକ ଦାମରେ ବିକ୍ରି କରିବେ। ଏହା କ'ଣ ଏକ ଉତ୍ତମ ଅର୍ଥନୀତି?

ଶାସନରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ପାଇଁ ୮ଟି ବଜେଟ ସରକାର ପାଇଁ ଅତ୍ୟଧିକ ସମୟ। କିନ୍ତୁ ତାହା ହୋଇପାରିଲା ନାହିଁ। ଏହା ସୂଚାଉଛି ଭାରତ କେଉଁଠି ଥିଲା, ଆମେ ଏବେ କେଉଁଆଡ଼େ ମୁହାଁଇଛୁ ଓ ଆଗକୁ କେମିତି ଏହା ହାସଲ କରବୁ, ତା'ଉପରେ କେହି ଜଣେହେଲେ ଏପରିକି ସରକାରରେ ଥିବା ବ୍ୟକ୍ତିମାନେ ବି ଏହାର ଉତ୍ତର ରଖିପାରିବେ ନାହିଁ। କାରଣ ଏବେ କୌଣସି ଆଖିଦୃଶିଆ ନୀତି ନାହିଁ। ନିର୍ଦ୍ଦିଷ୍ଟ ଭାବେ ଏହି ବଜେଟ 'ଗେମ୍ ଚେଞ୍ଜର' ହେବ ବୋଲି ବିଶ୍ୱାସ କରାଯାଉଛି, ଯାହା ପାଇଁ ଦେଶବାସୀ ଚାହିଁ ରହିଛନ୍ତି। ତେବେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ତାଙ୍କ ଅଭିଭାଷଣ ରଖିବା ପରେ ତାହା ଅର୍ଥହୀନ ପ୍ରମାଣିତ ହେବ ଏବଂ ଯେଉଁ ପରିମାଣର ବଜେଟ ଆସିବ ତାହା ଆଶାଠାରୁ ବହୁ ଦୂରରେ ରହିଯିବା କଥା ପୁଣି ଶୁଣିବେ। କିନ୍ତୁ ଆମେ ଏହି ଧାରାରେ ଏମିତି ଦ୍ୱନ୍ଦ୍ୱ ଭିତରେ ଚାଲୁଥିବା। ଗତ ୮ଟି ବଜେଟରେ କ'ଣ ସବୁ ଘଟିଛି, ତାହା ଉପରେ ଆମେ ଗଭୀର ଭାବେ ଚିନ୍ତା କରିପାରିବା ନାହିଁ। ଏକ ସମର୍ଥ ଏବଂ ଦେଖିଲାଭଳି ବଜେଟ ନୁହେଁ, ବରଂ କରିସ୍ମା ଏବଂ କପଟ ଦ୍ୱାରା ଅର୍ଥ ବ୍ୟବସ୍ଥାକୁ ଚଳାଇବା ଲାଗି ଆମେ ଏହି ଦେଶକୁ ଅନୁମତି ଦେଇଚାଲିଥିବା।

Email:aakar.patel@gmail.com

# ଟିକା ପରେ ବି ଟିକେ ଅପେକ୍ଷା କର



ସହଦେବ ସାହୁ

ଲୋକେ ଟିକା ନେଲେଣି, ଏଣିକି ଯୁଆଡ଼େ ସିଆଡ଼େ ଯିବା-ଏମିତି ନିରାପଦ ଅବସ୍ଥା ଆସିଗଲା ବୋଲି ଭାବନ୍ତୁ ନାହିଁ। ଏବେ ଡାକ୍ତର ଡାକ୍ତରାଣୀ ତ ଟିକା ନେଲେଣି, ସ୍ୱାସ୍ଥ୍ୟ ସେବକ ସେବିକାମାନେ ଟିକା ନେଇ ସାରିଲେଣି, ତେଣୁ ସେମାନଙ୍କ ସାଙ୍ଗରେ ମିଶିବା ତ? କିଛିଦିନ ଭିତରେ ଜେଜେମା' ଜେଜେବାପା କି ଆଇ ଅଜା ବି ଟିକା ନେଇ ସାରିଥିବେ, ତା' ପରେ ଆମ ମା' ବାପା, ଶାଶୁ ଶ୍ୱଶୁର ଟିକା ନେବେ। ଏଥର ଛୁଟି କଟାଇବାକୁ ବିମାନରେ ଯିବା ତ! ଟିକା ନେଇଥିବା ଲୋକଙ୍କ ସାଙ୍ଗରେ ମିଶିଲେ କ୍ଷତି ଅଛି କି ?

ଯୁବତୀ ଯୁବକମାନେ ଟିକା ନେବାକୁ ବର୍ଷେ ପାଖାପାଖି ଲାଗିଯିବ, ଟିକା ନେଇ ନ ଥିବା ଲୋକ ଟିକା ନେଇଥିବା ଡାକ୍ତର ଓ ସେବକମାନଙ୍କ ସହ ପାଖାପାଖି ବସିପାରିବୁ କି? ପିଲାମାନେ ଟିକା ନେବାର ବେଳ କେବେ ଆସିବ ଜଣାନାହିଁ, ନିକଟ ଭବିଷ୍ୟତରେ ଟିକା ନେବେ ନାହିଁ, କାରଣ ପିଲାମାନଙ୍କ ଉପରେ ଏ ଟିକା ପରୀକ୍ଷିତ ହୋଇନାହିଁ, ଫଳ କ'ଣ ହେବ ଜଣାନାହିଁ। ଏତିକି ଜଣାପଡିଛି ଯେ, ପିଲାମାନଙ୍କଠାରେ କରୋନା ଭୂତାଣୁର ପ୍ରତିକୂଳ ପ୍ରଭାବ ବେଶି କିଛି ପଡୁନାହିଁ। ପିଲାମାନଙ୍କ ଦେହରେ ସେମାନଙ୍କ ରୋଗପ୍ରତିରୋଧକ ଶକ୍ତି ବେଶ୍ କାମ କରୁଛି। କରୋନାକୁ ରୋକିପାରୁଛି । ଏବେ ସେମାନଙ୍କୁ ଟିକା ଦିଆଯିବ ନାହିଁ । ଜେଜେମା' ଜେଜେବାପା କି ଆଇ ଅଜାଙ୍କ କୋଳରେ ନାତୁଣୀ ନାତିମାନେ ଖେଳିପାରିବେନି କି ? ପିଲାମାନେ ବିକଳ ହେଲେଣି ସେମାନଙ୍କ କୋଳରେ କେବେ ବସିବେ।

ପିଲାମାନେ ପଚାରୁଛନ୍ତି ଏବେ ମୋ ଡାକ୍ତର ମା' ତ ଟିକା ନେଇଗଲାଣି, ମୁଁ ତା' କୋଳରେ ଖେଳିବାକୁ ଚାହୁଁଛି। ଘର ଭିତରେ କି ବିମାନ ଭିତରେ ମାସ୍କ ନ ପିନ୍ଧି ଯାଇ ହେବ କି? ଆମେ କ'ଣ ଅପେକ୍ଷା କରିବା ସମସ୍ତେ ଟିକା ନେଇ ସାରିଲା ପର୍ଯ୍ୟନ୍ତ? ବର୍ଷେ ହେଲା ଚୁପ୍‌ଚାପ୍ ରହିଛୁ, ଆଉ କେତେ ଦିନ ରହିବୁ। ଆମେ କ'ଣ ଭାଗ ଭାଗ ହୋଇ ମିଶିବା।

ଯୁକ୍ତରାଷ୍ଟ୍ର ଆମେରିକା ଦୁଇଟି କରୋନା ଭାଇରସ ଟିକା ବ୍ୟବହାରର ଅନୁମତି ଦେଇଛି, ଫାଇଜର-ବୋୟୋଟେକ୍ ଏବଂ ମଡର୍ନା। ଆମ ଦେଶରେ ଭାରତ ବୋୟୋଟେକ୍‌ଙ୍କ କୋଭାକ୍ସିନ୍‌କୁ ଓ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଦ୍ୱାରା ତିଆରି ଅକ୍ସଫୋର୍ଡ-ଅଷ୍ଟ୍ରାଜେନେକାଙ୍କ କୋଭିଶିଲ୍ଡକୁ ଜରୁରୀ ବ୍ୟବହାର ପାଇଁ ସୀମିତ କରି ସରକାର ଅନୁମତି ଦେଇଥିଲେ। ୨୦୨୧ ଜାନୁୟାରୀ ୯ରୁ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଲୋକ ଟିକା ନେବେ। ପିପିଇ କିଟ୍‌ସ, ମାସ୍କ, ଭେଣ୍ଟିଲେଟର ଓ ଟେଷ୍ଟିଂ କିଟ୍ ଆଗରୁ ଆମଦାନୀ କରୁଥିବା ବେଳେ ଏବେ ଆତ୍ମନିର୍ଭର ହୋଇଥିବା ଭାରତ ସାରା ଦୁନିଆକୁ ରକ୍ଷା କରିପାରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଆଗଧାଡ଼ିର ଓ ଅତ୍ୟାବଶ୍ୟକ ୨ କୋଟି କର୍ମଚାରୀଙ୍କ ସହିତ ୫୦ରୁ ବୟସାଧିକ ତଥା ଦୁରାରୋଗଗ୍ରସ୍ତ ୨୭ କୋଟି ଲୋକଙ୍କୁ ଟିକା ଦିଆଯିବ। ପ୍ରସଙ୍ଗ କ୍ରମେ କୁହାଯାଇପାରେ ଯେ, ବିଶ୍ୱରେ ଭାରତ ଏକମାତ୍ର ଗଣତନ୍ତ୍ର; ଯିଏ ମହାମାରୀରେ ଶକ୍ତରୁ ଆହୁରି ଶକ୍ତ ହୋଇପାରୁଛି। ସ୍ୱାଧୀନତା ପାଇବା ବେଳେ ଏଭଳି ଏକ ଗରିବ ଓ ଅଶିକ୍ଷିତ ଦେଶ ଦିନେ ଭୁଶୁଡ଼ି ପଡ଼ିବ ବୋଲି କହୁଥିବା ଲୋକେ ଏବେ ଦେଖନ୍ତୁ କିପରି ତାହା ବିଶ୍ୱର ଟିକା ଓ ଔଷଧର କାରଖାନା ହୋଇପଡ଼ିଛି।

କିନ୍ତୁ ପ୍ରଶ୍ନ ରହିଛି ଟିକା ଆସିଗଲେ କ'ଣ ଲୋକେ ସୁରୁଖୁରୁରେ ବୁଲାବୁଲି କରିପାରିବେ? ସଂକ୍ରମଣର ଭୟ ଆଉ ରହିବ ନାହିଁ? ଟିକା ନେଲେ କ'ଣ ଲୋକଟି କାହାକୁ ସଂକ୍ରମିତ କରିବ ନାହିଁ? କିନ୍ତୁ ଆମେ ଜାଣୁ ଯେ ଲକ୍ଷଣ ଦେଖାଉ ନ ଥିବା ଲୋକ ବି କରୋନା ଭୂତାଣୁ ଛାଡ଼ିପାରେ, ତା' ହେଲେ ଟିକାନେଇଥିବା ଲୋକ ଦେହରେ ବି ଭୂତାଣୁ ଥାଇପାରେ ଓ ସେ ଭୂତାଣୁ ବିଛୁଡ଼ି ପାରେ। ତାହାଛଡ଼ା ଏଯାବତ୍ ଯାହା ଟିକା ଦିଆଯାଉଛି ତାହା ଜରୁରିକାଳୀନ ବ୍ୟବହାର ପାଇଁ ଅର୍ଥାତ୍ ପରୀକ୍ଷାମୂଳକ ଭାବେ ଦିଆଚାଲିଛି, ସେଗୁଡ଼ିକର ଫଳକୁ ଅପେକ୍ଷା। ଅବଶ୍ୟ ଇତିମଧ୍ୟରେ ପ୍ରଥମ ପାନ (ଡୋଜ୍) ଟିକାର ଖରାପ ଫଳ ପ୍ରାୟ ମିଳିନାହିଁ। ତେଣୁ କିଛିଦିନ ଅପେକ୍ଷା କରିବାକୁ ପଡ଼ିବ ; ଯେତେବେଳେ ଆମେ ଭୂତାଣୁରୁ ମୁକ୍ତ ହେଲୁଣୁ ବୋଲି କହିପାରିବା । ପୁଣି ୧୬ରୁ କମ୍ ବୟସର ପିଲାଙ୍କୁ ଟିକା ଦିଆଯିବ ନାହିଁ, ଯେପର୍ଯ୍ୟନ୍ତ ଅନ୍ୟ ସମସ୍ତଙ୍କୁ ଟିକାଦିଆ ନ ସରିଛି। କାରଣ ପିଲାଙ୍କୁ ସହଜରେ କୋଭିଡ୍-୧୯ ଭୂତାଣୁ ସଂକ୍ରମଣ କରେ ନାହିଁ। ଘରେ ଥିବା ସବୁ ବୟସ୍କ ଲୋକେ ଟିକା ନେଇଗଲେ ତୁମେ ନିରାପଦ ମନେକର ନାହିଁ। ଅନ୍ତତଃ ଏବେ ନୁହେଁ।

ଏ ତ ହେଲା ଆମ ଦେଶର କଥା। ପୃଥିବୀ କଥା ଦେଖନ୍ତୁ। ଗୋଟିଏ ବର୍ଷ ଭିତରେ କୋଭିଡ୍ ମହାମାରୀ କୋଟିଏ ଷାଠିଏ ଲକ୍ଷ ଲୋକଙ୍କ ଜୀବନ ନେଲାଣି ବୋଲି ଜାତିସଂଘ କହୁଛି। ଜାତିସଂଘର ୭୫ ବର୍ଷ ଜୀବନକାଳ ଭିତରେ ଏହା ହେଉଛି ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସଙ୍କଟ। କିନ୍ତୁ ଜାତିସଂଘକୁ ସାହସିକ ପଦକ୍ଷେପ ନେବା ପାଇଁ ଧନୀ ଦେଶମାନେ ଅନୁମତି ଦେଉନାହାନ୍ତି।

ବର୍ତ୍ତମାନ ଦରକାର ଜନତାର ଟିକା। ଏହାର ମାନେ ଜାତିସଂଘ ଏପରି ଏକ ଟିକା ଉପରେ ଜୋର୍ ଦେବା କଥା, ଯାହା କି ଗରିବତମ ଲୋକର ହାତ ପାହାନ୍ତାରେ ମିଳିବ। କିନ୍ତୁ ତାହା ହେଉନାହିଁ। ଡିସେମ୍ବର ୧୦ର ଏକ ଖବରରୁ ଆମେ ଜାଣିଲୁ ଯେ ସେତେବେଳର ରାଷ୍ଟ୍ରପତି ଟ୍ରମ୍ପ ଏବଂ ତାଙ୍କର ତିନିଜଣ ରାଜନୈତିକ ବନ୍ଧୁ ଭୂତାଣୁ ଦ୍ୱାରା ସଂକ୍ରମଣ ହେଲାକ୍ଷଣି ଅଳ୍ପଦିନ ଭିତରେ ଭଲ ହୋଇଗଲେ, କାରଣ ସେମାନଙ୍କୁ ଯେଉଁ ଔଷଧ ଦିଆଗଲା ତାହା ବିରଳ ଓ ଅତି ବ୍ୟୟବହୁଳ, ଅନ୍ୟ କୌଣସି ଆମେରିକୀୟଙ୍କୁ ମିଳୁନାହିଁ। ଫଳରେ ଲୋକେ କହୁଛନ୍ତି କୋଭିଡ୍-୧୯ର ଔଷଧ ହେଉଛି ଥିଲାବାଲାଙ୍କ ଔଷଧ। ଆମେରିକାରେ ଲୋକେ ଥର ଥର କରି ପାଞ୍ଚ ଥର ପାଇବା ପରିମାଣର ଟିକା ମହଜୁଦ ହେବ ଅଥଚ ଆଫ୍ରିକାରେ ଗୋଟିଏ ବି ଟିକା ମିଳିବ ନାହିଁ। ଆମେ ପ୍ରବଳ ବେଗରେ 'ଟିକା ରାଷ୍ଟ୍ରୀୟତା' ଦେଖିବାକୁ ପାଉଛୁ। ଏହାର ଗୋଟିଏ ସମାଧାନ ହେଉଛି ଯେ ଟିକା ଉତ୍ପାଦନର ସମସ୍ତ ଖର୍ଚ୍ଚ ସରକାର ବହନ କରନ୍ତୁ। ଅର୍ଥାତ୍ ଟିକା ମାଗଣାରେ ଲୋକଙ୍କୁ ମିଳୁ। ସାର୍ବଜନୀନ ସ୍ୱାସ୍ଥ୍ୟ ଯୋଜନା ବା ୟୁନିଭର୍ସାଲ ହେଲ୍‌ଥ କଭରେଜ୍ ମାନେ ହେଉଛି ରୋଗକୁ ଲଢ଼ିବାର ସମାନ କ୍ଷମତା ପ୍ରତିଲୋକଙ୍କୁ ମିଳୁ। କ୍ୱାଲିଟି ହେଲ୍‌ଥ ବା ଉତ୍ତମ ସ୍ୱାସ୍ଥ୍ୟ କେବଳ ହାୟେଷ୍ଟ ବିଡର୍ ବା ସର୍ବୋଚ୍ଚ ନିଲାମଧାରୀକୁ ନ ମିଳୁ।

ଆମେ କୌଣସି ମହାମାରୀକୁ ରୋକିପାରିବା ନାହିଁ, ଯଦି ପ୍ରତ୍ୟେକ ଧନୀ ରାଷ୍ଟ୍ର ଗରିବ ରାଷ୍ଟ୍ର ସହିତ ସହଯୋଗ ନ କରେ ଏବଂ ପ୍ରତ୍ୟେକ ଧନୀ ଗରିବ ପ୍ରତି ସହାନୁଭୂତି ନ ଦେଖାଏ। ଏ ଦିଗରେ ଗୋଟିଏ ଆଲୋକ ଦିଶୁଛି ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (ହୁ) ଅଧୀନରେ କୋଆଲିସନ୍ ଫର୍ ଏପିଡେମିକ୍ ପ୍ରିପାର୍ଡନେସ୍ ଇନୋଭେସନ (ସିଇପିଆଇ) ଜିଏଭିଆ, ଗାଭିଭାକ୍ସିନ ଆଲାଏନ୍ସ, ୟୁରୋପିଆନ୍ କମିଶନ୍ ଓ ଫ୍ରାନ୍ସ ସମସ୍ତେ ମିଶି କୋଭାକ୍ସ ନାମକ ଏକ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏହାର ଉଦ୍ଦେଶ୍ୟ କୋଭିଡ୍-୧୯ର ଟିକା ସମସ୍ତଙ୍କୁ ବାଣ୍ଟିବେ। କୋଭାକ୍ସ ଲକ୍ଷ୍ୟ ରଖିଛି ଯେ, ୨୦୨୧ ଶେଷସୁଦ୍ଧା ଜାତି ଧର୍ମ ବର୍ଣ୍ଣ ଓ ରାଜନୈତିକ ସମ୍ପୃକ୍ତି ନିର୍ବିଶେଷରେ ୨୦୦ କୋଟି କୋଭିଡ୍-୧୯ ଟିକା ବାଣ୍ଟିବ।

ସମସ୍ତେ ଦିନେ ମରିବା- ଏ ବାସ୍ତବତାରୁ ଆମେ ମୁକୁଳିପାରିବା ନାହିଁ ମାନେ ନୁହେଁ ଯେ ଗରିବ ଓ ଅବହେଳିତମାନଙ୍କୁ ଅକାଳରେ ମାରିଦେବା! ଯେ ପର୍ଯ୍ୟନ୍ତ ଗରିବମାନଙ୍କୁ ଟିକା ନ ମିଳିଛି ମହାମାରୀର ଅନ୍ତ ହେବ ନାହିଁ।

ଇମେଲ୍: sahadevas@yahoo.com

# ଉଦାରବାଦୀ ବିଦ୍ୱାନ୍

**ବ୍ୟକ୍ତିତ୍ୱ**



ମୌଲାନା ୱାହିଦୁଦ୍ଦିନ୍ ଖାନ୍

ଭାରତୀୟ ଧର୍ମୀୟଧାରାକୁ ଦେଖିଲେ ପ୍ରତ୍ୟେକ ଧର୍ମରେ ରକ୍ଷଣଶୀଳ ଚିନ୍ତାଧାରାକୁ ଅନେକେ ଗ୍ରହଣ କରିଥାଆନ୍ତି। କିନ୍ତୁ କେତେକେ ସେହି ଶଗଡ଼ଗୁଳାରେ ନ ଯାଇ ବାସ୍ତବବାଦୀ ଆଭିମୁଖ୍ୟ ନେଇଥାଆନ୍ତି। ମଣିଷର ଜୀବନଧାରାକୁ ଏଭଳି ବ୍ୟକ୍ତି ଧର୍ମଠାରୁ ଊର୍ଦ୍ଧ୍ୱରେ ଦେଖୁଥିବାରୁ ସେମାନେ ଉଦାହରଣ ପାଲଟିଥାଆନ୍ତି। ନିକଟରେ ଭାରତ ସରକାରଙ୍କ ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମବିଭୂଷଣ' ପାଇବା ଲାଗି ୭ ଜଣଙ୍କ ନାମ ଘୋଷଣା କରାଯାଇଛି। ସେମାନଙ୍କ ମଧ୍ୟରୁ ମୌଲାନା ୱାହିଦୁଦ୍ଦିନ୍ ଖାନ୍‌ଙ୍କୁ ଆଧ୍ୟାତ୍ମବାଦ ଲାଗି ମନୋନୀତ କରାଯାଇଛି। ଏହି ଇସ୍‌ଲାମୀୟ ବିଦ୍ୱାନ୍ ଗତାନୁଗତିକ ଧାରାରୁ ଉପରକୁ ଉଠି ବହୁ ସଂସ୍କାରମୂଳକ ପଦକ୍ଷେପ ନେଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଅଧିକ ଉଜ୍ଜ୍ୱଳ ହୋଇଛି।

ଭାରତୀୟ ଇସ୍‌ଲାମୀୟ ବିଦ୍ୱାନ୍ ତଥା ଶାନ୍ତିକାମୀ ବ୍ୟକ୍ତି ଭାବେ ପରିଚିତ ୱାହିଦୁଦ୍ଦିନ୍ ଉତ୍ତରପ୍ରଦେଶ ଆଜମଗଡ଼ ଜିଲ୍ଲାର ବାଢରିଆଠାରେ ୧ ଜାନୁୟାରୀ ୧୯୨୫ରେ ଜନ୍ମଗ୍ରହଣ କରିଥିଲେ। ଧର୍ମଗ୍ରନ୍ଥ 'କୋରାନ୍'ର ସେ ସରଳ ଭାଷାନ୍ତର କରିଛନ୍ତି। ତାହା ଇଂଲିଶ ଭାଷାରେ ଅନୁବାଦିତ ହେବା ପରେ ଚାରିଆଡ଼େ ଆଦୃତ ହୋଇଛି। ଇସ୍‌ଲାମରେ ମହିଳାଙ୍କ ଅଧିକାର, ତତ୍‌କ୍ଷଣାତ୍ ଟ୍ରିପଲ୍ ତଲାକ୍, ଜେହାଦ, ଆତଙ୍କବାଦ ଓ ପରିବାର କଲ୍ୟାଣ (ଫାମିଲ୍ ପ୍ଲାନିଂ) ଆଦି ଅତି ବିବାଦୀୟ ବିଷୟ ଉପରେ ୯୬ ବର୍ଷୀୟ ଖାନ୍‌ଙ୍କ ସୁଚିନ୍ତିତ ମତ ଯୁକ୍ତିସଙ୍ଗତ ମନେହୋଇଛି। ଏସବୁ ସରଳ ଓ ସାବଲୀଳ ଢଙ୍ଗରେ ବର୍ଣ୍ଣନା କରାଯାଇଥିବାରୁ ଅନେକଙ୍କ ବୌଦ୍ଧିକ ବିକାଶରେ ସହାୟକ ହୋଇପାରିଛି। ଉର୍ଦ୍ଦୁ ଭାଷାରେ ଅଭ୍ୟସ୍ତ ବ୍ୟକ୍ତିଙ୍କ ନିକଟରେ ତାଙ୍କ ଚିନ୍ତାଧାରା ସୀମିତ ନ ରହି ହିନ୍ଦୀ ଓ ଇଂଲିଶ୍‌ଭାଷୀଙ୍କ ଦ୍ୱାରା ଶ୍ରଦ୍ଧାଭାଜନ ହୋଇଛି ବୋଲି ବିଶେଷଜ୍ଞମାନେ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କର ସିଧାସଳଖ ଓ ଯୁକ୍ତିସଙ୍ଗତ ମତକୁ ଇସ୍‌ଲାମ ଧର୍ମାବଲମ୍ବୀଙ୍କ ମଧ୍ୟରୁ କେତେକେ ସ୍ୱାଗତ କରୁ ନ ଥିବାରୁ ସେ ଜମାତ୍ ଉଲେମା ଓ ତବଲିଘି ଜମାତ୍ ପରି ସଙ୍ଗଠନଠାରୁ ନିଜକୁ ଦୂରେଇ ରଖିଛନ୍ତି। ଗତ ୩୦ ବର୍ଷ ତଳେ ସେ ଦେଇଥିବା ସ୍ୱାଧୀନଚେତା ବିଚାରକୁ କେତେକେ ବିରୋଧ କରିଆସୁଛନ୍ତି। ବାବ୍ରୀ ମସ୍‌ଜିଦ୍‌କୁ ନେଇ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ମତୈକ୍ୟ ନ ରହିବା ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ସେହିପରି ବିଶିଷ୍ଟ ଲେଖକ ସଲମାନ୍ ରଶ୍‌ଦୀଙ୍କ 'ସାଟାନିକ୍ ଭର୍ସେସ୍' ଉପରେ ପ୍ରତିବନ୍ଧକ ଲଗାଯିବାକୁ ବିରୋଧ କରିଥିଲେ। ସେ କହିଥିଲେ ଯେ, ରଶ୍‌ଦୀଙ୍କ ଚିନ୍ତାଧାରା ଓ ଲେଖା ସହ କୌଣସି ମୁସଲ୍‌ମାନ ଏକମତ ହୋଇ ନ ପାରନ୍ତି। କିନ୍ତୁ ଲେଖକଙ୍କ ଅଧିକାରକୁ କ୍ଷୁଣ୍ଣ କଲାଭଳି ମନ୍ତବ୍ୟ ବା କାର୍ଯ୍ୟ କରାଯିବା ଉଚିତ ନୁହେଁ । ସାଟାନିକ୍ ଭର୍ସେସ୍ ରଶ୍‌ଦୀଙ୍କ ଏକ କାଳ୍ପନିକ କୃତି। ତାହାକୁ ଧର୍ମୀୟ ପରିଧି ଭିତରକୁ ଅଣାଯାଇ ବିବାଦୀୟ କରାଯିବାର ଆବଶ୍ୟକତା ନାହିଁ ବୋଲି କହିଥିଲେ।

ସଂସ୍କାରଧର୍ମୀ ପଦକ୍ଷେପ ଯୋଗୁ ୱାହିଦୁଦ୍ଦିନ୍ ବିଶ୍ୱର ୫୦୦ ଶ୍ରେଷ୍ଠ ପ୍ରଭାବଶାଳୀ ମୁସଲମାନଙ୍କ ତାଲିକାରେ ସ୍ଥାନିତ ହୋଇପାରିଛନ୍ତି। ରାଜନୀତି ସହ ଧର୍ମ ବିଶ୍ୱାସକୁ ମିଶ୍ରଣ କରାଯିବା ଠିକ୍ ନୁହେଁ। ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ ସୃଷ୍ଟି କରିବା ଲାଗି ସେ ୨୦୦୪ରେ 'ବାଜପେୟୀ ହିମ୍ମତ କମିଟି' ଗଠନ କରିଥିଲେ। ଅବଶ୍ୟ ସେତେବେଳେ ଖାନ୍‌ଙ୍କ ଭାରତୀୟ ଜନତା ପାର୍ଟି (ଭାଜପା)ର ନୈକଟ୍ୟ ହୋଇଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହୋଇଥିଲା। କିନ୍ତୁ ଏଭଳି ସମାଲୋଚନାରେ ସେ ବ୍ୟତିବ୍ୟସ୍ତ ନ ହୋଇ ନିଜ ଶକ୍ତି ଓ ଭାବନାକୁ ଦେଶରେ ଶାନ୍ତି ଓ ଆଧ୍ୟାତ୍ମିକତା ଦିଗରେ ଉପଯୋଗ କରିଥିଲେ। ତାଙ୍କ ଲେଖକୀୟ କୃତି ଦେଖିଲେ ସେ ଇସ୍‌ଲାମ, ଧର୍ମ ପ୍ରବର୍ତ୍ତକଙ୍କ ସମ୍ବନ୍ଧୀୟ ପ୍ରଜ୍ଞା, ଆଧ୍ୟାତ୍ମିକତା, ଆଧୁନିକତା ସହ ଇସ୍‌ଲାମର ବହୁବିଧ ସମାଜରେ ସହାବସ୍ଥାନ ଏବଂ ଧର୍ମନିରପେକ୍ଷତା ଉପରେ ୨୦୦ ପୁସ୍ତକ ରଚନା କରିଛନ୍ତି। ସମ୍ପାଦନା ଓ ପ୍ରକାଶନ କ୍ଷେତ୍ରରେ ଖାନ୍‌ଙ୍କ ଅବଦାନ ରହିଆସିଛି। ୧୯୭୬ରେ 'ଅର୍-ରିସାଲା' (ବାର୍ତ୍ତା) ନାମରେ ଏକ ଉର୍ଦ୍ଦୁ ପତ୍ରିକା ଆରମ୍ଭ କରିଥିଲେ। ୧୯୮୪ ଫେବୃୟାରୀରେ ଏହାର ଇଂଲିଶ୍ ଓ ୧୯୯୦ରେ ହିନ୍ଦୀ ସଂସ୍କରଣ ବାହାରିବା ପରେ ବହୁଳ ଆଦୃତ ହୋଇଥିଲା। ଜୀବନବ୍ୟାପୀ ଧର୍ମନିରପେକ୍ଷତା, ସାମାଜିକ ସଂସ୍କାର ଓ ଲେଖକୀୟ ଅଭିବ୍ୟକ୍ତି ପାଇଁ ସେ ଅନେକ ପୁରସ୍କାର ଓ ସମ୍ମାନ ପାଇପାରିଛନ୍ତି। ସେଥିମଧ୍ୟରେ ରୁଷିଆର ପୂର୍ବତନ ରାଷ୍ଟ୍ରପତି ମିଖାଇଲ ଗୋର୍ବାଚେଭ୍‌ଙ୍କ ପୃଷ୍ଠପୋଷକତାରେ ଦିଆଯାଉଥିବା ଡେମ୍ୟୁର୍ଗସ୍ ଅନ୍ତର୍ଜାତୀୟ ଶାନ୍ତି ପୁରସ୍କାର, ୨୦୦୦ ମସିହାରେ ପଦ୍ମଭୂଷଣ, ମଦର ଟେରେସାଙ୍କ ଦ୍ୱାରା 'ନ୍ୟାଶନାଲ ସିଟିଜେନ୍ସ ଆୱାର୍ଡ', ୨୦୦୯ରେ ରାଜୀବ ଗାନ୍ଧୀ ଜାତୀୟ ସଦ୍‌ଭାବନା ସମ୍ମାନ ଏବଂ ୨୦୨୧ରେ ପଦ୍ମବିଭୂଷଣ ତାଙ୍କ ଉଲ୍ଲେଖନୀୟ କାର୍ଯ୍ୟର ସ୍ୱୀକୃତି ବହନ କରୁଛି।

—ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ନୂଆ ନୂଆ ଜିନିଷ ଗଢ଼ିବାରେ ଏବେ ଯୁବଶକ୍ତି ବେଶ୍ ଆଗକୁ ଯାଇପାରିଛନ୍ତି, ଯାହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବେଙ୍ଗାଲୁରୁରେ। ମଣିଗନ୍ଦନ କୁମାରାପ୍ପାନ ଏବଂ ତାଙ୍କ ଟିମ୍ ଷ୍ଟାର୍ଟଅପ୍ ମାଧ୍ୟମରେ ନଡ଼ିଆପତ୍ରରୁ ଷ୍ଟ୍ର ତିଆରି କରୁଛନ୍ତି। ପ୍ଲାଷ୍ଟିକ ଷ୍ଟ୍ର ଜନିତ ପରିବେଶ ପ୍ରଦୂଷଣ ଦୂର କରିବା ଲାଗି ସେ କର୍ପୋରେଟ ଚାକିରି ଛାଡ଼ି ୨୦୧୬ରେ ଏହି ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ। ନଡ଼ଆବାହୁଙ୍ଗା ପଡ଼ିବା ପରେ ସେଥିରୁ ପତ୍ର ସଂଗ୍ରହ କରାଯାଇ ଏହି ଷ୍ଟ୍ର ପ୍ରସ୍ତୁତ କରାଯାଉଛି। ଗ୍ରାମାଞ୍ଚଳରୁ ଏହି ପତ୍ର ସଂଗ୍ରହ କରାଯାଇ ସେଠାକାର ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ଷ୍ଟ୍ର ତିଆରି କାମରେ ଲଗାଯାଇଛି। ପତ୍ରକୁ ସଫାକରି ଷ୍ଟେରିଲାଇଜ କରାଯିବା ପରେ ବିଭିନ୍ନ ପଦ୍ଧତିରେ ସେଥିରୁ ୪ ଇଞ୍ଚରୁ ୧୨ ଇଞ୍ଚ ଲମ୍ବର ଷ୍ଟ୍ର ତିଆରି ହେଉଛି। ଗରମ ପାନୀୟରେ ୩୦ ମିନିଟ୍ ଓ ଥଣ୍ଡା ପାନୀୟରେ ଏହା ୬ ଘଣ୍ଟା ଯାଏ ଅକ୍ଷତ ଅବସ୍ଥାରେ ରହିପାରୁଛି। ଷ୍ଟ୍ରର ଦାମ୍ ୧.୫ ଟଙ୍କାରୁ ୩ ଟଙ୍କା ଯାଏ ରହୁଛି। କେବଳ ଏତିକି ନୁହେଁ, କୃଷି ବର୍ଜ୍ୟରୁ କୁମାରାପ୍ପାନ ଲାଭଜନକ ଜିନିଷ ତିଆରି କରୁଛନ୍ତି। ଏଥିରେ ଗ୍ରାମାଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ଜାନୁୟାରୀ ୧୯୯୬**

- ରାଜନୈତିକ ପରିସ୍ଥିତି ଦୃଷ୍ଟିରୁ ଜୋର୍ଡାନର ଉପପ୍ରଧାନମନ୍ତ୍ରୀ ଡଃ ଖାଲିଦ୍ ଅଲ ଜାରକି ପଦରୁ ଇସ୍ତଫା ଦେଇଛନ୍ତି।
- ବିଶିଷ୍ଟ ଶିଳ୍ପପତି ସୁକୁମାର (ବାଦଲ) ସେନାଙ୍କର ୬୩ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ପଲକହୀନ ନୟନ ତା'ର
ଅବଶ ହେଲା ପରାଣ-ଦ୍ୱାର
ସେ କେଉଁ ଦେଶେ ରହିଲା ଚାହିଁ
ସେ କେଉଁ ପରପାରେ!
ମୁଗ୍ଧ କବି ମୁରୁଛି ନାହିଁ ପାରେ। (କୁହୁ ପ୍ରାସ)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | E | | | 2 | | | | 8 | 9 | | | 1 |
| | | | | 4 | | A | 6 | | 2 | | | 0 | 9 | |
| 4 | | 8 | | 6 | | 0 | | | B | | | 7 | C | |
| 7 | | | | | D | | | 4 | | | | | | |
| B | 2 | | | | 5 | 1 | | 3 | | | | | | |
| | | 6 | 3 | 9 | | | 0 | 7 | | A | | | | |
| | | C | | E | | 4 | | | | 5 | | 3 | | |
| | 4 | | | | | | D | | | 6 | | | | 9 |
| A | | 9 | 1 | | 6 | | C | 2 | | | D | | 4 | B |
| 1 | | | C | | 2 | | | | | | | | | |
| | 0 | | | | | | | 5 | | | | 1 | | 3 |
| | | | A | | B | | | | | | | | 8 | C |
| 3 | | E | 6 | | | 7 | | 1 | | | C | A | | 2 |
| | A | | | | 1 | | 9 | | | | 8 | | | D |
| | | 2 | 8 | | | | 4 | C | | D | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 0 | E | 7 | C | 5 | 2 | 8 | 9 | 3 | B | 6 | A | 4 | 1 |
| 8 | 6 | 4 | D | 1 | E | 0 | 5 | A | C | 7 | 2 | 9 | B | 3 |
| A | 3 | 9 | 6 | 2 | 4 | E | B | 1 | 8 | 5 | D | 7 | C | 0 |
| C | 7 | 5 | 9 | 8 | B | 3 | 6 | 4 | 0 | A | 1 | D | E | 2 |
| 1 | 2 | B | 0 | A | 3 | D | C | 7 | 9 | E | 4 | 8 | 5 | 6 |
| 9 | D | 0 | 3 | 5 | C | 7 | 1 | 8 | E | 4 | B | 6 | 2 | A |
| 6 | E | A | B | D | 1 | 9 | 2 | C | 5 | 8 | 0 | 4 | 3 | 7 |
| B | 8 | 7 | E | 4 | 9 | A | 0 | 6 | 2 | 1 | 3 | C | D | 5 |
| 3 | 4 | 2 | 8 | 0 | A | 5 | D | E | 6 | C | 7 | 1 | 9 | B |
| 5 | C | 1 | 2 | 7 | 6 | B | 4 | 3 | A | D | 9 | 0 | 8 | E |
| 7 | 9 | D | 4 | B | 8 | 6 | E | 2 | 1 | 0 | 5 | 3 | A | C |
| 4 | 1 | C | 5 | 9 | 2 | 8 | 7 | 0 | B | 3 | A | E | 6 | D |
| 0 | 5 | 3 | C | E | D | 1 | A | B | 4 | 6 | 8 | 2 | 7 | 9 |
| E | B | 6 | A | 3 | 0 | 4 | 9 | D | 7 | 2 | C | 5 | 1 | 8 |
| 2 | A | 8 | 1 | 6 | 7 | C | 3 | 5 | D | 9 | E | B | 0 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରତିବାଦ ଏକ ଅଧିକାର

ମହାଶୟ,

ସୁପ୍ରିମକୋର୍ଟର ଜଣେ ବରିଷ୍ଠ ବିଚାରପତିଙ୍କ ମତ ଅନୁସାରେ ପ୍ରତିବାଦ ଏକ ଅଧିକାର। ପ୍ରତିବାଦ, ବିରୋଧ ଓ ଭିନ୍ନମତକୁ ଅଗଣତାନ୍ତ୍ରିକ ଓ ଜାତୀୟତାବାଦ ବିରୋଧୀ ବୋଲି ଆଖ୍ୟା ଦେବା ଉଚିତ ନୁହେଁ। ପ୍ରତିବାଦକୁ ଏପରି ଆଖ୍ୟା ଦେବା ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ବିରୁଦ୍ଧାଚରଣ ଓ ଆକ୍ରମଣ ସଦୃଶ। ଆଇନର ବ୍ୟବସ୍ଥା ଭିତରେ ହିଁ ନାଗରିକମାନେ ଅଭିବ୍ୟକ୍ତିର ସ୍ୱାଧୀନତା ପାଇଛନ୍ତି। ତେଣୁ ଗୋଟିଏ ଉଦାରପନ୍ଥୀ ଗଣତନ୍ତ୍ର ଏକଥା ନିଶ୍ଚିତ କରିବ ଯେ, ଜଣେ ପ୍ରତିବାଦ କରିବାର ଅଧିକାର ପାଇଛି। ସୁପ୍ରିମକୋର୍ଟଙ୍କ ଅନ୍ୟ ଏକ ରାୟ ଅନୁସାରେ କୌଣସି ଆଇନ ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ଜନ ସାଧାରଣଙ୍କର ମୌଳିକ ଅଧିକାର। ମାତ୍ର ଏଥିପାଇଁ ରାସ୍ତାରୋକୋ କରିବା ଅଧିକାର କାହାର ନାହିଁ। ପୂର୍ବରୁ ଦେଶଦ୍ରୋହର ସଂଜ୍ଞା ନିରୂପଣ କରିବାକୁ ଯାଇ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ, ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ କେହି ହିଂସାର ଆଶ୍ରୟ ନେଲେ ବା ହିଂସାକୁ ଉସୁକାଇଲେ ଦେଶଦ୍ରୋହ ମାମଲା ରୁଜୁ ହୋଇପାରିବ। ମାତ୍ର ସରକାର ଓ ନେତାଙ୍କୁ ସମାଲୋଚନା କଲେ ଏହା ହେବ ନାହିଁ। ସୁତରାଂ ଶାନ୍ତିପୂର୍ଣ୍ଣ ପ୍ରତିବାଦ, ବିରୋଧ, ଆନ୍ଦୋଳନ ଓ ଗଠନମୂଳକ ସମାଲୋଚନାକୁ ସର୍ବଦା ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ବିଚାର କରାଯିବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

## କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ

କୋରାପୁଟ ବଣ୍ଡାଘାଟିରେ 'ସ୍ୱଚ୍ଛ ଭାରତ' ମିଶନରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହୋଇଥିବା କଥା ଗଣମାଧ୍ୟମରୁ ଦେଖିବାକୁ ମିଳିଲା। ଉପାନ୍ତ ଅଞ୍ଚଳ କାହିଁକି ଜଟଣୀ ମ୍ୟୁନିସିପାଲିଟି ଅନ୍ତର୍ଗତ କୁଦିଆରୀ ଗ୍ରାମରେ ଲୋକମାନେ ନିଜ ଅଞ୍ଚଳରେ ପାଇଖାନା ନିର୍ମାଣ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ବିଲ୍ ହୋଇନାହିଁ। ଏଥିମଧ୍ୟରେ ୩ ବର୍ଷ ବିତି ଯାଇଥିଲେ ବି ଅର୍ଥ ମିଳିନାହିଁ। ଅଫିସ୍ ଯାଇ ପଚାରିଲେ ଫଳ ଶୂନ୍। ଲୋକମାନେ ବାରମ୍ବାର ଅଫିସ ଦୌଡୁଥିଲେ ମଧ୍ୟ ବିଲ୍ ଆସୁନାହିଁ। ଏଠାରେ ପ୍ରଶ୍ନ ଉଠୁଛି ପ୍ରକୃତରେ ପାଇଖାନାର ବିଲ୍ ହୋଇନାହିଁ ନା ସେ ଅର୍ଥ ଲୋକମାନଙ୍କ ନାଁରେ ଚଲୁ ହୋଇଛି, ତାହା ତଦନ୍ତ ସାପେକ୍ଷ। ନଗର ଉନ୍ନୟନ ବିଭାଗ 'ମୋ ସରକାର' ଅଧୀନରେ ଥିବାରୁ ଉକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଲୋକମାନଙ୍କ ଅର୍ଥ ସେମାନଙ୍କୁ ତ୍ୱରିତ୍ ପ୍ରଦାନ କଲେ ଲୋକମାନେ ନ୍ୟାୟ ପାଇପାରନ୍ତେ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେବେ।

ଶ୍ରୀନିବାସ ମଙ୍ଗରାଜ
କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଗରନାଶି ଦ୍ୱୀପର ପରିସୀମା କମୁଛି

- ଲମ୍ୱ ୭ କିଲୋମିଟରରୁ ୭ଶହ ମିଟରକୁ ହ୍ରାସ
- ଅଲିଭରିଡ୍‌ଲେ କଇଁଛଙ୍କ ଅନ୍ତୁଡିଶାଳ ପ୍ରତି ବିପଦ
- ସମୁଦ୍ରରେ ଲୀନ ହେବ ସୁନୀତି, ବାବର ଓ ଲାଞ୍ଜୁରା ପଞ୍ଚାୟତ

କେନ୍ଦ୍ରାପଡ଼ା ଅଫିସ, ୩୦।୧

ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଅନ୍ତୁଡିଶାଳ ଭାବେ ପରିଚିତ ବିଶ୍ୱପ୍ରସିଦ୍ଧ ଗହୀରମଥା (ସାମୁଦ୍ରିକ) ବନ୍ୟଜନ୍ତୁ ଅଭୟାରଣ୍ୟ ଅଗରନାଶିର ପରିସୀମା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଗତ ୫ ଦଶନ୍ଧି ପୂର୍ବେ ଏହି ଦ୍ୱୀପର ଲମ୍ୱ ୭ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ତଟକ୍ଷୟ ଯୋଗୁ ଏବେ ସେହି ଦ୍ୱୀପର ଲମ୍ୱ ୭୦୦ ମିଟରକୁ ଖସି ଆସିଛି। ଫଳରେ ଏହାର ପ୍ରଭାବ ବନ୍ୟଜନ୍ତୁଙ୍କ ଉପରେ ପଡିଛି । ସମୁଦ୍ରର ଉତ୍ତାଳ ଜୁଆର ଝାଉଁବଣକୁ ଉଜାଡି ଦେଇଛି। ହାତଗଣତି କେତୋଟି ଝାଉଁବୁଦାକୁ ଛାଡିଦେଲେ ଗୋଟିଏ ଛୋଟ କରଞ୍ଜ ଗଛ ଅଛି । ସେହିପରି ବାଘ, ହେଟା, ବିଲୁଆଙ୍କ ବାସସ୍ଥଳ ଥିବା ଏହି ଦ୍ୱୀପରେ ବହୁ ଖୋଜିବା ପରେ ଦେଢ଼ ଫୁଟରୁ ଊର୍ଦ୍ଧ୍ୱ ଲମ୍ୱର ଏକ ବିରଳ ଏଣ୍ଡୁଅ ଦେଖିବାକୁ ମିଳିଛି । ଏପରି ତଟକ୍ଷୟ ହେଲେ ଆଗାମୀ ୫ ବର୍ଷ ମଧ୍ୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ବାସସ୍ଥଳ ଚଟକା ସମେତ ମହାକାଳପଡା ବ୍ଲକର ସୁନୀତି, ବାବର ଓ ଲାଞ୍ଜୁରା ପଞ୍ଚାୟତ ସମୁଦ୍ର ମୁହଁରେ ଲୀନ ହେବ ବୋଲି ପରିବେଶବିତ୍‌ମାନେ ଆକଳନ କରିଛନ୍ତି । ଅପରପକ୍ଷେ ଅଲିଭରିଡ୍‌ଲେଙ୍କ ଅଣ୍ଡାଦାନ ପାଇଁ ଅଗରନାଶି ଦ୍ୱୀପରେ ପଡିଥିବା କୁଢ଼କୁଢ଼ ଆବର୍ଜନାକୁ ବନ ବିଭାଗ ଓ ଗହୀରମଥା ମେରାଇନ ଟର୍ଟଲ ପ୍ରୋଟେକ୍ସନ ଆଣ୍ଡ ମାନଗ୍ରୁଭ କନ୍‌ଜରଭେଶନ ସୋସାଇଟି ପକ୍ଷରୁ ସଫା କରାଯାଇଛି । ସୋସାଇଟି ସଭାପତି ଏହି ଦ୍ୱୀପ ସମ୍ପର୍କରେ କହିଛନ୍ତି, କନିକା ଉପସାଗର (ବଙ୍ଗୋପସାଗର)ର ଏହି ଅଞ୍ଚଳର ଲମ୍ୱ ୭ କିଲୋମିଟର ଥିଲା । ସେଠାରେ ବହୁ ଝାଉଁଗଛ ଥିବା ବେଳେ ବାଘ, ହେଟା, ବିଲୁଆ, ହରିଣଠାରୁ ଆରମ୍ଭ କରି ବିଭିନ୍ନ ବନ୍ୟଜନ୍ତୁ ବାସ କରୁଥିଲେ। ମତ୍ସ୍ୟଜୀବୀ ସେଠାରେ ରହି ମାଛକୁ ପାରମ୍ପରିକ ପ୍ରଣାଳୀରେ ଶୁଖୁଆ କରୁଥିଲେ। ୧୯୨୦ରେ ଏହି ଅଞ୍ଚଳର ମାଲିକାନାକୁ ନେଇ କନିକା ଇଷ୍ଟେଟ ଓ କୁଜଙ୍ଗ ଇଷ୍ଟେଟ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ତେବେ ଅଲିଭରିଡ୍‌ଲେଙ୍କ ଅନ୍ତୁଡିଶାଳ ଭାବେ ଚିହ୍ନଟ ପରେ ଗହୀରମଥା ଅଭୟାରଣ୍ୟ ରାଜ୍ୟ ସରକାରଙ୍କ ଅଧୀନରେ ଅଛି । ତଟକ୍ଷୟ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ପାରାଦୀପ ବନ୍ଦର ନିର୍ମାଣ ପରେ ସମୁଦ୍ର ଜୁଆର ଏଠି ତୀବ୍ର ହୋଇଛି । ନିକଟସ୍ଥ ପେଣ୍ଠ ଗ୍ରାମକୁ ନିଶ୍ଚିହ୍ନ କରୁଥିବାରୁ ଜିଓ ସିନ୍ଥେଟିକ ଟିଉବ ୱାଲ ନିର୍ମାଣ ହୋଇଛି । ତେବେ ଗଭୀର ସମୁଦ୍ର ମଝିରେ ଥିବା ଅଗରନାଶିର ସଂରକ୍ଷଣ ବ୍ୟବସ୍ଥା ହୋଇନାହିଁ । ଫଳରେ ତଟକ୍ଷୟ ଯୋଗୁ ଏହି ଅଞ୍ଚଳ ନିଶ୍ଚିହ୍ନ ହେବାକୁ ବସିଛି। ଦ୍ୱୀପ ନିଶ୍ଚିହ୍ନ ହେଲେ ସମୁଦ୍ର ଜୁଆର ପେଣ୍ଠ ପରି ସିଧାସଳଖ ସୁନୀତି ପଞ୍ଚାୟତର ଶେଷ ମୁଣ୍ଡରେ ଥିବା ତଣ୍ଡାରେ ବାଡେଇ ହେବ । ଫଳରେ ଆସନ୍ତା ୫ ବର୍ଷ ମଧ୍ୟରେ ସୁନୀତି ସମେତ ଲାଞ୍ଜୁରା ଓ ବାବର ପ୍ରତି ସାମୁଦ୍ରିକ ବିପଦ ବଢ଼ିବ । ରାଜ୍ୟ ଓ କେନ୍ଦ୍ର ସରକାର ଏହାର ସୁରକ୍ଷା ପାଇଁ ଅଗରନାଶିରେ ବଡ ବଡ ପଥରରେ ବନ୍ଧ ନିର୍ମାଣ କରିବା ଆବଶ୍ୟକ । ସେହିପରି ତଣ୍ଡା ସମେତ ତଟାଞ୍ଚଳରେ ବ୍ୟାପକ ହେନ୍ତାଳ ବଣ ସୃଷ୍ଟି ହେଲେ କିଛି ମାତ୍ରାରେ ବିପଦ ଟଳିବ ବୋଲି ସେ ପ୍ରକାଶ କରିଛନ୍ତି।

ଦ୍ୱୀପାଞ୍ଚଳ ସଫେଇ ସମ୍ପର୍କରେ ପ୍ରଭୁପ୍ରସାଦ ମହାପାତ୍ର କହିଛନ୍ତି, ଗହୀରମଥା ସାମୁଦ୍ରିକ ବେଳାଭୂମିରେ ଆସନ୍ତା ଫେବୃୟାରୀରେ ବିରଳ ଅଲିଭରିଡ୍‌ଲେଙ୍କ ଅଣ୍ଡାଦାନ ଋତୁ ଆରମ୍ଭ ହେବ। ପୂର୍ବରୁ ଏହି ଦ୍ୱୀପରେ ଅଲିଭରିଡ୍‌ଲେ ଅଣ୍ଡାଦାନ କରୁଥିଲେ । ତେବେ ଗତ କିଛି ବର୍ଷ ମଧ୍ୟରେ ସେଥିରେ ବ୍ୟତିକ୍ରମ ଦେଖାଦେଇଛି। କୌଣସି କାରଣରୁ ଏହି ଦ୍ୱୀପରେ ସେମାନଙ୍କ ସଂଖ୍ୟା କମି ଚାଲିଛି। କଇଁଛ ଶାବକଙ୍କ ଅନ୍ତୁଡିଶାଳକୁ ପରିବେଶ ଉପଯୋଗୀ କରିବା ପାଇଁ ସେଠାରେ ପଡିଥିବା କାଚ, ପ୍ଲାଷ୍ଟିକ ବୋତଲ ସହ କଟା ଜାଲକୁ ସଫା କରାଯାଇଛି । ମରି ପଡିଥିବା କଇଁଛ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ବାଲିରେ ପୋତିଦିଆଯାଇଛି। ଚଳିତ ବର୍ଷ ଏଠାକୁ ଅଧିକ ସଂଖ୍ୟକ କଇଁଛ ଆସିବେ ବୋଲି ସେ ଆକଳନ କରିଛନ୍ତି । ଏ ସମ୍ପର୍କରେ ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ କହିଛନ୍ତି, ତଟକ୍ଷୟ ସମ୍ପର୍କରେ ଅନୁଧ୍ୟାନ ପାଇଁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଚିଠି ଲେଖି ଅବଗତ କରାଯାଇଛି । ଏଥିସହିତ ତଟାଞ୍ଚଳରେ ବନ ବିଭାଗ ପକ୍ଷରୁ ବନୀକରଣ ହେଉଛି। ଅଲିଭରିଡ୍‌ଲେଙ୍କ ସୁରକ୍ଷା ପାଇଁ ମତ୍ସ୍ୟଜୀବୀଙ୍କୁ କଟକଣା ସହିତ ଅଣ୍ଡାଦାନ ସ୍ଥଳକୁ ସଫା କରାଯାଇ ସୁରକ୍ଷିତ ଅନ୍ତୁଡିଶାଳରେ ପରିଣତ କରାଯାଉଛି ।



ଅଗରନାଶିରେ ତଟ କ୍ଷୟ।

# ବାପାଙ୍କ ଋଣ ଶୁଝିବାକୁ ଝିଅ ବନ୍ଧକ

- ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପାଇଁ ଟଙ୍କା ନାହିଁ
- ଝିଅକୁ ତେଲଙ୍ଗାନାରୁ ଫେରାଇ ଆଣିବାକୁ ମା'ଙ୍କ ନିବେଦନ

ଲାଠୋର, ୩୦।୧(ଡି.ଏନ.ଏ.)

ଅଗ୍ରିମ ଟଙ୍କା ନେଇ ୨୦୨୦ ନଭେମ୍ବରରେ ତେଲଙ୍ଗାନାକୁ ସ୍ତ୍ରୀଙ୍କ ସହ ଦାଦନ ଖଟିବାକୁ ଯାଇଥିଲେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଡେବରିଆମୁଣ୍ଡା ଗ୍ରାମର ସ୍ୱର୍ଣ୍ଣ ଶବର(୪୫)। ତେଲଙ୍ଗାନାର ଜଗତଲ ଜିଲା ମାଟିପୁଲି ଗ୍ରାମର ସମ୍ପଦ ଗୌଡଙ୍କ ଇଟାଭାଟିରେ ସେ କାମ କରୁଥିଲେ। ହେଲେ ସେଠାରେ ହଠାତ୍ ଅସୁସ୍ଥ ହୋଇପଡିଲେ। ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେଲା । ଭାଟି ମାଲିକ ସ୍ୱର୍ଣ୍ଣଙ୍କ ଚିକିତ୍ସା ପାଇଁ କୌଣସି ଦାୟିତ୍ୱ ନ ନେଇ ସ୍ତ୍ରୀ ମିନାବତୀଙ୍କ ସହ ସ୍ୱର୍ଣ୍ଣଙ୍କୁ ଘରକୁ ପଠାଇବା ବ୍ୟବସ୍ଥା କଲେ। ହେଲେ ସ୍ୱର୍ଣ୍ଣଙ୍କ ୧୮ବର୍ଷୀୟା ଝିଅ କୁମାରୀଙ୍କୁ ଆଣି ଇଟାଭାଟିରେ ଛାଡିବା ପରେ ତୁମେ ଦୁହେଁ ଘରକୁ ଯାଇପାରିବ ବୋଲି ସେ ସର୍ତ୍ତ ରଖିଲେ। ମାଲିକଙ୍କ ନିର୍ଦ୍ଦେଶକ୍ରମେ ସର୍ଦ୍ଦାର କବି ମେହେର ସ୍ୱର୍ଣ୍ଣ ଓ ମିନାବତୀ ବଲାଙ୍ଗୀରରେ ପହଞ୍ଚିବା ପୂର୍ବରୁ ଜାନୁୟାରୀ ୧୩ରେ କୁମାରୀଙ୍କୁ ନେଇ ଇଟାଭାଟିରେ ଛାଡି ଆସିଲେ। ଏବେ କୁମାରୀ ସେହି ଇଟା ଭାଟିରେ କାମ କରୁଛନ୍ତି। ମା'ବାପା ନେଇଥିବା ଅଗ୍ରିମ ଟଙ୍କା ସେ ଦିନରାତି ପରିଶ୍ରମ କରି ଭରଣା କରୁଛନ୍ତି। ଏଣେ ଗାଁରେ ପହଞ୍ଚିବା ପରେ ମିନାବତୀ ସ୍ୱାମୀଙ୍କୁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୨୬ତାରିଖରେ ଭର୍ତ୍ତି କରିଥିଲେ। ହେଲେ ୨୮ତାରିଖରେ ସେ ଆଖି ବୁଜିଲେ । ଝିଅ କୁମାରୀ ତେଲଙ୍ଗାନାରେ ରହିଥିବା ବେଳେ ମୀନାବତୀ ଅନ୍ୟ ୨ ପିଲାଙ୍କୁ ଧରି ଗାଁରେ ରହିଛନ୍ତି। ଅନ୍ୟ କୌଣସି ଉପାୟ ତାଙ୍କ ପାଖରେ ନାହିଁ। କେବଳ ଲୁହ ଢ଼ାଳିବା ଛଡ଼ା ସେ ଆଉ କିଛି କରିପାରିବେ ନାହିଁ ବୋଲି କହିଛନ୍ତି। ସ୍ୱାମୀଙ୍କ ଶୁଦ୍ଧିକ୍ରିୟା କରିବାକୁ ତାଙ୍କ ପାଖରେ ଟଙ୍କା ନାହିଁ। ଏପରି ପରିସ୍ଥିତିରେ କୁମାରୀଙ୍କୁ ସେଠାରୁ ଫେରାଇ ଆଣିବା ସହ ଶ୍ରମିକମାନଙ୍କ ପାଇଁ ରହିଥିବା ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ୱର୍ଣ୍ଣଙ୍କ ପରିବାରବର୍ଗ ନିବେଦନ କରିଛନ୍ତି।



ମୃତ ଦାଦନ ଶ୍ରମିକଙ୍କ ସ୍ତ୍ରୀ ଓ ଦୁଇପିଲା।

# ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କୁ ଘେରିଲେ ଚାଷୀ

## ମଣ୍ଡିରେ ଧାନ ପଡ଼ିଛି, ଟାର୍ଗେଟ ନାହିଁ କହୁଛନ୍ତି ମିଲର

ପଟ୍ଟାମୁଣ୍ଡାଇ, ୩୦।୧(ଡି.ଏନ.ଏ.)

ମଣ୍ଡିରେ ପଡି ରହିଛି ଧାନ । ଶୀତ କାକରକୁ ଖାତିର ନ କରି ଜଗି ରହିଛି ଚାଷୀ । କେଉଁଠି ବସ୍ତା ଫାଟି ଧାନ ନଷ୍ଟ ହେଉଛି ତ ଆଉ କେଉଁଠି ଧାନ ବିକ୍ରିକୁ ନେଇ ଚାଷୀଙ୍କ ଚିନ୍ତା ବଢୁଛି । ଏହାକୁ ନେଇ ଉତ୍ତ୍ୟକ୍ତ ଚାଷୀମାନେ ଶନିବାର ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଗସ୍ତକୁ ବିରୋଧ କରିଛନ୍ତି । ସେମାନେ ଦାସବର୍ମାଙ୍କୁ ଘେରାଉ କରିବା ସହ ଏହି ସମସ୍ୟାର ସମାଧାନ ଦାବି କରିଛନ୍ତି ।

ଯୋଜନା ବୋର୍ଡ ଉପାଧ୍ୟକ୍ଷ ଦାସବର୍ମା ଶନିବାର ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ଓ ସାନଜରିଆ ପଞ୍ଚାୟତକୁ ଆସିଥିଲେ । ହେଲେ ସେଠାରେ ସେ ଚାଷୀମାନଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ । ଚାଷୀମାନେ ମାସ ମାସ ଧରି ମଣ୍ଡିରେ ଧାନ ବିକ୍ରି ପାଇଁ ପକାଇ ରଖିଛନ୍ତି । ଟାର୍ଗେଟ ଆସି ନ ଥିବା ଯୋଗୁ ମିଲର ଓ ସମବାୟ ସମିତି ସମ୍ପାଦକ ଧାନ କିଣୁ ନ ଥିବା ଚାଷୀମାନେ କହିଛନ୍ତି । ଖରା,ଶୀତ କାକରରେ ବସ୍ତା ଫାଟି ଧାନ ନଷ୍ଟ ହେଉଛି । ଏହି ପରିପ୍ରେକ୍ଷୀରେ ଚାଷୀମାନେ ଧାନ ବସ୍ତା ମୁଣ୍ଡାଇ ଦାସବର୍ମାଙ୍କୁ ଘେରାଉ କରିଥିଲେ । ଦାସବର୍ମାଙ୍କ ସହିତ ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ବେହେରା, ବିଜେଡି ବ୍ଲକ ସଭାପତି କିଶୋର ସାହୁ ପ୍ରମୁଖ ଚାଷୀଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଚାଷୀମାନେ ନେତାମାନଙ୍କ କୌଣସି କଥା ଶୁଣି ନ ଥିଲେ । ଶେଷରେ ଯୋଜନା ବୋର୍ଡ ଉପାଧକ୍ଷ ଦାସବର୍ମା ସାନଜରିଆ ସମବାୟ ସମିତି ସମ୍ପାଦକ ବିଜୟ ବେହେରାଙ୍କୁ ଡାକି କେତେ ଧାନ ମଣ୍ଡିରେ ପଡିଛି ବୋଲି ପଚାରିବା ସହିତ ୫ ମିନିଟ ମଧ୍ୟରେ ଧାନ ଉଠାଇ ନେବାକୁ କହିଥିଲେ । ସମବାୟ ସମିତି ସମ୍ପାଦକ ବିଜୟ ବେହେରା କହିଛନ୍ତି, ଏହି ସମବାୟ ସମିତି ୨୨ ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟାର୍ଗେଟ କରିଥିଲା। ଯୋଗାଣ ବିଭାଗ ମାତ୍ର ୪ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଦେଇଥିଲା । ମାତ୍ର ୧୦୧ ଜଣ ଚାଷୀଙ୍କ ଧାନ କିଣିବା ପରେ ଏହି ଟାର୍ଗେଟ ଶେଷ ହୋଇଯାଇଥିଲା ।



ଧାନବସ୍ତା ମୁଣ୍ଡାଇ ଚାଷୀମାନେ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କୁ ବିରୋଧ କରୁଛନ୍ତି ।

# ପାନୀୟ ଜଳ ସମସ୍ୟା ଦୂର ପାଇଁ ଜିଲା ପରିଷଦ ବୈଠକ

ବାଙ୍କୀ,୩୦।୧(ସ୍ୱ.ପ୍ର.):

ବାଙ୍କୀ ବ୍ଲକରେ ଜିଲା ପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ବାଙ୍କୀ ଓ ଡମପଡ଼ା ବ୍ଲକର ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ମହାନଦୀର କଳିକା ପ୍ରସାଦଠାରୁ ବୈଦେଶ୍ୱର ପର୍ଯ୍ୟନ୍ତ ହେବାକୁ ଥିବା ୨୪୬ କୋଟି ଟଙ୍କାର ମେଗା ପ୍ରକଳ୍ପ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବାର ଅଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ବାଙ୍କୀ-ଡମପଡ଼ାର ୩୭ ପଞ୍ଚାୟତର ପାନୀୟ ଜଳ ସମସ୍ୟା ସମାଧାନ ହେବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ପାନୀୟ ଜଳ ବିଭାଗ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ସାମନ୍ତ ପ୍ରକାଶ କରିଥିଲେ। ଏହି ଅବସରରେ ଭେଡ଼ା ରାମଚନ୍ଦ୍ରପୁରରେ ହୋଇଥିବା ପାନୀୟ ଜଳ ସମସ୍ୟା ସମ୍ପର୍କରେ ସରପଞ୍ଚ ଅଦ୍ୱୈତ୍ୟ ମହାପାତ୍ର ଓ ଗ୍ରାମ୍ୟ ଉନ୍ନୟନ କମିଟିର ଉପଦେଷ୍ଟା ସମରେନ୍ଦ୍ର ମହାପାତ୍ର ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏସବୁ ସମସ୍ୟାର ସମାଧାନ କରିବାକୁ ଜିଲା ପରିଷଦ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ମାନସ ମହାପାତ୍ର, ତ୍ରିଲୋଚନ ରାଉତ, ପୁଷ୍ପଲତା ପ୍ରଧାନ, ରତ୍ନାକର କାଣ୍ଡି, ଆର୍ତ୍ତବନ୍ଧୁ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।


## କୃଷି ଯନ୍ତ୍ରପାତି ସମ୍ବନ୍ଧୀୟ ତାଲିମ

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଅଧିନସ୍ଥ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟଠାରେ ଟ୍ରାକ୍ଟର, ପାୱାର ଟିଲର ଓ ଧାନରୁଆ ଯନ୍ତ୍ରର ଚାଳନା ଓ ରକ୍ଷଣାବେକ୍ଷଣ ବିଷୟରେ ତାଲିମ୍ କାର୍ଯ୍ୟକ୍ରମ ନିମ୍ନ ସାରଣୀ ଅନୁସାରେ କରାଯିବ ।

| | |
|---|---|
| ୧. ପାୱାର ଟିଲର ଚାଳନା ଓ ରକ୍ଷଣାବେକ୍ଷଣ | ଫେବୃୟାରୀ ୮-୨୦, ୨୦୨୧ |
| ୨. ଧାନରୁଆ ଯନ୍ତ୍ର ଚାଳନା, ରକ୍ଷଣାବେକ୍ଷଣ ଓ ମସିଣା ତଳି ପ୍ରସ୍ତୁତି ପ୍ରଣାଳୀ | ଫେବୃୟାରୀ୨୨-୬ ମାର୍ଚ୍ଚ, ୨୦୨୧ |
| ୩. ଟ୍ରାକ୍ଟର ଚାଳନା ଓ ରକ୍ଷଣାବେକ୍ଷଣ | ମାର୍ଚ୍ଚ ୮-୨୦, ୨୦୨୧ |

ଉପରୋକ୍ତ ତାରିଖ ଗୁଡ଼ିକ କୋଭିଡ-୧୯ ପରିସ୍ଥିତି ଓ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ପରିବର୍ତ୍ତନୀୟ । ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥିନୀ ତାଲିମ୍ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଧଳା କାଗଜରେ ନିଜର ନାମ, ପିତାଙ୍କ ନାମ, ଠିକଣା, ଶିକ୍ଷାଗତ ଯୋଗ୍ୟତା, ବୟସ ପ୍ରମାଣ ପତ୍ର, ଫୋନ୍ ନମ୍ବର ଓ ଇ-ମେଲ୍ (ଯଦିଥାଏ) ସହିତ କେଉଁ ବିଷୟରେ ତାଲିମ୍ ପାଇଁ ଇଚ୍ଛୁକ ଲେଖି ଦରଖାସ୍ତ କରିପାରିବେ । ଇ-ମେଲ୍/ହ୍ୱାଟ୍ସ୍‌ଆପ୍ ମାଧ୍ୟମରେ ଆବେଦନ ମଧ୍ୟ କରିପାରିବେ । ପ୍ରତ୍ୟେକ ତାଲିମ୍ କାର୍ଯ୍ୟକ୍ରମର ଅବଧି ଦୁଇ ସପ୍ତାହ ଏବଂ ପ୍ରତ୍ୟେକ ଥର କୋଡିଏ ଜଣ ପ୍ରାର୍ଥୀଙ୍କୁ ତାଲିମ୍ ଦିଆଯିବ । ପ୍ରଥମେ ଆବେଦନ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ । ତାଲିମ୍ ସମୟରେ ପ୍ରାର୍ଥୀଙ୍କୁ କୃଷକ ନିବାସରେ ରହଣି ଓ ଖାଦ୍ୟପେୟର ବ୍ୟବସ୍ଥା ପ୍ରକଳ୍ପ ଦ୍ୱାରା କରାଯିବ । ତାଲିମ୍‌ରେ ଯୋଗଦେବା ନିମନ୍ତେ (ଥରକପାଇଁ) ବସ୍/ରେଳ ଦ୍ୱିତୀୟ ଶ୍ରେଣୀ ଭଡା ଟିକଟ ଅନୁସାରେ ପ୍ରଦାନ କରାଯିବ । ତାଲିମ୍ ଶେଷରେ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ । ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ବୟସ ୨୦-୩୫ ବର୍ଷ ମଧ୍ୟରେ ହୋଇଥିବା ଦରକାର । ଆବେଦନ କରିବାର ଠିକଣା :-

Principal Investigator, RKVY Project on SITDHAM
College of Agricultural Engineering and Technology
OUAT, Bhubaneswar-751003
E-mail : pirkvy.htam@gmail.com, Mob/Whatsapp : 9937660440



## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତୁଷୁରା, ଜିଲ୍ଲା: ବଲାଙ୍ଗୀର

### EXPRESSION OF INTEREST

Operationalisation of MCC - Selection of and Imparting Training WSHG for the Assignment

ତୁଷୁରା ଏନ୍.ଏ.ସି. ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏନ୍.ଏ.ସି.ରେ ଥିବା ୱେଲଥ୍ ସେଣ୍ଟର (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଓ ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି (ଏମ୍.ସି.ସି. ଓ ଏମ୍.ଆର୍.ଏଫ୍)ର ରକ୍ଷଣାବେକ୍ଷଣ ଓ ସୁ-ପରିଚାଳନାର (ଓଦା ମଇଳା ଓ ଶୁଖା ମଇଳା)ର ଦାୟିତ୍ୱ ନେବା ପାଇଁ ସରକାରଙ୍କ ନଗର ଉନ୍ନୟନ ବିଭାଗ ପତ୍ର ସଂଖ୍ୟା ୧୧୧୫୯ / ୧୯।୦୬।୨୦୨୦ଙ୍କ ନିର୍ଦ୍ଦେଶକ୍ରମେ ଏହି ପରିଷଦ ତରଫରୁ କୌଣସି ଗୋଷ୍ଠିକୁ ହସ୍ତାନ୍ତର କରିବା ପାଇଁ ସ୍ଥିର କରାଯାଇଅଛି।

ଏଣୁ ପରିଷଦ ତରଫରୁ ଜଣାଇ ଦିଆଯାଉଅଛି ଯେ, ନିକଟସ୍ଥ କୌଣସି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି.) କିମ୍ବା ପରିଷଦ ଅଧୀନରେ ଥିବା ଅନ୍ୟ କୌଣସି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି.) ଏହି ଦାୟିତ୍ୱ ନେବା ପାଇଁ ଯଦି ଆଗ୍ରହୀ ତେବେ ତା୦୪।୦୨।୨୦୨୧ରିଖ ସମୟ ଅପରାହ୍ନ ୪.୦୦ ସୁଦ୍ଧା ଏହି ପରିଷଦରେ ଆବେଦନ କରିପାରିବେ ଏବଂ ସବିଶେଷ ବିବରଣୀ ଓ ଫର୍ମ ପରିଷଦଠାରୁ ବିନା ମୂଲ୍ୟରେ ନେଇ ଆବେଦନ କରିବେ।

ଏହି ନଥିକୁ ଆପଣଙ୍କ ଅବଗତି ଓ ସ୍ୱୀକୃତି ପାଇଁ ନଥି ଉପସ୍ଥାପନା କରାଗଲା।

ସ୍ୱା./– ନିର୍ବାହୀ ଅଧିକାରୀ
ତୁଷୁରା ବିଜ୍ଞାପିତ ଅଞ୍ଚଳ ପରିଷଦ



## ODISHA ELECTRICITY REGULATORY COMMISSION

PLOT NO. 4, CHUNOKOLI, SAILASHREE VIHAR, BHUBANESWAR-751021
E-mail : orierc@rediffmail.com, Website :www.orierc.org

### PUBLIC NOTICE

Case No. 76 of 2020

Hearing Of NESCO Utility's Application on Aggregate Revenue Requirement (ARR), Wheeling Tariff & Retail Supply Tariff For the FY 2021-22 under S.62 of the Electricity Act, 2003 read with OERC (Terms and Conditions for Determination of Wheeling Tariff and Retail Supply Tariff) Regulations, 2014.

Pursuant to the Public Notice published in the English and Odia dailies by NESCO Utility on 19.12.2020 with regard to its Aggregate Revenue Requirement, Wheeling Tariff & Retail Supply Tariff for the Financial Year 2021-22, it is notified that the aforesaid applications will be taken up for both admission and hearing along with Case No.80 of 2020 for determination of open access charges for FY 2021-22 on 10.02.2021 at 11.00 AM in the virtual mode.The objections/ suggestions filed by the Organization/Persons whose name appear in this notice against the above stated application of NESCO Utility have been admitted by the Commission for hearing. Both the applicant (NESCO Utility) and the Organizations/Persons whose objections/ suggestions are admitted by the Commission for hearing are hereby directed to be present in person or through their authorized representatives or duly constituted attorney before the Commission on the date, time during the virtual hearing. Application of NESCO Utility shall be heard through virtual mode and for this purpose the applicant and the objectors shall have to furnish their individual e-mail ID and Whats App number in the address **oerc.vc@gmail.com** on the previous day of hearing to facilitate providing links for hearing.

By Order of the Commission
Sd./-SECRETARY

Dated:29.01.2021

N.B.: (i) The above public notice with list of Organizations/Persons whose objections/ suggestions have been admitted by the Commission for hearing is also available in OERC website **www.orierc.org**.

### NESCO Utility

1 Shri Akshya Kumar Sahani, Retd. Electrical Inspector, GoO, B/L-108, VSS Nagar, Bhubaneswar - 75007.
2 M/s. Balasore Alloys Limited, Balgopalpur, Balasore - 756020, Odisha.
3 Principal Chief Electrical Engineer, East Coast Railway, Rail Sadan, Chandrasekharpur, Bhubaneswar - 751017.
4 Sri Ananda Kumar Mohapatra, Power Analyst, S/o.-Jachindranath Mohapatra, Plot No. 639/1021, Lane-2, Laxmi Vihar, P.O.- Bankual, Tankapani Road, P.S.- Saheed Nagar, Bhubaneswar, Dist- Khurda - 751002.
5 M/s. Grinity Power Tech Pvt. Ltd., At-K-8-82, Kalinganagar, Ghatikia, Bhubaneswar-751029.
6 M/s. Visa Steel Limited, Kalinga Nagar Industrial Complex, At/P.O.- Jakhapura-755026, Dist.- Jajpur, Odisha.
7 Shri Ramesh Ch. Satpathy, Secretary, National Institute of Indian Labour & President, Upobhokta Mahasangha, Plot No. 302(B), Beherasahi, Nayapalli, Bhubaneswar-751012.
8 Er. (Dr.) P.K.Pradhan, Duplex-244, Manorama Estate, Rasulgarh, Bhubaneswar-751010.
9 M/s. Indian Energy Exchange, Plot No. C-001/A/1, 9th Floor, Max Towers, Sector-16B, Noida, Gautam Buddha Nagar, Uttar Pradesh - 201301.
10 M/s. Tata Steel Limited, Kalinganagar Industrial Complex, Duburi, JK Road, Dist.- Jajpur - 755026.
11 Sri Prabhakar Dora, 3rd Lane, Vidya Nagar, Co-Operative Colony, Rayagada, Dist.- Rayagada - 765001.



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

## ଜାତୀୟ ଟୀକାକରଣ ଦିବସ

## ପଲ୍‌ସ ପୋଲିଓ ଅଭିଯାନ

୩୧ ଜାନୁଆରୀ ୨୦୨୧

DSPL - 176

ଦୁଇବୁନ୍ଦା ପ୍ରତ୍ୟେକ ଥର,
ପୋଲିଓକୁ ଆଉ ନଥିବ ଡର



ପୋଲିଓ ଦିବସ ୩୧ ଜାନୁଆରୀ

ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁକୁ ପୋଲିଓର ମାତ୍ରା ନିଶ୍ଚୟ ଖୁଆନ୍ତୁ ଏବଂ ପୋଲିଓ ସଂକ୍ରମଣକୁ ଆଉ ଫେରିବାକୁ ସୁଯୋଗ ଦିଅନ୍ତୁ ନାହିଁ ।

ତେଣୁ ଆସନ୍ତୁ,ସମସ୍ତେ ଏକାଠି ହୋଇ ଆମ ଦେଶରେ ପୋଲିଓ ରୋଗକୁ ପ୍ରତିରୋଧ କରିବା ।

ଅଧିକା ଜାଣିବା ପାଇଁ ସ୍ୱାସ୍ଥ୍ୟକର୍ମୀ/ଆଶା/ଅଙ୍ଗନୱାଡି କର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ ।

ଏଥି ସହିତ କରୋନା ପ୍ରତିଷେଧକ ପାଇଁ ସମସ୍ତ ନିୟମ ପାଳନ କରିବା ମଧ୍ୟ ଜରୁରୀ ।

- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
- ମାସ୍କ ସଠିକ୍ ଭାବରେ ବ୍ୟବହାର କରନ୍ତୁ
- ଅତିକମ୍‌ରେ ୬ ଫୁଟ ଶାରିରୀକ ଦୂରତା ବଜାୟ ରଖନ୍ତୁ
- ଜନଗହଳି ସ୍ଥାନଠାରୁ ଦୂରେଇ ରୁହନ୍ତୁ
- ଏଣେ ତେଣେ ଛେପ ପକାନ୍ତୁ ନାହିଁ

OIPR-10003/13/0051/2021

facebook.com/HFWOdisha
http://www.health.odisha.gov.in/
@HFWOdisha

ସାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

## କାଠ କୋଇଲା ବୋଝେଇ ଭ୍ୟାନ୍ ଜବତ

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅନ୍ତର୍ଗତ ନୂଆପାଟଣା ମଧୁସେତୁ ନିକଟରୁ ଶୁକ୍ରବାର ବିଳମ୍ବିତ ରାତିରେ କାଠ କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନକୁ ସ୍ଥାନୀୟ ବନ ବିଭାଗ ଜବତ କରିଛି। ଆଠଗଡ଼ ମହାଲକ୍ଷ୍ମୀପୁରରୁ ଭୁବନେଶ୍ୱରକୁ ଏହି କୋଇଲା ଚୋରା ଚାଲାଣ ହେଉଥିବା ଖବରପାଇ ଚୌଦ୍ୱାର ଫରେଷ୍ଟର ପୁରୁଷୋତ୍ତମ ସାହୁ ଓ କର୍ମଚାରୀ ମଧୁସେତୁ ନିକଟରେ ଜଗି ରହିଥିଲେ। ରାତି ପ୍ରାୟ ୨ଟାରେ ଗାଡି ଆସିବା ଦେଖି ସେମାନେ ପିଛା କରିବା ସହିତ କୟଳପତା ନିକଟରେ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ଚୋରା କୋଇଲାକୁ ଜବତ କରାଯିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

## ସଂକ୍ଷେପରେ

### ଚିରଦିନ ଦୃଷ୍ଟାନ୍ତ ହୋଇରହିବ ଗାନ୍ଧିବାଦ

**କଟକ ଅଫିସ, ୩୦।୧:** ଗାନ୍ଧିଜୀଙ୍କୁ ହତ୍ୟା କରାଯାଇଥିଲେ ମଧ ତାଙ୍କର ବିଚାରଧାରାକୁ କେହି ହତ୍ୟା କରିପାରିବେ ନାହିଁ। ଗାନ୍ଧିବାଦ ଚିରଦିନ ପାଇଁ ଦୃଷ୍ଟାନ୍ତ ହୋଇ ରହିବ ବୋଲି ମହାତ୍ମା ଗାନ୍ଧିଙ୍କ ତିରୋଧାନ ଦିବସ ଉପଲକ୍ଷେ କଟକ ବାଖରାବାଦ୍‌ସ୍ଥିତ ଗାନ୍ଧୀଭବନରେ ଶନିବାର ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ବକ୍ତାମାନେ କହିଥିଲେ। ଉତ୍କଳ ଗାନ୍ଧୀ ସ୍ମାରକନିଧିର କାର୍ଯ୍ୟକାରୀ ସଭାପତି ଡ. ସତ୍ୟ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ଚିରଞ୍ଜନ ମହାନ୍ତି, ସ୍ତମ୍ଭକାର କିଶୋର ଶତପଥୀ, ଜୟନ୍ତୀ ମଞ୍ଜରୀ ରଥ, ପ୍ରଶାନ୍ତ ଦାସ, ସଞ୍ଜିତ ପଟ୍ଟନାୟକ, ବଂଶୀଧର ରାଉତ, ପଦ୍ମଲୋଚନ ମାହାଳିକ, ଅନିମା ରାୟ, ଯୁଗଳ କିଶୋର ନାୟକ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିଥିଲେ।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବାର୍ଷିକ ମହୋତ୍ସବ

**କଟକ ଅଫିସ, ୩୦।୧:** କଟକ ଜିଲା ନରାଜଠାରେ ଥିବା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବାର୍ଷିକ ମହୋତ୍ସବ ଓରାୟନ-୨୦୨୧ର ସପ୍ତମ ସଂସ୍କରଣ ଶୁକ୍ରବାର ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଅଭିନେତ୍ରୀ ଅନୁ ଚୌଧୁରୀ ଯୋଗଦେଇଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଅଜୟ କୁମାର ସିଂହ, କାର୍ମିକ ନିର୍ଦ୍ଦେଶକ ନରେନ୍ଦ୍ର ଲାମ୍ବା, ନିର୍ଦ୍ଦେଶକ ଛାତ୍ର ବ୍ୟାପାର କ୍ୟାପଟେନ ଚନ୍ଦ୍ରଶେଖର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। କୁଳସଚିବ ବି. ଆର. ଶର୍ମା ଧନ୍ୟବାଦ ଦେଇଥିଲେ।

### ପୂର୍ବତନ ଏମ୍‌ପି ବ୍ରହ୍ମାନନ୍ଦ ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବ

**କଟକ ଅଫିସ, ୩୦।୧:** ପୂର୍ବତନ ଏମ୍‌ପି ଓ ସାମାଜିକ ଅନୁଷ୍ଠାନ ନୀଳଚକ୍ରର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବ ଶନିବାର ପାଳିତ ହୋଇଯାଇଛି। ସକାଳେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଗଡ଼ଗଡିଆ ଘାଟରେ ତିଳତର୍ପଣ କରିବା ପରେ କଚେରିସ୍ଥିତ ବ୍ରହ୍ମାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ଆଡ୍‌ଭୋକେଟ ସୌରୀଚନ୍ଦ୍ର ମହାପାତ୍ର, ଡା. ରବି ରଞ୍ଜନ ସାହୁ, ଆଡ୍‌ଭୋକେଟ ସୁବାସ ଚନ୍ଦ୍ର ମହାନ୍ତି, ଅକ୍ଷୟ ପତି ଅତିଥି ଭାବେ ଯୋଗଦେଇ ବ୍ରହ୍ମାନନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ କାହ୍ନୁ ଚରଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ।

### ସାମାଜିକ କର୍ମୀଙ୍କ ସ୍ମୃତିସଭା

**କଟକ ଅଫିସ, ୩୦।୧:** ୪୨ ମୌଜା ଅନ୍ତର୍ଗତ କୁଲସରିଚୁଆଁ ଗ୍ରାମରେ ଶନିବାର ସାମାଜିକ କର୍ମୀ ବିଷ୍ଣୁ ଭୋଇଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କୁଲସରିଚୁଆଁ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ସୁବୋଧ ରାଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୁମରବର ଚୌଧୁରୀ, ସମ୍ମାନିତ ଅତିଥି ଭାବରେ ବିଜୟ ରାଉତରାଏ ଯୋଗଦେଇଥିଲେ। ଆଇପିଏସ ପ୍ରଶାନ୍ତ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୪୨ ମୌଜା ବିକାଶ ପରିଷଦ ସମ୍ପାଦକ ସନ୍ତୋଷ ପତି, ପୂର୍ବତନ ଶିକ୍ଷକ ପ୍ରାଣକୃଷ୍ଣ ମହାରଣା, ବ୍ରଜକିଶୋର ଦାସ, ଗୋବିନ୍ଦ ଚନ୍ଦ୍ର ଓଝା, ସରପଞ୍ଚ ଦିଲ୍ଲୀପ ରାଉଳ, ୪୨ ମୌଜା ଉନ୍ନୟନ ପରିଷଦର ସଭାପତି ଅନିଲ ଦାସ, ଜ୍ୟୋତିରଞ୍ଜନ ରାଉଳ ଯୋଗଦେଇଥିଲେ। ପୂର୍ବତନ ସମିତି ସଭ୍ୟ ଚିନ୍ମୟ ଭୋଳ ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

ବାଙ୍କୀ,୩୦।୧(ସ୍ୱ.ପ୍ର./ବି.ପ୍ର.)

ବାଙ୍କୀ ଥାନା ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମର ମାଧବ ନାୟକଙ୍କ ସ୍ତ୍ରୀ ବନିତା(୩୦)ଙ୍କ ହତ୍ୟା ଘଟଣାକୁ ଇତିମଧ୍ୟରେ ୧୦ଦିନ ବିତିଛି। ମାତ୍ର ଅଭିଯୁକ୍ତ ସ୍ୱାମୀଙ୍କ ବ୍ୟତୀତ ପୋଲିସ ଶାଶୁ ଘରର ଅନ୍ୟ ସଦସ୍ୟମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରିନାହିଁ। ପ୍ରତିବାଦରେ ବନିତାଙ୍କ ବାପ ଘର ଲୋକେ ଓ ସମ୍ପର୍କୀୟମାନେ ଶନିବାର ବାଙ୍କୀ ଥାନା ଘେରାଉ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବେଗୁନିଆ ହରିଜନ ସାହିର ବିପିନି ନାୟକଙ୍କ ଝିଅ ବନିତାଙ୍କ ସହ ମାଧବଙ୍କ ବୈଦିକରୀତିରେ ବିବାହ ହୋଇଥିଲା। ବିବାହ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିକରି ବନିତାଙ୍କୁ ନିର୍ଯାତନା ଦେଉଥିଲେ। ଜାନୁୟାରୀ



ବାଙ୍କୀ ଥାନା ଅଧିକାରୀ ସମ୍ପର୍କୀୟଙ୍କ ସହ ଆଲୋଚନା କରୁଛନ୍ତି।

**ବଧୂହତ୍ୟା ଘଟଣା**

୨୦ରେ ତାଙ୍କୁ ମାରିଦେଇଥିଲେ। ଥାନାରେ ଅଭିଯୋଗ ପରେ ମାମଲା (ନଂ.୧୩/୨୧)ରୁଜୁ ହୋଇଥିଲା। ଏନେଇ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ବନିତାଙ୍କ ବାପଘର ଲୋକେ ଦାବି କରିଥିଲେ। ବାଙ୍କୀ ଥାନା ଅଧିକାରୀ ଦେବେନ୍ଦ୍ର ମଲ୍ଲିକ ସେମାନଙ୍କୁ ବୁଝାଶୁଝା କରିବା ସହ ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଜାତି ପ୍ରତି ଗାନ୍ଧିଜୀଙ୍କ ଅବଦାନ ଅତୁଳନୀୟ




କଟକ ପୁରୀ ଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଗାନ୍ଧିଜୀଙ୍କ ଫଟୋଚିତ୍ର ନିକଟରେ ବିଧାୟକ ମହମ୍ମଦ ମୋକିମଙ୍କ ସହ ଅନ୍ୟମାନେ।

କଟକ ଅଫିସ/ଚୌଦ୍ୱାର, (ଡି.ଏନ.ଏ.): ୩୦।୧

ଜିଲା ପ୍ରଶାସନ ଓ ସିଏମ୍‌ସି ପକ୍ଷରୁ ଶନିବାର କଟକ ସଦର ଥାନା ଅଧୀନ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ଗାନ୍ଧିଜୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ସେଠାରେ ଜାତୀୟ ପତାକା ଉତ୍ତୋଳନ କରି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଜାତୀୟ ସଙ୍ଗୀତ ଗାନ ଓ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଏମ୍‌ପି ଭର୍ତ୍ତୃହରି ମହତାବ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ଷଡଙ୍ଗୀ, ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ, ସଚିବ ଲତାଶ୍ରୀ ବାଗ, ନିରୂପମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସକାଳେ ରାମଧୂନ କରାଯାଇଥିଲା। ଅପରାହ୍ନରେ ସ୍ୱରାଜ ଆଶ୍ରମଠାରେ ଏମ୍‌ପି, ଜିଲାପାଳ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ସର୍ବଧମ ପ୍ରାର୍ଥନା ସଭା ସହ ବିଡାନାସୀ ଶୋଭନୀୟ ଶିକ୍ଷାଶ୍ରମ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା।

**ଡ୍ରିମ୍‌ସ:** ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ଗାନ୍ଧିଜୀଙ୍କ ତିରୋଧାନ ଦିବସ ଓ ଶହୀଦ ଦିବସ ପାଳିତ ହୋଇଥିଲା। ଯୁକ୍ତ ୨ ବିଜ୍ଞାନ କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଜାତି ପ୍ରତି ଗାନ୍ଧିଜୀଙ୍କ ଅବଦାନ ଅତୁଳନୀୟ। ତାଙ୍କର ରଚନାତ୍ମକ କାର୍ଯ୍ୟକ୍ରମକୁ ଅନୁଶୀଳନ କରିବା ଆବଶ୍ୟକତା ରହିଛି। ଏଥିରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଲୋକନାଥ ବେହେରା, ନବକିଶୋର ମିଶ୍ର, ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯୁକ୍ତ ୨ ବିଜ୍ଞାନ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ମଲ୍ଲିକ ପୌରୋହିତ୍ୟ କରିଥିଲାବେଳେ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ଆଇଟିଆଇ ଅଧ୍ୟକ୍ଷ ଇଂ. ପ୍ରଶାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

**କଟକ ନଗର (ଜିଲା) କଂଗ୍ରେସ କମିଟି:** କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଗାନ୍ଧିଜୀଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଧାୟକ ଇ. ମହମ୍ମଦ ମୋକିମ, ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ଜିଲା ଯୁବ କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା, ନଗର ଯୁବ କଂଗ୍ରେସ ସଭାପତି ବିକି ଚକ୍ରବର୍ତ୍ତୀ, କଂଗ୍ରେସ ସଂଖ୍ୟାଲଘୁ ଅଧ୍ୟକ୍ଷ ସେକ୍ ଜିଆଉଦ୍ଦିନ, କଂଗ୍ରେସ ନେତା ଅଶ୍ୱିନୀ ମହାରଣା ପ୍ରମୁଖ ଯୋଗଦେଇଥିଲେ।

**ସମ୍ବାଦପତ୍ର ବିକ୍ରେତା ସଂଘ:** ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଥିଲା। କଟକସ୍ଥିତ ରାଷ୍ଟ୍ରଭାଷା ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ସଂଘର କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। ଏଥିରେ ସଂଘ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ପ୍ରଭାସ ପ୍ରଧାନ, ଦୀପ୍ତିରଞ୍ଜନ ପଟ୍ଟନାୟକ, ରଘୁନାଥ ପାଣିଗ୍ରାହୀ, ସନ୍ତୋଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

**ଚୌଦ୍ୱାର:** ଚୌଦ୍ୱାର ନଗର ବିଜେଡି ପକ୍ଷରୁ ଗାନ୍ଧିଜୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ନଗର ବିଜେଡି ସଭାପତି ବିଷ୍ଣୁ ଚରଣ ପରିଡାଙ୍କ ଆବାହକତ୍ୱରେ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଗାନ୍ଧୀଛକ ସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଗାନ୍ଧିଜୀ ଓ ପୂର୍ବତନ ଏମ୍‌ପି ବ୍ରହ୍ମାନନ୍ଦ ପଣ୍ଡାଙ୍କ ତିରୋଧାନ ଦିବସ ପାଳିତ ହୋଇଥିଲା। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଶୋକ ନାୟକ, ହରିହର ବେଉରା, ଚନ୍ଦ୍ରମୋହନ ସାହୁ, ସୁଶାନ୍ତ ନାୟକ, ମାନସ ସାହୁ, ରାଜେଶ ସାହୁଙ୍କ ସମେତ ବହୁ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ।

# ନେତାଜୀ ବସ୍ ଟର୍ମିନାଲ ନିର୍ମାଣ ପାଇଁ ଉଚ୍ଛେଦ ଆରମ୍ଭ

କଟକ ଅଫିସ, ୩୦।୧

କଟକ ଖାନ୍‌ନଗରଠାରେ ନେତାଜୀ ବସ୍ ଟର୍ମିନାଲ ନିର୍ମାଣ ପାଇଁ ଶନିବାରଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବାଦାମବାଡି ବାଳିକା ଉଚ୍ଚବିଦ୍ୟାଳୟ କୋଠାକୁ ଜେସିବି ସହାୟତାରେ ଭଙ୍ଗାଯାଇଛି। ଏଥିସହିତ ନିକଟରେ ଥିବା ସରକାରୀ ଜମିରୁ ମଧ୍ୟ ଉଚ୍ଛେଦ କରାଯାଇଛି।

**ପ୍ରଥମ ପର୍ଯ୍ୟାୟରେ ବାଦାମବାଡି ବାଳିକା ଉଚ୍ଚବିଦ୍ୟାଳୟ ଭଙ୍ଗାଗଲା**

ଅପରପକ୍ଷେ ଜିଲା ପ୍ରଶାସନ ଆସନ୍ତା ଫେବୃୟାରୀ ୩ ତାରିଖ ସୁଦ୍ଧା ବିଶ୍ୱନାଥ ପଣ୍ଡିତ ପାଠାଗାର ଖାଲି କରିବାକୁ ନିର୍ଦ୍ଦେଶ ଦେଇଛି। ଏହି ପାଠାଗାର ସିଡିଏ ସେକ୍ଟର-୬ରେ ଥିବା ଓଏଟି ବିଲ୍ଡିଂକୁ ସ୍ଥାନାନ୍ତର କରାଯିବ। ସୂଚନାଯୋଗ୍ୟ, ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ଜନଗହଳି ବୃଦ୍ଧି ପାଉଥିବାରୁ ଖାନ୍‌ନଗରଠାରେ ଅତ୍ୟାଧୁନିକ ବସ୍ ଟର୍ମିନାଲ ନିର୍ମାଣ ପାଇଁ ପରିକଳ୍ପନା ହୋଇଥିଲା। ନେତାଜୀ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବସ୍ ଟର୍ମିନାଲ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏଥିପାଇଁ ୬୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି।

## ଶିକ୍ଷାବିତ୍ ନୀଳମଣି ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ନିଆଳି,୩୦।୧(ଡି.ଏନ୍.ଏ.)

ନିଆଳି ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍, ନାଟ୍ୟକାର ତଥା ନିଆଳି ହାଇସ୍କୁଲର ପୂର୍ବତନ ଶିକ୍ଷକ ନୀଳମଣି ମିଶ୍ରଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ ସହ ସ୍ମୃତିଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନିଆଳି ହାଇସ୍କୁଲର ପୂର୍ବତନ ଛାତ୍ର ଶଙ୍କର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକ, ଶିକ୍ଷାବିତ୍ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସାହିତ୍ୟିକ ତ୍ରିନାଥ ପଟ୍ଟନାୟକ, ଅଧ୍ୟାପକ ଶରତ ଚନ୍ଦ୍ର ବାରିକ, ଡ. ଅଧିରାଜ ପରିଡା, ଡ. ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ନିଜ ବାସଭବନ ନିକଟରେ ନିର୍ମିତ ହୋଇଥିବା ନୀଳମଣି ମିଶ୍ରଙ୍କର ଏକ ପ୍ରତିମୂର୍ତ୍ତିକୁ ପୂର୍ବତନ ବିଧାୟକ ମଲ୍ଲିକ ଫିତାକାଟି ଉନ୍ମୋଚନ କରିଥିଲେ। ନୀଳମଣି ମିଶ୍ରଙ୍କ ଉଦ୍ଦେଶ୍ୟରେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ସ୍ମରଣିକା ଉନ୍ମୋଚନ କରିଥିଲେ। ଶ୍ୱେତଲିନା ମିଶ୍ର ଧନ୍ୟବାଦ ଦେଇଥିଲେ।




ଚାଷୀ ବିରୋଧୀ କୃଷି ଆଇନ ଓ ଜନ ବିରୋଧୀ ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର ଦାବି ନେଇ କଟକ କଲେଜ ଛକସ୍ଥିତ ନେତାଜୀ ପ୍ରତିମୂର୍ତ୍ତି ସମ୍ମୁଖରେ ଶନିବାର ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଧାରଣା।

## ବ୍ଲକସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

ଟାଙ୍ଗୀ (କଟକ), ୩୦।୧(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ପ୍ରମୋଦ ଉଦ୍ୟାନ ପରିସରରେ ବ୍ଲକସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ନେହେରୁ ଯୁବକେନ୍ଦ୍ର କଟକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଦିଗ୍‌ବଳୟ'ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟାଙ୍ଗୀ ଅଞ୍ଚଳର ୪୦ଟି ଯୁବ ସଙ୍ଗଠନର ମୋଟ୍ ୭୦ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଦିଗ୍‌ବଳୟର ସମ୍ପାଦକ ଗଙ୍ଗାଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଶୋକ ଦାଶ, ସରୋଜ ପଟ୍ଟନାୟକ, ଆତ୍ମାର ଅଧ୍ୟକ୍ଷ ନିବାସ ଚନ୍ଦ୍ର ପାଣ୍ଡବ ଓ ଡ. ସଚ୍ଚିଦାନନ୍ଦ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ସମସ୍ତ ଯୁବ ସଙ୍ଗଠନକୁ କ୍ରୀଡ଼ା ସାମଗ୍ରୀ ଓ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ନାରାୟଣ ସାହୁ ଓ ତପନ ମାଝି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ଗାନ୍ଧିଜୀ, ସୁଭାଷଙ୍କ ଦେଶଭକ୍ତି ଥିଲା ଅନନ୍ୟ

କଟକ ଅଫିସ, ୩୦।୧

କଟକସ୍ଥିତ ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷରେ ଗାନ୍ଧୀ ଓ ସୁଭାଷ ଶୀର୍ଷକ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ମହାତ୍ମା ଗାନ୍ଧି ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଦେଶଭକ୍ତି ଅନନ୍ୟ ଥିଲା। ସ୍ୱାଧୀନତା ସଂଗ୍ରାମରେ ଉଭୟଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପରିବେଶ ଏବଂ ପରିସ୍ଥିତିକୁ ନେଇ ଉଭୟଙ୍କ ମଧ୍ୟରେ ମତପାର୍ଥକ୍ୟ ହୋଇଥିଲେ ମଧ ଗାନ୍ଧିଜୀ ସୁଭାଷଙ୍କୁ ପୁତ୍ର ଭଳି ସ୍ନେହ ଦେଇଥିଲେ। ଉଭୟଙ୍କ ମଧ୍ୟରେ ଭାବନାତ୍ମକ ସମ୍ପର୍କ ରହିଥିଲା। ଏଥିରେ ଚିତ୍ତରଞ୍ଜନ ମହାନ୍ତି, ଶିକ୍ଷାବିତ୍ ଡ. ପାବକ କାନୁନଗୋ ଯୋଗଦେଇଥିଲେ। ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ଡା. ରବି ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସହ ଅନ୍ୟମାନେ।

# ୱାର୍ଡବାସୀଙ୍କ ଅଭିଯୋଗ ଶୁଣିଲେ ବିଧାୟକ

କଟକ ଅଫିସ, ୩୦।୧

ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଶନିବାର କଟକ ମହାନଗର ନିଗମ ଅଧୀନ ୩୨ ଓ ୩୩ ନମ୍ବର ୱାର୍ଡ ଅଞ୍ଚଳ ପରିଦର୍ଶନ କରିଥିଲେ। ସେଠାରେ ଜନସାଧାରଣଙ୍କୁ ଭେଟିବା ସହିତ ରାସ୍ତାଘାଟ ଓ ନାଳ ନର୍ଦ୍ଦମା ସଫେଇ, ମରାମତି, ମଶା ନିରାକରଣ ସମ୍ପର୍କରେ ପଚାରି ବୁଝିଥିଲେ। ଗରିବ, ଅସହାୟ, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ବହୁ ସଂଖ୍ୟକ ହିତାଧିକାରୀ ଓ ଆବାସ ଯୋଜନାରେ ବାରମ୍ବାର ଦରଖାସ୍ତ କରିଆସୁଥିବା ହିତାଧିକାରୀଙ୍କ ଆପତ୍ତି ଅଭିଯୋଗ ମଧ ଶୁଣିଥିଲେ। ଦୀର୍ଘ ବର୍ଷଧରି ରାଶନ କାର୍ଡ ପାଇଁ ୱାର୍ଡବାସୀ ଦରଖାସ୍ତ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସେମାନଙ୍କୁ ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ । କଟକ ନଗର (ଜିଲା) କଂଗ୍ରେସ କମିଟି ସଭାପତି ଗିରିବାଳା ବେହେରା, ନଗର ମହିଳା ସଭାନେତ୍ରୀ ଶୈଳବାଳା ଜେନା, ସ୍ନେହା ଚୌଧୁରୀ, କଂଗ୍ରେସ ନେତା ଧୀରେନ୍ଦ୍ର ସେଠୀ, ରବୀନ୍ଦ୍ର ସାହୁ, ଜୟଶ୍ରୀ ସାହୁ, ସେକ୍ ରଫିକ, ବାବୁ ରାଓଙ୍କ ସହ ଅନ୍ୟମାନେ ବିଧାୟକଙ୍କ ସାଙ୍ଗରେ ୱାର୍ଡ ଅଞ୍ଚଳ ବୁଲିଥିଲେ ।

## ରକ୍ତଦାନ ଶିବିର

କଟକ ଅଫିସ, ୩୦।୧: ଓଡ଼ିଶା ସ୍ୱାଭିମାନି ଯୁବ-ଛାତ୍ର ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କଟକସ୍ଥିତ ଗାନ୍ଧୀ ଭବନଠାରେ ମଞ୍ଚର ସଭାପତି ଡ. ବିପ୍ଳବ ଶିଳାଦିତ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଡିସିପି ପ୍ରମୋଦ ରଥ ମୁଖ୍ୟଅତିଥି, ଜୀବନ ବିନ୍ଦୁ ସଂଯୋଜକ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ।

# ଏନ୍‌ସିସି ଛାତ୍ରୀଛାତ୍ରଙ୍କ ସ୍ୱଚ୍ଛତା ଅଭିଯାନ



କଟକ ଅଫିସ,୩୦।୧

ଜାତୀୟ ସ୍ୱଚ୍ଛତା ଦିବସ ଉପଲକ୍ଷେ କଟକ ନାଭାଲ ୟୁନିଟ ଏନସିସି ପକ୍ଷରୁ ଏକ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ୧୨୦ଜଣ ଛାତ୍ରୀଛାତ୍ର କ୍ୟାଡେଟ ଅଂଶଗ୍ରହଣ କରି 'ଏକ ପରିଷ୍କାର ପରିବେଶରେ ବାସକରିବା ଆମ ସାମ୍ବିଧାନିକ ଅଧିକାର ଏବଂ ପରିବେଶକୁ ପରିଷ୍କାର, ସୁସ୍ଥ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ'ର ପ୍ରଚାର କରିଥିଲେ। ଏହି ଶୋଭାଯାତ୍ରା ଏନସିସି କାର୍ଯ୍ୟାଳୟଠାରୁ ଆରମ୍ଭ କରି କଣ୍ଟେନମେଣ୍ଟ ରୋଡ ଏବଂ ବାରବାଟୀ ଫୋର୍ଟ ପାର୍କ ପର୍ଯ୍ୟନ୍ତ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା।




କଟକ କଲେଜ ଛକଠାରେ ଶନିବାର ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ(ସି) ଓ ଏଆଇକେକେଏମଏସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ଗସ୍ତ ବିରୋଧରେ ଭାଜପାର ଗଣଧାରଣା

ମାହାଙ୍ଗା,୩୦।୧(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁସୁପୁରଠାରେ ବିରୂପା ନଦୀ ଉପରେ ନିର୍ମିତ ପୋଲକୁ ଆଇନ ମନ୍ତ୍ରୀ ପ୍ରତାପ ଜେନା ଶନିବାର ଉଦ୍‌ଘାଟନ କରିଛନ୍ତି। ବଡ଼ଚଣା-ବାଲିଚନ୍ଦ୍ରପୁରକୁ ସଂଯୋଗ କରୁଥିବା ଏହି ସେତୁ ନିର୍ମାଣ ପାଇଁ ୧୮ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ସେତୁ ଯୋଗୁ ମାହାଙ୍ଗା ଅଞ୍ଚଳର ୯ଟି ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହୋଇ ପାରିବେ ବୋଲି ଜେନା ଏହି ଅବସରରେ କହିଛନ୍ତି। ଅପରପକ୍ଷେ ତାଙ୍କର ଏହି କାର୍ଯ୍ୟକ୍ରମକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ପ୍ରତିବାଦରେ ମାହାଙ୍ଗା ଥାନା ସମ୍ମୁଖରେ ଭାଜପା କର୍ମୀମାନେ ମୁହଁରେ କଳାପଟି ବାନ୍ଧି ଗଣଧାରଣା ଦେଇଥିଲେ। ଦଳର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା ଓ ପୂର୍ବତନ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏହାର ନେତୃତ୍ୱ ନେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ମାହାଙ୍ଗା ଡବଲ ମର୍ଡର ଘଟଣାରେ ମନ୍ତ୍ରୀ ଜେନା ଅନ୍ୟତମ ଅଭିଯୁକ୍ତ ଥିଲାବେଳେ ତାଙ୍କ କାର୍ଯ୍ୟକ୍ରମ ପାଇଁ ପୋଲିସ ଅନୁମତି ଦେଇଛି। ଅପରପକ୍ଷେ ଜେନାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ନାହିଁ। ଏନେଇ ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସାଲେପୁର ଏସଡିପିଓ ରଞ୍ଜିତ ପୃଷ୍ଟିଙ୍କୁ ମାହାଙ୍ଗା ଥାନା ପରିସରରେ ପ୍ରଦାନ କରାଯାଇଥିଲା।

**ଆଇନ ମନ୍ତ୍ରୀ ଉଦ୍‌ଘାଟନ କଲେ କୁସୁପୁର ସେତୁ**

## ୧୨ ମୋବାଇଲ୍ ଫୋନ ଜବତ, ଜଣେ ଗିରଫ

ଭୁବନେଶ୍ୱର,୩୦।୧(ବ୍ୟୁରୋ): ମୋବାଇଲ ଫୋନ ଲୁଟ୍ ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଶନିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳର ବିଶ୍ଣୁ ନାୟକ(୧୯)। ପୋଲିସ ତାଙ୍କ ନିକଟରୁ ୧୨ ଫୋନ ଓ ଏକ ବାଇକ ଜବତ କରିଛି। ସ୍ମିତିରଞ୍ଜନ ନାୟକ ନାମକ ଜଣେ ଯୁବକ ମଙ୍ଗଳବାର ନୟାପଲ୍ଲୀ ଆଇଆରସି ଭିଲେଜ୍ ଏନ୍-୩ ଅଞ୍ଚଳରେ ଫୋନ୍‌ରେ କଥା ହୋଇ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ବିଶ୍ଣୁ ଏକ ବାଇକରେ ଆସି ତାଙ୍କ ଫୋନ୍ ଝାମ୍ପିନେଇ ପଳାଇଥିଲେ। ଅଭିଯୋଗ ପରେ ନୟାପଲ୍ଲୀ ପୋଲିସ ତଦନ୍ତ କରି ବିଶ୍ଣୁଙ୍କୁ ଠାବ କରିଥିଲା।



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ତୁଷାର ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- . ଜାତୀୟ ହସ୍ତତନ୍ତ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- . ଆଦିବାସୀ ମେଳା, ଆଦିବାସୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟା।
- . ତୋଷାଳି ମେଳା, ଜନତା ମଇଦାନ, ଜୟଦେବ ବିହାର ରାସ୍ତା, ଅପରାହ୍ନ ୨ଟା।

**କଣ୍ଟାପଡ଼ା**

- ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଉତ୍ସବ, ମଦନମୋହନ କଲ୍ୟାଣ ମଣ୍ଡପ, ବ୍ରାହ୍ମଣକାଟି, ପୂର୍ବାହ୍ନ ୧୧ଟା।

# ଆକର୍ଷିତ କରୁଛି ସବାଇ ଘାସ ସାମଗ୍ରୀ



ମେଳାର ଏକ ଷ୍ଟଲ୍‌ରେ ସବାଇ ଘାସରେ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରାଯାଉଛି।

**ଭୁବନେଶ୍ୱର, ୩୦।୧(ବ୍ୟୁରୋ)**

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ସବାଇ ଘାସ ଲୋକଙ୍କ ରୋଜଗାରର ପ୍ରମୁଖ ମାଧ୍ୟମ ପାଲଟିଛି। ପୂର୍ବରୁ ସବାଇ ଘାସରେ କାଗଜ ଓ ଦଉଡ଼ି ତିଆରି ହେଉଥିଲା। ଏବେ କିନ୍ତୁ ସବାଇ ଘାସରୁ ଆକର୍ଷଣୀୟ ହସ୍ତଶିଳ୍ପ ସାମଗ୍ରୀ ତିଆରି ହେଉଛି। ଭୁବନେଶ୍ୱର ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳାରେ ସବାଇ ଘାସରୁ ତିଆରି ସାମଗ୍ରୀ ଏବେ ଲୋକଙ୍କୁ ଟାଣି ନେଉଛି। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଦ୍ୱାରା ସବାଇ ଘାସରେ ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ ମେଳାର କେତେକ ମଣ୍ଡପରେ ପ୍ରଦର୍ଶନ କରାଯାଉଛି। ସାମଗ୍ରୀଗୁଡ଼ିକ ଖୁବ୍ ନିଖୁଣ ଓ ଆକର୍ଷଣୀୟ ଶୈଳୀରେ ପ୍ରସ୍ତୁତ ହୋଇଥିବାରୁ ଲୋକେ ଆଗ୍ରହର ସହ କିଣି ଘରକୁ ନେଉଛନ୍ତି। ଏହା ମଧ୍ୟରେ ଫୁଲ ଚାଙ୍ଗୁଡ଼ି, ପାଛିଆ, ବ୍ୟାଗ୍ ସହିତ ବିଭିନ୍ନ ଘରକରଣା ଓ ଘରସଜା ସାମଗ୍ରୀର ଅଧିକ ଚାହିଦା ରହିଛି। ଆଦିବାସୀମାନେ ନିଜ ଗ୍ରାମରେ ସବାଇ ଘାସ ଚାଷ କରି ସେ ସବୁକୁ ଆଣି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଏଥିସହ ମେଳା ମଣ୍ଡପରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ନିଜ ହାତରେ ତାହାକୁ ବୁଣି ଆକର୍ଷଣୀୟ ରୂପ ଦେଉଥିବା

### ଆଦିବାସୀ ମେଳାର ପଞ୍ଚମ ଦିବସ

ଦୃଶ୍ୟ ଦେଖିବାକୁ ମିଳୁଛି। ମୋରଡା ଓ ଶୁଳିଆପଦା ବ୍ଲକର ମହିଳା ଆଗରୁ ଘୋର ଦାରିଦ୍ର୍ୟ ଓ ଅନଟନ ମଧ୍ୟରେ ଜୀବନ ଅତିବାହିତ କରୁଥିବାବେଳେ ଏବେ ସବାଇ ଘାସରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ଦୁଇ ପଇସା ରୋଜଗାର କରିପାରୁଛନ୍ତି। କେତେକ ସ୍ୱୟଂ ସହାୟକ ଗୋଷ୍ଠୀ ସବାଇ ଘାସରେ ଫୁଲ ଝୁଡ଼ି, ଡଷ୍ଟବିନ୍, ମ୍ୟାଟ୍, ହଟ୍‌କେସ୍, ସପିଙ୍ଗ୍ ବ୍ୟାଗ୍, ବୋତଲ, ବ୍ୟାଗ୍, ଟ୍ରେ ଆଦି ପ୍ରସ୍ତୁତ କରିଛନ୍ତି। ସିନ୍ଦୂର ଫଗୁଆ, ପେନ୍ ଷ୍ଟାଣ୍ଡ, କାନଫୁଲ, ମୁଦି, ଫାଇଲ୍ କଭର୍ ଆଦି ସବାଇ ଘାସରେ ତିଆରି କରାଯାଉଛି ବୋଲି ମୟୂରଭଞ୍ଜ ଜିଲାର ୧୩ଟି ମାଇକ୍ରୋ ପ୍ରୋଜେକ୍ଟ ଦାୟିତ୍ୱରେ ଥିବା ମହିଳା ଅଧିକାରୀ ମମତା ଗ୍ରହାଚାର୍ଯ୍ୟ କହିଛନ୍ତି। ସୂଚନାଯୋଗ୍ୟ, ଆଦିବାସୀ ମେଳାର ଶନିବାର ଥିଲା ପଞ୍ଚମ ଦିବସ। ଅପରାହ୍ନରେ ମେଳା ଜମିଥିବାବେଳେ କିଣାକିଣିର ମଜା ନେଇଥିଲେ ଲେକେ।

## ସଂକ୍ଷେପରେ

### କବିତା ସଂକଳନ 'କେହି ଜଣେ ଫେରୁଛି ଯେମିତି' ଲୋକାର୍ପିତ

**ବାଲିପାଟଣା,୩୦।୧(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅଧୀନ ବିଶ୍ୱନାଥପୁରସ୍ଥିତ ମା' ଦକ୍ଷିଣେଶ୍ୱରୀ ପୀଠରେ ଜହ୍ନରାତି ସାହିତ୍ୟ ଆସର ଏବଂ ପ୍ରାଚୀଧାରା ସାହିତ୍ୟ ପତ୍ରିକା ମିଳିତ ଆନୁକୂଲ୍ୟରେ ଶନିବାର ଏକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସାହିତ୍ୟିକ ପ୍ରଫେସର ଆଦିକନ୍ଦ ସାହୁଙ୍କ ସଭାପତିତ୍ୱରେ ଅତିଥିମାନେ ଯୋଗଦେଇ ପ୍ରେମ ବିନା ସାହିତ୍ୟ ସାଧନା ଅଧୁରା ବୋଲି କହିଥିଲେ। ଏହି ଅବସରରେ କବି ଡ. ରଜନୀ ରଞ୍ଜନ ଦାସଙ୍କ କବିତା ସଂକଳନ 'କେହି ଜଣେ ଫେରୁଛି ଯେମିତି' ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ.ଫନି ମହାନ୍ତି, ଡ.ଅଜୟ ସ୍ୱାଇଁ, ଡ. ଅବଦୁଲ ଓସିଦ ଖାଁ, ଭିଜାମାଟି ସମ୍ପାଦିକା ଚିନ୍ମୟୀ ଷଡ଼ଙ୍ଗୀ, ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନ, ଗୀତାଶ୍ରୀ ପ୍ରିୟମ୍ବଦା, ଗୀତିକବି ଧନଞ୍ଜୟ ସ୍ୱାଇଁ, ବିପିନ ମହାନ୍ତି, ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ, ପୂର୍ଣ୍ଣଚନ୍ଦ୍ର ମହାରଣା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

### କୃଷି ରଥ ଉଦ୍‌ଘାଟିତ

**ବାଲିଅନ୍ତା,୩୦।୧(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁରସ୍ଥିତ ସରକାରୀ କଲ୍ୟାଣ ମଣ୍ଡପରେ ଶନିବାର ବ୍ଲକସ୍ତରୀୟ କୃଷକ ତାଲିମ କାର୍ଯ୍ୟକ୍ରମ ଓ କୃଷି ରଥ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। 'ଆତ୍ମା' ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ କୃଷି ରଥର ଶୁଭାରମ୍ଭ କରିଥିଲେ। ଏଥିସହ ବାଲିଅନ୍ତା ଓ ବାଲିପାଟଣାରେ ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ଅରୁନ୍ଧତୀ ସାହୁ, ଅମରେନ୍ଦୁ ପଟ୍ଟନାୟକ, ଜୟଶ୍ରୀ ନାୟକ, ଅଚ୍ୟୁତାନନ୍ଦ ପାତ୍ର, ବୀରଞ୍ଚି ନାରାୟଣ, ଅରୁଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ କୃଷି ଅଧିକାରୀ ମନୋରଞ୍ଜନ ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜି. ଶ୍ୱେତା ଦନ୍ୟବାଦ ଦେଇଥିଲେ।

### ଶହୀଦନଗର ୟୁଥ୍ ଆସୋସିଏଶନ ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର,୩୦।୧(ବ୍ୟୁରୋ):** ଶହୀଦନଗର ୟୁଥ ଆସୋସିଏଶନ ପକ୍ଷରୁ ଶନିବାର ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅନନ୍ତ ନାରାୟଣ ଜେନା, କ୍ଷୁଦ୍ରଶିଳ୍ପ ନିଗମ ଅଧକ୍ଷ ଚିନ୍ମୟ ସାହୁ, ପ୍ରଶାସନିକ ଅଧିକାରୀ ମଦନ ମୋହନ ପଣ୍ଡା ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କ୍ୟାପିଟାଲ ହସ୍ପିଟାଲ ବ୍ଲଡ୍ ବ୍ୟାଙ୍କର ଡାକ୍ତର ଓ କର୍ମଚାରୀଙ୍କ ଦ୍ୱାରା ମୋଟ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଜେଡି ସାଧାରଣ ସମ୍ପାଦକ ଦୀପକ ବେହେରା, ତନ୍ମୟ ସ୍ୱାଇଁ, ରାଜେଶରାଜ ସ୍ୱାଇଁ, ଅଜିତ ବେହେରା ପରିଚାଳନା କରିଥିଲେ।

# ଚୋରି ସାଇକେଲ ଫେରି ପାଇଲେ ଦିବ୍ୟାଙ୍ଗ ଶିଶୁ

**ଭୁବନେଶ୍ୱର,୩୦।୧(ବ୍ୟୁରୋ)**



୮ ବର୍ଷର ଦିବ୍ୟାଙ୍ଗ ଶିଶୁ ପାର୍ଥ ଦାସ ପଟ୍ଟନାୟକ। ଠିକ୍‌ରେ କଥା କହିପାରନ୍ତି ନାହିଁ। ସାଇକେଲ୍ ଚଳାଇବାକୁ ଜିଦ୍ କରିବାରୁ ଜନ୍ମଦିନରେ ତାଙ୍କ ମାଉସୀ ସ୍ନେହରେ ଏକ ସାଇକେଲ ଆଣି ଦେଇଥିଲେ। ସାଇକେଲ୍‌ଟିକୁ ପାଇବା ପରେ ପାର୍ଥ ଖୁସିରେ ଭୋକ ଶୋଷ ଭୁଲିଯାଇଥିଲେ। ଦିନରାତି ଘର ସାମ୍ନାରେ ନିଜ ସାଇକେଲଟିକୁ ଗଡାଉଥିଲେ। କିଛିଦିନ ତଳେ ଘର ନିକଟରୁ ସାଇକେଲଟିକୁ କେହି ଚୋରି କରିନେଇଥିଲେ। ସେବେଠାରୁ ପାର୍ଥ ନିଜ ପ୍ରିୟ ସାଇକେଲକୁ ଝୁରି ଝୁରି ଲୁହ ଗଡ଼ାଉଥିଲେ। ସେହି ସାଇକେଲ୍ ପାଇଁ ପାର୍ଥ ଜିଦ୍ ଧରିବାରୁ ଶେଷରେ ପରିବାର ଲୋକଙ୍କୁ ନୟାପଲ୍ଲୀ ଥାନାରେ ଅଭିଯୋଗ କରିବାକୁ ପଡିଲା। ପୋଲିସ ମଧ୍ୟ ପାର୍ଥଙ୍କ ମନର କଷ୍ଟକୁ ବୁଝି ଖୋଜିବା ଆରମ୍ଭ କଲା। ଶେଷରେ ପାର୍ଥଙ୍କ ଘରେ କାମ କରୁଥିବା ପ୍ରଦୀପ ମହାନ୍ତିଙ୍କୁ ଶନିବାର ଗିରଫ କରିବା ସହ ସାଇକେଲ ଚୋରିର ପର୍ଦ୍ଦାଫାଶ କରିଛି। ପ୍ରଦୀପ ଉକ୍ତ ସାଇକେଲକୁ ଚୋରି କରି ନେବାପରେ ଖୋର୍ଦ୍ଧା ଅଞ୍ଚଳରେ ଥିବା ଜଣେ ଚିକେନ ଦୋକାନୀଙ୍କୁ ବିକ୍ରି କରିଦେଇଥିଲେ। ସେଠାରୁ ପୋଲିସ ସାଇକେଲକୁ ଜବତ କରି ପାର୍ଥଙ୍କୁ ଉପହାର ଦେଇ ତାଙ୍କ ମୁହଁରେ ହସ ଫୁଟାଇଛି। ପରିବାର ଲୋକଙ୍କ ସହ ପାର୍ଥ ସାଇକେଲ ନେବାବେଳେ ଥାନା ପରିସରରେ ପାର୍ଥଙ୍କ ଖୁସିର ସୀମା ରହି ନ ଥିବା ଦେଖିବାକୁ ମିଳିଥିଲା।

## ଜଗତ୍‌ପୁରରେ ଦୁଇ ପୋଲିସ ଏଡ୍‌ପୋଷ୍ଟ ପାଇଁ ଦାବି

**କଟକ ଅଫିସ, ୩୦।୧**

ଜଗତ୍‌ପୁର ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାରୁ ଆଇବି ରୋଡ୍ ଓ ଇଫିକଲ ଛକଠାରେ ପୋଲିସ ଏଡପୋଷ୍ଟ କରାଯିବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଏଥିସହ ଟ୍ରାଫିକ ପୋଲିସ ମୁତୟନ, ଭାରିଯାନ ପାର୍କିଂ ବନ୍ଦ, ଗୋଲେଇ ଛକରେ ସିସିଟିଭି କ୍ୟାମେରା ଲଗାଯିବା ଓ ରାତ୍ରିକାଳୀନ ପାଟ୍ରୋଲିଂ କଡାକଡି କରିବାକୁ ଦାବି ହୋଇଛି। ଦଳର ୪୮ ନଂ. ୱାର୍ଡ ସଭାପତି ରଶ୍ମିକାନ୍ତ ସାମଲ ଓ ୪୯ ନଂ. ୱାର୍ଡ ସଭାପତି ଅଲେଖ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ଜଗତପୁର ଥାନାଧିକାରୀଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରିଥିଲେ।

# ଓଡ଼ିଶାରେ ରାଜସ୍ଥାନୀ ମୂର୍ତ୍ତି ଚୋର ଗ୍ୟାଙ୍ଗ

**ଖୋର୍ଦ୍ଧା ଅଫିସ/ବାଣପୁର, ୩୦।୧(ଡି.ଏନ୍.ଏ.)**



ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

### ଦକ୍ଷ ପ୍ରଜାପତିଙ୍କ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣା

- ୪ ଅଭିଯୁକ୍ତ ଗିରଫ
- ୯ ମୂର୍ତ୍ତି, ୪ ତରଳା ପଦାର୍ଥ ଜବତ
- କାମ କରିବା ବାହାନାରେ ଚୋରି କରନ୍ତି
- ସିସିଟିଭି ଫୁଟେଜରୁ ମିଳିଥିଲା ସୁରାକ

ଖୋର୍ଦ୍ଧା ଜିଲା ବାଣପୁରର ପ୍ରସିଦ୍ଧ ଦକ୍ଷ ପ୍ରଜାପତିଙ୍କ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାରେ ପୋଲିସ ରାଜସ୍ଥାନର ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରାଜସ୍ଥାନ ୱାଜିପୁର ଥାନା ଅଞ୍ଚଳର ମୁକେଶ ଚନ୍ଦ୍ର ମୀନା ଓରଫ ଫୁଜି(୪୪), କୈଳାସ ମୀନା(୩୪), ଛୁତାନ(୩୨) ଏବଂ ମନୋଜ କୁମାର ମୀନା(୩୦)। ଏମାନଙ୍କ ଠାରୁ ୯ଟି ଦେବଦେବୀଙ୍କ ଅଷ୍ଟଧାତୁ ମୂର୍ତ୍ତି, ୪ଟି ତରଳ ପଦାର୍ଥ, ୩ ମୋବାଇଲ ଫୋନ ଏବଂ ଗୋଟିଏ ବ୍ୟାଗ ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ମନୋଜଙ୍କ ନାମରେ ରାଜସ୍ଥାନର ବିଭିନ୍ନ ଥାନାରେ ୯ଟି ମାମଲା ରହିଥିବା ବେଳେ ମୁକେଶଙ୍କ ନାମରେ ୭ଟି, କୈଳାସଙ୍କ ନାମରେ ୬ଟି ଏବଂ ଛୁତାନଙ୍କ ନାମରେ ୪ଟି ମାମଲା ରହିଛି ବୋଲି ଶନିବାର ବାଣପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି।

ପ୍ରକାଶ ଯେ, ଦକ୍ଷ ପ୍ରଜାପତିଙ୍କ ମନ୍ଦିରରୁ ଡିସେମ୍ବର ୨୨ ବିଳମ୍ବିତ ରାତିରେ ୨୨ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୩୧୮/୨୦) ରୁଜୁ ହୋଇଥିଲା। ମନ୍ଦିରରୁ ମୂର୍ତ୍ତି ଚୋରି ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୋଲିସ ମନ୍ଦିର ନିକଟ ଦୋକାନରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିଥିଲା। ଅଭିଯୁକ୍ତଙ୍କୁ ଧରିବା ଲାଗି ବାଲୁଗାଁ ଏସ୍‌ଡିପିଓ ଏବଂ ବାଣପୁର ପୋଲିସକୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଚଢ଼ାଉ କରିଥିଲା। ଏପରିକି ବିଭିନ୍ନ ସୁନା ବେପାରୀ, ମୂର୍ତ୍ତି କାରିଗରଙ୍କୁ ମଧ୍ୟ ପଚରାଉଚରା କରିଥିଲା। ସିସିଟିଭି ଫୁଟେଜରୁ ମିଳିଥିବା ତଥ୍ୟକୁ ମାଧ୍ୟମ କରି ପୋଲିସ ବରୁଣେଇ ମନ୍ଦିର ନିକଟରେ କୈଳାସଙ୍କୁ ଗିରଫ କରିଥିଲା। ପରେ ତାଙ୍କ ଠାରୁ ସୂଚନା ପାଇ ପୋଲିସ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ଚୋରି ଘଟଣା ସ୍ୱୀକାର କରିଥିଲେ। ଅଭିଯୁକ୍ତମାନେ ପେସାଦାର ମୂର୍ତ୍ତି ଚୋର। ଏମାନେ ବାଣପୁର ଅଞ୍ଚଳର ଜଣେ ଠିକାଦାରଙ୍କ ଅଧୀନରେ କାମ କରୁଥିଲେ। ଏହି ଅଞ୍ଚଳରେ ରହିଥିବା ବିଭିନ୍ନ ମନ୍ଦିର ଉପରେ ନଜର ପକାଇଥିଲେ। ଦକ୍ଷ ପ୍ରଜାପତିଙ୍କ ମନ୍ଦିରରେ ଅଷ୍ଟଧାତୁ ମୂର୍ତ୍ତି ରହିଥିବା ଜାଣିବା ପରେ ଅଭିଯୁକ୍ତମାନେ ଏହାକୁ ଚୋରି କରିବା ଲାଗି ବ୍ଲୁ ପ୍ରିଣ୍ଟ କରିଥିଲେ। କୋଭିଡ୍ ସମୟରେ ମନ୍ଦିରରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଥିବା ସୁଯୋଗ ନେଇ ମୂର୍ତ୍ତି ଚୋରି କରୁଥିଲେ। ଏଥିରୁ ଅଧିକାଂଶ ମୂର୍ତ୍ତି ତରଳାଇ ଦେଇଛନ୍ତି। ଏଥିସହ ବିଭିନ୍ନ ରାଜ୍ୟରୁ ଏମାନେ ମୂର୍ତ୍ତି ଚୋରି କରିଥିବା ସ୍ୱୀକାର କରିଛନ୍ତି। ଏହି ଘଟଣାରେ ଅନ୍ୟ କେଉଁମାନଙ୍କ ହାତ ରହିଛି, ତାହାର ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଏସ୍‌ପି ସ୍ୱାଇଁ କହିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା

**ଭୁବନେଶ୍ୱର, ୩୦।୧(ବ୍ୟୁରୋ)**

ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ଶନିବାର ଏକ ଆଲୋଚନାଚକ୍ର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୫୦ଜଣ ସ୍କାଉଟ୍, ଗାଇଡ୍, ସ୍କାଉଟ୍ ମାଷ୍ଟର ଓ ଗାଇଡ୍ କ୍ୟାପ୍‌ଟେନ୍ ଯୋଗଦାନ ଦେଇଥିଲେ। ରାଜ୍ୟ ମୁଖ୍ୟ କମିଶନର କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟ୍ରାଫିକ ଡିସିପି ସୌମ୍ୟା ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଡିସିପି କେ.କେ. ପାଣିଗ୍ରାହୀ ଯୋଗଦେଇ ନିଜକୁ କିଭଳି ସୁରକ୍ଷିତ ରଖିବା ସହ ଦୁର୍ଘଟଣା ସମୟରେ ଅନ୍ୟକୁ ସାହାଯ୍ୟ ସହଯୋଗ କରିପାରିବା ତାହା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍କାଉଟ୍ ଗାଇଡ୍, ସ୍କାଉଟ୍ ମାଷ୍ଟର ଏବଂ ଗାଇଡ୍ କ୍ୟାପ୍‌ଟେନ୍‌ମାନେ ହାତରେ ପ୍ଲାକାର୍ଡ ଧରି ଲୋକଙ୍କୁ ସଚେତନ କରିବା ସହ ବିଭିନ୍ନ ସ୍ଥାନରେ ଲିଫ୍‌ଲେଟ୍ ବାଣ୍ଟିଥିଲେ। ରାଜ୍ୟ ସଙ୍ଗଠନ କମିଶନର (ଗାଇଡ୍) ଅନାମିକା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଯୁଗ୍ମ ରାଜ୍ୟ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟ ପରିସରରେ ଶନିବାର ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଟ୍ରାଫିକ ଡିସିପି ସୌମ୍ୟା ମିଶ୍ର ଓ ଅନ୍ୟମାନେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରେଣୀ



@ କମଳାକାନ୍ତ



@ ବିଶ୍ୱମ୍ଭର



@ ସୁକାନ୍ତ



@ ରାମଚନ୍ଦ୍ର



@ ରାଜେଶ



@ ଶରତ



@ ରମେଶ

## ସଂକ୍ଷେପରେ

### 'ଚାଷୀଙ୍କୁ ଫସାଇଲେ ତେଜିବ ଆନ୍ଦୋଳନ'

**ନୂଆଦିଲ୍ଲୀ,୩୦।୧(ପି.ଟି.):** ସାଧାରଣତନ୍ତ୍ର ଦିବସ ଟ୍ରାକ୍ଟର ରାଲି ହିଂସା ମାମଲାରେ ନିରୀହ ଚାଷୀଙ୍କୁ ଫସାଇଲେ କେନ୍ଦ୍ରର କୃଷି ଆଇନ ବିରୋଧୀ ଆନ୍ଦୋଳନ ଉଗ୍ର ହେବ ବୋଲି ଶନିବାର ବରିଷ୍ଠ କଂଗ୍ରେସ ନେତା ଗୁଲାମନବୀ ଆଜାଦ ସରକାରଙ୍କୁ ଚେତାଇ ଦେଇଛନ୍ତି। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଆଜାଦ ସର୍ବଦଳୀୟ ବୈଠକରେ କହିଛନ୍ତି, ସରକାର ଲାଲକିଲ୍ଲା ଘଟଣାକୁ ନେଇ ଚାଷୀଙ୍କୁ ମିଥ୍ୟା ମାମଲାରେ ଫସାଇବା ବନ୍ଦ କରନ୍ତୁ। ଏଥିରେ ସମ୍ପୃକ୍ତ ପ୍ରକୃତ ଅଭିଯୁକ୍ତମାନଙ୍କୁ ଧରିବା ପରିବର୍ତ୍ତେ ନିରୀହ ଲୋକଙ୍କୁ ଛନ୍ଦିଲେ ଆନ୍ଦୋଳନ ତେଜିବ। ସରକାର ୩ କୃଷି ଆଇନକୁ ଗୃହୀତ କରାଇବା ପୂର୍ବରୁ ସିଲେକ୍ଟ କମିଟିକୁ ନ ପଠାଇ ଭୁଲ କରିସାରିଛନ୍ତି। ଏବେ ଆଉ ଏକ ଭୁଲ୍ କରନ୍ତୁ ନାହିଁ ବୋଲି ଆଜାଦ୍ କହିଛନ୍ତି।

### ୧୦ରୁ ବାତଜ୍ୱର ଔଷଧ ବଣ୍ଟନ

**କଟକ ଅଫିସ, ୩୦।୧:** ଜିଲାର ୧୪ଟି ବ୍ଲକ ସମେତ ସହରରେ ଆସନ୍ତା ଫେବୃୟାରୀ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସମୂହ ବାତଜ୍ୱର ଔଷଧ ବଣ୍ଟନ କରାଯିବ। ଜିଲାର ୨୪,୮୦,୪୬୭ ଜଣ ହିତାଧିକାରୀ ସାମୂହିକ ବାତଜ୍ୱର ଔଷଧ ସେବନ କରିବେ। ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀମାନେ ଡିଇସି ଏବଂ କୃମି ନାଶକ ବଟିକା ଘରକୁ ଘର ଯାଇ ବଣ୍ଟନ କରିବେ। ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ଶିଶୁ, ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ଔଷଧ ସେବନ କରିବେ ନାହିଁ। ଏହି କାର୍ଯ୍ୟକ୍ରମ ପାଇଁ ଏକ ସମନ୍ୱୟ ବୈଠକ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଅଧକ୍ଷତା କରିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ଡା. ରଞ୍ଜନ କୁମାର ସିଂ ଓ ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବୃଦ୍ଧା ମା'ଙ୍କୁ ମାଡ଼ ଅଭିଯୋଗ

**ସାଲେପୁର,୩୦।୧(ଡି.ଏନ.ଏ.):** ସାଲେପୁର ଥାନା ଅଧୀନ ଚନ୍ଦ୍ରାଦେଇପୁର ପଞ୍ଚାୟତ ଅନ୍ତର୍ଗତ ଲୁଣାହାର ଗ୍ରାମର ଜଣେ ବୃଦ୍ଧା ମା'ଙ୍କୁ ପୁଅ ଓ ପରିବାରର ଅନ୍ୟ ସଦସ୍ୟ ମାଡ଼ ମାରିଥିବା ନେଇ ଥାନାରେ ଶନିବାର ଲିଖିତ ଅଭିଯୋଗ ହୋଇଛି। ଲୁଣାହାର ଗ୍ରାମର ହୀରାମଣି ବେହେରାଙ୍କ ଅଭିଯୋଗ ମୁତାବକ, ସ୍ୱାମୀଙ୍କ ୧୦ ବର୍ଷ ହେବ ମୃତ୍ୟୁ ହୋଇଛି। ଏହାପରଠୁ ପରିବାର ଲୋକେ ତାଙ୍କୁ ନିର୍ଯାତନା ଦେଉଛନ୍ତି। ବହୁ ସମୟରେ ମାଡ଼ ମାରିବା ସହ ଖାଇବାକୁ ଦେଉନାହାନ୍ତି। ଏ ସମ୍ପର୍କରେ ସାଲେପୁର ଥାନା ସବ୍‌ଇନ୍‌ସ୍ପେକ୍ଟର ସଂଯୁକ୍ତା ଖିଲାର କହିଛନ୍ତି, ଅଭିଯୋଗର ତଦନ୍ତ ଚାଲିଛି।

### ପ୍ଲାଷ୍ଟିକ ମୁକ୍ତ ହେବ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ

**ଭୁବନେଶ୍ୱର,୩୦।୧(ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟ ଆଲୁମିନି ତଥା ପୁରାତନ ଛାତ୍ରଙ୍କ ସହଯୋଗରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ 'ଏକକ ବ୍ୟବହାର ପ୍ଲାଷ୍ଟିକ୍ ମୁକ୍ତ ବାଣୀ ବିହାର' ଅଭିଯାନ ଆରମ୍ଭ କରାଯାଇଛି। ବିଶ୍ୱବିଦ୍ୟାଳୟ ଆଲୁମିନି ଆସୋସିଏଶନ ସଭାପତି ତଥା ରାଜ୍ୟ ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ବି.କେ. ପଟ୍ଟନାୟକ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ଶପଥ କରାଇଥିଲେ। ପ୍ରଫେସର ଅଶୋକ ଦାସ, ସାଧାରଣ ସମ୍ପାଦକ ତଥା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବସନ୍ତ କୁମାର ମଲ୍ଲିକ, ପିଜି ପରିଷଦର ଚେୟାରମ୍ୟାନ ଅଭୟ କୁମାର ନାୟକ, ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର, ବିଏମ୍‌ସି ଡେପୁଟି କମିଶନର (ପରିମଳ) ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆସୋସିଏଶନର ସାଧାରଣ ସମ୍ପାଦକ ଅଶୋକ ଦାସ ଅଭିଯାନ ସମ୍ପର୍କରେ କହିଲେ, ପ୍ଲାଷ୍ଟିକ ପ୍ରଦୂଷଣ ପରିବେଶ ଓ ମାନବ ସମାଜ ସହ ପୂରା ଜୀବଜଗତ ଉପରେ ଖରାପ ପ୍ରଭାବ ପକାଇଥାଏ। ଏହାର ଭୟାନକ ପ୍ରଭାବକୁ ଦୃଷ୍ଟିରେ ରଖି ସରକାର ଭୁବନେଶ୍ୱର ଓ ସମସ୍ତ ସହରାଞ୍ଚଳ ସମେତ ରାଜ୍ୟରେ ଏକକ ବ୍ୟବହାର ପ୍ଲାଷ୍ଟିକ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏହି ପ୍ରୟାସରେ ବିଶ୍ୱବିଦ୍ୟାଳୟକୁ ଅଂଶୀଦାର କରିବା ପାଇଁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଆଲୁମିନି ଆସୋସିଏଶନକୁ ଧନ୍ୟବାଦ ଜଣାଇଥିଲେ। ଆଲୁମିନି ଆସୋସିଏଶନ ସଭାପତି ପଟ୍ଟନାୟକ ଏହି ଅଭିଯାନକୁ ଜୋରଦାର କରାଯିବ ବୋଲି କହିଥିଲେ।



ନୂଆଦିଲ୍ଲୀର ରାଜଘାଟରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ତାଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।

## ମା'ଙ୍କ ମୃତଦେହକୁ ଫ୍ରିଜ୍‌ରେ ରଖିଥିଲେ ୧୦ ବର୍ଷ

**ଟୋକିଓ,୩୦।୧**



ୟୁମି ୟୋଶିନୋ

ଜାପାନର ଜଣେ ମହିଳା ତାଙ୍କ ମା'ଙ୍କ ମୃତଦେହକୁ ଫ୍ରିଜ୍‌ରେ ୧୦ ବର୍ଷ ଧରି ଲୁଚାଇ ରଖିଥିଲେ। ମା'ଙ୍କ ମୃତ୍ୟୁ ହୋଇଯାଇଛି ବୋଲି ଜଣାପଡ଼ିଲେ ଆପାର୍ଟମେଣ୍ଟରୁ ବାହାର କରିଦିଆଯିବା ଭୟରେ ସେ ଏନେଇ କାହାକୁ କିଛି କହି ନ ଥିଲେ ବୋଲି ଶନିବାର ପୋଲିସ ନିକଟରେ ସ୍ୱୀକାର କରିଛନ୍ତି ୪୮ ବର୍ଷୀୟା ୟୁମି ୟୋଶିନୋ।

ଧରାପଡ଼ିବା ପରେ ୟୁମି କହିଛନ୍ତି, ମା'ଙ୍କ ନାମରେ ମ୍ୟୁନିସିପାଲ ହାଉସିଂ କମ୍ପ୍ଲେକ୍ସର ଏକ ଆପାର୍ଟମେଣ୍ଟ ଲିଜ୍‌ରେ ମିଳିଥିଲା। ୬୦ ବର୍ଷ ବୟସରେ ମା' ମରିଯାଇଥିବା ଜାଣିବା ପରେ ମଧ ସେ ତାଙ୍କ ସହ ରହୁଥିବା ଘର ଛାଡ଼ିବାକୁ ଚାହିଁ ନ ଥିଲେ। ସେ ସେହି ଘରେ ଦୀର୍ଘ ୧୦ ବର୍ଷ ଧରି ଏକୁଟିଆ ରହିଥିଲେ। ତେବେ ନିକଟରେ ଘରଭଡ଼ା ଦେଇ ନ ପାରିବାରୁ ୟୁମିଙ୍କୁ ସେଠାରୁ ବାହାର କରି ଦିଆଯାଇଥିଲା। ଜଣେ ସଫେଇ କର୍ମଚାରୀ ଉକ୍ତ ଘରେ ଥିବା ଏକ ଫ୍ରିଜରରୁ ମହିଳାଙ୍କ ମୃତଦେହ ଠାବ କରିଥିଲେ। ୧ ଦଶନ୍ଧି ବିତିଯାଇଥିବାରୁ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା ତାହା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ି ନାହିଁ। ପୋଲିସ ୟୁମିଙ୍କୁ ଶୁକ୍ରବାର ଏକ ହୋଟେଲରୁ ଗିରଫ କରିଛି।

# କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପଦୋନ୍ନତି

**ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନିୟମିତତା ଘଟଣା**

**ନିଶ୍ଚିନ୍ତକୋଇଲି,୩୦।୧(ସ୍ୱ.ପ୍ର.)**

- ଉଚ୍ଚ ନ୍ୟାୟାଳୟ, ଲୋକାୟୁକ୍ତଙ୍କ ଆଦେଶକୁ ଅବମାନନା
- ଚୁପ୍ ବସିଛି ଶିକ୍ଷା ବିଭାଗ

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଖଣ୍ଡାୟତ ପଟକିରା ନୋଡାଲ ଉଚ୍ଚବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଓ ସରକାରୀ ଅର୍ଥ ଦୁରୂପଯୋଗ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ଅଭିଯୁକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉଚ୍ଚ ନ୍ୟାୟାଳୟ ଓ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଉଭୟଙ୍କୁ ପଦୋନ୍ନତି ଦିଆଯାଇଛି। ଫଳରେ ଶିକ୍ଷା ବିଭାଗର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଖଣ୍ଡାୟତ ପଟକିରା ନୋଡାଲ ଉଚ୍ଚବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଓ ସରକାରୀ ଅର୍ଥ ତୋସାରପାତ ହୋଇଥିବା ନେଇ ପରିଚାଳନା କମିଟି ଉପସଭାପତି କାହ୍ନୁଚରଣ ରାଉତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ୨ ଥର ଦୁର୍ନୀତିର ତଦନ୍ତ ପରେ ରିପୋର୍ଟ ଦିଆଯାଇଥିଲା। ଏହାସତ୍ତ୍ୱେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅଭିଯୁକ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ଦାଶ ଓ ସହକାରୀ ଶିକ୍ଷକ ଅକ୍ଷୟ କୁମାର ନନ୍ଦଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ବାଧ ହୋଇ ରାଉତ ଲୋକାୟୁକ୍ତରେ ମାମଲା (ନଂ.୪୭୪/୨୦) ରୁଜୁ କରିଥିଲେ। ଲୋକାୟୁକ୍ତ ମାମଲାର ଶୁଣାଣି କରି ୨ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ରାଉତ ପୁନର୍ବାର ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା (୨୫୩୮୩/୨୦) ରୁଜୁ କରିଥିଲେ। ୨୧ ଅକ୍ଟୋବର ୨୦୨୦ରେ ଉଚ୍ଚ ନ୍ୟାୟାଳୟ ଏହି ମାମଲାର ଶୁଣାଣି କରି ୨ ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗଣଶିକ୍ଷା ସଚିବଙ୍କୁ ଆଦେଶ ଦେଇଥିଲେ। ମାତ୍ର ଏହି ନିର୍ଦ୍ଦେଶକୁ ଅବମାନନା କରାଯାଇ ଅଭିଯୁକ୍ତ ଦାଶଙ୍କୁ ସରକାରୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଆଠଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ସହକାରୀ ଶିକ୍ଷକଭାବେ କାର୍ଯ୍ୟ କରୁଥିବା ଅନ୍ୟତମ ଅଭିଯୁକ୍ତ ନନ୍ଦଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଛି। ଏନେଇ ରାଉତ ପୁନର୍ବାର ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଅତିରିକ୍ତ ସଚିବଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହାସତ୍ତ୍ୱେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପରିଚାଳନା କମିଟିର ଉପସଭାପତି ରାଉତ କୁହନ୍ତି- କୋର୍ଟ ଆଦେଶକୁ ଶିକ୍ଷା ବିଭାଗ ଅବମାନନା କରିଛନ୍ତି। ଏନେଇ ସେ ପୁନର୍ବାର କୋର୍ଟରେ ଅବମାନନା ମାମଲା ରୁଜୁ କରିବେ। ଜିଲା ଶିକ୍ଷାଧିକାରୀ ସୁସ୍ମିତା ସାହୁ କୁହନ୍ତି, ଉଚ୍ଚ ନ୍ୟାୟାଳୟରୁ ନିର୍ଦ୍ଦେଶ ମିଳିଛି। ଆଇନକୁ ସମ୍ମାନ ଜଣାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଅନୁପ ଗୁପ୍ତା ଗିରଫ

**ନୂଆଦିଲ୍ଲୀ,୩୦।୧(ପି.ଟି.)**

ଅଗୁଷ୍ଟା ମାମଲା



ଅନୁପ କୁମାର ଗୁପ୍ତା

ବହୁଚର୍ଚ୍ଚିତ ଅଗୁଷ୍ଟା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର ଡିଲ୍ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ବ୍ୟବସାୟୀ ଅନୁପ କୁମାର ଗୁପ୍ତାଙ୍କୁ ଗିରଫ କରିଛି। ମନିଲଣ୍ଡରିଂ ମାମଲାର ତଦନ୍ତରେ କେଆର୍‌ବିଏଲ୍ ଲିମିଟେଡ୍ ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଅନୁପ ସହଯୋଗ କରୁ ନ ଥିବାରୁ ତାଙ୍କୁ ଗିରଫ କରାଯାଇଥିବା ଇଡି ଅଧିକାରୀମାନେ ସୂଚନା ଦେଇଛନ୍ତି।

ଇଣ୍ଡିଆ ଗେଟ୍ ବାସମତି ଚାଉଳ ବିକ୍ରି କରୁଥିବା କେବିଆର୍‌ଏଲ୍ କମ୍ପାନୀର ଅନୁପଙ୍କୁ ନୂଆଦିଲ୍ଲୀସ୍ଥିତ ଏକ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ହାଜର କରିବା ପରେ ଇଡି ୫ ଦିନିଆ ହାଜତକୁ ନେଇଛି। ତାଙ୍କୁ ଜେରାବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ ବୋଲି ଇଡି ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ଅଗୁଷ୍ଟା ୱେଷ୍ଟଲାଣ୍ଡଠାରୁ ଭାରତର ରାଜନେତା, ଅଧିକାରୀ ଓ ବାୟୁସେନା ପାଇଁ ୧୨ ହେଲିକପ୍ଟର କିଣିବା ଲାଗି ହୋଇଥିବା ୩୬୦୦ କୋଟି ଟଙ୍କାର ଚୁକ୍ତିରେ ବ୍ୟାପକ ଦୁର୍ନୀତି ହୋଇଥିଲା। କେବିଆର୍‌ଏଲ୍‌ର ଶୀର୍ଷ ଅଧିକାରୀମାନେ ଏହି ମାମଲାର ସହଅଭିଯୁକ୍ତ ଗୌତମ ଖୈତାନଙ୍କ ସହିତ ଡିଲ୍ ବେଳେ ୧୫ କୋଟି ଟଙ୍କାର କମିଶନ ନେଇ ଆଲୋଚନା କରିଥିବା ଇଡି ଏହାର ଚାର୍ଜଶିଟରେ ଦର୍ଶାଇଥିଲା।

## ଶିଶୁ ଉଦ୍ୟାନର ଶିଳାନ୍ୟାସ




**ବାଙ୍କୀ,୩୦।୧(ସ୍ୱ.ପ୍ର./ବି.ପ୍ର.)**

ଡମପଡା ବ୍ଲକ ହରିରାଜପୁର ପଞ୍ଚାୟତରେ ୪ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଗୋଟିଏ ପ୍ରକଳ୍ପର ଶିଳାନ୍ୟାସ ଶନିବାର ହୋଇଯାଇଛି। ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହରିଜନ ସାହିରେ ସୌରଚାଳିତ ପାଣି ଟାଙ୍କି, ପଣାଦିଆ ଛକରେ ମିନିମାକ୍ସ ଲାଇଟ, ପଶ୍ଚିମପଟ ସାହିରେ ସୌରଚଳିତ ପାଣି ଟାଙ୍କି ଓ ସୌରଚଳିତ ମିନିମ୍ୟାକ୍ସର ଉଦ୍‌ଘାଟନ ହୋଇଥିଲା। ପରେ ରାମଚନ୍ଦ୍ର ପଣ୍ଡା ମଧ୍ୟଇଂଲିଶ୍ ବିଦ୍ୟାଳୟ ପରିସରରେ ଏକ ଶିଶୁ ଉଦ୍ୟାନର ଶିଳାନ୍ୟାସ କରାଯାଇଛି। ବିଦ୍ୟାଳୟ ପରିସରରେ ବିଭୁପ୍ରସାଦ ସାମଲଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଦସ୍ୟ ତ୍ରିଲୋଚନ ରାଉତ, ଡମପଡା ବ୍ଲକ ଅଧକ୍ଷ ସୂର୍ଯ୍ୟନାରାୟଣ ପାତ୍ର ଓ ଡମପଡା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ସାମାନ୍ୟ ବଚସାରୁ ଘର ଜାଳିଦେଲେ

**ଯାଜପୁର ଟାଉନ,୩୦।୧(ଡି.ଏନ.ଏ.)**

**ବର୍ତ୍ତିଲେ ୩ ପରିବାର**

ରାଗ ମଣିଷକୁ କିପରି ଚଣ୍ଡାଳ ରୂପ ଦିଏ ତା'ର ଏକ ଉଦାହରଣ ଦେଖାଯାଇଛି ଯାଜପୁର ସହରର ସାନବଜାର ଅଞ୍ଚଳରେ। ଏକ ସାମାନ୍ୟ ଘଟଣାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ବଚସା ହେବା ଓ ପରବର୍ତ୍ତୀ ସମୟରେ ଜଣେ ଯୁବକ ପ୍ରତିଶୋଧ ପରାୟଣ ହୋଇ ଘର ପୋଡିଦେବା ଭଳି ଅଭାବନୀୟ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଅଭିଯୋଗ ମୁତାବକ, ୨୮ ତାରିଖ ରାତିରେ ଯାଜପୁର ସହର ସାନବଜାର ଅଞ୍ଚଳର ଶିବ ଦେଓ ଏବଂ ସୁରେନ୍ଦ୍ର ଦେଓଙ୍କ ପରିବାର ଶୋଇଥିବା ଅବସ୍ଥାରେ ହଠାତ୍ ତାଙ୍କ ଘରେ ନିଆଁ ଲାଗିଥିଲା। ସୁରେନ୍ଦ୍ରଙ୍କ ନାତି ସଞ୍ଜୀବ ଶୌଚ ହେବା ପାଇଁ ଘର ପଛ ପାଇଖାନାକୁ ଯାଇଥିବା ବେଳେ ପଡୋଶୀ ଯୁବକ ଅଜୟ ଦେ ନିଆଁ ଲଗାଇ ଦୌଡି ପଳାଉଥିବା ଦେଖିଥିଲେ। ନିଆଁକୁ ଆୟତ୍ତ କରିବା ପାଇଁ ଉଭୟ ପରିବାର ଗାଁ ଲୋକଙ୍କୁ ଡାକ ପକାଇଥିଲେ। ପରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସୁରେନ୍ଦ୍ରଙ୍କ ଘର ଜଳି ପାଉଁଶ ହୋଇ ଯାଇଥିଲା। ତେବେ ଏହି ଘଟଣାର ୨ ଦିନ ପୂର୍ବରୁ ଉଭୟ ଅଜୟ ଓ ଶିବଙ୍କ ପରିବାର ମଧ୍ୟରେ ସାମାନ୍ୟ ଘଟଣାକୁ କେନ୍ଦ୍ରକରି ବଚସା ହୋଇଥିଲା। ଏହି ସମୟରେ କୁଆଡ଼େ ଅଜୟ ଶିବଙ୍କ ଘରେ ନିଆଁ ଲଗାଇ ଦେବାର ଧମକ ଦେଇଥିଲେ। ନିଆଁ ଲାଗିବା ଘଟଣାକୁ ଯଦି କେହି ଦେଖିନଥାନ୍ତେ ତେବେ ୩ ପରିବାର ଯଥା: ସୁରେନ୍ଦ୍ର, ଶିବ ଏବଂ ଭବାନୀ ଶଙ୍କର ସାହୁଙ୍କ ୩ଟି ଖଞ୍ଜାରେ ଶୋଇଥିବା ପ୍ରାୟ ୨୦ଜଣ ବ୍ୟକ୍ତି ଜୀବନ୍ତ ଦଗ୍ଧ ହେବା ସହିତ ମୂଲ୍ୟ ସମ୍ପତ୍ତି ନଷ୍ଟ ହେବା ସମ୍ଭାବନା ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଘଟଣାକୁ ନେଇ ଯାଜପୁର ଥାନାରେ ଅଜୟ ଓ ତାଙ୍କ ପରିବାର ନାମରେ ଅଭିଯୋଗ ହୋଇଛି। ପୋଲିସ ଏକ ଘର ପୋଡି ମାମଲା (ନଂ.୩୫।୨୧) ରୁଜୁକରିବା ସହ ଅଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଗାନ୍ଧିଜୀଙ୍କ ତିରୋଧାନ ଦିବସ ପାଳିତ

**ବୋଲଗଡ଼/ଜଟଣୀ, ୩୦।୧(ଡି.ଏନ୍.ଏ.)**

ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ବୋଲଗଡ଼ରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଯାଇଛି। ପରମାନନ୍ଦ ମହାବିଦ୍ୟାଳୟ ସ୍ଥିତ ଶହୀଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଧକ୍ଷ ରବୀନ୍ଦ୍ରନାଥ ପାଣିଗ୍ରାହୀ ପୌରହିତ୍ୟ କରିଥିଲେ। ସେହିପରି ବୋଲଗଡ଼ ପୂଜ୍ୟ ପୂଜା ସଂସଦ ଓ ବ୍ଲକ କଂଗ୍ରେସ ପକ୍ଷରୁ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜଟଣୀ ନଗର କଂଗ୍ରେସ ପକ୍ଷରୁ ସଭାପତି ଅଶୋକ କୁମାର ମଙ୍ଗରାଜଙ୍କ ନେତୃତ୍ୱରେ ଗାନ୍ଧିଜୀଙ୍କ ତିରୋଧାନ ଦିବସ ଶନିବାର ଗାନ୍ଧୀ ପାର୍କରେ ପାଳିତ ହୋଇଯାଇଛି।

## ଅନ୍‌ଲାଇନ ଖଜଣା ପଇଠକୁ ନେଇ ଚିନ୍ତାରେ ପ୍ରଜା

**କଟକ ସଦର,୩୦।୧(ଡି.ଏନ.ଏ.)**

୨୦୧୭-୧୮ ଆର୍ଥିକ ବର୍ଷରୁ ଭୂ-ରାଜସ୍ୱ (ଖଜଣା) ପଇଠ ଅନ୍‌ଲାଇନରେ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏଥିପାଇଁ ପ୍ରଜାମାନଙ୍କୁ ମୁଦ୍ରିତ ପାଉତି ବଦଳରେ କମ୍ପ୍ୟୁଟର ପାଉତି ମିଳିବ। କଟକ ଜିଲା କିଶନ ନଗର ତହସିଲ ଅଧୀନ ୧୧୮ଟି ରାଜସ୍ୱ ଗ୍ରାମର ପ୍ରଜାମାନେ ଅନ୍‌ଲାଇନ ଖଜଣା ପଇଠବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବିଭିନ୍ନ କିସମ ଜମିରେ ଅଂଶୀଦାର ପ୍ରଜାମାନେ ଏକକାଳୀନ ଅର୍ଥ ପଇଠ କରିବା ପାଇଁ ସକ୍ଷମ ହୋଇପାରୁ ନ ଥିବାରୁ ଏହି ନିୟମରେ କୋହଳ ନୀତି ଅବଲମ୍ବନ କରିବା ପାଇଁ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଦାବି ହୋଇଛି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକମାନଙ୍କୁ ମିଳିଥିବା ଲାପଟପ୍‌ରେ ନେଟ୍‌ୱର୍କ ଠିକ୍ ଭାବେ କାମ କରୁନାହିଁ। ତେଣୁ ଜଣେ ପ୍ରଜା ଖଜଣା ଦେବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏହାଛଡା ଅଂଶୀଦାର ଜମିରେ ଏକକାଳୀନ ଖଜଣା ଦେବାକୁ ପଡୁଛି। ପୂର୍ବରୁ ଅଂଶୀଦାରମାନେ ନିଜର ସୁବିଧା ମୁତାବକ ଖଜଣା ଭାଗ ଭାଗ କରି ଦେଉଥିଲେ। ଏଥିପାଇଁ ଅଲଗା ପାଉତି ପାଉଥିଲେ ବୋଲି ବାରଦା ଗ୍ରାମର ଅରୂପ ଦତ୍ତ କହିଛନ୍ତି। ଅନ୍‌ଲାଇନରେ ଏକକାଳିନ ଅର୍ଥ ଦେବାକୁ ପଡୁଥିବାରୁ ବିଭିନ୍ନ ସ୍ଥାନରେ କର୍ମସଂସ୍ଥାନ ପାଇଁ ବସବାସ କରୁଥିବା ଅଂଶୀଦାରମାନେ ଏକତ୍ରିତ ହେବା ସମ୍ଭବ ହେଉନାହିଁ ବୋଲି ଦତ୍ତ କହିଛନ୍ତି। ଯଦି କେହି ବ୍ୟକ୍ତି ଜନସେବା କେନ୍ଦ୍ରରେ ଖଜଣା ଦେବାକୁ ଯାଉଛନ୍ତି ତା'ହେଲେ ସେବା ଶୁଳ୍କ ବାବଦକୁ ୨୦ ଟଙ୍କା ଲେଖାଏ ଅଧିକ ଆଦାୟ କରାଯାଉଛି ବୋଲି ରାମକୁମାରପୁର ଗ୍ରାମର ବିଷ୍ଣୁ ଚରଣ ବେହେରା କହିଛନ୍ତି। ଖଜଣା ୨ ଟଙ୍କା ହେଲେ ସେବା ଶୁଳ୍କ ସହ ୨୨ ଟଙ୍କା ଜନସେବା କେନ୍ଦ୍ରରେ ଦେବାକୁ ପଡେ ବୋଲି ବେହେରା କହିଛନ୍ତି। ଅଭିଯୋଗ ସମ୍ପର୍କରେ କିଶନନଗର ତହସିଲଦାର ସୁଚେତା ମହାପାତ୍ର କୁହନ୍ତି, ନିୟମରେ ପରିବର୍ତ୍ତନ କରିବା ମୋ' କ୍ଷମତା ବାହାରେ।

## ହଜାରେ ବିଡ଼ି ବାନ୍ଧିଲେ ୮୦ ଟଙ୍କା

**ମହାକାଳପଡ଼ା,୩୦।୧(ଡି.ଏନ.ଏ.)**

- ମହିଳା ବିଡ଼ି ଶ୍ରମିକଙ୍କ ଦୁଃଖ
- ୪୦ ବର୍ଷ ହେବ ମିଳୁନି ସରକାରୀ ମାନ୍ୟତା



ଖରିନାଶି ଗ୍ରାମ ଜେଠୀପଡ଼ାରେ ବିଡି ବାନ୍ଧୁ ଥିବା ମହିଳା ଶ୍ରମିକମାନେ।

କେନ୍ଦ୍ର ଓ ରାଜ୍ୟ ସରକାର କେନ୍ଦୁପତ୍ର ତୋଳାଳିଙ୍କୁ ସରକାରୀ ମାନ୍ୟତା ଦେଇଛନ୍ତି। ସେହି ଶ୍ରମିକମାନଙ୍କୁ ଅଧିକ ମଜୁରି ଓ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ହେଲେ ବିଡି ବନ୍ଧାଳିଙ୍କୁ ଅବହେଳା କରାଯାଉଛି। ସେମାନେ ଅତି ଦୁଃଖକଷ୍ଟରେ ନିଜ ପରିବାର ଚଳାଉଛନ୍ତି। ବିଶେଷ କରି କେନ୍ଦ୍ରାପଡ଼ା ଜିଲା ଉପକୂଳ ଅଞ୍ଚଳର ମହିଳା ବିଡି ଶ୍ରମିକମାନେ ଶ୍ରମ ବିଭାଗର ଦୃଷ୍ଟି ଆଢୁଆଳରେ ଥିବା ଅଭିଯୋଗ ହେଉଛି।

ମହାକାଳପଡା ବ୍ଲକ ଖରିନାଶି ଗ୍ରାମ ଜେଠିପଡ଼ାର ବହୁ ମହିଳା ବିଡି ଶ୍ରମିକ ଗତ ୪୦ବର୍ଷ ହେବ ବିଡି ବାନ୍ଧି ନିଜର ତେଲଲୁଣ ସଂସାର ଚଳାଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଉପଯୁକ୍ତ ପାଉଣା ମିଳିନାହିଁ। ୧ ହଜାର ବିଡ଼ି ବାନ୍ଧିଲେ ପୂର୍ବରୁ ସେମାନଙ୍କୁ ପାରିଶ୍ରମିକ ବାବଦରେ ୮ ଟଙ୍କା ମିଳୁଥିଲା। ଏବେ ସେହି ପାରିଶ୍ରମିକ ୮୦ରୁ ୯୦ଟଙ୍କା ରହିଛି। ବଜାର ଦର ଦିନକୁ ଦିନ ବଢ଼ି ଚାଲିଛି। ସାଧାରଣ ମଜୁରି ୪ ଶହ ଟଙ୍କା ହୋଇଛି। ହେଲେ ବିଡି ଶ୍ରମିକମାନେ ପ୍ରତିଦିନ ୧ ହଜାର ବିଡି ବାନ୍ଧି ୮୦ ଟଙ୍କା ପାରିଶ୍ରମିକ ପାଉଛନ୍ତି। ଏ ନେଇ ଗୀତାରାଣୀ ବିଶ୍ୱାସ(୭୦)କୁହନ୍ତି, ବିଡି ପତିର ବାସ୍ନାରେ ଆଖି, ନାକରେ ସଂକ୍ରମଣ ହେଉଛି। ତଥାପି ଭାଗ୍ୟକୁ ଆଦରି ସେହି କାମ କରୁଛୁ। ହେଲେ ଉପଯୁକ୍ତ ମଜୁରି ମିଳୁନାହିଁ। ସେହି ଅଞ୍ଚଳର ବିଡି ବ୍ୟବସାୟୀମାନେ ଏପରି ମହିଳାମାନଙ୍କୁ ଗୋତି ଶ୍ରମିକ ଭାବେ ଶୋଷଣ କରୁଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଛନ୍ତି।

ଏହି ମହିଳା ଶ୍ରମିକମାନଙ୍କ ଜମି ନାହିଁ। କାମ ନ ଥିଲେ ନଦୀରୁ ମାଛ,କଙ୍କଡା ଧରି ପରିବାର ପ୍ରତିପୋଷଣ କରିଥାନ୍ତି। ବିଡି ବନ୍ଧା ମହିଳା ଶ୍ରମିକଙ୍କୁ ସରକାରୀ ମାନ୍ୟତା ଦେବା, ଉପଯୁକ୍ତ ମଜୁରି ଯୋଗାଇଦେବା ପାଇଁ ଦାବି ହେଉଛି। ସୁଲତା ବିଶ୍ୱାସ, ସନ୍ଧ୍ୟା ବିଶ୍ୱାସ, ସନ୍ଧ୍ୟା ଅଧିକାରୀଙ୍କ ସମେତ ବହୁ ମହିଳା ବିଡି ଶ୍ରମିକ ଏପରି ମଜୁରିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ମହେଶ୍ୱର ନାୟକ କହିଛନ୍ତି, ବିଡି ଶ୍ରମିକଙ୍କ ପାଇଁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ପ୍ୟାକେଜ ରହିଛି। ସେମାନଙ୍କୁ ଚିହ୍ନଟ ପାଇଁ ଏକ ଟାସ୍କଫୋର୍ସ କାମ କରୁଛି। ଶ୍ରମ ବିଭାଗ ଏହି ଶ୍ରମିକମାନଙ୍କ ନାମ ପଞ୍ଜୀକରଣ କରିବା ସହ ସେମାନଙ୍କୁ କେନ୍ଦ୍ରୀୟ ଯୋଜନାରେ ସାମିଲ ପାଇଁ ସୁପାରିସ କରିଥାଏ। ଖରିନାଶିର ଏହି ମହିଳା ବିଡି ଶ୍ରମିକମାନଙ୍କ ସମସ୍ୟାକୁ ସରଜମିନ ତଦନ୍ତ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନାୟକ କହିଛନ୍ତି।

## ସଂକ୍ଷେପରେ

### କ୍ରମାଗତ ହ୍ରାସ ପାଉଛି ସୁନା, ରୁପା ଦର



**ଭୁବନେଶ୍ୱର,୩୦।୧:** ଗତ ଏକ ସପ୍ତାହ ହେବ କ୍ରମାଗତ ଭାବେ ଦେଶରେ ସୁନା ଓ ରୁପା ଦର ହ୍ରାସ ପାଉଛି। ଏମ୍‌ସିଏକ୍ସରେ ସୁନା ଦର ଶନିବାର ୦.୩୩ % ହ୍ରାସ ଘଟି ୧୦ ଗ୍ରାମ ସୁନା ପିଛା ୪୮,୭୦୨ ଟଙ୍କା ଦେବାକୁ ପଡୁଛି। ସେହିଭଳି ରୁପା ଦର ମଧ ୧% ହ୍ରାସ ଘଟି କିଲୋ ପିଛା ୬୫,୮୬୬ ଟଙ୍କାରେ ରହିଛି। ଶୁକ୍ରବାର ସୁନା ଦରରେ ୦.୧୧% ଏବଂ ରୁପାରେ ୦.୬୪% ହ୍ରାସ ଘଟିଛି। ଗତ ଅଗଷ୍ଟରେ ସୁନା ଦର ରେକର୍ଡ ୫୬,୩୦୦ ଟଙ୍କା ରହିଥିଲା। ସେହି ମୂଲ୍ୟ ତୁଳନାରେ ସୁନା ଦର ବର୍ତ୍ତମାନ ପ୍ରାୟ ୭,୫୦୦ ଟଙ୍କା କମ୍ ହୋଇଛି। ଅନ୍ତର୍ଜାତୀୟ ବଜାରରେ ମଧ ଶନିବାର ସୁନା ଦର ୦.୩ % ହ୍ରାସ ଘଟି ଆଉନ୍ସ ପିଛା ୧୮୩୯.୨୧ ଡଲାର ରହିଛି। ସେହିପରି ରୁପା ଦର ମଧ ୦.୨% ହ୍ରାସ ଘଟି ଆଉନ୍ସ ପିଛା ୨୫.୧୮ ଡଲାର ରହିଛି। ଅନ୍ୟପକ୍ଷେ ପ୍ଲାଟିନମ୍ ଦର ୦.୨% ହ୍ରାସ ପାଇ ୧୦୬୩.୭୬ ଡଲାର ରହିଛି। ୨୦୨୦ରେ ବିଶ୍ୱରେ ସୁନା ଚାହିଦା ଗତ ୧୧ ବର୍ଷ ମଧରେ ସବୁଠୁ କମ୍ ରହିଛି ବୋଲି ୱାର୍ଲ୍ଡ ଗୋଲ୍ଡ କାଉନସିଲ୍ ରିପୋର୍ଟରୁ ଜଣାପଡିଛି। ଗତବର୍ଷ ବିଶ୍ୱରେ ସୁନାର ଚାହିଦା ୨୦୧୯ ତୁଳନାରେ ୧୪% ହ୍ରାସ ଘଟି ୩୭୫୯.୬ ଟନ୍ ରହିଛି। ୨୦୦୯ ଠାରୁ ପ୍ରଥମ ଥର ପାଇଁ ସୁନାର ଚାହିଦା ୪ ହଜାର ଟନ୍ ତଳେ ରହିଛି। ଭୁବନେଶ୍ୱରରେ ମଧ ସୁନା ଓ ରୁପା ଦର ହ୍ରାସ ପାଇଛି। ଗତ ସପ୍ତାହ ମଧରେ ୨୨ କ୍ୟାରେଟ୍ ସୁନା ଦର ପାଖାପାଖି ୧୩୦୦ ଟଙ୍କା ହ୍ରାସ ପାଇଛି। ଶନିବାର କେତେକ ପ୍ରମୁଖ ଶୋ'ରୁମର ସୁନା ଦର ୧୦ ଗ୍ରାମ ପିଛା ୪୯,୩୭୦ ଟଙ୍କା(୨୨କ୍ୟାରେଟ୍) ରହିଥିବାବେଳେ ରୁପା ଦର ୧୦ ଗ୍ରାମ ପିଛା ୭୦୦ ଟଙ୍କା ରହିଛି।

# ବ୍ୟାଙ୍କିଙ୍ଗ୍ ଉଦ୍ୟୋଗର ମହଙ୍ଗା ଭତ୍ତା ୮୫.୨ ପ୍ରତିଶତ

**ଭୁବନେଶ୍ୱର,୩୦।୧**



ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ଅନୁସାରେ ଗତ ନଭେମ୍ବରରେ ୧୧୯.୯ ପଏଣ୍ଟ ରହିଥିଲା। ଏହା ଗତ ଡିସେମ୍ବରରେ ୧.୧ ପଏଣ୍ଟ ହ୍ରାସ ପାଇ ସେହି ସମୟରେ ୧୧୮.୮ ପଏଣ୍ଟରେ ରହିଛି। ସେହିଭଳି ନଭେମ୍ବରରେ ତାଳଚେର ଓ ଅନୁଗୋଳରେ ମଧ ଏହା ୧୨୮.୩ ପଏଣ୍ଟରେ ରହିଥିବାବେଳେ ଡିସେମ୍ବରରେ ଏହା ୧.୬ ପଏଣ୍ଟ ହ୍ରାସ ପାଇ ଉକ୍ତ ମାସରେ ଏହା ୧୨୬.୭ ପଏଣ୍ଟରେ ପହଞ୍ଚିଛି। ସେହିପରି କଟକରେ ମଧ ଏହା ୧୨୬.୬ ପଏଣ୍ଟରେ ଥିବାବେଳେ ଏଥିରେ ୦.୬ ପଏଣ୍ଟ ହ୍ରାସ ପାଇ ଡିସେମ୍ବରରେ ଏହା ୧୨୬.୦ ପଏଣ୍ଟକୁ ଖସି ଆସିଛି। ଅନ୍ୟପକ୍ଷରେ ନଭେମ୍ବରର ହିସାବ ଅନୁସାରେ କେନ୍ଦୁଝରର ୧୨୪.୯ ପଏଣ୍ଟରେ ରହିଥିଲା। ଯାହା ଡିସେମ୍ବରରେ ୦.୩ ପଏଣ୍ଟ ହ୍ରାସ ପାଇ ୧୨୪.୬ ପଏଣ୍ଟରେ ପହଞ୍ଚିଛି ବୋଲି ସୂଚନା ମିଳିଛି।

ଅଧିକାଂଶ ସରକାରୀ କର୍ମଚାରୀ ବର୍ତ୍ତମାନ ସମୟରେ ୧୭ ପ୍ରତିଶତ ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ୧୧ ପ୍ରତିଶତ ଭତ୍ତା ବୃଦ୍ଧି ହୋଇ ୨୮ ପ୍ରତିଶତରେ ପହଞ୍ଚିଛି। ଏହି ବର୍ଦ୍ଧିତ ଡିଏ ମଧ୍ୟରୁ ୪ ପ୍ରତିଶତ ପିଛିଲା ଭାବରେ ଗତ ୨୦୨୦ ଜାନୁୟାରୀ ଏବଂ ଅବଶିଷ୍ଟ ୩ ପ୍ରତିଶତ ଗତ ଜୁଲାଇ ପହିଲାରୁ ଏବଂ ବଳକା ୪ ପ୍ରତିଶତ ୨୦୨୧ ଜାନୁୟାରୀ ପହିଲାରୁ କର୍ମଚାରୀମାନେ ପାଇବେ ବୋଲି ଜଣାପଡିଛି।

ସେହିଭଳି ବ୍ୟାଙ୍କ କର୍ମଚାରୀମାନେ ମଧ ବର୍ତ୍ତମାନ ୮୧.୯ % ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତାରେ ୩.୩ % ବୃଦ୍ଧି ଘଟି ୮୫.୨% ହୋଇଛି। ସଂଶୋଧିତ ହାରରେ ଏହା ୨୭.୧୮% ହୋଇଛି। ସେମାନେ ୨୦୨୧ ଫେବୃୟାରୀ ପହିଲାରୁ ଏହା ପାଇବେ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷେ ବୀମା କର୍ମଚାରୀମାନେ ମଧ ବର୍ତ୍ତମାନ ୭୫.୨% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ଡିଏରେ ୩.୩ % ବୃଦ୍ଧି ଘଟି ୭୮.୫%ରେ ପହଞ୍ଚିଛି। ଏହି ବର୍ଦ୍ଧିତ ଡିଏ ରାଶି ସେମାନେ ଫେବୃୟାରୀ ପହିଲାରୁ ପାଇବେ।

ବର୍ତ୍ତମାନ ରାଷ୍ଟ୍ରାୟତ୍ତ ଉଦ୍ୟୋଗର କର୍ମଚାରୀମାନେ ୧୭୧.୬% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମହଙ୍ଗା ଭତ୍ତା ୦.୭୭% ହ୍ରାସ ପାଇ ୧୭୦.୮୩ % ହୋଇଛି। ଏହି ଭତ୍ତା ସେମାନେ ୨୦୨୧ ଏପ୍ରିଲ ପହିଲାରୁ ପାଇବେ ବୋଲି ଜଣାପଡିଛି।

## ଓଏଫ୍‌ଟିଏ ପକ୍ଷରୁ ଦିନିକିଆ କାର୍ଯ୍ୟପନ୍ଥା ବୈଠକ




**ଭୁବନେଶ୍ୱର,୩୦।୧**

ବର୍ତ୍ତମାନ ଓଡ଼ିଶା ବଜାର ସହିତ ସମଗ୍ର ଦେଶରେ ଅନଲାଇନ କାରବାର ବ୍ୟାପକ ଭାବେ ବୃଦ୍ଧି ପାଉଛି। ଏହା ସହିତ କିପରି ପ୍ରତଦ୍ୱନ୍ଦ୍ୱିତା କରାଯାଇ ପାରିବ ଏବଂ ନିଜର କାରବାରକୁ ବଢାଇ ହେବ ସେ ସମ୍ପର୍କରେ ଓଏଫ୍‌ଟିଏ (ଓଡ଼ିଶା ଫୁଟୱେର ଟ୍ରେଡର୍ସ ଆସୋସିଏଶନ) ପକ୍ଷରୁ ଏକ ଦିନିକିଆ କାର୍ଯ୍ୟପନ୍ଥା ବୈଠକ ସମ୍ବଲପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସମସ୍ତ ଜିଲାରୁ ଅଧିକୃତ ହୋଲ୍‌ସେଲର ଏବଂ ଡିଷ୍ଟ୍ରିବ୍ୟୁଟରମାନେ ଏହି ବୈଠକରେ ଯୋଗ ଦେଇଥିଲେ। ଏହି ଅବସରରେ ବରଗଡ ଜିଲା, ଓପି ଟ୍ରେଡିଂର ଓମ୍ ପ୍ରକାଶ ତୁଲିସିଆନଙ୍କ ଅଧକ୍ଷତାରେ ଏହି ବୈଠକ ଆରମ୍ଭ ହୋଇଥିଲା। ସେ ସ୍ୱାଗତ ଭାଷଣ ପ୍ରଦାନ ସହ ବୈଠକର ସାରାଂଶ ବିଷୟରେ ବିସ୍ତୃତ ଭାବରେ ସମସ୍ତଙ୍କୁ ସୂଚାଇ ଦେଇଥିଲେ। ଏହି ବୈଠକରେ ଅନଲାଇନ କାରବାର ସହ କିପରି ପ୍ରତିଦ୍ୱନ୍ଦ୍ୱିତା କରି ହେବ ଏବଂ ସେହି ଅନୁପାତରେ ନିଜର କାରବାରକୁ ବଢାଇ ହେବ ସେ ନେଇ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଅନଲାଇନ କାରବାର ଠାରୁ ଅଫ୍‌ଲାଇନରେ କିପରି ଅଧିକ କାରବାର ସାଧାରଣ ଭାବରେ କରିହେବ ସେ ନେଇ ତର୍ଜମା କରାଯାଇଥିଲା। ପରିଶେଷରେ ଆସୋସିଏଶନର ବରିଷ୍ଠ କର୍ମକର୍ତ୍ତା ମହମ୍ମଦ ସାହେଜାଦ ମେମନ ଏବଂ ସଞ୍ଜୟ ଲୋହିଆ ପ୍ରମୁଖ ଉପସ୍ଥିତ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଡିଜିଟାଲ୍ ମୁଦ୍ରା ଉପରେ ପ୍ରତିବନ୍ଧକ ଲଗାଇପାରନ୍ତି ସରକାର

**ନୂଆଦିଲ୍ଲୀ,୩୦।୧**



ଚଳିତ ବର୍ଷର ପ୍ରଥମ ବଜେଟ ଅଧିବେଶନରେ ଅନେକ ପ୍ରକାରର ନିୟମ ଓ କଟକଣା ଆଣିପାରନ୍ତି ସରକାର। ସେହିଭଳି ବିଭିନ୍ନ ଉପାୟରେ ପ୍ରସ୍ତୁତ ଏହି ଇ-ବଜେଟ ସ୍ୱତନ୍ତ୍ର ହେବାକୁ ଯାଉଛି। ଗୋଟିଏ ପଟେ ଦେଶର ସାଧାରଣ ବଜେଟ ଉପସ୍ଥାପିତ ହୋଇଥିବା ବେଳେ ଅପରପକ୍ଷେ ସରକାର ଏହି ଅଧିବେଶନ ସମୟରେ ଡିଜିଟାଲ୍ ମୁଦ୍ରା ବିରୋଧରେ ଏକ ବିଲ୍ ଆଣିବାକୁ ପ୍ରସ୍ତୁତ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନୂତନ ବିଲ୍‌ରେ ଘରୋଇ କ୍ରିପ୍ଟୋକରେନ୍ସି ବା ବିଟ୍ କଏନ ଉପରେ ପ୍ରତିବନ୍ଧକ ଲଗାଯିବା ସହିତ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ମଧ ଏହି ବେସରକାରୀ ମୁଦ୍ରାର ବିକଳ୍ପ ପ୍ରସ୍ତୁତ କରିବାରେ ବ୍ୟସ୍ତ ରହିଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ଆର୍‌ବିଆଇ କହିଛି ଯେ, ଏହି ଡିଜିଟାଲ୍ ମୁଦ୍ରାକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ କାର୍ଯ୍ୟ କରୁଛି। ତଥାପି, ଏହା ଏକ ବ୍ୟକ୍ତିଗତ ମୁଦ୍ରା ଭାବରେ ଗଣା ହେବ ନାହିଁ ବୋଲି ବିଗତ ଦିନରେ ସେଣ୍ଟ୍ରାଲ ବ୍ୟାଙ୍କ ମତ ଦେଇଛି। ସେହିପରି ସେଣ୍ଟ୍ରାଲ ବ୍ୟାଙ୍କ କହିଛି ଯେ, ନିକଟ ଅତୀତରେ ବେସରକାରୀ ଡିଜିଟାଲ୍ ମୁଦ୍ରାର ଲୋକପ୍ରିୟତା ବହୁଳ ଭାବରେ ବୃଦ୍ଧି ପାଇଛି। ଏହାକୁ ନେଇ ଭାରତରେ ସରକାର ଏବଂ ନିୟାମକମାନେ ମଧ ସନ୍ଦେହ ପ୍ରକାଶ କରୁଛନ୍ତି। ଆର୍‌ବିଆଇ ଏହାର ଆବଶ୍ୟକତା ଅଛି କି ନାହିଁ ତାହା ଅନୁସନ୍ଧାନ କରୁଥିବା ସୂଚନା ମିଳିଛି। ଭାରତରେ କ୍ରିପ୍ଟୋକରେନ୍ସି ବା ବିଟ୍ କଏନ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ଗାଇଡଲାଇନ ସରକାର ପ୍ରକାଶ କରିନାହାନ୍ତି କିମ୍ବା ଆସିନାହିଁ ବୋଲି ଜଣାପଡିଛି। ୨୦୧୮ରେ ସରକାର ଏକ ସର୍କୁଲାର ଜରିଆରେ କ୍ରିପ୍ଟୋକରେନ୍ସି ବା ବିଟ୍ କଏନ ସେବାକୁ ନିଷିଦ୍ଧ କରିଥିଲେ। ଏହା ପରେ ସୁପ୍ରିମକୋର୍ଟ ସମଗ୍ର ମାମଲାର ଶୁଣାଣି ବେଳେ ସର୍କୁଲାରରେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ରହିବା ସହିତ ସର୍ବସାଧାରଣଙ୍କ ପାଇଁ ସୂଚନା ରହିବା ନେଇ ସ୍ୱୀକୃତି ପ୍ରଦାନ କରିଛନ୍ତି। ୨୦୧୯ରେ ଏହି ଆଇନ ଉପରେ ପ୍ରତିବନ୍ଧକ ଲଗାଇବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି। ତେବେ ସରକାର ସଂସଦରେ ଏ ସମ୍ପର୍କିତ କୌଣସି ବିଲ୍ ଆଗତ କରିନାହାନ୍ତି। ଏହାର ଅଫିସିଆଲ୍ ଡିଜିଟାଲ୍ ମୁଦ୍ରା ବିଲ୍ ୨୦୨୧ରେ କ୍ରିପ୍ଟୋକରେନ୍ସି ଏବଂ ରେଗୁଲେଶନ୍‌ର କିଛି ବ୍ୟତିକ୍ରମ ସହିତ ଡିଜିଟାଲ୍ ମୁଦ୍ରାର ପ୍ରୋତ୍ସାହନକୁ ଅନୁମତି ଦେବ କି ନାହିଁ ତାହା ଆଗାମୀ ବଜେଟରେ ଜଣାପଡିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ଆଲାପ୍ ଆପ୍ ଲୋକାର୍ପଣ

**ଭୁବନେଶ୍ୱର,୩୦।୧**

ଭାରତୀୟ ଟେକ୍ନୋଲୋଜିରେ ନିର୍ମିତ ସୋସିଆଲ ମିଡିଆ ଆପ୍ 'ଆଲାପ୍'ର ଲୋକାର୍ପଣ ଉତ୍ସବ ସ୍ଥାନୀୟ ଝାରପଡା ଅଞ୍ଚଳର ଏକ ହୋଟେଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଆଲାପ୍'ର ସିଇଓ ଲୋକନାଥ ରେଡ୍ଡୀ, କୋ-ଫାଉଣ୍ଡର ଅମିତ କୁମାର ମିଶ୍ର ଏବଂ ଓଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଯାହାର 'ବିଟା' ଭର୍ସନ ବର୍ତ୍ତମାନ ଗୁଗଲ ପ୍ଲେ ଷ୍ଟୋରରେ ଉପଲବ୍ଧ। ଏହି ଆପ୍‌ରେ ହାଇସିକ୍ୟୁରିଟି ପଲିସି, ଜବରଦସ୍ତ ଫିଚର୍, ଚାଟିଙ୍ଗ ଅପଶନ୍ ଓ ଆକର୍ଷଣୀୟ ଇଣ୍ଟରଫେସ ୟୁଜର୍ସଙ୍କୁ ପସନ୍ଦ ଆସିବ ବୋଲି ରେଡ୍ଡୀ କହିଛନ୍ତି।

## ପ୍ରିନ୍ସିପାଲ ଏମ୍‌ଏଫ୍‌କୁ ଅଧିଗ୍ରହଣ କଲା ସୁନ୍ଦରମ

**ଭୁବନେଶ୍ୱର,୩୦।୧**

ସୁନ୍ଦରମ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ପ୍ରିନ୍ସିପାଲ ମ୍ୟୁଚୁଆଲ ଫଣ୍ଡ ଅଧିଗ୍ରହଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହାର କାରବାର ସମ୍ପର୍କିତ ସ୍ୱୀକୃତି ନିୟାମକ ମଞ୍ଜୁରୀ ମିଳିବା ପର୍ଯ୍ୟନ୍ତ ପ୍ରିନ୍ସିପାଲ ଏମ୍‌ଏଫ୍ କାରବାର ଜାରିରଖିବ। ଯେଉଁ ସମୟରେ କମ୍ପାନୀର ଶତପ୍ରତିଶତ ଅଧିଗ୍ରହଣ ସ୍ୱୀକୃତି ମିଳିଯିବ ସେବେଠାରୁ ଏହାର ସମ୍ପୂର୍ଣ୍ଣ କାରବାର ବନ୍ଦ କରି ସୁନ୍ଦରମ ସହ ମିଶିଯିବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ସମୟରେ ସୁନ୍ଦରମ ଏମ୍‌ଏଫ୍ ପ୍ରାୟ ୪୦ ହଜାର କୋଟି ଟଙ୍କାର ଆସେଟ ପରିଚାଳନା କରୁଛି। ଏହାର ସର୍ବାଧିକ ଅଂଶ ଇକ୍ୟୁଟି ସ୍କିମ୍‌ରେ ରହିଛି। ପ୍ରିନ୍ସିପାଲ ଏମ୍‌ଏଫ୍‌ର ଏୟୁଏମ୍ ପ୍ରାୟ ୭୪୪୭ କୋଟି ଟଙ୍କାର ସମ୍ପତ୍ତି ରହିଛି। ସେଥି ମଧ୍ୟରୁ ୯୦% କମ୍ପାନୀର ଇକ୍ୟୁଟିଭିତ୍ତିକ ସ୍କିମ୍ ରହିଛି। ଏହାକୁ ଅଧିଗ୍ରହଣ କରି ସୁନ୍ଦରମ ଦେଶର ୧୫ ତମ ସର୍ବବୃହତ ଏଏମ୍‌ସି ଭାବରେ ପରିଗଣିତ ହେବାକୁ ଯାଉଛି। ସୁନ୍ଦରମ ଏକ ବୃହତ୍ ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ ହୋଇପାରିବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ସୁନ୍ଦରମ ମ୍ୟୁଚୁଆଲ୍‌ର ଏମ୍‌ଡି ସୁନୀଲ ସୁବ୍ରମଣ୍ୟମ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି ଯେ, ଉକ୍ତ କମ୍ପାନୀକୁ ଅଧିଗ୍ରହଣ କରିବା ଫଳରେ ବଜାର ଉପସ୍ଥିତି ବୃଦ୍ଧି ସହ ଆଗାମୀ ସମୟରେ କାରବାରର ଏକ ନୂତନ ମାଇଲ ଖୁଣ୍ଟ ସୃଷ୍ଟି କରିବ। ଏହାର ଦୀର୍ଘ ମିଆଦୀ ଯୋଜନା ଓ କମ୍ପାନୀର ଟ୍ରାକ୍ ରେକର୍ଡ ଗ୍ରାହକଙ୍କୁ ଯୋଗାଣ ଦିଗରେ ସହାୟକ ହେବ ବୋଲି ସେ ମତ ଦେଇଥିଲେ।

SUNDARAM MUTUAL
UNEARTHING OPPORTUNITIES

## ରାଜ୍ୟ ଖବର

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତରୁ ମୁଠି ଛାଡ଼ିବୁ ନାହିଁ,
ପୁଅକୁ ନୁଖୁରା କରିବୁ ନାହିଁ।**

ସାଧାରଣତଃ ବାଳ ବା ଚୁଟିକୁ ନୁଖୁରା ନ ହେବା ଲାଗି ସେଥିରେ ତେଲ ଲଗାଯାଇଥାଏ। ତେବେ ତେଲ କିଣିବାରେ ପଇସା ସରିଯିବା ଭୟରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି କୃପଣ ବୋଲାଇଥାଏ। ଏପଟେ ପଇସାକୁ ଲୋଭ ସେପଟେ ଚୁଟି ନୁଖୁରା ରହିଯିବାର ଭୟ। ବ୍ୟକ୍ତିର ସଞ୍ଚୟ ମନୋବୃତ୍ତି ତଥା ଅତି କୃପଣତାର ଲକ୍ଷଣକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହାତୀ ବେକରେ ବାନ୍ଧିଲି ଘଣ୍ଟି,
ଭେଣ୍ଡିଆ ପୁଅକୁ ଛୁଆ ବୋହୂଟି।**

ବିବାହ ବେଳେ ବର ଓ କନ୍ୟାଙ୍କ ବୟସ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ସେମାନଙ୍କ ମଧରେ ବୟସର ତାରତମ୍ୟ ଯେତେ କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ସୁଖମୟ ହୋଇଥାଏ। ଏପରି ସ୍ଥଳେ ବୟସ୍କ ବ୍ୟକ୍ତି ସହ କୁଆଁରୀ କନ୍ୟାର ବିବାହ ସମାଜ ଆଖିରେ ସେତେଟା ଗ୍ରହଣୀୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଓଲଟିଲା ଯାତ୍ରୀବାହୀ ବସ୍, ଜଣେ ମୃତ

**ବିଷମକଟକ/ରାୟଗଡ଼ା ଅଫିସ,୩୦।୧**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ବେଥିଆପଡ଼ା ଗ୍ରାମ ନିକଟରେ ଶନିବାର ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୫ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, କଟକ ଜିଲା ବଡ଼ମ୍ବା-ନରସିଂହପୁରରୁ କୋରାପୁଟର ଜୟପୁରକୁ ଯାଉଥିବା ରଘୁନାଥ ନାମକ ଘରୋଇ ବସ୍ ଭୋର ପ୍ରାୟ ୪ଟା ବେଳେ ବେଥିଆପଡ଼ା ନିକଟରେ କୌଣସି କାରଣରୁ ଓଲଟି ପଡ଼ିଥିଲା। ତେବେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବିଷମକଟକ ପୋଲିସ ତୁରନ୍ତ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ଗୁରୁତର ଓ ଆହତଙ୍କୁ ଉଦ୍ଧାର କରିଥିଲା। ୬ ଗୁରୁତରଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ନୟାଗଡ଼ର ରମେଶ ଜେନା(୫୦)ଙ୍କ ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ବିଷମକଟକରୁ ରାୟଗଡ଼ାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ଅବସ୍ଥା ଖରାପ ଯୋଗୁ ବସ୍‌ଟି ନିର୍ଦ୍ଧାରିତ ରୁଟ୍‌ରେ ଯିବା ବଦଳରେ କୁମ୍ଭାରଧାମୁଣି ରାସ୍ତା ଦେଇ ଯାଉଥିଲା। ଦୁର୍ଘଟଣା ନେଇ ବିଷମକଟକ ଥାନାରେ ଏକ ମାମଲା ରୁଜୁ ହୋଇଛି। କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା, ପୋଲିସ ତାହାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।



ଦୁର୍ଘଟଣାଗ୍ରସ୍ତ ବସ୍।

**ରାସ୍ତା ଖରାପ ଯୋଗୁ ଅନ୍ୟ ରୁଟ୍‌ରେ ଯାଉଥିଲା ବସ୍**

# ସ୍ୱାମୀ ସାଜିଥିଲେ ହତ୍ୟାକାରୀ

**ରାୟଗଡ଼ା ଅଫିସ,୩୦।୧**

**ମହିଳାଙ୍କୁ ଗଳାକାଟି ହତ୍ୟା, ଚୋରି ଘଟଣାର ପର୍ଦ୍ଦାଫାଶ**

ରାୟଗଡ଼ା ଜିଲା କୁମ୍ଭିକଟା ପଞ୍ଚାୟତ ହୁଲୁକାଗୁଣ୍ଡା ଗ୍ରାମରେ ଗତ ୨୨ ତାରିଖରେ ମହିଳାଙ୍କୁ ଗଳାକାଟି ହତ୍ୟା ଏବଂ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ସ୍ୱାମୀ ହିଁ ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବୋଲି ତଦନ୍ତରୁ ସ୍ପଷ୍ଟ ହୋଇଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ଅଥବା ଚୋରି ଉଦ୍ଦେଶ୍ୟରେ ଘଟିଥିଲା, ସେ ନେଇ ପୋଲିସ ତଦନ୍ତ ଚଳାଇଥିଲା। ରାୟଗଡ଼ା ଟାଉନ ଥାନା ପୋଲିସ ଏବଂ ଏସ୍‌ପି ବିବେକାନନ୍ଦ ଶର୍ମା ଘଟଣାସ୍ଥଳକୁ ଯାଇ ଖୋଲତାଡ଼ କରିଥିଲେ। ତଦନ୍ତବେଳେ ପାରିବାରିକ କଳହକୁ ନେଇ ସ୍ୱାମୀ ହିଁ ସ୍ତ୍ରୀ କାସାଇଙ୍କୁ ହତ୍ୟା କରିଥିବା ଜଣାପଡ଼ିଥିଲା। କାସାଇଙ୍କ ମୁଣ୍ଡ ଏବଂ ବେକକୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ସ୍ୱାମୀ ସ୍ୱୀକାର କରିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ମଧ ଜବତ କରାଯାଇଛି। ସୂଚନାଯୋଗ୍ୟ, ୨୨ତାରିଖରେ ହତ୍ୟାକାଣ୍ଡ ପରେ ସ୍ୱାମୀ ବିଜୟ ହୁଲୁକା ଘରେ ନ ଥିବାବେଳେ କେହି ଦୁର୍ବୃତ୍ତ ଘରେ ପଶି ସ୍ତ୍ରୀଙ୍କୁ ହତ୍ୟା କରିବା ସହ ସୁନାଗହଣା ଚୋରି କରିଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ କରିଥିବା ପୂର୍ବରୁ ପୋଲିସ ସୂଚନା ଦେଇଥିଲା। କିନ୍ତୁ ଶନିବାର ହତ୍ୟାକାଣ୍ଡର ପର୍ଦ୍ଦାଫାଶ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ଅଭିଯୁକ୍ତ ସ୍ୱାମୀଙ୍କ ନାମ ଘୋଷଣା କରିନାହାନ୍ତି। ସମ୍ମିଳନୀରେ ଏସ୍‌ପିଙ୍କ ସମେତ ଏସ୍‌ଡିପିଓ ତପନ ନାରାୟଣ ରଥ, ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ରାୟଗଡ଼,୩୦।୧**

ଗଜପତି ଜିଲା ରାୟଗଡ଼ ଥାନା ଏସ୍.କରଡ଼ାସିଂ ଗ୍ରାମ ନିକଟରେ ଶୁକ୍ରବାର ରାତି ପ୍ରାୟ ୧୧ଟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାରାବନ୍ଧ ଥାନା ଶବରା ଗ୍ରାମର ସୌମ୍ୟ ରଞ୍ଜନ ମହାନ୍ତି (୨୧)। ସୌମ୍ୟ କୌଣସି କାମରେ ଏସ୍.କରଡ଼ାସିଂକୁ ଯାଇ ବାଇକ୍ ଯୋଗେ ଫେରୁଥିବା ବେଳେ ଗ୍ରାମ ନିକଟ ବୁଲାଣିଠାରେ ପଡିଯାଇଥିଲେ। ତେବେ ରାତ୍ର ଯୋଗୁ ତାଙ୍କୁ କେହି ଦେଖି ନ ପାରିବାରୁ ସେଠାରେ ପଡ଼ି ରହିଥିଲେ। ରାତିରେ ବହୁ ସମୟ ଧରି ପ୍ରବଳ ବର୍ଷା ହୋଇଥିବାରୁ ସେଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଶନିବାର ସକାଳେ ରାୟଗଡ଼ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ନଂ. ୯/୨୧ରେ ମାମଲା ରୁଜୁ ହୋଇଛି।

# ସର୍ବଦଳୀୟ ବୈଠକରେ ବିଜେଡି ଉଠାଇଲା ଦାବି

**ଭୁବନେଶ୍ୱର,୩୦।୧(ବ୍ୟୁରୋ)**

**ମହିଳା ସଂରକ୍ଷଣ ବିଲ୍ ପାସ୍ ହେଉ**

ପାର୍ଲାମେଣ୍ଟରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିବାକୁ ବିଜେଡି ଦାବି କରି ଆସୁଛି। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବିଜେଡି ଏମ୍‌ପି ପିନାକୀ ମିଶ୍ର ଚଳିତ ଅଧିବେଶନରେ ମହିଳା ସଂରକ୍ଷଣ ବିଲ୍ ପାସ୍ କରିବାକୁ ଦାବି କରିଛନ୍ତି। ବିଜେଡି ପକ୍ଷରୁ ଲୋକ ସଭା ସଦସ୍ୟ ମିଶ୍ର କହିଥିଲେ ଯେ ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଚଳିତ ବଜେଟ ଅଧିବେଶନ କାଳରେ ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।

ବିଜୁ ଜନତା ଦଳ ୨୦୧୯ ଲୋକ ସଭା ନିର୍ବାଚନରେ ୨୧ ସଂସଦୀୟ ଆସନ ମଧ୍ୟରୁ ୭ଟି ସିଟ୍‌ରେ ମହିଳାଙ୍କୁ ଟିକେଟ ଦେଇଥିଲା। ସେମାନଙ୍କ ମଧ୍ୟରୁ ୫ ଜଣ ବିଜୟୀ ହୋଇଥିବା ବେଳେ ୨ ଜଣ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠୁ ଲୋକ ସଭାକୁ ଦୁଇ ତୃତୀୟାଂଶ ମହିଳା ସଦସ୍ୟ ନିର୍ବାଚିତ ହୋଇଛନ୍ତି। ଏଥିପାଇଁ ନବୀନ ଖୁସିବ୍ୟକ୍ତ କରିଛନ୍ତି। ଭାଜପା ଓ କଂଗ୍ରେସ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରିଛନ୍ତି। ୱାଇଏସ୍‌ଆର କଂଗ୍ରେସ, ଟିଆରଏସ୍ ଖୋଲାଖୋଲି ଭାବେ ଲୋକ ସଭାରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଦାବିକୁ ସମର୍ଥନ କରିଛନ୍ତି। ରାଜ୍ୟ ସଭାରେ ଏହି ବିଲ୍ ଦୀର୍ଘ ୧୦ ବର୍ଷ ହେବ ପାରିତ ହୋଇ ସାରିଛି। ଆଉ ବିଳମ୍ବ ନ କରି ମହିଳା ସଂରକ୍ଷଣ ବିଲ୍ ଲୋକ ସଭାରେ ତୁରନ୍ତ ପାସ୍ କରିବାକୁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି ବୋଲି ପିନାକୀ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ ...

### ଖୋଲିବ ଅଙ୍ଗନୱାଡି...

କଟକଣାକୁ ଭିତ୍ତିକରି ସିନେମା ହଲ୍ ଚାଲିବ। ଅପରପକ୍ଷରେ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ ଖୋଲିବାକୁ ନେଇ ସରକାର କିଛି ସ୍ପଷ୍ଟ କରିନାହାନ୍ତି । ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ନିଷ୍ପତ୍ତି ନେବେ । ଏ ନେଇ ଏସ୍‌ଓପି ଜାରି କରିବାକୁ ପରାମର୍ଶ ଦିଆଯାଇଛି। ସ୍କୁଲ ଖୋଲିବା ପୂର୍ବରୁ ସରକାରଙ୍କଠାରୁ ଅନୁମତି ଆଣିବାକୁ କୁହାଯାଇଛି। ତେବେ ସମସ୍ତ ପ୍ରକାର ପରୀକ୍ଷା, ଖାତାଦେଖା ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ଚାଲୁ ରହିବ। ସମସ୍ତ ପ୍ରକାର ଧନ୍ଦାମୂଳକ ତାଲିମ ଜାରି ରହିବ। ସମସ୍ତ ପ୍ରକାର ସୁଇମିଂପୁଲ୍ କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଖୋଲିପାରିବ। ଅନ୍ତର୍ଜାତୀୟ ବିମାନ ଉଡ଼ାଣ ନିଷ୍ପତ୍ତି କେନ୍ଦ୍ର ସରକାର ନେବେ। ଜିଲାପାଳ, ମହାନଗର ନିଗମ କମିଶନରଙ୍କ ଭଳି ସ୍ଥାନୀୟ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଆଧାରରେ ସଂକ୍ରମିତ ଅଞ୍ଚଳ ଘୋଷଣା କରି ପାରିବେ। କରୋନା ମହାମାରୀର ଭୟାବହତା ସମ୍ପର୍କରେ ଜନସେଚତନତା ସୃଷ୍ଟି କରିବାକୁ କୁହାଯାଇଛି। ଏହାଛଡ଼ା ପୂର୍ବଭଳି କାର୍ଯ୍ୟସ୍ଥଳ ଓ ସାଧାରଣ ପରିବହନ ସେବାରେ ଯାତ୍ରା କଲାବେଳେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ସର୍ବସାଧାରଣ ସ୍ଥାନରେ ୬ ଫୁଟ ଦୂରତା ବଜାୟ ରଖିବାକୁ କୁହାଯାଇଛି। ସେଲୁନ, ସ୍ପା, ବିୟୁଟିପାର୍ଲରଗୁଡ଼ିକ କୋଭିଡ୍ ପ୍ରୋଟୋକଲକୁ ଅନୁସରଣ କରିବାକୁ କୁହାଯାଇଛି। ଏହାକୁ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସର୍ବସାଧାରଣ ସ୍ଥାନରେ ଛେପ ପକାଇବା ଓ ମଦ୍ୟପାନକୁ ବାରଣ କରାଯିବା ସହ ପାନ,ଗୁଟ୍‌ଖା ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଖାଇବା ଉପରେ କଟକଣା ଲଗାଯାଇଛି। କୋଭିଡ୍ କଟକଣା ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବାକୁ ଜିଲା ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

### ଦିନକୁ ୨ ଘଣ୍ଟା ...

ନେବାକୁ ପରାମର୍ଶ ଦିଆଯାଇଛି। ଆଜି ମୋ ଜନମ ଦିନ ଗୀତ ଗାଇ ପିଲାମାନଙ୍କୁ ଅତିକମ୍‌ରେ ୨୦ ସେକେଣ୍ଡ ହାତ ଧୋଇବା ପାଇଁ ପ୍ରବର୍ତ୍ତାଇବାକୁ କୁହାଯାଇଛି। ନିୟମିତ ବ୍ୟବଧାନରେ ପିଲାମାନେ ଛୁଉଁଥିବା ଭୂମି, ବସିବା ସ୍ଥାନ ଏବଂ ରୋଷେଇ ଅଞ୍ଚଳକୁ ପରିଷ୍କାର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରକୁ ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଥଣ୍ଡା କିମ୍ବା କାଶ ହେଉଥିବା ମାତାପିତା, ଅଙ୍ଗନୱାଡି କର୍ମୀ, ପିଲା କେନ୍ଦ୍ରକୁ ନ ଆସିବାକୁ ପରାମର୍ଶ ଦିଆଯାଇଛି। ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କୁ ମଧ କେନ୍ଦ୍ରକୁ ଯିବାକୁ ବାରଣ କରାଯାଇଛି। ସାମାଜିକ ଦୂରତା ବଜାୟ ରଖିବା ସହ ରୋଷେଇ କରିବା ବେଳେ ସ୍ୱାସ୍ଥ୍ୟକର ପରିବେଶ ପ୍ରତି ଯତ୍ନବାନ ହେବାକୁ କୁହାଯାଇଛି।

### ଜୁନ୍ ସୁଦ୍ଧା କୋଭାଭାକ୍ସ...

କୋଭାଭାକ୍ସ ନାମରେ ଟିକା ପରୀକ୍ଷଣ ପାଇଁ ଆବେଦନ କରିଥିବା କହିଛନ୍ତି। ପୁଣେସ୍ଥିତ ସିରମ ଇନଷ୍ଟିଚ୍ୟୁଟ ଅକ୍ସଫୋର୍ଡ ୟୁନିଭର୍ସିଟି ଓ ବ୍ରିଟିଶ-ସ୍ୱିଡେନ କମ୍ପାନୀ ଆଷ୍ଟ୍ରାଜେନିକା ସହଯୋଗରେ କୋଭିଶିଲ୍ଡ ପ୍ରସ୍ତୁତ କରିଛି। କେନ୍ଦ୍ର ସରକାର ସିରମ ନିକଟରୁ ୧୧ ମିଲିୟନ କୋଭିଶିଲ୍ଡ ଟିକା କିଣିଛନ୍ତି।

### କେବଳ ଏକ ଫୋନ୍ ...

ଗୁଲାମନବୀ ଆଜାଦ, ତୃଣମୂଳ କଂଗ୍ରେସର ସୁଦୀପ ବନ୍ଦୋପାଧ୍ୟାୟ, ଶିରୋମଣି ଅକାଳୀ ଦଳର ବଲୱିନ୍ଦର ସିଂ ଭୂଣ୍ଡେର ଓ ଶିବସେନାର ବିନାୟକ ରାଉତ ବିକ୍ଷୋଭରତ କୃଷକଙ୍କ ପ୍ରସଙ୍ଗ ଉଠାଇଥିଲେ। କୃଷକମାନଙ୍କୁ ସରକାର ନିଜ ଶତ୍ରୁ ଭଳି ଦେଖନ୍ତୁ ନାହିଁ ବୋଲି ସେମାନେ କହିଥିଲେ। ଅଧିକାଂଶ ବିରୋଧୀ ନେତା କୃଷି ଆଇନ ପ୍ରସଙ୍ଗରେ ପାର୍ଲାମେଣ୍ଟର ଉଭୟ ସଦନରେ ବିତର୍କ ହେଉ ବୋଲି ଦାବି କରିଥିଲେ। ପ୍ରକାଶ ଯେ, ବିବାଦୀୟ ୩ କୃଷି ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ଦାବିରେ କୃଷକ ସଙ୍ଗଠନଗୁଡ଼ିକ ନଭେମ୍ବର ୨୬ରୁ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଛନ୍ତି। ଅଚଳାବସ୍ଥା ଦୂର ପାଇଁ କେନ୍ଦ୍ର ସରକାର ଓ କୃଷକ ପ୍ରତିନିଧିଙ୍କ ମଧ୍ୟରେ ୧୧ଟି ପର୍ଯ୍ୟାୟରେ ଆଲୋଚନା ହୋଇଥିଲେ ମଧ ସେଥିରୁ କିଛି ସୁଫଳ ମିଳିପାରି ନାହିଁ। ଶେଷ ବୈଠକ ଜାନୁୟାରୀ ୨୨ରେ ହୋଇଥିଲା। ଏହାର ପୂର୍ବ ବୈଠକରେ ସରକାର ଉକ୍ତ ଆଇନର କାର୍ଯ୍ୟକାରିତାକୁ ୧୨-୧୮ ମାସ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଚାଷୀ ନେତାମାନଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ କୃଷି ଆଇନକୁ ସମ୍ପୂର୍ଣ୍ଣ ଭାବେ ହଟାଯାଉ ବୋଲି କୃଷକ ପ୍ରତିନିଧିମାନେ ନିଜ ଦାବିରେ ଅଡ଼ିବସିଥିଲେ।

## ସଂକ୍ଷେପରେ

### ଅପହୃତା ନାବାଳିକା ରାଜସ୍ଥାନରୁ ଉଦ୍ଧାର

**ସାଲେପୁର,୩୦।୧(ଡି.ଏନ୍.ଏ.):** କଟକ ଜିଲା ସାଲେପୁର ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ନାବାଳିକାଙ୍କୁ ରାଜସ୍ଥାନରୁ ଉଦ୍ଧାର କରାଯାଇଛି। ଏନେଇ ପୋଲିସ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ୨୪ ଜାନୁୟାରୀରେ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିନିଆଯାଇଥିବା ନେଇ ପରିବାର ସଦସ୍ୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମୋବାଇଲ ଫୋନ ଟ୍ରାକିଂ କରିବା ପରେ ସମ୍ପୃକ୍ତା ନାବାଳିକା ରାଜସ୍ଥାନରେ ଥିବା ଜାଣିପାରିଥିଲା। ସାଲେପୁର ଥାନା ଅଧିକାରୀ ବିଜୟ କୁମାର ବିଶିଙ୍କ ନିର୍ଦ୍ଦେଶ କ୍ରମେ ସବ୍‌ଇନ୍ସପେକ୍ଟର ସତ୍ୟନାରାୟଣ ପାଢ଼ୀଙ୍କ ସହ ଏକ ଟିମ୍ ରାଜସ୍ଥାନ ଯାଇଥିଲା। ସେଠାରେ କୋଟା ଜିଲା ଦାରାଫାଣ୍ଡି ଅନ୍ତର୍ଗତ କୋଥାଲା ଗ୍ରାମରେ ଟିମ୍ ଚଢ଼ାଉ କରି ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରିଛି। ଏହାପରେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଜାତୀୟ ସମ୍ମିଳନୀ 'ହେଲ୍‌ଥ ମେଡିକନ- ୨୦୨୧'

**ଭୁବନେଶ୍ୱର, ୩୦।୧(ବ୍ୟୁରୋ):** ଇଣ୍ଡିଆନ ପ୍ରୋକ୍ଟୋଲୋଜି ସୋସାଇଟି(ଆଇପିଏସ୍) ପକ୍ଷରୁ ଶନିବାର ଉତ୍କଳ ରଙ୍ଗମଞ୍ଚଠାରେ ଜାତୀୟ ସମ୍ମିଳନୀ 'ହେଲ୍‌ଥ ମେଡିକନ-୨୦୨୧' ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ବିହାରର ପୁସାସ୍ଥିତ ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ସମ୍ବାଦ କଳିକା ସମ୍ପାଦକ ତଥା ଆଇପିଏସ୍‌ର ଉପଦେଷ୍ଟା ଜୟାଶିଷ ରାୟ ଅତିଥି ଭାବେ ଯୋଗଦେଇଥିଲେ। ଆଇପିଏସ୍‌ର ପ୍ରତିଷ୍ଠାତା ସଭାପତି ଚିକିତ୍ସାବିଜ୍ଞାନୀ ପ୍ରଫେସର ଚତୁର୍ଭୁଜ ଭୂୟାଁ ସଭାପତିତ୍ୱ କରିଥିବାବେଳେ ସମ୍ମିଳନୀର ସଙ୍ଗଠନ ସମ୍ପାଦକ ଡା. ପ୍ରସନ୍ନ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ରାଜ୍ୟ ତଥା ବାହାରୁ ବହୁ ପ୍ରତିଷ୍ଠିତ ଆୟୁର୍ବେଦ ବିଶେଷଜ୍ଞ, ବରିଷ୍ଠ ପ୍ରଫେସର, ବୈଜ୍ଞାନିକଙ୍କ ସମେତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆଇପିଏସ୍‌ର ଅର୍ଥ ଓ ଲୋକସମ୍ପର୍କ ସମ୍ପାଦକ ଡା. ଅନ୍ନଦା ପ୍ରସାଦ ଦାଶ ଉପସ୍ଥିତ ଥିଲେ।

### ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଗଣଧାରଣା

**ଟାଙ୍ଗୀ, (କଟକ)୩୦।୧(ଡି.ଏନ୍.ଏ.):** ଦିଲ୍ଲୀରେ ଆନ୍ଦୋଳନରତ କୃଷକଙ୍କ ବିରୋଧରେ ମାମଲା ଓ କୃଷି ଆଇନ ପ୍ରତ୍ୟାହାର ଦାବିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଓଡ଼ିଶା କୃଷକ ସଭା ପକ୍ଷରୁ ଶନିବାର ବ୍ଲକ ପରିସରରେ ଗଣଧାରଣା ଦିଆଯାଇଥିଲା। କୃଷକ ନେତା ଡମ୍ବରୁଧର ସାହୁ, ରମେଶ ବେହେରା, ବିଷ୍ଣୁ ବେହେରା, ଶ୍ରମିକ ନେତା ପିତାମ୍ବର ଲେଙ୍କା, ବଦ୍ରିନାରାୟଣ ଦାଶ, ଜୟ କିଶୋର ସିଂ ଓ ଚନ୍ଦ୍ରମୋହନ ମାଝୀ ଧାରଣାର ନେତୃତ୍ୱ ନେଇଥିଲେ।

### ପୁରୀରେ ଟାଲେଣ୍ଟ ଫେଷ୍ଟ

**ପୁରୀ ଅଫିସ,୩୦।୧:** ସ୍ଥାନୀୟ ଅନ୍ନପୂର୍ଣ୍ଣା ଥିଏଟରଠାରେ ଶନିବାର ନଚ୍ ବଲିୟେ ଡ୍ୟାନ୍ସ ଏକାଡେମୀ ତରଫରୁ ଟାଲେଣ୍ଟ ଫେଷ୍ଟ-୨୦୨୧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲାସ୍ତରୀୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ହୋଇଛି। ଜିଲାର ବିଭିନ୍ନ ବ୍ଲକ୍ ତଥା ପୁରୀ ସହରରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇ ନୃତ୍ୟ କଳା ପ୍ରଦର୍ଶନ କରିଛନ୍ତି। ଏଥିରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ରାଜ୍ୟ ଯୁବ ବିଜେଡି ଉପସଭାପତି ସୁଭାଶିଷ ଖୁଣ୍ଟିଆ, ଦିବାକର ପାତ୍ର, ନାରାୟଣ ଖୁଣ୍ଟିଆ, ଅରୁଣ କୁମାର ମିଶ୍ର ଓ ସୂର୍ଯ୍ୟ ଦାସ ଯୋଗ ଦେଇଥିଲେ।

# ବାଘ ସୁରକ୍ଷାରେ ବନ ବିଭାଗ ବିଫଳ

**ଭୁବନେଶ୍ୱର, ୩୦।୧(ବ୍ୟୁରୋ)**

ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇଁ ବିଭିନ୍ନ ଯୋଜନାରେ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଆରମ୍ଭରୁ ବନ ବିଭାଗର ବଡ଼ବାବୁମାନେ ନାନା ବାହାବା ନେଉଛନ୍ତି, ହେଲେ ଠିକ୍ ସମୟରେ ବିଫଳ ହେଉଥିବାରୁ ରାଜ୍ୟରେ ବାଘ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଘ ମୃତ୍ୟୁସଂଖ୍ୟା ବଢୁଥିବାବେଳେ ଗୋଟିକ ପରେ ଗୋଟିଏ ଘଟଣାରେ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହେଉଛି। ଗତ ଗୁରୁବାର ଗଞ୍ଜାମ ଜିଲା ବୁଗୁଡ଼ା ବନାଞ୍ଚଳ ମାଣିତରା ସେକ୍ସନରେ ବାର୍‌ହା ଫାଶରେ ପଡ଼ି ଏକ କଲରାପତରିଆ ବାଘର ମୃତ୍ୟୁ ଘଟିଥିଲା। ଏହାପୂର୍ବରୁ ଶିକାର, ଫାଶ ଓ ରୋଗରେ ବହୁ ବାଘର ଜୀବନ ଯାଇଛି। ସେହିଭଳି ମଧ୍ୟପ୍ରଦେଶରୁ ଆସିଥିବା ମହାବଳ 'ମହାବୀର'ର ମୃତ୍ୟୁ ଓ ବାଘୁଣୀ 'ସୁନ୍ଦରୀ' ଫେରିବା ପ୍ରସଙ୍ଗ ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି। ସୁନ୍ଦରୀ ଏବେ ସାତକୋଶିଆ ଅଭୟାରଣ୍ୟରେ ବନ୍ଦୀ ଜୀବନ ବିତାଉଛି। ତାକୁ ନେବା ପାଇଁ ମଧ୍ୟପ୍ରଦେଶ ସରକାର ପ୍ରକ୍ରିୟା ଆରମ୍ଭ କରିଦେଇଥିବା

## ଫେରିଯିବ 'ସୁନ୍ଦରୀ'



ଶନିବାର ପିସିସିଏଫ୍(ୱାଇଲ୍ଡଲାଇଫ୍) ହରିଶଙ୍କର ଉପାଧ୍ୟାୟ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ସୁନ୍ଦରୀକୁ ମଧ୍ୟପ୍ରଦେଶର କାହ୍ନା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅନ୍ତର୍ଗତ ଘୋରେଲା କେନ୍ଦ୍ରରେ ରଖାଯିବ। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ)ର ଅନୁମତି ପରେ କାହ୍ନା ବ୍ୟାଘ୍ର ସଂରକ୍ଷଣ, ବାନ୍ଧବଗଡ଼ ଜାତୀୟ ଉଦ୍ୟାନ ଏବଂ ପେଞ୍ଚ ଜାତୀୟ ଉଦ୍ୟାନରେ ବ୍ୟାଘ୍ର ସଫାରି ନିର୍ମାଣ କରାଯାଉଛି। ସେପର୍ଯ୍ୟନ୍ତ 'ସୁନ୍ଦରୀ'କୁ କାହ୍ନା ବ୍ୟାଘ୍ର ସଂରକ୍ଷଣସ୍ଥିତ ଘୋରେଲା କେନ୍ଦ୍ରରେ ସାମୟିକ ଭାବେ ରଖାଯିବ। ବର୍ତ୍ତମାନ ଘୋରେଲା କେନ୍ଦ୍ରରେ ଅନ୍ୟଏକ ବାଘ ତାଲିମ ନେଉଛି। ଏହାକୁ ଉପଯୁକ୍ତ ସ୍ଥାନରେ ଛଡ଼ାଯିବା ପରେ 'ସୁନ୍ଦରୀ'କୁ ସେଠାକୁ ନିଆଯିବ। ଏସବୁ ପ୍ରକ୍ରିୟା ପାଇଁ 'ସୁନ୍ଦରୀ'ର ସ୍ଥାନାନ୍ତର ବିଳମ୍ବ ହୋଇପାରେ ବୋଲି ସେ କହିଛନ୍ତି। ତେବେ ବନ ବିଭାଗର ଅପାରଗତା ଯୋଗୁ ରାଜ୍ୟରେ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା ଫେଲ୍ ମାରିଥିବା ଓ କୋଟି କୋଟି ଟଙ୍କା ପାଣିରେ ପଡ଼ିଲା ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଛନ୍ତି। ରାଜ୍ୟରେ ବ୍ୟାଘ୍ର ସଂଖ୍ୟା ବୃଦ୍ଧି କରିବା ପାଇଁ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା ହୋଇଥିଲା। ଯେଉଁଥିରେ ଓଡ଼ିଶାକୁ ୬ଟି ବାଘ ଆସିଥାନ୍ତା। ଏନ୍‌ଟିସିଏ ଓ ଓଡ଼ିଶା ସରକାରଙ୍କ ଅନୁରୋଧକ୍ରମେ ପ୍ରଥମେ ମଧ୍ୟପ୍ରଦେଶ ସରକାର ଓଡ଼ିଶାକୁ ଦୁଇଟି ବାଘ ଦେଇଥିଲେ। ପରବର୍ତ୍ତୀ ସମୟରେ ଆଉ ୪ଟି ଦେବାର ଥିଲା। କିନ୍ତୁ ମଧ୍ୟପ୍ରଦେଶରୁ ଆସିଥିବା ବାଘ 'ମହାବୀର'ର ମୃତ୍ୟୁ ଘଟିଥିଲା ଓ ବାଘୁଣୀ 'ସୁନ୍ଦରୀ' ମଣିଷ ମାରିବା ଅଭିଯୋଗ ହେବା ପରେ ତାକୁ ସାତକୋଶିଆ ରାଇଗୁଡ଼ା ଏନ୍‌କ୍ଲୋଜ୍‌ରେ ରଖାଯାଇଥିଲା। ପ୍ରାୟ ଦୁଇବର୍ଷ ହେବ 'ସୁନ୍ଦରୀ' ସେହିଭଳି ବନ୍ଦୀ ହୋଇ ରହିଛି।

ସେପଟେ 'ମହାବୀର'ର ମୃତ୍ୟୁକୁ ନେଇ ମଧ୍ୟ ଏନ୍‌ଟିସିଏ କ୍ଷୋଭ ପ୍ରକାଶ କରିଥିଲା। ବାଘକୁ ସୁରକ୍ଷା ଦେଇ ନ ପାରିବାରୁ ତା'ର ମୃତ୍ୟୁ ହୋଇଥିଲା। ସେହିଭଳି ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟାରେ ରାଜ୍ୟ ବନ ବିଭାଗ ଗାଇଡ଼ଲାଇନ ପାଳନ କରି ନ ଥିବା ଏନ୍‌ଟିସିଏ କହିଥିଲା। ପ୍ରକଳ୍ପ ପାଇଁ ଦିଆଯାଇଥିବା ଟଙ୍କାକୁ ଅନ୍ୟତ୍ର ଖର୍ଚ୍ଚ ହୋଇଥିବା ଭଳି ସାଂଘାତିକ ଅଭିଯୋଗ ଆଣିଥିଲା ଏନ୍‌ଟିସିଏ। ଏ ନେଇ ଏନ୍‌ଟିସିଏ ଓଡ଼ିଶା ସରକାରଙ୍କ ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଜଣାଇଥିଲା। ଯେଉଁମାନଙ୍କ ପାଇଁ ଏସବୁ ବିଶୃଙ୍ଖଳା ହେଲା ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏନ୍‌ଟିସିଏ ଚିଠିରେ ଉଲ୍ଲେଖ କରିଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ ଏ ପର୍ଯ୍ୟନ୍ତ କାହା ବିରୋଧରେ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏହି ପ୍ରକଳ୍ପରେ ସଂଶ୍ଳିଷ୍ଟ ବହୁ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ କାହାର ପଦୋନ୍ନତି ହୋଇଥିବାବେଳେ ଆଉ କିଛି ଅବସର ନେଇ ସାରିଲେଣି। ଏପରିସ୍ଥିତିରେ ବାଘ ସୁରକ୍ଷା ନାଁରେ ବନ ବିଭାଗ ଭେଳିକି କରୁଥିବା ବିଶେଷଜ୍ଞମାନେ କହିଛନ୍ତି।



ବିଧାନସଭା ପରିସର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଅବସରରେ ଉପସ୍ଥିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟମାନେ।

# ବିଧାନସଭା ପରିସରରେ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ

**ଭୁବନେଶ୍ୱର,୩୦।୧(ବ୍ୟୁରୋ)**

ସତ୍ୟ, ଶାନ୍ତି ଓ ଅହିଂସାର ପ୍ରତୀକ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୭୩ତମ ଶ୍ରାଦ୍ଧ ଦିବସ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ବିଧାନସଭା ପରିସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଧାନସଭା ପରିସରରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟଅତିଥି ରୂପେ ଯୋଗଦାନ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ପ୍ରମୁଖ ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନ ସଚିବ ସଞ୍ଜୟ କୁମାର ସିଂ, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ବିଧାନସଭା ସଚିବ ଦାଶରଥି ଶତପଥୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ପୂର୍ବତନ ବିଧାୟକ ଅଜୟ ଜେନା ପ୍ରମୁଖ ପୁଷ୍ପ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ମଧ୍ୟ ଗାନ୍ଧିଜୀଙ୍କ ପ୍ରିୟ ଆଶ୍ରମ ଭଜନ 'ବୈଷ୍ଣବ ଜନ ତୋ..' ଗାନ କରାଯାଇଥିବା ବେଳେ ଦେଶର ଶହୀଦମାନଙ୍କୁ ରାଜ୍ୟ ପୋଲିସ ତରଫରୁ ତୋପ ସଲାମି ଦିଆଯାଇଥିଲା ।

# ୩୦୧ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟା

**ଭୁବନେଶ୍ୱର,୩୦।୧(ବ୍ୟୁରୋ)**

ଓଡ଼ିଶା ପୋଲିସ ଇନ୍ସପେକ୍ଟର ର୍‍ୟାଙ୍କ୍‌ରେ ବଡ଼ଧରଣର ପଦୋନ୍ନତି କରାଯାଇଛି। ବିଭିନ୍ନ ଥାନାରେ କାର୍ଯ୍ୟରତ ୩୦୧ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ମିଳିଛି। ଏ ନେଇ ଶନିବାର କଟକସ୍ଥିତ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିବା ଇନ୍ସପେକ୍ଟରଙ୍କ ମଧ୍ୟରୁ କଟକ-ଭୁବନେଶ୍ୱର କମିଶନରେଟ୍ ପୋଲିସର ୧୪ଜଣ ରହିଛନ୍ତି। ସେମାନେ ହେଲେ ଭୁବନେଶ୍ୱରର ଖାରବେଳ ନଗର ଥାନା ଇନ୍ସପେକ୍ଟର ଅରୁଣ ସ୍ୱାଇଁ, ନୟାପଲ୍ଲୀ ଥାନାର ଶରତ କୁମାର ସାହୁ, ଏୟାରଫିଲ୍ଡ ଥାନାର ଦୀପକ ମିଶ୍ର, କ୍ୟାପିଟାଲ ଥାନାର ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ଲକ୍ଷ୍ମୀସାଗର

## କମିଶନରେଟ୍ ପୋଲିସରୁ ୧୪ ଜଣ

ଥାନାର ଭରତ ସାହୁ, ସିପି ଅଫିସ୍‌ର ଅମିତାଭ ତ୍ରିପାଠୀ ଓ ମାନସୀ ପାତ୍ର। ସେହିପରି କଟକ ସହରାଞ୍ଚଳର ସ୍ପେଶାଲ ସ୍କ୍ୱାଡ୍ ଇନ୍ସପେକ୍ଟର ଅଜୟ କୁମାର ଦାସ, ଚାଉଳିଆଗଞ୍ଜ ଥାନା ଇନ୍ସପେକ୍ଟର ତାପସ ରଞ୍ଜନ ପ୍ରଧାନ, ଫେଜ୍-୨ ଥାନା ଇନ୍ସପେକ୍ଟର ବିଜୟିନୀ ସିଂହ, ଲାଲବାଗ ଥାନାର ଆଶୁତୋଷ ମିଶ୍ର, ବିଡାନାସୀ ଥାନାର ଏସ୍.ଏନ୍ ତିୱାରୀ, କନ୍ଦରପୁର ଥାନାର ସତ୍ୟଜିତ୍ ଦାସ ଓ ପୁରୀଘାଟ ଥାନା ଆଇଆଇସି ରଶ୍ମିରଞ୍ଜନ ସାହୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ନୂତନ ନିଯୁକ୍ତି ମିଳିବା ପର୍ଯ୍ୟନ୍ତ ବର୍ତ୍ତମାନର ସ୍ଥାନରେ କାର୍ଯ୍ୟ କରିବେ।



ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟ ଓ ପୁରାତନ ଛାତ୍ର ସଂଘର 'ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ମୁକ୍ତ ବାଣୀବିହାର' ଅଭିଯାନରେ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ ଶପଥ ନେଉଛନ୍ତି।

# ୧୪ ଚୋରା ବାଇକ ଜବତ, ୨ ଗିରଫ



ଜବତ ଚୋରା ବାଇକ।

**କଟକ ଅଫିସ, ୩୦।୧**

ସ୍କୁଟି ଚୋରି ଘଟଣାର ତଦନ୍ତ କରି ମଧୁପାଟଣା ପୋଲିସ ଏକ ବାଇକ୍ ଚୋରି ର୍‍ୟାକେଟ୍‌କୁ ଠାବ କରିଛି। ର୍‍ୟାକେଟରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ସଦର ଥାନା ଅନ୍ତର୍ଗତ ରଘୁପତି ଲେନ୍‌ରେ ରହୁଥିବା ବିକାଶ ଦାସ ଓ ପ୍ରତାପନଗରୀ ତୋଟାସାହିର ବଦ୍ରିନାଥ ରାଉତ। ସେମାନଙ୍କଠାରୁ ୧୪ଟି ଚୋରା ବାଇକ୍ ଜବତ ହୋଇଛି। ଡିସିପି ପ୍ରତୀକ୍ ସିଂହଙ୍କ ସୂଚନା ମୁତାବକ, କଟକ ରାଜାବଗିଚା ଅଞ୍ଚଳର ଦେବାଶିଷ ମହାପାତ୍ର ମଧୁପାଟଣା ଛକସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ସମ୍ମୁଖରେ ସ୍କୁଟି ରଖି ଭିତରକୁ ଯାଇଥିବାବେଳେ ତାହା ଚୋରି ହୋଇଯାଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ଥାନାରେ ମାମଲା(ନଂ.୨୭/୨୧) ରୁଜୁ ହୋଇଥିଲା। ଇନ୍ସପେକ୍ଟର ତୁଷାରକାନ୍ତ ସେଠୀ ଓ ଏସ୍‌ଆଇ ପି.କେ. ସାସମଲ ଘଟଣାର ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ। ପରେ ସେମାନଙ୍କ ସୂଚନା ଆଧାରରେ ପୋଲିସ ଚଢାଉ କରି ବାଇକ୍‌ଗୁଡିକୁ ଜବତ କରିଥିଲା।

# ପୋଲିସ ମୁଖ୍ୟାଳୟରେ ଶହୀଦ ଦିବସ



ପୋଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଡିଜିପି ଅଭୟଙ୍କ ସହ ଅନ୍ୟମାନେ।

**କଟକ ଅଫିସ, ୩୦।୧**

କଟକସ୍ଥିତ ପୋଲିସ ମୁଖ୍ୟାଳୟଠାରେ ଶହୀଦ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ପୋଲିସ ମୁଖ୍ୟ କାର୍ଯ୍ୟାଳୟର ଅନୁଷ୍ଠିତ ସ୍ମୃତିଚାରଣ ସଭାରେଡିଜିପି ଅଭୟ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଅନ୍ୟ ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଏଆଇଜି, ସଂସ୍ଥା ଅଧିକାରୀ, ଉପବିଭାଗ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ପଙ୍କଜ ନାୟକ ଓ ଅଶୋକ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତାଲା ଭାଙ୍ଗି ସ୍କୁଲରୁ ଚୋରି

**ବାଲକାଟୀ,୩୦।୧(ଡି.ଏନ୍.ଏ.)**

ବାଲକାଟୀ ଫାଣ୍ଡି ନିକଟ ବିଜୁ ପଟ୍ଟନାୟକ ସରକାରୀ ପ୍ରାଥମିକ ବିଦ୍ୟାଳୟ ତାଲା ଭାଙ୍ଗି ଶୁକ୍ରବାର ରାତିରେ ଚୋରି ହୋଇଛି। ଏନେଇ ପ୍ରଧାନଶିକ୍ଷକ ବଂଶୀଧର ମଲ୍ଲିକ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ସ୍କୁଲ୍ ମୁଖ୍ୟ ଫାଟକ ଓ ଶ୍ରେଣୀଗୃହ ତାଲା ଭାଙ୍ଗି ପଙ୍ଖା, ମୋଟର, ରୋଷେଇ ସରଞ୍ଜାମ ଚୋରି କରି ନେଇଛନ୍ତି। ସ୍କୁଲ ନିକଟରେ ପ୍ରତିଦିନ ଅସାମାଜିକଙ୍କ ଆଡ୍ଡା ଜମୁଥିବାରୁ ସେମାନେ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଫାଣ୍ଡି ପୋଲିସର ନିଷ୍କ୍ରିୟତାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ନିଖୋଜ ପର୍ଯ୍ୟଟକଙ୍କ ମୃତଦେହ ଜବତ

**ପୁରୀ ଅଫିସ,୩୦।୧**

ପୁରୀ ସମୁଦ୍ର ବେଳାଭୂମିରେ ଗାଧୋଇବା ବେଳେ ଶୁକ୍ରବାର ନିଖୋଜ ହୋଇଥିବା ପର୍ଯ୍ୟଟକଙ୍କ ମୃତଦେହ ଶନିବାର ସକାଳେ ମିଳିଛି। ସେ ହେଲେ ଝାଡ଼ଖଣ୍ଡ ଅଞ୍ଚଳର ଦୀପକ କୁମାର(୧୭)। ଅଗ୍ନିଶମ ବିଭାଗର ଏକ ଟିମ୍ ଶୁକ୍ରବାର ରାତିରେ ତନଘନା କରିଥିଲେ ମଧ କୌଣସି ପତ୍ତା ପାଇ ନ ଥିଲେ। ଶନିବାର ସକାଳୁ ପିଙ୍କ୍ ହାଉସ୍ ପାଖ ସମୁଦ୍ରଠାରେ କିଛି ବସ୍ତୁ ଭାସୁଥିବାର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିଥିଲେ। ପରେ ସମୁଦ୍ର ଭିତରକୁ ଯାଇ ନାବାଳକଙ୍କ ମୃତଦେହ ଠାବ କରି ଜବତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଝାଡ଼ଖଣ୍ଡରୁ ଆସିଥିବା ପରିବାରର ୭ଜଣ ସଦସ୍ୟ ପିଙ୍କ୍ ହାଉସ ପାଖ ସମୁଦ୍ରଠାରେ ସ୍ନାନ କରୁଥିବା ବେଳେ ଲହଡ଼ିରେ ଭାସିଯାଇଥିଲେ । ୬ ଜଣଙ୍କୁ ଉଦ୍ଧାର କରାଯାଇଥିଲେ ମଧ ଦୀପକ ନିଖୋଜ ହୋଇଯାଇଥିଲେ।

## ଲକ୍‌ଡାଉନ୍‌ରେ ଶିଶୁଙ୍କ ପ୍ରତି ନିର୍ଯାତନା ବଢ଼ିଛି

# ୩ ମାସରେ ଚାଇଲ୍ଡ ଲାଇନରେ ୯୨ ହଜାର ମାମଲା

**ଭୁବନେଶ୍ୱର, ୩୦।୧(ବ୍ୟୁରୋ)**

ଶିଶୁଙ୍କ ପ୍ରତି ଯୌନ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଛି। ଶିଶୁଙ୍କୁ ଶୋଷଣ ଓ କଷଣରୁ ରକ୍ଷା କରିବା ପାଇଁ ପଞ୍ଚାୟତରୁ ଆରମ୍ଭ କରି ରାଜ୍ୟ ସ୍ତରରେ ଶିଶୁ ସୁରକ୍ଷା କମିଟିଗୁଡ଼ିକୁ ମଜଭୁତ କରାଯିବାର ଆବଶ୍ୟକତା ରହିଛି ବୋଲି 'ଶିଶୁ ଯୌନ ନିର୍ଯାତନା ନିରୋଧ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ପିପୁଲ୍ସ କଲ୍‌ଚରାଲ ସେଣ୍ଟର(ପିକକ) ଏବଂ ନ୍ୟାଶନାଲ ଆକ୍ସନ ଆଣ୍ଡ୍ କୋର୍ଡିନେଶନ ଗ୍ରୁପ୍ ଫର୍ ଏଣ୍ଡିଂ ଭାଓଲେନ୍ସ ଏଗେନ୍‌ଷ୍ଟ ଚିଲଡ୍ରେନ୍ ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଯୋଗଦେଇଥିଲେ। ସେ କହିଲେ, ଜାତୀୟ ତଥ୍ୟ ଅନୁସାରେ ଶିଶୁଙ୍କ ଉପରେ ହେଉଥିବା ଅତ୍ୟାଚାରର ପ୍ରାୟ ୯୨ ପ୍ରତିଶତ ସେମାନଙ୍କ ସମ୍ପର୍କୀୟଙ୍କ ଦ୍ୱାରା ଘଟୁଛି। ତେବେ ଲକ୍‌ଡାଉନର ୩ମାସ ଭିତରେ ଶିଶୁଙ୍କ ପ୍ରତି ନିର୍ଯାତନା ନେଇ ଚାଇଲ୍ଡ ଲାଇନ୍‌ରେ ୯୨ହଜାର ମାମଲା ରୁଜୁ ହୋଇଛି। ଏହା ନିହାତି ଚିନ୍ତାର ବିଷୟ। ମହିଳା ଓ ଶିଶୁ ବିକାଶ ବିଭାଗଠାରୁ ଆରମ୍ଭ କରି ଏନ୍‌ଜିଓ, ଲୋକ ପ୍ରତିନିଧି, ପ୍ରଶାସକ ତଥା ସମାଜର ସବୁ ବର୍ଗର ଲୋକେ ଶିଶୁ ନିର୍ଯାତନା ବିରୋଧରେ ସ୍ୱର ଉଠାଇବା, ଶିଶୁ ସୁରକ୍ଷା କମିଟିକୁ ମଜଭୁତ ଓ କ୍ରିୟାଶୀଳ କରିବା ଦ୍ୱାରା ଏହାକୁ ରୋକାଯାଇପାରିବ ବୋଲି ସନ୍ଧ୍ୟାବତୀ କହିଛନ୍ତି।

ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ ଧରଣୀଧର ନନ୍ଦ କହିଲେ, ଶିଶୁ ସୁରକ୍ଷା କମିଟିରେ ଏ ସଂକ୍ରାନ୍ତ ଅଭିଯୋଗ ପଞ୍ଜୀକରଣ ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ପ୍ରାଥମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ଅଭୟ କୁମାର ମଲ୍ଲିକ ଶିଶୁଙ୍କ ଅଧିକାର ସୁନିଶ୍ଚିତ କରିବା ଓ ବିଦ୍ୟାଳୟରେ ଶିଶୁଙ୍କ ପ୍ରତି ନିର୍ଯାତନା ନିରୋଧ ସେଲର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ଏନ୍‌ଏସିଜି ଇଭାକ ଇଣ୍ଡିଆର ଅଧକ୍ଷ ରଞ୍ଜନ କୁମାର ମହାନ୍ତି, ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ନିଜର ମତ ରଖିଥିଲେ।

# ଦୁଇ ପିଲାଙ୍କ ଆଗରେ ମା'ର ଆତ୍ମହତ୍ୟା ଉଦ୍ୟମ

**ଗୋପ, ୩୦।୧(ଡି.ଏନ୍.ଏ.)**

ପୁରୀ ଜିଲା ଅନ୍ତର୍ଗତ ଗୋପ-ବାଲିଘାଇ ରାସ୍ତାର ଗୋପ ବଜାର ନିକଟ କୁଶଭଦ୍ରା ପୋଲ ଉପରେ ଶନିବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଜଣେ ମହିଳା ନିଜର ଦୁଇ ପିଲାଙ୍କୁ ପୋଲ ଉପରେ ବସାଇ ଆତ୍ମହତ୍ୟା କରିବାକୁ ଯାଉଥିଲେ। ତେବେ ପୋଲରୁ ତଳକୁ ଡେଇଁବା ସମୟରେ ଜଣେ ଲୋକ ଦୌଡ଼ିଯାଇ ତାଙ୍କୁ ଧରିଦେବାରୁ ବଡ଼ ବିପଦ ଟଳି ଯାଇଥିଲା। ପରେ ଉକ୍ତ ମହିଳାଙ୍କୁ ପୋଲିସ ତାଙ୍କ ପରିବାର ଜିମା ଦେଇଥିବା ଜଣାପଡିଛି।

ପୋଲିସ ସୂଚନାନୁସାରେ, ଉକ୍ତ ମହିଳା ଜଣକ ହେଉଛନ୍ତି ଗୋପ ଥାନା ଦଳନଇସ୍ଥିତ ବିଜିପୁର ଗ୍ରାମର କାହ୍ନୁଚରଣ ମହାରଣାଙ୍କ ଝିଅ ପାର୍ବତୀ (୩୧)। ସେ ୭/୮ ବର୍ଷ ପୂର୍ବେ ନିଆଳି ଥାନା ଅଧୀନ ପନିମାଳ ଗ୍ରାମର ତପନ ମହାରଣାଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ୪ ବର୍ଷର ପୁଅ ଓ ଗୋଟିଏ ୯ ମାସର ଝିଅ ଅଛନ୍ତି। ଶନିବାର ସକାଳେ ସେ ହଠାତ୍

## ପୋଲ ତଳକୁ ଡେଇଁବାବେଳେ ଉଦ୍ଧାର



ଉଦ୍ଧାର ହୋଇଥିବା ପାର୍ବତୀ।

୨ ପିଲାଙ୍କୁ ଧରି ବାପଘର ଗାଁ ବିଜୁପୁରକୁ ଆସୁଥିଲେ। କିନ୍ତୁ ବାଟରେ କୁଶଭଦ୍ରା ପୋଲ ଉପରେ ୨ ଶିଶୁଙ୍କୁ ବସାଇ ଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ଏହି ଖବର ପ୍ରଚାରିତ ହୋଇଯିବା ପରେ ସେଠାରେ ଲୋକଙ୍କ ଭିଡ଼ ଲାଗିଥିଲା। ଖବର ପାଇ ଥାନା ଏଏସ୍‌ଆଇ ରାଧାଶ୍ୟାମ ନାୟକ ଓ ଗଙ୍ଗାଧର ନାୟକ ସେଠାରେ ପହଞ୍ଚି ୨ ଶିଶୁଙ୍କ ସହ ପାର୍ବତୀଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲେ। କଥାବାର୍ତ୍ତାରେ ବ୍ୟତିକ୍ରମ ଦେଖାଦେବାରୁ ପୋଲିସ ଭାଇ ଦୁର୍ଗାଚରଣ ମହାରଣାଙ୍କୁ ଡାକି ମହିଳାଙ୍କ ସମ୍ପର୍କରେ ପଚାରି ତଦନ୍ତ କରିବା ସହ ତାଙ୍କ ସହ ଛାଡ଼ିଥିଲେ। ତେବେ ଭଉଣୀର ମୁଣ୍ଡ ଟିକିଏ ଖରାପ ଥିବାରୁ ଏପରି ଆତ୍ମହତ୍ୟା ଉଦ୍ୟମ କରିଥିବା ଭାଇ ଦୁର୍ଗାଚରଣ କହିଛନ୍ତି।

# ଓଡ଼ିଶା ରେଡ୍‌ର ସହଜ ବିଜୟ

ଭୁବନେଶ୍ୱର,୩୦ା୧ (ସ୍ପୋର୍ଟ୍ସ ବ୍ୟୁରୋ)

## ଏମ୍‌ଜିଏମ୍ ଓଡ଼ିଶା ମହିଳା ଟି୨୦ ଲିଗ୍

ଏଠାରେ ଚାଲିଥିବା ଏମ୍‌ଜିଏମ୍ ଓଡ଼ିଶା ମହିଳା ଟି୨୦ ଲିଗ୍‌ରେ ଓଡ଼ିଶା ରେଡ୍ ଶନିବାର ୫୯ଟି ବଲ ବାକି ରଖି ୧୦ ଉଇକେଟରେ ଓଡ଼ିଶା ୟେଲୋକୁ ଅତି ସହଜରେ ପରାସ୍ତ କରିଛି। ଟୁର୍ନାମେଣ୍ଟର ୧୭ତମ ମ୍ୟାଚ୍‌ରେ ୟେଲୋ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୮୯ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସଙ୍ଗୀତା ଖାଡିଆ ୩୨, ପ୍ରିୟଙ୍କା ସାହୁ ୨୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ରେଡ୍ ତରଫରୁ ସୋନାଲି ହେମ୍ବ୍ରମ ୨, ସ୍ୱର୍ଣ୍ଣଲତା ନାୟକ ଓ ପ୍ରୀତି ପ୍ରିୟଦର୍ଶନୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ରେଡ୍ ୧୦.୧ ଓଭରରେ ୯୩ ରନ କରି ବିଜୟୀ ହୋଇଛି। ଦୁଇ ଓପନର ମାଧୁରୀ ମେହେଟା ୪୯(୩୬ ବଲ) ଓ କାଜଲ ଜେନା ୪୨ (୨୫ ବଲ) ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ମାତ୍ର ୮ ରନ ଦେଇ ଗୋଟିଏ ଉଇକେଟ ଅକ୍ତିଆର କରିଥିବା ରେଡ୍‌ର ସ୍ୱର୍ଣ୍ଣଲତା ନାୟକଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଦସ୍ୟ ଅନୁପ୍ କୁମାର ପାତ୍ର ଓମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କଠାରୁ ଓମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ସ୍ୱର୍ଣ୍ଣଲତା ନାୟକ।

## ଓଡ଼ିଶା ଭାଓଲେଟ୍ ୬ ଉଇକେଟରେ ବିଜୟୀ

କିଟ୍ ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ଭାଓଲେଟ୍ ୪୫ଟି ବଲ ବାକି ରଖି ୬ ଉଇକେଟରେ ଓଡ଼ିଶା ପର୍ପଲକୁ ସହଜରେ ହରାଇଛି। ଟୁର୍ନାମେଣ୍ଟର ୧୮ତମ ମ୍ୟାଚ୍‌ରେ ଟସ୍ ଜିତି ଭାଓଲେଟ୍ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ପର୍ପଲ ୨୦ ଓଭରରେ ୯ ଉଇକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସରିତା ମେହେର ୩୩ ଓ ଡି. ଜାନକୀ ରେଡ୍ଡୀ ୧୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାଓଲେଟ୍ ତରଫରୁ କଳ୍ପନା ନାୟକ ଓ ତରାନା ପ୍ରଧାନ ୨ଟି ଲେଖାଏ, ଅଧିନାୟିକା ଅଞ୍ଜଳି ସିଂ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ଭାଓଲେଟ୍ ୧୨.୩ ଓଭରରେ ୪ ଉଇକେଟ ହରାଇ ୯୨ ରନ ସଂଗ୍ରହ କରି ବିଜୟୀ ହୋଇଛି। ଦଳ ତରଫରୁ ସୁଶ୍ରୀ ଦିବ୍ୟଦର୍ଶନୀ ୪୨ (୨୨ବଲ) ଓ ତରାନା ପ୍ରଧାନ ୬ ରନ କରି ଅପରାଜିତ ରହିଥିବା ବେଳେ ଅଞ୍ଜଳି ସିଂ ୨୨ ବଲରୁ ୨୮ ରନ ସଂଗ୍ରହ କରିଥିଲେ। ବୋଲିଂରେ ପର୍ପଲ ପକ୍ଷରୁ ବନଲତା ମଲିକ ୨, ଜାନକୀ ରେଡ୍ଡୀ ଓ ଶୁଭସ୍ମିତା ଆଚାର୍ଯ୍ୟ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଓସିଏ ସଦସ୍ୟ ସଂଗ୍ରାମ କୁମାର ଗୁମାନ ସିଂ ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ତରାନା ପ୍ରଧାନଙ୍କୁ ଓମ୍ୟାନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପ୍ରଦାନ କରିଥିଲେ।



ଓମ୍ୟାନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ତରାନା ପ୍ରଧାନ।

# ୮୭ ବର୍ଷରେ ପ୍ରଥମ ଥର ହେବନି ରଣଜୀ ଟ୍ରଫି

ନୂଆଦିଲ୍ଲୀ, ୩୦ା୧ (ପି.ଟି.)

କୋଭିଡ୍ କାରଣରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୮୭ ବର୍ଷରେ ପ୍ରଥମ ଥର ଏହାର ପ୍ରମୁଖ ପ୍ରଥମ ଶ୍ରେଣୀ ଘରୋଇ ଟୁର୍ନାମେଣ୍ଟ ରଣଜୀ ଟ୍ରଫି ଆୟୋଜନ କରିବ ନାହିଁ। କାରଣ ଅଧିକାଂଶ ରାଜ୍ୟ ୟୁନିଟ୍ ବିଜୟ ହଜାରେ ଟ୍ରଫି ସପକ୍ଷରେ ମତ ଦେଇଛନ୍ତି। ବିସିସିଆଇ ସମ୍ପାଦକ ଜୟ ଶାହା ରାଜ୍ୟ ୟୁନିଟ୍‌ଗୁଡ଼ିକ ନିକଟକୁ ପଠାଇଥିବା ଚିଠି ଅନୁସାରେ ବିସିସିଆଇ ଭିନୁ ମଙ୍କଡ ଟ୍ରଫି ପାଇଁ ୧୯ବର୍ଷରୁ କମ୍ ଜାତୀୟ ଦିନିକିଆ ଟୁର୍ନାମେଣ୍ଟ ଆୟୋଜନ କରିବ। ଜାତୀୟ ମହିଳା ଦିନିକିଆ ଟୁର୍ନାମେଣ୍ଟ ମଧ ଖେଳାଯିବ। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏବଂ ସମ୍ପାଦକ ଶାହା ରଣଜୀ ଟ୍ରଫି ସପକ୍ଷରେ ଥିଲେ। କାରଣ ଏଥିରେ ମ୍ୟାଚ୍ ଫି' ଅଧିକ ମିଳିଥାଏ। ଜଣେ ଖେଳାଳି ମ୍ୟାଚ ପିଛା ହାରିହାରି ୧.୫ ଲକ୍ଷ ଟଙ୍କା ପାଇଥାଏ। କୋଭିଡ୍ ସମୟରେ ଦୁଇ ପର୍ଯ୍ୟାୟ ବିଶିଷ୍ଟ ରଣଜୀ ଟ୍ରଫି ଖେଳା ଗଲେ ଦୁଇ ମାସ ସମୟ ଲାଗିବ। ଏତେ ସମୟ ବାୟୋ-ବବଲରେ ରହିବା ସହଜ ନୁହେଁ। ବିଜୟ ହଜାରେ ଟ୍ରଫି ଆସନ୍ତା ମାସରେ ଖେଳାଯିବ। କୋଭିଡ୍ ସମୟରେ ଘରୋଇ କ୍ୟାଲେଣ୍ଡର ପ୍ରସ୍ତୁତ କରିବା କେତେ କଷ୍ଟକର ଶାହା ସେ ବିଷୟ ତାଙ୍କ ଚିଠିରେ ବର୍ଣ୍ଣନା କରିଛନ୍ତି। ପ୍ରଥମେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଓ ପରେ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜନ ହୋଇ ପାରିଥିବାରୁ ଏଥିପାଇଁ ସେ ବିସିସିଆଇ ଷ୍ଟାଫ୍ ଏବଂ ରାଜ୍ୟ ଆସୋସିଏଶନଗୁଡ଼ିକ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜ ପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋରଦାର ଆଗେଇ ଚାଲିଥିବା ସେ କହିଛନ୍ତି।




# ବୋପାନ୍ନାଙ୍କ ପାର୍ଟନର ହେବେ ମ୍ୟାକ୍‌ଲାଚଲାନ୍

ମେଲବୋର୍ନ, ୩୦ା୧ (ପି.ଟି.)

ଅଷ୍ଟ୍ରେଲିଆନ ଓପନ୍ ଟେନିସ ପୁରୁଷ ଡବଲ୍ସ ପାଇଁ ଭାରତୀୟ ଟେନିସ ଷ୍ଟାର ରୋହନ ବୋପାନ୍ନା ଶେଷରେ ତାଙ୍କର ଜଣେ ପାର୍ଟନର ଖୋଜି ପାଇଛନ୍ତି। ସିଜନ୍‌ର ପ୍ରଥମ ଗ୍ରାଣ୍ଡସ୍ଲାମ ପାଇଁ ଜାପାନର ବେନ୍ ମ୍ୟାକ୍‌ଲାଚଲାନ୍ ତାଙ୍କ ପାର୍ଟନର ହୋଇଛନ୍ତି। ବୋପାନ୍ନା ପ୍ରକୃତରେ ପର୍ତ୍ତୁଗୀଜ୍ ଖେଳାଳି ଜୋଆଓ ସୋସାଙ୍କ ସହ ଚୁକ୍ତି କରିଥିଲେ। ମାତ୍ର କରୋନା ସଂକ୍ରମିତ ହେବା ପରେ ଏହି ଖେଳାଳି ଜଣକ ଓହରିଯାଇଥିଲେ। ଜାନୁଆରୀ ୧୬ରେ ମେଲବୋର୍ନରେ ପହଞ୍ଚି ୧୪ ଦିନ କ୍ୱାରାଣ୍ଟାଇନ୍ ଶେଷ କରିଥିବା ବୋପାନ୍ନା କହିଛନ୍ତି ବେନ୍ ଓ ସେ ଗୋଟିଏ ଡଙ୍ଗାର ଯାତ୍ରୀ। ମୁଁ ତାଙ୍କୁ ପାଇ ଭାଗ୍ୟବାନ ମନେ କରୁଛି। ବେନ୍‌ଙ୍କ ପାର୍ଟନର ରାଭେନ କ୍ଲାସେନ୍ ପ୍ରତିଯୋଗିତାରୁ ଓହରିଯିବାରୁ ସେ ଜଣେ ପାର୍ଟନର ସନ୍ଧାନରେ ଥିଲେ। ଶେଷରେ ଆମ ଦୁହିଁଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଥିଲା ବୋଲି ବୋପାନ୍ନା କହିଛନ୍ତି। ଅଷ୍ଟ୍ରେଲିଆନ ଓପନ ଫେବୃୟାରୀ ୮ରୁ ଆରମ୍ଭ ହେବ। ବୋପାନ୍ନାଙ୍କ ବ୍ୟତୀତ ପୁରୁଷ ଡବଲ୍ସ ଇଭେଣ୍ଟରେ ଡିଭିଜ ଶରନ ଇଭେଣ୍ଟରେ ଭାଗ ନେଉଥିବାବେଳେ ପୁରୁଷ ସିଙ୍ଗଲ୍ସରେ ସୁମିତ ନାଗାଲ ୱାଇଲ୍ଡ କାର୍ଡ ପାଇଛନ୍ତି। ଅନ୍ୟପକ୍ଷରେ ଅଙ୍କିତା ରାଇନା 'ଲକି ଲୁଜର' ଭାବେ ମହିଳା ସିଙ୍ଗଲ୍ସରେ ସ୍ଥାନ ପାଇବା ଲାଗି ଅପେକ୍ଷାରେ ରହିଛନ୍ତି।


ବେନ୍ ମ୍ୟାକ୍‌ଲାଚଲାନ୍

# ମୟୂରଭଞ୍ଜ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ମୟୂରଭଞ୍ଜ ପ୍ରିମିୟର ଲିଗ୍ ଉଦ୍‌ଘାଟନ ଅବସରରେ ଆୟୋଜିତ ମଶାଲ ଶୋଭାଯାତ୍ରା।

ବାରିପଦା ଅଫିସ,୩୦ା୧

ମୟୂରଭଞ୍ଜ ପ୍ରିମିୟର ଲିଗ୍ (ଏମ୍‌ପିଏଲ୍) ଶନିବାର ବାରିପଦା ସଦର ମହକୁମାଠାରେ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନରେ ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ କ୍ରୀଡ଼ା ମଶାଲରେ ଅଗ୍ନି ସଂଯୋଗ କରାଯାଇଥିଲା। ଜିଲାର ପ୍ରତିଷ୍ଠିତ ରାଜ୍ୟସ୍ତରୀୟ ଫୁଟ୍‌ବଲ ଖେଳାଳି ପରେଶ ଚନ୍ଦ୍ର ଦାସ ମଶାଲ ଧରି ଶତାଧିକ ଯୁବ ଛାତ୍ର ଓ ଖେଳାଳିଙ୍କ ସହିତ ଶୋଭାଯାତ୍ରାରେ ଯାଇ କଲେଜ ପଡ଼ିଆରେ ପହଞ୍ଚିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ, ଡ. ଦେବାଶିଷ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା ଓ ଛବି ମାହାଲି ମଶାଲ ଶୋଭାଯାତ୍ରାକୁ ସ୍ୱାଗତ କରିବା ସହିତ ମଶାଲକୁ ଖେଳପଡ଼ିଆରେ ସ୍ଥାପନ କରିଥିଲେ।

ଶିମିଳିପାଳ ୱାରିୟର ଓ ପାଲବଣୀ ଷ୍ଟ୍ରାଇକର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନୀଲ ନାୟକ, ଜୋନାଲ ଛାତ୍ର ସଭାପତି ଅବଦୁଲ ହବିବ, ରାଜ୍ୟ ଯୁବ ସମ୍ପାଦକ ରାଜୀବ ଜେନା, ଛାତ୍ର ସମ୍ପାଦକ ଅଭୟ ସିଂ, ଦିବ୍ୟବ୍ରତ ମହାନ୍ତ, ସୁବ୍ରତ ଛାଟୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଦଳର ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପହଞ୍ଚି ମ୍ୟାନ ଅଫ୍ ଦି ମ୍ୟାଚ୍ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚ୍ ହେବା ପୂର୍ବରୁ ଷ୍ଟାଡିୟମରେ ଦିବାରାତ୍ର ମ୍ୟାଚ୍ ପାଇଁ ସ୍ଥାୟୀ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା କରାଯିବା ନେଇ ସେ ଘୋଷଣା କରିଛନ୍ତି। ସେହିପରି ଷ୍ଟାଡିୟମର ଉନ୍ନତୀକରଣ ପାଇଁ ପର୍ଯ୍ୟାପ୍ତ ଅନୁଦାନ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଧାୟକ ରାଜକିଶୋର ଦାଶ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି, କୃଷ୍ଣଚନ୍ଦ୍ର ଦାସ, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଟେଷ୍ଟ ର୍‌ୟାଙ୍କିଙ୍ଗ୍ ପୂଜାରା ୬ଷ୍ଠ ସ୍ଥାନକୁ ଉନ୍ନୀତ

ଦୁବାଇ, ୩୦ା୧ (ପି.ଟି.)

ଶନିବାର ଆଇସିସି ଟେଷ୍ଟ ର୍‌ୟାଙ୍କିଙ୍ଗ ପ୍ରକାଶ ପାଇଛି। ଭାରତୀୟ ଅଧିନାୟକ ବିରାଟ କୋହଲି ବ୍ୟାଟ୍ସମ୍ୟାନ ତାଲିକାରେ ୪ର୍ଥ ସ୍ଥାନ ବଜାୟ ରଖିଛନ୍ତି। ଚେତେଶ୍ୱର ପୂଜାରା ୬ଷ୍ଠ ସ୍ଥାନକୁ ପଦୋନ୍ନତି ପାଇଛନ୍ତି। କୋହଲି (୮୬୨) ଓ ପୂଜାରା (୭୬୦)ଙ୍କ ବ୍ୟତୀତ ଟପ୍ ଟେନ୍‌ରେ ସ୍ଥାନ ପାଇଥିବା ଅନ୍ୟତମ ଭାରତୀୟ ବ୍ୟାଟ୍ସମ୍ୟାନ ହେଲେ ଅଜିଙ୍କ୍ୟ ରାହାନେ। ସେ ୮ମ ସ୍ଥାନରେ ରହିଛନ୍ତି। ପୂଜାରାଙ୍କର ଗୋଟିଏ ସ୍ଥାନ ପଦୋନ୍ନତି ଘଟିଥିବାବେଳେ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଏବଂ ଷ୍ଟାର ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଯଥାକ୍ରମେ ପୂର୍ବଭଳି ୧୩ତମ ଓ ୧୮ତମ ସ୍ଥାନରେ ରହିଛନ୍ତି। ବ୍ୟାଟିଂ ତାଲିକାରେ କେନ୍ ୱିଲିୟମସନ (୯୧୯) ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ (୮୯୧) ଓ ମାର୍ନସ ଲାବୁସେନ୍ (୮୭୮) ଦ୍ୱିତୀୟ ଓ ତୃତୀୟରେ ରହିଥିବାବେଳେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ (୮୨୩) ୫ମ ସ୍ଥାନରେ ଅଛନ୍ତି। ବୋଲରମାନଙ୍କ ମଧ୍ୟରେ ଭେଟେରାନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ (୭୬୦) ଓ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା (୭୫୭) ଯଥାକ୍ରମେ ସେମାନଙ୍କ ୮ମ ଓ ୯ମ ସ୍ଥାନ ବଜାୟ ରଖିଛନ୍ତି। ଏହି ତାଲିକାରେ ପ୍ୟାଟ କୁମିନ୍ସ (୯୦୮) ପ୍ରଥମ ସ୍ଥାନରେ ରହିଥିବାବେଳେ ତାଙ୍କ ପଛକୁ ପଛ ଇଂଲଣ୍ଡ ପେସ୍ ବୋଲର ଷ୍ଟୁଆର୍ଟ ବ୍ରଡ୍ (୮୩୯) ଓ ନ୍ୟୁଜିଲାଣ୍ଡର ନିଲ୍ ୱାଗନର (୮୩୪) ରହିଛନ୍ତି।

# ଏସିସି ଅଧ୍ୟକ୍ଷ ଭାବେ ଜୟ ଶାହା ନିର୍ବାଚିତ

ନୂଆଦିଲ୍ଲୀ,୩୦ା୧(ପି.ଟି.)



ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହାଙ୍କୁ ଆଉ ଏକ ନୂଆ ଗୁରୁଦାୟିତ୍ୱ ମିଳିଛି। ସେ ଏସିଆନ୍ କ୍ରିକେଟ କାଉନସିଲ (ଏସିସି)ର ଅଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମୁଖ୍ୟ ନାଜମୁଲ ହାସନ ପାପୋନଙ୍କ ସ୍ଥାନରେ ସେ ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିବେ। ବିସିସିଆଇ କୋଷାଧ୍ୟକ୍ଷ ଅରୁଣ ସିଂ ଧୂମାଲ ଏ ନେଇ ଟୁଇଟରରେ ସୂଚନା ଦେଇଛନ୍ତି। ଏଥିପାଇଁ ସେ ଜୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ନେତୃତ୍ୱରେ ଏସିସି ସଫଳତାର ଶୀର୍ଷକୁ ଛୁଇଁବ ଓ ଏସିଆର କ୍ରିକେଟରମାନେ ନିଶ୍ଚିତ ଲାଭବାନ ହୋଇପାରିବେ ବୋଲି ସେ ଉଲ୍ଲେଖ କରିଛନ୍ତି। ଏସିଆ କପ୍ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଏସିସିକୁ ଦାୟିତ୍ୱ ପ୍ରଦାନ କରାଯାଇଥାଏ। କୋଭିଡ୍-୧୯ ପାଇଁ ଏସିଆ କପ୍‌ର ୨୦୨୦ ସଂସ୍କରଣ ଆସନ୍ତା ଜୁନ୍ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ପ୍ରଥମେ ପାକିସ୍ତାନ ଏସିଆ କପ୍ ଆୟୋଜନ କରିବାର କାର୍ଯ୍ୟକ୍ରମ ଥିଲା। ତେବେ ବର୍ତ୍ତମାନ ଏହି ଟୁର୍ନାମେଣ୍ଟ ଶ୍ରୀଲଙ୍କା କିମ୍ବା ବାଂଲାଦେଶରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି।

# କିଶୋର ପଣ୍ଡା ସ୍ମାରକୀ କ୍ରିକେଟ

ନିମାପଡ଼ା, ୩୦ା୧ (ଡି.ଏନ୍.ଏ)

ରାଜ୍ୟସ୍ତରୀୟ ୯ମ କିଶୋର ପଣ୍ଡା ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ରବିବାରଠାରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏଥିରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ, ନିମାପଡ଼ା କ୍ରିକେଟ ଆସୋସିଏଶନ, ୟୁନିୟନ ସ୍ପୋର୍ଟିଂ (କଟକ), ମହାବୀର କ୍ରିକେଟ କ୍ଲବ (ପୁରୀ), ଜାଗୃତି ସ୍ପୋର୍ଟିଂ (ଭୁବନେଶ୍ୱର), ପ୍ରଗତି ସ୍ପୋର୍ଟିଂ (ଭୁବନେଶ୍ୱର), ନିମପୁର କ୍ରିକେଟ କ୍ଲବ (କଟକ) ଓ କ୍ରାଉନ୍ ସ୍ପୋର୍ଟିଂ (ଭୁବନେଶ୍ୱର) ଦଳ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାର ଗ୍ରାଣ୍ଡଫାଇନାଲ ଫେବୃୟାରୀ ୭ ତାରିଖରେ ହେବ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗତ ୨୦ ହଜାର ଟଙ୍କା ପ୍ରଦାନ କରାଯିବ। ଏହାଛଡ଼ା ଶ୍ରେଷ୍ଠ ଖେଳାଳିଙ୍କ ଲାଗି ଆକର୍ଷଣୀୟ ପୁରସ୍କାର ବ୍ୟବସ୍ଥା କରାଯାଇଥିବା ଆୟୋଜକ କମିଟି ସମ୍ପାଦକ ଅକ୍ଷୟ ବେହେରା ଏକ ପ୍ରେସ୍ ଇସ୍ତାହରରେ ଜଣାଇଛନ୍ତି।

# ପିଆଣଗଡ଼ିଆ ଚାମ୍ପିୟନ

ଖଇରା, ୩୦ା୧ (ଡି.ଏନ.ଏ.)

## ରଜକେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ପଞ୍ଚାୟତ ଅଧୀନ ବରୁଣପଦୀ ଖେଳ ପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପିଆଣଗଡିଆର ବ୍ଲାକ ଫାୟାର ରାମକୃଷ୍ଣପୁରର ରୟାଲ ଗ୍ରୀନକୁ ୧ଉଇକେଟରେ ପରାସ୍ତ କରିଛି। ପ୍ରଥମେ ଟସ୍ ଜିତି ରାମକୃଷ୍ଣପୁର ୨୦ଓଭରରେ ୧୦୯ରନ ସଂଗ୍ରହ କରିଥିଲା। ଜବାବରେ ପିଆଣଗଡିଆ ୧୬ଓଭରରେ ୯ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଅଞ୍ଜନ ବେହେରା ଓ ଆନନ୍ଦ ସାହୁ ମ୍ୟାଚ ପରିଚାଳନା କରିଥିଲେ। ଡୁଙ୍ଗୁରା ସମିତିସଭ୍ୟ ପ୍ରକାଶ କୁମାର ଲେଙ୍କା ଓ ପୂର୍ବତନ ସରପଞ୍ଚ ପାଗଳ ପଲେଇ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୫ହଜାର ଓ ରନର୍ସ ଅଫ ଦଳକୁ ୩ହଜାର ଟଙ୍କା ପ୍ରଦାନ କରିଥିଲେ। ହିମାଂଶୁ ପଲେଇ ଓ ନୀଳମାଧବ ବେହେରା ସ୍କୋର ଦାୟିତ୍ୱ ବିଭୂସୁନ୍ଦର ମାଝି ଓ ଆଦି କୁମାର ଜେନା ଭାସ୍ୟକାର ଦାୟିତ୍ୱ ତୁଲାଇଥିଲେ। ରଜକେଶ୍ୱର କ୍ଲବ ସଭାପତି ଅଞ୍ଜନ କୁମାର ବେହେରା, ସଭ୍ୟ ସୁଦର୍ଶନ ବେହେରା, ଡମ୍ବରୁଧର ବେହେରା, ମୁନା ବେହେରା, ବିଜନ ପଲେଇ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଉଛି।

# ଓଡ଼ିଆ ମେଗା ସିରିୟଲ କ୍ରିକେଟ ଲିଗ୍ ଆରମ୍ଭ

ଭୁବନେଶ୍ୱର,୩୦ା୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କିଟ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡଠାରେ ଶନିବାର 'ଓଡ଼ିଆ ମେଗା ସିରିୟଲ୍ କ୍ରିକେଟ୍ ଲିଗ୍' ଉଦ୍‌ଘାଟିତ ହୋଇଛି। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାକୁ ଓଲିଉଡ୍ ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର ଏବଂ ଅନୁ ଚୌଧୁରୀ ଉଦ୍‌ଘାଟନ କରିଛନ୍ତି। ସ୍ପନ୍‌ସର ଟିମ୍ 'ଆମେ ବି ପ୍ଲସ'କୁ ମିଶାଇ ମୋଟ୍ ୧୪ଟି ମେଗା ଧାରାବାହିକ ଏଥିରେ ଅଂଶଗ୍ରହଣ କରିଛନ୍ତି। ସେଗୁଡିକ ହେଲେ ତରଙ୍ଗ ଚ୍ୟାନେଲରେ ପ୍ରସାରିତ ଧାରାବାହିକ ତାରାତାରିଣୀ, ସିନ୍ଦୂରର ଅଧିକାର, ନୂଆ ବୋହୂ, କୁଆଁରୀ ବୋହୂ, ମାୟା, ଜୀ-ସାର୍ଥକରେ ପ୍ରସାରିତ ଜୀବନସାଥୀ, ଦିବ୍ୟଦୃଷ୍ଟି, ମହାଦେବୀ, ରହିଛି ରହିବି ତୋରି ପାଇଁ, ତୋ ପାଇଁ ମୁଁ ମୋ ପାଇଁ ତୁ, ମଞ୍ଜରୀରେ ପ୍ରସାରିତ ସିଂହଦ୍ୱାର, ନଣନ୍ଦ ପୁଟୁଳି ଓ ମୋ ଦେହେ ବୋଲିଦେ ତୋ ଦେହ କଳା ଟିମ୍। ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମା ପ୍ରସାଦ ମିଶ୍ର, ଶ୍ରୀଜିତ ଶତପଥୀ, ଦ୍ୱିପାୟନ ମଜୁମଦାର, ରତିକାନ୍ତ ଶତପଥୀ, ଗାର୍ଗୀ ମହାନ୍ତି, ବସନ୍ତ ସାହୁ, ଅନୁକୂଳ ରାଉତ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ। ୭ଟି ଲିଗ୍ ମ୍ୟାଚ୍, ୪ଟି କ୍ୱାର୍ଟର ଫାଇନାଲ, ୨ଟି ସେମିଫାଇନାଲ ଓ ୧ଟି ଫାଇନାଲକୁ ମିଶାଇ ଟୁର୍ନାମେଣ୍ଟରେ ମୋଟ ୧୪ଟି ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ଗୁଡିକରେ ତାରକା ଖେଳାଳି ଭାବେ ଅଶ୍ୱିନୀ ବ୍ରହ୍ମା, ଲିପି ମହାପାତ୍ର, ବରଦା ପ୍ରସନ୍ନ, ଅମିତ କୁମାର, ଜ୍ୟୋତିପ୍ରକାଶ ପଣ୍ଡା, କୁକିଜ୍, ରିଶି, ଦେବସ୍ମିତା ପଣ୍ଡା, ଶ୍ରଦ୍ଧା ପାଣିଗ୍ରାହୀ, କେକେ, ବିରଞ୍ଚି, ମିତାଲି ସରଘରିଆ, ଅର୍ପିତା କର, ତୃପ୍ତି ମିରାମ୍ବିକା, ନୀତୁ ସିଂହ, ଲୋପାମୁଦ୍ରା, ରୋଜି, ସେଲି ମିଶ୍ର, ଅନନ୍ତ ନାରାୟଣ ରଥ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଟୁର୍ନାମେଣ୍ଟ ଆୟୋଜନରେ ବରଦା ପ୍ରସନ୍ନ ପାତ୍ର, ଅଜୟ ସିଂହ, ଅମିତ୍ କୁମାର ଓ ସାରଦା ପ୍ରସନ୍ନ ପାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। କିଟ୍ ସ୍ପୋର୍ଟ୍ସ ଏକାଡେମୀ ଏବଂ ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ)ର ପ୍ୟାନେଲ ଅମ୍ପାୟର ମ୍ୟାଚ୍ ପରିଚାଳନା କରିଥିଲେ। ପରଦାରୁ ପଡ଼ିଆକୁ ଓହ୍ଲାଇଥିଲେ ଦର୍ଶକଙ୍କ ପ୍ରିୟ କଳାକାରମାନେ। ପ୍ରାୟୋଜକ ଆମେ ବି ପ୍ଲସ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟର ମ୍ୟାଚ୍‌ଗୁଡିକୁ ପ୍ରଥମ ଦିବସରେ ଦର୍ଶକମାନେ ବେଶ୍ ଉପଭୋଗ କରିବା ସହ ଦଳଗୁଡିକୁ ଉତ୍ସାହିତ କରିଥିଲେ।

ପ୍ରଥମ ଦିବସରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡିକ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ କ୍ୱାର୍ଟର ଫାଇନାଲ୍, ସେମି ଫାଇନାଲ୍ ଓ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଦ୍ୱିତୀୟ ଦିବସର ଉଦ୍‌ଯାପନୀ ଉତ୍ସବରେ ଶିବସୁନ୍ଦର ଦାସ, ପଦ୍ମଶ୍ରୀ ଦିଲୀପ ତିର୍କୀ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



ପ୍ରତିଯୋଗିତାକୁ ଓଲିଉଡ୍ ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର ଏବଂ ଅନୁ ଚୌଧୁରୀ ଉଦ୍‌ଘାଟନ କରୁଛନ୍ତି।



**ମୁମ୍ବାଇ:** ବଲିଉଡ ଖିଲାଡି ବୟ୍ ଅକ୍ଷୟ୍ କୁମାର ଇଣ୍ଡଷ୍ଟ୍ରିରେ ୩୦ ବର୍ଷ ପୂରଣ କରିଛନ୍ତି। ଜଣେ ସଫଳ ଅଭିନେତା ଭାବେ ସେ ତିଆରି କରିଛନ୍ତି ଏକ ସ୍ୱତନ୍ତ୍ର ପରିଚୟ୍। ନିକଟରେ ଦେଇଥିବା ଏକ ସାକ୍ଷାତ୍‌କାରରେ ସେ ତାଙ୍କ ଫିଲ୍ମ କ୍ୟାରିୟର ବିଷୟରେ କହିଛନ୍ତି, ବଲିଉଡ୍‌ରେ ଏଣ୍ଟ୍ରି କରିବା ସହଜ ହେଲେ ଏଠାରେ ତିଷ୍ଠି ରହିବା କଷ୍ଟକର। ଏଥିସହ କ୍ରମାଗତ ସୁଯୋଗ ମିଳିବା ମଧ ଆହୁରି କଷ୍ଟକର। ଆଜି ବି ତାଙ୍କୁ ଏଠାରେ ନୂଆ ନୂଆ ଲାଗେ ବୋଲି ଅକ୍ଷୟ୍ କହିଛନ୍ତି।





# ଚର୍ଚ୍ଚାରେ କ୍ଲାସ୍ ନ କରିବାର କୌଶଳ

**ନୂଆଦିଲ୍ଲୀ:** ସ୍କୁଲ ନ ଯିବା ପାଇଁ ବେଳେବେଳେ ପିଲାମାନେ ବିଭିନ୍ନ ପ୍ରକାରର ବାହାନା କରିଥାନ୍ତି। ଏବେ ଅନ୍‌ଲାଇନ୍ କ୍ଲାସରେ ଏଭଳି ଏକ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କରୋନା ସଂକ୍ରମଣ ପାଇଁ ଏବେ ସବୁ ଶ୍ରେଣୀର ପିଲାଙ୍କର ଅନ୍‌ଲାଇନ୍ କ୍ଲାସ ହେଉଛି। ହେଲେ ଅନ୍‌ଲାଇନ୍ କ୍ଲାସରେ ବିରକ୍ତ ହୋଇଯାଇଥିବା ଜଣେ ପିଲା ଏବେ ଏମିତି ଏକ କାମ କରିଛନ୍ତି, ଯାହାକୁ ଦେଖି ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଟୁଇଟର ବ୍ୟବହାରକାରୀ କ୍ରିଶ ଆର୍ନୋଲ୍ଡ ନାମକ ଜଣେ ବ୍ୟକ୍ତି ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ଲେଖିଛନ୍ତି କି ତାଙ୍କ ପତ୍ନୀ ହେଉଛନ୍ତି ଜଣେ ଶିକ୍ଷୟିତ୍ରୀ ଏବଂ ସେ ପିଲାମାନଙ୍କର ଅନ୍‌ଲାଇନ୍ କ୍ଲାସ ନେଇଥାନ୍ତି। କିନ୍ତୁ ଅନ୍‌ଲାଇନ୍ କ୍ଲାସ ସମୟରେ ଶିକ୍ଷୟିତ୍ରୀଙ୍କ ପ୍ରଶ୍ନରୁ ବର୍ତ୍ତିବା ପାଇଁ ଜଣେ ପିଲା ନିଜର ଜୁମ ସ୍କ୍ରିନ୍‌ର ନାଁ ବଦଳାଇଦେଇ 'ରି-କନେକ୍ଟିଂ' ରଖି ଦେଇଥିଲେ। ଫଳରେ ଶିକ୍ଷୟିତ୍ରୀ ଜଣକ ତାଙ୍କୁ କୌଣସି ପ୍ରକାରର ପ୍ରଶ୍ନ ପଚାରି ପାରୁ ନ ଥିଲେ। ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଶିକ୍ଷୟିତ୍ରୀ ଭାବୁଥିଲେ କି ସମ୍ପୃକ୍ତ ପିଲାର ସ୍କ୍ରିନ୍‌ରେ କିଛି ଅସୁବିଧା ରହିଛି। କିନ୍ତୁ ପରେ ସେ ଯୋଗାଯୋଗ କରିବା ପରେ ସତ କଥା ଜାଣି ପାରିଥିଲେ।

ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା

ସ୍ମୃତି ରଞ୍ଜନ ଦାଶ
ନରସିଂହପୁର, ପିପିଲି, ପୁରୀ
ଆଜି ଦ୍ୱିତୀୟ ଜନ୍ମ ଦିବସରେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ ତୋର ଚଳାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
-:ଶୁଭେଚ୍ଛା ସହ:-
ବାପା, ମାଆ, ମାମୁ, ମାଉସୀ, ମଉସା, ନାନୀ, ନନା, ଭାଇ ।
ଧ-୧୯୭୮



# ହେୟାର ବ୍ରାଣ୍ଡ ଲଞ୍ଚ୍ କଲେ ପ୍ରିୟଙ୍କା

**ମୁମ୍ବାଇ:** ଅଭିନୟ ଓ ଗୀତ ଗାଇବା ପରେ ଏବେ ବଲିଉଡ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ଆଉ ଏକ କାମ କରିଛନ୍ତି । ନିକଟରେ ପିସି ତାଙ୍କ ହେୟାର ବ୍ରାଣ୍ଡ ଲଞ୍ଚ କରିଛନ୍ତି । ସୋସିଆଲ ମିଡିଆ ଜରିଆରେ ସେ ନିଜେ ଏହାର ସୂଚନା ଦେଇଛନ୍ତି। ସେ ନିଜ ପ୍ରଡକ୍ଟ ବିଷୟରେ ସୂଚନା ଦେଇ ଲେଖିଛନ୍ତି ଆପଣଙ୍କ ସାମ୍ନାରେ ପ୍ରଥମ ବ୍ରାଣ୍ଡ ପରିଚିତ କରୁଛୁ। ଏହା ବହୁତ ଭଲ । ତେବେ ଗୋଟିଏ ଦିନ ପରେ ଅର୍ଥାତ୍ ଜାନୁୟାରୀ ୩୧ରେ ପ୍ରିୟଙ୍କାଙ୍କ ହେୟାର ବ୍ରାଣ୍ଡ ପ୍ରଡକ୍ଟ ଆମେରିକାରେ ଲଞ୍ଚ୍ କରାଯିବ। ଏହା ଚଳିତ ବର୍ଷ କେବଳ ଗ୍ଲୋବାଲ ମାର୍କେଟିଂରେ ମିଳିବ। ସେ କହିଛନ୍ତି ଗତ ୧୮ ମାସ ହେବ ସେ ତାଙ୍କ ପାର୍ଟନର ସହ ମିଶି ଏହି ପ୍ରଡକ୍ଟ ଉପରେ କାମ କରୁଛନ୍ତି। ଏହାସହ ହେୟାର କେୟାରକୁ ନେଇ ସେ ଖୁବ ରିସର୍ଚ୍ଚ କରିଛନ୍ତି ବୋଲି କହିଛନ୍ତି। ଆଉ ଶେଷରେ ଆସିଥିବା ଏହି ପ୍ରଡକ୍ଟ ଆପଣଙ୍କ କେଶକୁ ସିଲ୍କ କରିବାସହ ଆହୁରି ଷ୍ଟ୍ରଙ୍ଗ କରିବ ବୋଲି ପିସି କହିଛନ୍ତି।

# ରୋଜଗାର ଦେଉଛି ଚରଖା

**ଭୋପାଳ:** ସାବରମତୀର ସନ୍ଥ ତଥା ଜାତିରପିତା ମହାତ୍ମା ଗାନ୍ଧୀ ସମଗ୍ର ଦେଶକୁ ଚରଖାରୁ ଆତ୍ମନିର୍ଭରଶୀଳତାର ରାସ୍ତା ଦେଖାଇଥିଲେ। ଗାନ୍ଧିଜୀଙ୍କ ମାର୍ଗରେ ଚାଲି ଚରଖା ଦ୍ୱାରା ଆଚାର୍ଯ୍ୟ ବିଦ୍ୟାସାଗର ମହାରାଜ ଦେଶର ଯୁବକମାନଙ୍କୁ ଆତ୍ମନିଯୁକ୍ତି, ଆତ୍ମ ସମ୍ମାନ ଏବଂ ସ୍ୱଦେଶୀ ସ୍ୱପ୍ନ ଦେଖାଇଥିଲେ। ପାଞ୍ଚ ବର୍ଷ ପୂର୍ବେ ବିଦ୍ୟାସାଗର ମଧ୍ୟପ୍ରଦେଶରେ ଏକ ଚରଖା ଏବଂ ହସ୍ତତନ୍ତ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରି ଏଥିରୁ ଉତ୍ପାଦିତ କପଡ଼ାକୁ 'ଶ୍ରମଦାନ' ନାମରେ ନାମିତ କରିଥିଲେ। ବର୍ତ୍ତମାନ ଏହି ଚରଖା ଏବଂ ହସ୍ତତନ୍ତ ଦେଶର



୧୭ ଟି ଗାଁରେ ଶହ ଶହ ଯୁବକଙ୍କ ପାଇଁ ରୋଜଗାରର ଉତ୍ସ ପାଲଟିଛି। ଆଚାର୍ଯ୍ୟ ବିଦ୍ୟାସାଗର ୨୦୧୫ରେ ଜୈନ ତୀର୍ଥକ୍ଷେତ୍ର 'ବାର୍‌ହା'ରେ ଗାନ୍ଧୀଙ୍କ ଖଦୀରୁ ଆତ୍ମନିଯୁକ୍ତିର ମନ୍ତ୍ର ଅନୁଭବ କରିଥିଲେ। ମହାକବି ପଣ୍ଡିତ ଭୁରାମାଲ ସାମାଜିକ ସମବାୟ ସମିତି ନାମରେ ଏକ ହ୍ୟାଣ୍ଡଲୁମ କେନ୍ଦ୍ର ଆରମ୍ଭ କରିଥିଲେ। ଏହା ପ୍ରଥମେ ୧୦ ହ୍ୟାଣ୍ଡଲୁମ ଏବଂ ୨୦ ଚରଖା ସହିତ ଆରମ୍ଭ ହୋଇଥିଲା। ଗାଁର ଯୁବକମାନଙ୍କୁ ତାଲିମ ଦିଆଯାଇଥିଲା ଏବଂ ବର୍ତ୍ତମାନ ଏହି କେନ୍ଦ୍ରରେ ୧୨୦ ହ୍ୟାଣ୍ଡଲୁମ ଚାଲିଛି। ଏହି କାର୍ଯ୍ୟ କରୁଥିବା ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ୩୦୦ରୁ ୭୦୦ ଟଙ୍କା ରୋଜଗାର କରୁଛନ୍ତି। ଗାଁର ମୁଖ୍ୟ ବୃତ୍ତି ହେଉଛି ଚାଷ, କିନ୍ତୁ ଅନେକ ବେକାର ଯୁବକ ଏହି ହସ୍ତତନ୍ତ କେନ୍ଦ୍ର ସହିତ ସଂଯୁକ୍ତ। ଏହା ସେମାନଙ୍କର ରୋଜଗାର ବଢ଼ାଇଛି।

## ଖଣିରୁ ୩୭୮ କ୍ୟାରେଟ୍ ହୀରା

**ବୋସୱାନ:** ଦକ୍ଷିଣ ଆଫ୍ରିକାର ବୋସୱାନାରୁ ୩୭୮ କ୍ୟାରେଟ ହୀରାର ସନ୍ଧାନ ମିଳିଛି। ଯାହାର ଦାମ ୧୧୦ କୋଟି ଟଙ୍କା। ଏହାକୁ ଗବେଷକମାନେ ଖଣିରୁ ଖୋଜି ପାଇଛନ୍ତି। ଏହାକୁ ସବୁଠୁ ଉତ୍କୃଷ୍ଟ ମାନର ହୀରା ବୋଲି କୁହାଯାଉଛି। ଏହି ହୀରାକୁ ନେଇ ଲ୍ୟୁସାରା କମ୍ପାନୀର ସିଇଓ ଇରା ଥମାସ କହିଛନ୍ତି, ଏପରି ହୀରାର ସନ୍ଧାନ ମିଳିବା ଏକ ଖୁସିଖବର। ଥମାସଙ୍କ କହିବା ଅନୁସାରେ, ୩୭୮ କ୍ୟାରେଟ ଏବଂ ୩୪୧ କ୍ୟାରେଟ ସବୁଠୁ ଭଲ ହୀରା। ଏହି ହୀରାର ସନ୍ଧାନ ପାଇବା ପାଇଁ ୧୩ ବର୍ଷ ପର୍ଯ୍ୟନ୍ତ ଖନନ କାର୍ଯ୍ୟ କରାଯିବ। ଥୋମାସ ଆହୁରି ମଧ କହିଛନ୍ତି, ୩୭୮ କ୍ୟାରେଟ ହୀରା ହେଉଛି ୫୫ ତମ ହୀରା ଯାହାକି ଅନ୍ତର୍ଜାତୀୟ ବଜାରରେ ଉପଲବ୍ଧ ହେବ।

# ବାବା ଦାନ କଲେ କୋଟିଏ

ରଷିକେଶ: ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ ପାଇଁ ଜଣେ ବାବା ଦାନ କରିଛନ୍ତି ୧ କୋଟି ଟଙ୍କା। ଏପରି କରି ଏବେ ଚର୍ଚ୍ଚାର ପରିସରରେ ବାବା ଶଙ୍କର ଦାସ। ଗତ ୬୦ ବର୍ଷ ଧରି ମାଣିକୋଟ ପର୍ବତର ପାଦଦେଶରେ ଥିବା ପ୍ରସିଦ୍ଧ ନୀଳକଣ୍ଠ ମହାଦେବ ମନ୍ଦିର ଗୁମ୍ଫାରେ ଜୀବନ ଅତିବାହିତ କରୁଛନ୍ତି। ଲୋକମାନେ ତାଙ୍କୁ ଫକ୍କଡ ବାବାଙ୍କ ନାମରେ ମଧ ଜାଣନ୍ତି। ତେବେ ବର୍ଷ ବର୍ଷ ଧରି ଭକ୍ତମାନେ ଆସି ଗୁମ୍ଫାରେ ଥିବା ବାବାଙ୍କ ନିକଟରେ ଦାନ ଦକ୍ଷିଣା ଦେଇ ଯାଇଥାନ୍ତି। ବାବା ଏହି ପୁଞ୍ଜିକୁ ସଞ୍ଚୟ କରି ଏତେ ପରିମାଣର ଟଙ୍କା ସଂଗ୍ରହ କରିଥିଲେ। ୮୩ ବର୍ଷୀୟ ଶଙ୍କର ବାବା ବ୍ୟାଙ୍କ କର୍ମଚାରୀଙ୍କୁ ୧ କୋଟି ଟଙ୍କାର ଚେକ ଦେଇଥିଲେ। ଏହାଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।



ପରେ କର୍ମଚାରୀମାନେ ଖାତାରେ ଏତେ ରାଶି ଅଛି କି ନାହିଁ ତାହା ଯାଞ୍ଚ କରି ତାଜୁବ ହୋଇଥିଲେ। ତେବେ ରାମ ମନ୍ଦିର ପାଇଁ ଦାନ କରିବା ପରେ ତାଙ୍କ ଜୀବନର ଲକ୍ଷ୍ୟ ପୂରଣ ହୋଇଛି ବୋଲି ସେ କହିଛନ୍ତି।

# ବେଲୁରରେ ଭୂତ ମେଳା

ଭୋପାଳ: ଭୂତଙ୍କ ମେଳା। ଏବେର ଆଧୁନିକ ଯୁଗରେ ମଧ ମଣିଷ କିପରି ଅନ୍ଧବିଶ୍ୱାସ କବଳରେ ରହିଛି ତାହାର ଉଦାହରଣ ଦେଖିବାକୁ ମିଳେ ମଧ୍ୟପ୍ରଦେଶର ବେଲୁର ଜିଲାରେ। ଭୂତଙ୍କ ମେଳା ବସୁଥିବା ମଧ୍ୟପ୍ରଦେଶର ଏହି ଗାଁ ହେଉଛି ମଲାଜପୁର। ଏଠାରେ ପ୍ରାୟ ୪୦୦ ବର୍ଷ ଧରି ଏଭଳି ଏକ ଭୂତ ମେଳା ଆୟୋଜନ କରାଯାଉଥିବା ଜଣାଯାଇଛି। ଗାଁରେ ଗୁରୁ ବାବାଙ୍କର ଏକ ସମାଧି ରହିଛି। ଏଠାରେ ପ୍ରତିବର୍ଷ ପୌଷ ମାସ ପୂର୍ଣ୍ଣିମାଠାରୁ ଏକ ମାସ ପର୍ଯ୍ୟନ୍ତ ଏହି ମେଳା ଲାଗି ରହିଥାଏ। ଗାଁ ଲୋକଙ୍କର ବିଶ୍ୱାସ ଅନୁସାରେ ଏହି ମେଳାକୁ ଆସିବା ପରେ ଶରୀରରେ ଲାଗିଥିବା ଭୂତ ବାହାରି ଚାଲି ଯାଇଥାନ୍ତି। ଏହି ଅନ୍ଧବିଶ୍ୱାସର ଶିକାର ହୋଇ ବହୁ ସଂଖ୍ୟାରେ ଲୋକେ ସେଠାକୁ ଆସି ସମାଧି ଚାରିପାଖେ ପରିକ୍ରମା କରନ୍ତି। ସେଠାରେ ଥିବା ପୂଜାରୀ କେଶ ଧରି ଝାଡୁ ମାରିବା ପରେ ଶରୀରରୁ ଭୂତ ଛାଡି ଚାଲିଯାଏ ଏବଂ ଅନେକ ରୋଗ ଭଲ ହୁଏ ବୋଲି ସେଠାକାର ଲୋକେ ବିଶ୍ୱାସ ରଖିଛନ୍ତି। କିନ୍ତୁ ଏସବୁ ଏକ ପ୍ରକାର ମାନସିକ ରୋଗ ଏବଂ ଏହାର ଚିକିତ୍ସା ଆବଶ୍ୟକ ବୋଲି ଡାକ୍ତର



ବିଶେଷଜ୍ଞ କହିଛନ୍ତି। ଚିକିତ୍ସା ବିଜ୍ଞାନୀଙ୍କ କହିବା ଅନୁସାରେ ମାନସିକ ରୋଗୀ ବିଭିନ୍ନ ପ୍ରକାରର ହୋଇଥାନ୍ତି। ଏଥିପାଇଁ ଚିକିତ୍ସା ପଦ୍ଧତି ମଧ ଭିନ୍ନ ଭିନ୍ନ ରହିଛି। ଲୋକେ ସଚେତନ ହୋଇ ଏଭଳି ଅନ୍ଧବିଶ୍ୱାସରୁ ବାହାରିବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଗ୍ଭଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ।
RUPALI SQUARE, SAHEED NAGAR, BHUBANESWAR
Ph.: 8144114249
Note: ଘରେ ବସି ଫୋନରେ ସମାଧାନ କରିବାକୁ କହୁଥିବା ତାନ୍ତ୍ରିକ ବାବାଙ୍କ ପ୍ରତି ସାବଧାନ !

New Year Dhamaka
BUSINESS
Lucky Draw
କୋରୋନା ଲକ୍‌ଡାଉନ ପରେ ଲକ୍ଷପତି ହେବାର ସୁବର୍ଣ୍ଣ ସୁଯୋଗ । ଫୋନ୍ ଉଠାନ୍ତୁ ଏବଂ କଲ୍ କରନ୍ତୁ, ଜବାବ ଦିଅନ୍ତୁ ଭାଗ୍ୟଶାଳି ହେବାର ସୁଯୋଗ ଆପଣାନ୍ତୁ ।
CONTACT
8226999000

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

NEW YEAR DHAMAKA
DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗଛକୁ ଭିଆଇପି ସୁରକ୍ଷା

**ଭୋପାଳ:** ବୃକ୍ଷ ହିଁ ଜୀବନ। ମନୁଷ୍ୟ ଏବଂ ଜୀବଜଗତର ସୁରକ୍ଷା ପାଇଁ ବୃକ୍ଷ ଜରୁରୀ। ଏ ନେଇ ସଚେତନ ମଧ କରାଯାଉଛି। ହେଲେ ଗଛର ସୁରକ୍ଷା ନିମନ୍ତେ ଭିଆଇପି ୨୪ ଘଣ୍ଟା ସୁରକ୍ଷା କର୍ମୀ ନିୟୋଜିତ ରହିବା ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା କଥା ଆପଣ ଶୁଣି ନ ଥିବେ। ମଧ୍ୟପ୍ରଦେଶ ରାୟସେନ୍ ଜିଲାର ସାଞ୍ଚି ସ୍ତୂପ ନିକଟ ଏକ ପାହାଡ଼ରେ ଏହି ବୃକ୍ଷ ରହିଛି। ହେଲେ ଏହି ବୃକ୍ଷ ସାଧାରଣ ବୃକ୍ଷ ନୁହେଁ। ସାଧାରଣତଃ ଲୋକେ ଏହାକୁ ଅଶ୍ୱତ୍ଥ ବୃକ୍ଷ ବୋଲି ଭାବନ୍ତି। ହେଲେ କଡ଼ା ସୁରକ୍ଷା ଦେଖି ବୃକ୍ଷର ବିଶେଷତ୍ୱ ନେଇ ଲୋକଙ୍କ ମନରେ ମଧ ଅନେକ ପ୍ରଶ୍ନ ଉଠିଥାଏ। ଏହି ବୃକ୍ଷର ସୁରକ୍ଷା ପାଇଁ ୧୫ଫୁଟ ଉଚ୍ଚତାର ଜାଲି ବାଡ଼ ଘେରାଯାଇଥିବାବେଳେ ପାଣି ଦେବାପାଇଁ ସ୍ୱତନ୍ତ୍ର ଟ୍ୟାଙ୍କର ନିୟୋଜିତ କରାଯାଇଛି। ସେହିପରି ଏହା ନିକଟରେ ୨୪ ଘଣ୍ଟା ପୋଲିସ କର୍ମଚାରୀ ନିୟୋଜିତ ଥିବା ଦେଖିବାକୁ ମିଳେ। ମଧ୍ୟପ୍ରଦେଶ ସରକାର ଏହାର ସୁରକ୍ଷା ନିମନ୍ତେ ପ୍ରତ୍ୟେକ ବର୍ଷ ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥାନ୍ତି। ବୃକ୍ଷର ପତ୍ର ଯେପରି ନ ଝଡ଼େ ଏବଂ କୌଣସି ରୋଗ ନ ହୁଏ, ସେଥିପାଇଁ କୃଷି ଅଧିକାରୀମାନେ ନିୟମିତ ଯାଞ୍ଚ କରନ୍ତି। ୨୦୧୨ ସେପ୍ଟେମ୍ବର ୨୧ରେ ଶ୍ରୀଲଙ୍କାର ତତ୍କାଳୀନ ରାଷ୍ଟ୍ରପତି ମହିନ୍ଦା ରାଜପକ୍ଷେ ଏହାକୁ ନିଜେ ସେଠାରେ ରୋପଣ କରିଥିଲେ। ବୋଧଗୟାର ବୋଦ୍ଧିବୃକ୍ଷର ଯେଉଁ ଶାଖା ନେଇ ଲଙ୍କାରେ ରୋପଣ କରାଯାଇଥିଲା, ସେହି ବୃକ୍ଷର ଶାଖା ଆଣି ରାଜପାକ୍ସେ ସାଞ୍ଚି ସ୍ତୁପ ନିକଟରେ ରୋପଣ କରିଥିଲେ। ସେଥିପାଇଁ ଏହି ବୃକ୍ଷ ସ୍ୱତନ୍ତ୍ର ବୋଲି କୁହାଯାଏ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବୈରାଗୀ ସାହୁ
ସରଧାପୁର, କଟକ
ଆବିର୍ଭାବ: ୦୭।୦୨।୧୯୨୯
ତିରୋଧାନ: ୨୧।୦୧।୨୦୨୧
ତୁମର ଅତୁଟ ସ୍ନେହ, ପ୍ରେମ, ଧର୍ମନିଷ୍ଠା, ସେବାପରାୟଣତା ଏବଂ କର୍ତ୍ତବ୍ୟନିଷ୍ଠା ଯୋଗୁ ତୁମେ ଚିରଦିନ ଆମ ପାଖରେ ଅମର ହୋଇ ରହିଅଛ ଓ ରହିଥିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଅମର ଆତ୍ମାକୁ ଚିରଦିନ ସଦ୍‌ଗତି ଓ ଶାନ୍ତି ଦିଅନ୍ତୁ। ଏତିକି ତାଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ ପରିବାରବର୍ଗ:-
ପ୍ରସନ୍ନ, ବିନ, ରାନୁ, ମିନତି, ଲୋକନାଥ, ସୁରେନ୍ଦ୍ର, ଜାନକୀ, କନକ, ଶିତୁ, ସୋନୁ, ସୁକୁ, ମିଟୁ, ଚିକୁ ।
ଧ-୧୯୮୦୦

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଆବିର୍ଭାବ: ତା୨୬.୦୩.୧୯୨୯
ତିରୋଧାନ: ତା୧୩.୦୧.୨୦୨୦
୰ ରଙ୍ଗାଧର ଷଡ଼ଙ୍ଗୀ
ଷ୍ଟେସନ୍ ବଜାର ଢ଼େଙ୍କାନାଳ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୧୯୮୦୨

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ଗୋପବନ୍ଧୁ ଜେନା
ଓକିଲ, ମାନସ ଗଙ୍ଗୋତ୍ରୀ, ଦଣ୍ଡତୋଟା, ପୁରୀ
ଆବିର୍ଭାବ: ୦୬।୦୩।୧୯୨୫
ତିରୋଧାନ: ୨୧।୦୧।୨୦୨୧
ଆପଣ ଆମମାନଙ୍କୁ ଏ ଅବେଳରେ ଶୋକ ସାଗରରେ ଭସାଇ ଦେଇ ବାହୁଡ଼ିଗଲେ। ଆପଣଙ୍କର ଶିକ୍ଷା ଓ ଆଦର୍ଶ ଆମ ଜୀବନର ଚଲାପଥରେ ପାଥେୟ ହୋଇ ଚିରଦିନ ରହିବ। ଆପଣଙ୍କ ଆତ୍ମା ଶାନ୍ତିରେ ରହୁ।
-:ଶୋକସନ୍ତପ୍ତ:-
ପତ୍ନୀ: ରଞ୍ଜିତା, କନ୍ୟା: ସୁକାନ୍ତି, ଜାମାତା: ପ୍ରସନ୍ନ, ଗୌରୀ ଶଙ୍କର- ଉମା, ଉମାଶଙ୍କର-ମିନତି, ତାରାଶଙ୍କର, ଅନ୍ନଦାଶଙ୍କର, ମିତ୍ରଭାବୁ-ପ୍ରଣତି, ପୂର୍ଣ୍ଣେନ୍ଦୁ-ନମିତା, ଯଶୋବନ୍ତୀ, ମଧୁବନ, ସୁମନ, ଇମନ୍, ଜୋଛନ୍, ଅମିୟ, ଶ୍ୟାମସୁନ୍ଦର, ଦେବବ୍ରତ, ରାଜର୍ଷୀ, ଅନ୍ୱିତା, ଅନ୍ୱେଷା, ଅନାହତା ।
ଧ-୧୯୮୦୧

ଆଳସ୍ୟ ଏଭଳି ଏକ ବଦଭ୍ୟାସ; ଯାହା କି ମଣିଷର ସଫଳତା ମାର୍ଗର ସବୁଠାରୁ ବଡ଼ ବାଧକ । କାରଣ ଥରେ ଏହି ନିଶା ସବାର ହେଲେ କର୍ମନିଷ୍ଠା ଏବଂ ଦୃଢ଼ ମନୋବଳକୁ ଦୁର୍ବଳ କରି ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତକୁ ନଷ୍ଟ କରିଦେଇଥାଏ। ତେଣୁ ଜୀବନରେ ସଫଳତାର ସ୍ୱାଦ ଚାଖିବାକୁ ହେଲେ ସର୍ବପ୍ରଥମେ ଆଳସ୍ୟ ନାମୀ ଆତ୍ମଶତ୍ରୁକୁ ଦୂରେଇବା ହିଁ ବୁଦ୍ଧିମତ୍ତାର କାମ...



# ଆତ୍ମଶତ୍ରୁ

ଜୀବନଯାତ୍ରାରେ ସଫଳତାର ସ୍ୱାଦ ଚାଖିବାକୁ କିଏ ବା ନ ଚାହେଁ। ହେଲେ ବେଳେ ବେଳେ ମଣିଷର କେତେକ ବଦ୍‌ଗୁଣ ବା ବଦଭ୍ୟାସ ସଫଳତା ମାର୍ଗରେ ସବୁଠାରୁ ବଡ଼ ବାଧକ ହୋଇ ଠିଆ ହୁଏ। ମଣିଷର ଏମିତି ଏକ ଆତ୍ମଶତ୍ରୁ ହେଉଛି ଆଳସ୍ୟ, ଯାହା କବଳରୁ ଯିଏ ଯେତେ ଶୀଘ୍ର ନିଜକୁ ମୁକାଳିନେବାର ମାର୍ଗ ଖୋଜିନିଏ ସେ ସେତେ ଶୀଘ୍ର ସଫଳତା ମାର୍ଗରେ ଆଗେଇଚାଲେ...

**ବର୍ତ୍ତମାନକୁ ଗୁରୁତ୍ୱ ଦିଅନ୍ତୁ:** ଆଳସ୍ୟ ମଣିଷକୁ ମାନ୍ଦା କରିଦିଏ, ଯେଉଁଥିଲାଗି ପ୍ରତିଟି କାର୍ଯ୍ୟ ସାରିବାରେ ବିଳମ୍ବ ହୁଏ କିମ୍ବା କେବେ କେବେ ପରେ କରିବି ଭାବନାରେ କାମ ଆଦୌ ହୋଇ ନ ପାରି ରହିଯାଏ। ତେଣୁ କେବେ ସଫଳତାଠାରୁ ଦୂରେଇ ଯାଉଥିବା ଅନୁଭବ ହୁଏ ଏବଂ ଏଥିପାଇଁ ଆଳସ୍ୟ ଦାୟୀ ବୋଲି ମନେହୁଏ ତେବେ ଯଥାଶୀଘ୍ର ଏହାଠାରୁ ନିଜକୁ ଦୂରେଇ ରଖି କର୍ମକ୍ଷେତ୍ରରେ ଅଗ୍ରସର ହୁଅନ୍ତୁ ଏବଂ କାଲିଠାରୁ ଆଳସ୍ୟ ଛାଡି ସମସ୍ତ କାର୍ଯ୍ୟ ନିଶ୍ଚୟ କରିବି ନ ଭାବି ଶୁଭାରମ୍ଭ ବର୍ତ୍ତମାନଠାରୁ ହିଁ କରନ୍ତୁ।

**ଟାଳିବା ଛାଡ଼ନ୍ତୁ:** ବେଳେ ବେଳେ କୌଣସି ପରିସ୍ଥିତି କିମ୍ବା ପରିବେଶରେ କାମ କରିବାକୁ ଇଚ୍ଛା ହୁଏନାହିଁ। ହେଲେ ଏମିତିବି ଅନେକ ଅଛନ୍ତି ଯେଉଁମାନେ ଆଳସ୍ୟରେ କାର୍ଯ୍ୟକୁ ଟାଳିବା ବା ପରେ କରିବା ଲାଗି ପକାଇ ରଖନ୍ତି। ଆଉ ଏହା ଧୀରେ ଧୀରେ ଅଭ୍ୟାସରେ ପରିଣତ ହୋଇଯାଏ। ଫଳରେ ଆଜିର କାମ କାଲିକୁ, କାଲିର କାମ ପରେ କରିବା ଭାବୁ ଭାବୁ ଅନେକ ନୂଆ କାମ ଆସି ପହଞ୍ଚିଯାଏ ଏବଂ ପୁରୁଣା କାମ ସବୁଦିନ ଲାଗି ଅପୂର୍ଣ୍ଣ ରହିଯାଏ। ଏହା ହିଁ ସଫଳତା ଦିଗରେ ବାଧକ ହୋଇ ଠିଆହୁଏ। ତେଣୁ ଅଳସୁଆ ହୋଇ ଟାଳିବା ଅଭ୍ୟାସ ଛାଡ଼ନ୍ତୁ।

**କର୍ମନିଷ୍ଠ ହୁଅନ୍ତୁ:** ମଣିଷ ନିଜ କର୍ମକୁ ନେଇ ସେତେବେଳେ ଅଳସୁଆମୀ କରିଥାଏ ବା ଠକିଥାଏ ଯେତେବେଳେ ସେ ପରବର୍ତ୍ତୀ ସମୟରେ ଏହାର ପରିଣାମ କ'ଣ ହେବ କିମ୍ବା ଏହି କାର୍ଯ୍ୟ ଯଥା ସମୟରେ ସାରିବା ଦ୍ୱାରା କ'ଣ ଲାଭ ହେବ ସେ ବିଷୟରେ ଚିନ୍ତାକରି ନ ଥାଏ। ତେଣୁ ଆଳସ୍ୟକୁ ସମ୍ପୂର୍ଣ୍ଣ ଦୂରରେ ରଖି କର୍ମନିଷ୍ଠ ହୁଅନ୍ତୁ ଏବଂ ନିଜ କର୍ତ୍ତବ୍ୟ ପ୍ରତି ଧ୍ୟାନ କେନ୍ଦ୍ରିତ କରନ୍ତୁ।





**କାର୍ଯ୍ୟ ସମୟ ନିର୍ଦ୍ଧାରିତ କରନ୍ତୁ:** ଏକା ସମୟରେ ଅନେକ କାମ ଦେଖି କେହି କେହି ହତୋତ୍ସାହ ହୋଇପଡନ୍ତି ଏବଂ ମାନସିକ ସ୍ତରରେ ଦୁର୍ବଳ ହୋଇପଡନ୍ତି ; ଯାହା କି ମନରେ ଆଳସ୍ୟ ସୃଷ୍ଟି କରେ। ପରେ ସାରିବି ଭାବି ବିଶ୍ରାମ ନେବା ଆଳରେ ପୁରୁଣା କାମ ବଢି ବଢି ଚାଲେ। ତେଣୁ ଅଳସୁଆମୀ ଛାଡି ନିଜ କାର୍ଯ୍ୟପ୍ରଣାଳୀକୁ ବ୍ୟବସ୍ଥିତ କରନ୍ତୁ। ଅର୍ଥାତ୍ ସମୟ ହିସାବରେ କେତେ ଏବଂ କେଉଁ କାର୍ଯ୍ୟ ସାରିହେବ ନିର୍ଦ୍ଧାରିତ କରନ୍ତୁ। ଏହି ଅଭ୍ୟାସ ସଫଳତା ଆଣି ଦେବାରେ ସବୁଠୁ ବେଶି ସାହାଯ୍ୟ କରିବ।

**ଶୋଇବା ସମୟ ସୀମିତ ରଖନ୍ତୁ:** ଉଭୟ ଶାରୀରିକ ଏବଂ ମାନସିକ ସୁସ୍ଥତା ଲାଗି ପର୍ଯ୍ୟାପ୍ତ ପରିମାଣରେ ଶୋଇବା ନିତାନ୍ତ ଆବଶ୍ୟକ। ହେଲେ ଏହାର ଅର୍ଥ ନୁହେଁ ଆବଶ୍ୟକ କାର୍ଯ୍ୟକୁ ପଛରେ ପକାଇ ଶୋଇ ରହିବା। ତେଣୁ ଆଉ କିଛି ସମୟ ଶୋଇବା ପରେ ଉଠିଲେ କାମ ଶେଷ କରିବି ଭାବି ଶୋଇ ରୁହନ୍ତୁ ନାହିଁ। ଶୋଇବାର ନିର୍ଦ୍ଦିଷ୍ଟ ସମୟସୀମା ରଖନ୍ତୁ। ଏହାଦ୍ୱାରା ଆପଣଙ୍କୁ ପ୍ରତିଦିନ ପର୍ଯ୍ୟାପ୍ତ ନିଦ୍ରା ହେବ ଏବଂ ଆଳସ୍ୟ ବଦଳରେ ପ୍ରତ୍ୟେକ କାର୍ଯ୍ୟ ଯଥା ସମୟରେ ସାରିବା ଲାଗି ସମୟ ମିଳିବା ସହ ଆଗ୍ରହ ମଧ୍ୟ ବଢିବ।

**ଓଭରକନ୍ଫିଡ଼େଣ୍ଟ ହୁଅନ୍ତୁ ନାହିଁ:** ନିଜ ପ୍ରତି ଦୃଢ଼ ବିଶ୍ୱାସ ରଖି ଆଗେଇ ଚାଲିବା ସଫଳତାର ଚାବିକାଠି। ହେଲେ ଅନେକ ସମୟରେ ଦେଖାଯାଏ କେହି କେହି ଏହାର ଅପବ୍ୟବହାର କରି ବସନ୍ତି, ଆଉ ଯାହା କି ସେମାନଙ୍କ ପାଇଁ ସବୁଠୁ ବଡ ଶତ୍ରୁ ପାଲଟିଯାଏ। ଅର୍ଥାତ୍ ପାଠପଢା ହେଉ ଅବା ଯେକୌଣସି କାର୍ଯ୍ୟ ଯଥା ସମୟରେ ସାରିପାରିବାର ଦୃଢ ବିଶ୍ୱାସ ବା କନ୍ଫିଡେନ୍ସ ମନ ଭିତରେ ରହିବା ଭଲ। ହେଲେ ଆଜି ଅଳସୁଆମୀ କରି ଶୋଇବା କିମ୍ବା ଅନ୍ୟ କିଛି କରିବା ଏବଂ କାଲି ଦୁଇଦିନର କାର୍ଯ୍ୟ ଏକା ସଙ୍ଗେ ସାରିଦେବାର ଓଭର କନ୍ଫିଡେନ୍ସ ଅନେକଙ୍କୁ ବିଫଳତା ଦିଗକୁ ଟାଣିନିଏ। ତେଣୁ ସଫଳ ହେବାକୁ ହେଲେ ଓଭର କନ୍ଫିଡାଣ୍ଟ ହୋଇ ଆଳସ୍ୟକୁ ପ୍ରାଥମିକତା ଦେବା ପରିବର୍ତ୍ତେ ନିଜ କର୍ମ ପ୍ରତି ଯତ୍ନଶୀଳ ହୁଅନ୍ତୁ।



**ବଦଳାନ୍ତୁ ଜୀବନଶୈଳୀ:** ଆବଶ୍ୟକରୁ ଅଧିକ ଖାଇବା, ଶୋଇବା, ଦୀର୍ଘ ସମୟ ବସି ରହିବା, ଭିଡିଓ ଗେମ୍ ଖେଳିବା, ଟିଭି ଦେଖିବା ଇତ୍ୟାଦିର ଅଭ୍ୟାସ ମଧ୍ୟ ଅନେକଙ୍କୁ ଅଳସୁଆ କରିଦିଏ। ତେଣୁ ଆଳସ୍ୟ କରାଇବା ଲାଗି ଦାୟୀ ଏଭଳି ଜୀବନଶୈଳୀକୁ ବଦଳାନ୍ତୁ। ଲାଇଟ୍ ଏବଂ ହେଲ୍‌ଦି ଖାଦ୍ୟ ଖାଆନ୍ତୁ, ଆବଶ୍ୟକରୁ ଅଧିକ ଶୁଅନ୍ତୁ ନାହିଁ, ଏକ୍ସରସାଇଜ୍‌କୁ ନିଶ୍ଚିତ ଭାବେ ଜୀବନଶୈଳୀରେ ସାମିଲ କରନ୍ତୁ ଦେଖିବେ ଆଳସ୍ୟ କମିବା ସହ କାର୍ଯ୍ୟ ଦକ୍ଷତା ବଢିବ ଏବଂ ଆପଣ ସଫଳତାର ସ୍ୱାଦ ଚାଖି ପାରିବେ।

## କ'ଣ କରନ୍ତି ଏମାନେ...



**ସୁପ୍ରଜ୍ଞା ସାମନ୍ତ**(ଆଠଗଡ଼, କଟକ)– ଆଳସ୍ୟ ସର୍ବଦା ଦୁଃଖର କାରଣ ହୋଇଥାଏ। ସବୁବେଳେ ଅଳସୁଆକୁ ପଛରେ ପକାଇ କର୍ମତତ୍ପର ମଣିଷଟି ଆଗକୁ ବଢ଼ିଯାଏ। ସମୟ କାହା ଅପେକ୍ଷାରେ ନ ଥାଏ, ସମୟ ସହ ତାଳ ଦେଇ ନିଜକୁ ଆଗକୁ ବଢ଼ାଇବାକୁ ପଡେ। ପ୍ରତ୍ୟେକ କାମକୁ ଠିକ୍ ସମୟରେ ସାରିଲେ, ଆମେ ସଫଳାର ଶୀର୍ଷରେ ପହଞ୍ଚି ପାରିବା। ତେଣୁ ପାଠ ପଢା ହେଉ ଅବା ଚାକିରି କ୍ଷେତ୍ରରେ ଆଳସ୍ୟ ବଶତଃ ଅବହେଳା ନ କରି ଆଗେଇ ଚାଲିବା ହିଁ ଜଣଙ୍କୁ ଉତ୍ତମ ମଣିଷର ପରିଚୟ ଦେଇଥାଏ ।



**ନୀହାରିକା ମହାନ୍ତି**(ବାଲକାଟି, ଖୋର୍ଦ୍ଧା)– ମଣିଷ ବହୁ କିଛି କରିବାର ଆଶା ସଜେଇଥାଏ। ହେଲେ ଠିକ୍ ସମୟ ଆସିଲା ବେଳକୁ ନିଜ ଅଳସୁଆମୀର ପରିଚୟ ଦେଇ ସେ କାମକୁ କରେନି; ଯାହାର ପ୍ରଭାବ ସାରା ଜୀବନ ଯାକ ଭୋଗିବାକୁ ପଡେ। ସାଧାରଣତଃ ଛାତ୍ରୀଛାତ୍ର ମାନଙ୍କ କ୍ଷେତ୍ରରେ ଅଳସୁଆରୂପୀ ଶତ୍ରୁ ସେମାନଙ୍କ ଭବିଷ୍ୟତ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ସେମାନେ ସମୟ ଥାଇ ସୁଦ୍ଧା ମନ ନ ଦେଇ ଖେଳକୁଦରେ ନିଜକୁ ବ୍ୟସ୍ତ ରଖନ୍ତି ଓ ପରୀକ୍ଷା ସମୟରେ ଅସୁବିଧାରେ ପଡି ଫଳ ବି ଖରାପ କରନ୍ତି। ବେଳ ଥାଉ ଥାଉ ଏଥିପ୍ରତି ଧ୍ୟାନ ନ ଦେଲେ ପରବର୍ତ୍ତୀ ସମୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ।

## ଜାଣନ୍ତୁ ଦୁନିଆ

# ଦୀର୍ଘ ସମୟ ନିଃଶ୍ୱାସ ରୋକିପାରୁଥିବା ଜୀବ

ବଞ୍ଚିବା ଲାଗି ନିଃଶ୍ୱାସ ନେବା କେତେ ଜରୁରୀ ତାହା ସମସ୍ତେ ଜାଣନ୍ତି। କାରଣ କୌଣସି କାରଣରୁ ନିଃଶ୍ୱାସ ରୋକିଗଲେ କିମ୍ବା ନେବାରେ ବିଳମ୍ବ ହୋଇଗଲେ, ଜୀବନ ଯିବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ହେଲେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଏମିତି ବି କେତେକ ଜୀବ ଅଛନ୍ତି, ଯେଉଁମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ନିଃଶ୍ୱାସ ରୋକି ରହିପାରନ୍ତି। ଜାଣିରଖିବା ଏଭଳି କେତେକ ଜୀବଙ୍କ ସମ୍ପର୍କରେ...

**ଲଗରହେଡ୍ ଟର୍ଟଲ୍ସ:** ଅନେକ କଇଁଛ ପ୍ରଜାତି ହୀମଶୟନ ବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଖୁବ୍ କମ୍ ଅମ୍ଳଜାନ ଗ୍ରହଣ କରି ଜୀବିତ ରହିଥାନ୍ତି। ଏହି ସମୟରେ ସେମାନେ ଶ୍ୱାସକ୍ରିୟା ଲାଗି ଫୁସ୍‌ଫୁସ୍ ପରିବର୍ତ୍ତେ ବଟ୍‌ର ସାହାଯ୍ୟ ନେଇଥାନ୍ତି ; ଯାହାକୁ କ୍ଲୋଆକାଲ୍ ରେସ୍ପିରେଶନ୍ ବୋଲି କୁହାଯାଇଥାଏ। ହେଲେ ଲଗରହେଡ୍ ପ୍ରଜାତିର କଇଁଛ ଏପରି ନ କରି ସମ୍ପୂର୍ଣ୍ଣ ନିଃଶ୍ୱାସ ରୋକି ବିନା କଷ୍ଟରେ ପ୍ରାୟ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ପାଣି ଭିତରେ ରହିପାରନ୍ତି।





**ନର୍ଦନ ସ୍ୟୁଡୋସ୍କର୍ପିଅନ୍:** ଏହି କ୍ଷୁଦ୍ର ଜୀବଟି ପ୍ରାୟ ୧୭ ଦିନ ପର୍ଯ୍ୟନ୍ତ ନିଃଶ୍ୱାସ ନ ନେଇ ବଞ୍ଚିପାରେ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ଏହା ପାଣି ଭିତରକୁ ଯିବା ମାତ୍ରେ ନିଜର ସମସ୍ତ କ୍ରୀୟା ବନ୍ଦ କରିଦେଇଥାଏ, ଯାହା ଫଳରେ ତାକୁ ଦୀର୍ଘ ସମୟ ବିନା ନିଃଶ୍ୱାସରେ ରହିବା ସହଜ ହୋଇଥାଏ।

**କ୍ୟୁଭିଅର୍ସ ବିକ୍‌ଡ ହ୍ୱେଲ୍:** ଏହା ଏକ ମଧ୍ୟମ ଆକାରର ତିମି ପ୍ରଜାତି ; ଯାହା କି ସବୁଠୁ ଗଭୀର ସାମୁଦ୍ରିକ ବୁଡ଼ ଲାଗି ପ୍ରସିଦ୍ଧ। ଏହି ମାଛ ଖାଦ୍ୟ ସନ୍ଧାନରେ ପ୍ରାୟ ୧୦,୦୦୦ଫୁଟ୍ ଗଭୀରକୁ ଯାଇପାରେ ଏବଂ ଏକାଥରକେ ୧୩୭ମିନିଟ୍ ପର୍ଯ୍ୟନ୍ତ ନିଃଶ୍ୱାସ ରୋକିପାରେ।

## ଏ ସପ୍ତାହର ପ୍ରଶ୍ନ

୧– ଚଳିତବର୍ଷ ଗଣତନ୍ତ୍ର ଦିବସରେ ପ୍ରଥମ ଥର ପାଇଁ ପରେଡ୍‌ରେ ଅଂଶଗ୍ରହଣ କରିଥିବା ଭାରତର ପ୍ରଥମ ମହିଳା ଫାଇଟର ପାଇଲଟ୍......... ?
୨– ନିକଟରେ କେରଳରେ ଆବିଷ୍କାର ହୋଇଥିବା ନୂଆ ପ୍ରଜାତିର ପିମ୍ପୁଡ଼ିର ନାମ................ ?
୩– ନାମରୂପ ୟୁରିଆ ପ୍ଲାଣ୍ଟ.............. ରାଜ୍ୟରେ ଅବସ୍ଥିତ ?
୪– ଇଣ୍ଡିଆ ଇନୋଭେଶନ ଇଣ୍ଡେକ୍ସ...........ପକ୍ଷରୁ ଉନ୍ମୋଚନ କରାଯାଇଛି ?
୫– ନାଶା ପକ୍ଷରୁ ନିକଟରେ ଫଟୋ ପ୍ରକାଶ ପାଇଥିବା ଆବେଲ୍ ୩୭୦ ଏକ.... ?

## ଗତ ଥରର ଉତ୍ତର

୧ ଜଳଶକ୍ତି ମନ୍ତ୍ରଣାଳୟ
୨ ୨୦୨୧ ମସିହା
୩ କେରଳ
୪ ରାମ ସେବକ ଶର୍ମା
୫ ମାର୍ଚ୍ଚ ୧

## ଉତ୍ତରଦାତା



ସ୍ନେହଲତା ପଟ୍ଟନାୟକ
ଭୁବନେଶ୍ୱର



ପ୍ରଶାନ୍ତ କର
ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଯୁବ ପ୍ରତିଭା

# ରଙ୍ଗ ତୂଳୀରେ ସଂସ୍କୃତିର ଝଲକ

ଖୋର୍ଦ୍ଧା ଜିଲା କୋଦୁଅବେରେଣି ଗ୍ରାମର ଯୁବ ଚିତ୍ରଶିଳ୍ପୀ କିଶୋର ମୁଦୁଲି। ତାଙ୍କ ପ୍ରତିଟି ଚିତ୍ରରେ ଦେଖିବାକୁ ମିଳେ ଉତ୍କଳୀୟ ସଂସ୍କୃତିର ଝଲକ। ଓଡ଼ିଆ କଥାଚିତ୍ର ଓ ପାରମ୍ପରିକ କଳା, ଗ୍ରାମୀଣ ସଂସ୍କୃତିଠାରୁ ଆରମ୍ଭ କରି ଶ୍ରୀଜଗନ୍ନାଥ ସଂସ୍କୃତି, ନୀଳାମ୍ବୁ ଚିଲିକାରେ ପକ୍ଷୀଙ୍କ ଦୃଶ୍ୟପଟ ଅତି ଲୋଭନୀୟ ଲାଗେ। ତାଙ୍କ ରଙ୍ଗତୂଳୀର ସ୍ପର୍ଶରେ ଜୀବନ୍ତ ହୋଇ ଉଠେ ଚିତ୍ରକଳା। ସତେ ଯେପରି ତାଙ୍କ କାନଭାସ କଥା କହେ। ପ୍ରତିଟି ଚିତ୍ରକୁ ସେ ଅତି ନିଖୁଣ ଭାବେ ଅଙ୍କନ କରନ୍ତି। ନିଜର ପ୍ରତିଟି ସଫଳତା ପଛରେ ମା' ବୁଧେଇ ଓ ବାପା ଶ୍ରୀଧର ମୁଦୁଲିଙ୍କ ଆଶୀର୍ବାଦ ରହିଥିବା କୁହନ୍ତି ସେ। ପିଲା ବେଳୁ ସେ କେତେବେଳେ କାଠି ଖଣ୍ଡେ ଧରି ଗାଁ ଦାଣ୍ଡ ଧୂଳିରେ ତ ପୁଣି କେତେବେଳେ ଚକ୍‌ଖଡ଼ି ଧରି ଘର ଅଗଣା, ଗାଁ ପୋଖରୀତୁଠ ପଥର, ବାଲିରେ ଚିତ୍ର କରି ବସୁଥିଲେ। ବୟସ ବଢିବା ସହ ଏହା ତାଙ୍କର ନିଶାରେ ପରିଣତ ହୋଇଗଲା ଏବଂ ଯୁବାବସ୍ଥାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କଲା। ସେ କୁହନ୍ତି, '' ଚିତ୍ରକଳାକୁ ନେଇ ଭବିଷ୍ୟତ ଗଢିବାକୁ ପିଲାବେଳୁ ମନରେ ଅନେକ ଆଶା ଓ ଆକାଂକ୍ଷା ଭରି ରହିଥିଲା। ସେଥିପାଇଁ ଯୁକ୍ତ ଦୁଇ ପାସ୍ କରିବା ପରେ ଭୁବନେଶ୍ୱରସ୍ଥିତ ଧଉଳି ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ନାମ ଲେଖାଇଲି। ସେଠାରେ ଶିକ୍ଷାଗ୍ରହଣ ସମୟରେ ମୋତେ କଳା ବିକାଶର ଭରପୂର ସହଯୋଗ ମିଳିଲା। ବିଭିନ୍ନ ସ୍ଥାନରେ କଳା ପ୍ରଦର୍ଶନର ସୁଯୋଗ ପାଇବା ସହ ଅନେକ ପୁରସ୍କାର ଓ ପ୍ରଶଂସା ସାଉଁଟିଛି। ହେଲେ ବରିଷ୍ଠ ଚିତ୍ରଶିଳ୍ପୀ ପ୍ରଦୀପ ମୁଦୁଲି, ବିଭୁ ପ୍ରସାଦ ଓଝାଙ୍କ ସଂସ୍ପର୍ଶରେ ଆସିବା ପରେ ମୋ ଜୀବନର ଗତିପଥ ବଦଳି ଯାଇଥିଲା। ସେମାନଙ୍କଠାରୁ ଅନେକ କିଛି ଶିଖିପାରିଛି।'' କରୋନା ଲାଗି କିଛି ମାସ ଧରି ଘରେ ରହିବାକୁ ପଡ଼ିଥିଲେ ହେଁ ସେ ଏହି ମହାମାରୀ ସମୟରେ ସାଧାରଣ ଲୋକଙ୍କ ଦୁଃଖ କଷ୍ଟ, ସାମାଜିକ ଜୀବନଶୈଳୀକୁ ଅତି ନିଖୁଣ ଭାବରେ ନିଜ କାନଭାସରେ ସାଉଁଟିଛନ୍ତି। ତାଙ୍କ ରଙ୍ଗତୂଳୀର ଯାଦୁକରି ଖୋର୍ଦ୍ଧା ସମେତ ବିଭିନ୍ନ ଉତ୍ସବ, ମହୋତ୍ସବରେ ଦେଖିବାକୁ ମିଳେ। ଆଗକୁ ରାଜ୍ୟ ଓ ଜାତୀୟ ସ୍ତରରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ଚିତ୍ରକଳା ପ୍ରତିଯୋଗିତା ଏବଂ ମହୋତ୍ସବରେ ଅଂଶଗ୍ରହଣ କରିବା ଲାଗି ସେ ନିଜକୁ ପ୍ରସ୍ତୁତ କରୁଛନ୍ତି। ତେବେ ନିଜକୁ ବିଶ୍ୱ ଦରବାରରେ ଏକ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ଭାବେ ପ୍ରମାଣିତ କରିବା କିଶୋରଙ୍କ ଜୀବନର ଲକ୍ଷ୍ୟ।



– ପ୍ରଭାତ ପାଣିଗ୍ରାହୀ

## ଟପ୍ ୧୦

### ପୃଥିବୀର ସର୍ବାଧିକ ଥଣ୍ଡା ଦେଶ

(୧)........ ଆଣ୍ଟାର୍କଟିକା
(୨)........ କାଜାଖସ୍ତାନ
(୩)........ ରୁଷିଆ
(୪)........ ଗ୍ରୀନ୍‌ଲାଣ୍ଡ
(୫)........ କାନାଡା
(୬)........ ଆମେରିକା
(୭)........ ଆଇସ୍‌ଲାଣ୍ଡ
(୮)........ ଫିନ୍‌ଲାଣ୍ଡ
(୯)........ ଇଷ୍ଟୋନିଆ
(୧୦)........ ମଙ୍ଗୋଲିଆ



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ୩୧ ଜାନୁୟାରୀ, ୨୦୨୧ Bhubaneswar, Sunday, January 31/2021

# ଅଭ୍ୟାସ କଲେ ଷ୍ଟୋକ୍ସ, ଆର୍ଚର, ବର୍ନ୍ସ

ଚେନ୍ନାଇ,୩୦।୧

ଭାରତ ଗସ୍ତରେ ଆସିଥିବା ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ, ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଓ ରିଜର୍ଭ ଓପନର ରୋରି ବର୍ନ୍ସ ଶନିବାର ପ୍ରଥମଥର ପାଇଁ ଅଭ୍ୟାସ କରିଛନ୍ତି। ୬ ଦିନର ହାର୍ଡ କ୍ୱାରାଣ୍ଟାଇନ୍ ପରେ ସ୍ଥାନୀୟ ଚିପକ ଷ୍ଟାଡିୟମରେ ପ୍ରଥମ ଟ୍ରେନିଂ ସେସନରେ ଏହି ଖେଳାଳିମାନେ ଝାଳ ବୁହାଇଛନ୍ତି। ସେପଟେ ଇଂଲଣ୍ଡ ଦଳର ଅନ୍ୟ ଖେଳାଳିମାନେ ସେମାନଙ୍କର ଦ୍ୱିତୀୟ କୋଭିଡ୍-୧୯ ଟେଷ୍ଟ କ୍ଲିୟର କରିଛନ୍ତି।

ଅଭ୍ୟାସ କରିଥିବା ଏହି ୩ ଖେଳାଳି ଶ୍ରୀଲଙ୍କା ଗସ୍ତରେ ସାମିଲ ନ ଥିଲେ। ଅତ୍ୟଧିକ କାର୍ଯ୍ୟଭାର ପାଇଁ ଷ୍ଟୋକ୍ସ ଓ ଆର୍ଚରଙ୍କୁ ବିଶ୍ରାମ ଦିଆଯାଇଥିଲା। ତେବେ ବର୍ନ୍ସ ନିଜର ପ୍ରଥମ ସନ୍ତାନ ଜନ୍ମ ପାଇଁ ପିତୃତ୍ୱ ଛୁଟିରେ ରହିଥିଲେ। ତେଣୁ ଅନ୍ୟମାନଙ୍କ ପୂର୍ବରୁ ଏହି ୩ ଖେଳାଳି ଆଗୁଆ ଭାରତ ଆସି ସେମାନଙ୍କର ୩ଟି ଆରଟି- ପିସିଆର ଟେଷ୍ଟ କ୍ଲିୟର କରି ଅଭ୍ୟାସ କରିବାର ସୁଯୋଗ ପାଇଛନ୍ତି। ଆର୍ଚର, ବର୍ନ୍ସ ଓ ଷ୍ଟୋକ୍ସ ଆଗାମୀ ୩ ଦିନ ସକାଳେ ଅଭ୍ୟାସ କରିବେ। ଅଭ୍ୟାସ ପାଇଁ ଏମାନଙ୍କୁ ଦୁଇଘଣ୍ଟା ସମୟ ଦିଆଯାଇଛି।

ସମ୍ପୂର୍ଣ୍ଣ ଇଂଲଣ୍ଡ ଦଳ ଶୁକ୍ରବାର ସେମାନଙ୍କ ଦ୍ୱିତୀୟ ପିସିଆର କୋଭିଡ୍-୧୯ ଟେଷ୍ଟ କରାଇଛନ୍ତି। ସମସ୍ତଙ୍କର ରିପୋର୍ଟ ନେଗେଟିଭ୍ ଆସିଛି। ଆସନ୍ତା ୨ ତାରିଖରୁ ସମ୍ପୂର୍ଣ୍ଣ ଇଂଲଣ୍ଡ ଦଳ ଟ୍ରେନିଂ ଆରମ୍ଭ କରିବ। ୫ ତାରିଖରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ।


ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଟ୍ରେନିଂ ସେସନରେ ଇଂଲଣ୍ଡ ଖେଳାଳି।

# ମୁମ୍ବାଇକୁ ହରାଇଲା ନର୍ଥଇଷ୍ଟ

ବାମ୍ବୋଲିମ୍, ୩୦।୧

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ନର୍ଥଇଷ୍ଟ ୟୁନାଇଟେଡ ୨-୧ ଗୋଲରେ ଟେବୁଲ ଟପ୍ପର ମୁମ୍ବାଇ ସିଟି ଏଫ୍‌ସିକୁ ପରାସ୍ତ କରିଛି। ଏଥିସହିତ

**ଇଣ୍ଡିଆନ ସୁପର ଲିଗ୍**

ନର୍ଥଇଷ୍ଟ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ଅନ୍ୟପଟେ ମୁମ୍ବାଇର କ୍ରମାଗତ ୧୨ଟି ମ୍ୟାଚ୍‌ର ଅପରାଜେୟ ଧାରାରେ ବ୍ରେକ୍ ଲାଗିଛି।

ସ୍ଥାନୀୟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ମାତ୍ର ୩ ମିନିଟ୍ ମଧ୍ୟରେ ନର୍ଥଇଷ୍ଟର ଡେଶୋର୍ନ ବ୍ରାଉନ୍ ୨ଟି ଗୋଲ ସ୍କୋର କରି ପ୍ରଥମାର୍ଦ୍ଧରେ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ବ୍ରାଉନ ଷଷ୍ଠ ଓ ଦଶମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ମୁମ୍ବାଇର ଆଡାମ ଲେ ଫୋଣ୍ଡ୍ରେ ୮୫ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ମ୍ୟାଚ୍‌କୁ ଫେରାଇଥିଲେ। ଇଞ୍ଜୁରି ଟାଇମ ବାବଦରେ ୬ ମିନିଟ୍ ଖେଳ ହୋଇଥିଲେ ମଧ ଗୋଲ ସମ୍ଭବ ହୋଇ ନ ଥିଲା। ଫଳରେ ନର୍ଥଇଷ୍ଟ ବାଜି ମାରିଥିଲା। ମ୍ୟାଚ୍‌ରେ କିନ୍ତୁ ମୁମ୍ବାଇ ଅପେକ୍ଷାକୃତ ଭଲ ଖେଳି ପ୍ରଭାବ ବିସ୍ତାର କରିଥିଲା। ବଲ୍ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ନର୍ଥ ଇଷ୍ଟଠାରୁ ମୁମ୍ବାଇ ଯଥେଷ୍ଟ ଆଗରେ ରହିଥିଲା। ଏହି ବିଜୟ ସହ ନର୍ଥଇଷ୍ଟ ୧୪ଟି ମ୍ୟାଚ୍ ଖେଳି ୫ ବିଜୟ, ୬ ଡ୍ର ଓ ୩ ପରାଜୟ ସହ ୨୧ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପଟେ ପରାସ୍ତ ହୋଇଥିଲେ ମଧ ମୁମ୍ବାଇ ୧୪ଟି ମ୍ୟାଚ୍ ଖେଳି ୯ ବିଜୟ, ୩ ଡ୍ର ଓ ୨ ପରାଜୟ ସହ ୩୦ ପଏଣ୍ଟ ପାଇ ଶୀର୍ଷରେ ରହିଛି। ମୁମ୍ବାଇ ତା'ର ପରବର୍ତ୍ତୀ ମ୍ୟାଚ୍ ୩ ତାରିଖ ବୁଧବାର କେରଳ ବ୍ଲାଷ୍ଟର୍ସକୁ ଭେଟିବ। ଅନ୍ୟପଟେ ନର୍ଥଇଷ୍ଟ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ୪ ତାରିଖ ବୁଧବାର ଗୋଆକୁ ଭେଟିବ।


ଡବଲ ଗୋଲ ସ୍କୋର କରିଥିବା ଡେଶୋର୍ନ ବ୍ରାଉନ୍।

# ଓସିଏ, ଓଓଏର ବାର୍ଷିକ ସାଧାରଣ ବୈଠକ ଆଜି

ଭୁବନେଶ୍ୱର,୩୦।୧(ସ୍ପୋର୍ଟ୍ସ ବ୍ୟୁରୋ)

କଟକର ବାରବାଟୀ ଷ୍ଟାଡିୟମରେ ରବିବାର ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ (ଓଓଏ)ର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହେବ। ଓଓଏର ହର୍ସଗେଟ୍ ମିଟିଂ ହଲ୍‌ରେ ଏହି ବୈଠକ ବସିବ। ନୂଆ କରି ନିର୍ବାଚିତ ପଦାଧିକାରୀମାନେ ଏହି ବୈଠକରେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ହାତକୁ ନେବେ ଓ ଏ ନେଇ ଘୋଷଣା କରାଯିବ। ଏହି ଅବସରରେ ଓଓଏ କିସ୍ ଓ କିଟ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନିତ କରିବ ବୋଲି ଓଓଏର ସାଧାରଣ ସମ୍ପାଦକ ଦାୟିତ୍ୱରେ ଥିବା ଅଭିଜିତ ପଲ କହିଛନ୍ତି। ସେହିପରି ବାରବାଟୀ ଷ୍ଟାଡିୟମସ୍ଥିତ କନ୍‌ଫରେନ୍ସ ହଲ୍‌ରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ମଧ୍ୟ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହେବ।

# ଆଇଜଲ ଏଫ୍‌ସି ବିଜୟୀ

କୋଲକାତା,୩୦।୧(ପି.ଟି.)

**ଆଇ-ଲିଗ୍**

ସ୍ଥାନୀୟ ମୋହନ ବାଗାନ ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ଆଇ- ଲିଗ୍‌ର ଏକ ମ୍ୟାଚ୍‌ରେ ଆଇଜଲ ଏଫ୍‌ସି ୨-୧ ଗୋଲରେ ନେରୋକା ଏଫ୍‌ସିକୁ ପରାସ୍ତ କରିଛି। ଆଇଜଲ ତରଫରୁ ପିସି ଲାଲଡିନପୁଇଆ ୩୭ତମ ମିନିଟ୍‌ରେ ପ୍ରଥମ ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ନେରୋକା ତରଫରୁ ଜୁଡା ଗାର୍ସିଆ ୪୯ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନ ସ୍ଥିତିକୁ ଆଣିଥିଲେ। ତେବେ ୫୬ତମ ମିନିଟ୍‌ରେ ଏମ୍‌ସି ମାଲସମଜୁଆଲା ଗୋଲ ଦେଇ ଆଇଜଲକୁ ଜିତାଇଥିଲେ। ଏହି ବିଜୟ ସହ ଆଇଜଲ ୪ଟି ମ୍ୟାଚ୍ ଖେଳି ୨ ବିଜୟ, ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ୭ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ନେରୋକା ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ଗୋଟିଏ ଡ୍ର ଓ ୨ଟି ପରାଜୟ ସହ ୪ ପଏଣ୍ଟ ପାଇ ତାଲିକାର ଦଶମ ସ୍ଥାନରେ ରହିଛି।

**ଗୋକୁଲମ କେରଳ- ରିୟଲ କଶ୍ମୀର ମ୍ୟାଚ୍ ଡ୍ର**

ସେହିପରି ଶନିବାର ଗୋକୁଲମ କେରଳ ଓ ରିୟଲ କଶ୍ମୀର ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଛି ଓ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ୭ ପଏଣ୍ଟ ପାଇ କେରଳ ଚତୁର୍ଥ ସ୍ଥାନରେ ରହିଥିବା ବେଳେ କଶ୍ମୀର ୬ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଛି।

# ଆସାମରେ ଏସ୍‌ଟିସି ଉଦ୍‌ଘାଟନ କଲେ କ୍ରୀଡ଼ାମନ୍ତ୍ରୀ

ନୂଆଦିଲ୍ଲୀ,୩୦।୧(ପି.ଟି.)

ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ଉପସ୍ଥିତିରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଶନିବାର ଆସାମର ନର୍ଥ ଲକ୍ଷ୍ମୀପୁର ଟାଉନ୍‌ସ୍ଥିତ ସୋଲାଲ ଗାଁରେ ସାଇ ଟ୍ରେନିଂ ସେଣ୍ଟର (ଏସ୍‌ଟିସି) ଉଦ୍‌ଘାଟନ କରିଛନ୍ତି। ଏହି ଟ୍ରେନିଂ ସେଣ୍ଟରରେ ଆଥ୍‌ଲେଟଙ୍କ ପାଇଁ ହଷ୍ଟେଲ ଓ ମଲ୍ଟି ସ୍ପୋର୍ଟ୍ସ ଇନ୍‌ଡୋର ହଲ୍ ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଏସ୍‌ଟିସିରେ ଆଥଲେଟମାନେ ୱେଟଲିଫ୍ଟିଂ ଓ ବକ୍ସିଂ ପାଇଁ ଭିତ୍ତିଭୂମି ପାଇ ପାରିବେ। ଦେଶର ଉତ୍ତର ପୂର୍ବାଞ୍ଚଳର ଲୋକମାନେ ପାରମ୍ପରିକ ଭାବେ କ୍ରୀଡ଼ାପ୍ରେମୀ ରହିଥାନ୍ତି। ଏଠାରେ ଲୋକମାନେ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଥାନ୍ତି। ଏହି ଅଞ୍ଚଳର ଯୁବ ଖେଳାଳିମାନେ ଭବିଷ୍ୟତରେ ଦେଶ ପାଇଁ ଗୌବ ଆଣିଦେବେ। ଉତ୍ତରପୂର୍ବାଞ୍ଚଳକୁ କ୍ରୀଡ଼ାର ଏକ ପେଣ୍ଠସ୍ଥଳୀରେ ପରିଣତ କରିବାକୁ ସରକାର ସବୁ ପ୍ରକାର ପ୍ରୟାସ ଜାରି ରଖିବେ ବୋଲି ରିଜିଜୁ କହିଛନ୍ତି। ଏହି ଅବସରରେ ସୋନୋୱାଲ ଫିଟ୍ ଇଣ୍ଡିଆ ଫିଟ୍‌ନେସ ପ୍ରୋଟୋକଲ ଲଞ୍ଚ୍ କରିଥିଲେ। ଉଲ୍ଲେଖଥାଉ କି, ଆସାମରେ ଶିବ ଥାପ୍ପା, ଲୋଭଲିନା ବୋରେଗୋହେନ ଓ ଜମୁନା ବୋରୋଙ୍କ ଭଳି ବକ୍ସର ସୃଷ୍ଟି ହୋଇଛନ୍ତି। ଏହି ହଷ୍ଟେଲରେ ୭୦ଜଣ ଆଥଲେଟ ରହିପାରିବେ। ରେସିଡେନ୍ସିଆଲ ବ୍ୟବସ୍ଥାରେ ବାଳିକା ଓ ବୋର୍ଡିଂ ବ୍ୟବସ୍ଥାରେ ବାଳକମାନେ ରହିପାରିବେ।


କିରେନ ରିଜିଜୁ

# ବାଂଲା ଟାଇଗର୍ସ ବିଜୟୀ

**ଆବୁଧାବି, ୩୦।୧ (ପି.ଟି.):** ଆବୁଧାବି ଟି୧୦ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ବାଂଲା ଟାଇଗର୍ସ ୬ ଉଇକେଟରେ ଗତଥର ଚାମ୍ପିୟନ ମରାଠା ଆରବିଆନ୍ସକୁ ପରାସ୍ତ କରିଛି। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆରବିଆନ୍ସ କୌଣସି ଉଇକେଟ ନ ହରାଇ ନିର୍ଦ୍ଧାରିତ ୧୦ ଓଭରରେ ୧୦୩ ରନ କରିଥିଲା। ମହମ୍ମଦ ହାଫିଜ୍ ୩୦ ବଲ୍‌ରୁ ୬୧ ରନ ଏବଂ ଅବ୍‌ଦୁଲ ସାକୁର ୩୪ ରନ କରି ଅପରାଜିତ ରହିଥିଲେ। ରନ ଚେଜ୍ ବେଳେ ବେଳେ ଟାଇଗର୍ସ ନିୟମିତ ବ୍ୟବଧାନରେ ଉଇକେଟମାନ ହରାଇଥିଲେ ମଧ ୧୨ଟି ବଲ୍ ବାକିଥାଇ ୪ ଉଇକେଟ ବିନିମୟରେ ମ୍ୟାଚ ଜିତି ନେଇଥିଲା। ଆନ୍ଦ୍ରେ ଫ୍ଲେଚର ଆରବିଆନ୍ସ ଅଧିନାୟକ ମୋସାଡେକ୍ ହୋସେନଙ୍କ ଗୋଟିଏ ଓଭରରେ ୨ ଛକା ଏବଂ ୧ ଚୌକା ସହ ୨୦ରନ ସଂଗ୍ରହ କରିଥିଲେ। ସେ ୩୧ ରନ କରି ସୋହାଗ ଗାଜିଙ୍କ ବଲ୍‌ରେ ହାଫିଜଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ।




# ତାମିଲନାଡୁ-ବରୋଦା ଫାଇନାଲ ଆଜି

ଅହମ୍ମଦାବାଦ, ୩୦।୧ (ପି.ଟି.)

**ମୁସ୍ତାକ ଅଲୀ ଟି୨୦**

ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟର ଫାଇନାଲ ତାମିଲନାଡୁ ଓ ବରୋଦା ମଧ୍ୟରେ ରବିବାର ଖେଳାଯିବ। ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ ତାମିଲନାଡୁ ଦଳ ଉଭୟ ଅଭିଜ୍ଞ ଓ ଯୁବ ଖେଳାଳି ରହିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଏହି ଦଳ ସମସ୍ତ ବାଧାବିଘ୍ନକୁ ସହଜେ ଅତିକ୍ରମ କରିପାରିଛି। ରନ ଚେଜ୍ ବେଳେ ପ୍ରାଧାନ୍ୟ ବିସ୍ତାର କରି ଆସିଛି। ଅନ୍ୟପକ୍ଷରେ କେଦାର ଦେବଧରଙ୍କ ଅଧୀରେ ବରୋଦା କେତୋଟି ଏକତରଫା ମ୍ୟାଚ ଜିତିପାରିଛି। ହରିୟାଣା ବିପକ୍ଷ ରୋମାଞ୍ଚକ କ୍ୱାଟର ଫାଇନାଲ ମ୍ୟାଚରେ ବିଜୟ ହାସଲ କରିପାରିଛି। ବିଷ୍ଣୁ ସୋଲାଙ୍କି ଏକ ଅନ୍ତିମ ବଲ୍ ହେଲିକପ୍ଟର ଶଟ୍‌ରେ ଦଳକୁ ଜିତାଇଥିଲେ। ତାମିଲନାଡୁ ମଧ ହିମାଚଳ ପ୍ରଦେଶ ବିପକ୍ଷ ମ୍ୟାଚରେ ଜବରଦସ୍ତ ପ୍ରଦର୍ଶନ କରିଛି। ଶାହାରୁଖ ଖାଁ ଏବଂ ବାବା ଅପରାଜିତଙ୍କଠାରୁ ଚମତ୍କାର ବ୍ୟାଟିଂ ଦେଖିବାକୁ ମିଳିଥିଲା। ଭେଟେରାନ କେ. ବି. ଅରୁଣ ରାଜସ୍ଥାନ ବିପକ୍ଷରେ ଚମତ୍କାର ୮୯ରନର ଏକ ଇନିଂସ ଖେଳି ଦଳକୁ ଫାଇନାଲରେ ପହଞ୍ଚାଇଥିଲେ। ଓପନର ଏନ୍. ଜଗଦିଶନ (୩୫୦ରନ) ରନ ସ୍କୋରର ତାଲିକାର ଶୀର୍ଷରେ ରହିଥିବାବେଳେ ତାଙ୍କ ଓପନିଂ ପାର୍ଟନର ସି. ହରି ନିଶାନ୍ତ ଭଲ ଫର୍ମରେ ରହିଛନ୍ତି।

# ସାହାଲଙ୍କଠାରୁ ଆଶା

ବାଇଚୁଙ୍ଗ୍ ଭୁଟିଆ

ହିରୋ ଇଣ୍ଡିଆନ ସୁପର ଲିଗ୍ ଏହାର ମଧ୍ୟମ ଭାଗ ଅତିକ୍ରମ କରିଯାଇଛି। ସମସ୍ତ ଦଳ ସେଟଲ ହୋଇ ଗଲେଣି। ବର୍ତ୍ତମାନ ସେମିଫାଇନାଲରେ ସ୍ଥାନ ପକ୍କା କରିବା ବର୍ତ୍ତମାନ ବଡ଼ ଚ୍ୟାଲେଞ୍ଜ। କହିବାକୁ ଗଲେ ୪ଟି ସ୍ଥାନ ମଧ୍ୟରୁ ଦୁଇଟି ସ୍ଥାନ ପାଇଁ ଯେଉଁ କେତୋଟି ଦଳ ଆଖି ପକାଇଛନ୍ତି ତନ୍ମଧ୍ୟରେ କେରଳ ବ୍ଲାଷ୍ଟର୍ସ ଅନ୍ୟତମ। ବ୍ଲାଷ୍ଟର୍ସ ଦଳର ପ୍ରଦର୍ଶନରେ କ୍ରମେ ଉନ୍ନତି ପରିଲକ୍ଷିତ ହୋଇଛି। ଦଳ ଏହାର ଗତ ୫ଟି ମ୍ୟାଚରେ ଅପରାଜେୟ ରହିଛି। କିନ୍ତୁ ଏଟିକେ ମୋହନବାଗାନ ବଡ଼ ପ୍ରତିବନ୍ଧକ ସାଜିପାରେ।

SEAGRAM'S
ROYAL STAG
PACKAGED DRINKING WATER

ମ୍ୟାଚ ବେଳେ ମୁଁ ବ୍ଲାଷ୍ଟର୍ସ ଦଳର ଅବ୍‌ଦୁଲ ସାହାଲଙ୍କ ଖେଳ ଦେଖିଛି। ତାଙ୍କ ନିକଟରେ ଭଗବାନଙ୍କ ପ୍ରଦତ୍ତ ପ୍ରତିଭା ରହିଥିବା ଭଳି ମନେ ହୁଏ। ସେ ବିଳମ୍ବରେ ଫର୍ମକୁ ଆସିଛନ୍ତି। ମିଡ୍‌ଫିଲ୍ଡରେ ଦଳ ପାଇଁ ସେ ବେଶ୍ ଉପଯୋଗୀ। କିନ୍ତୁ ଏଥି ସହିତ ସେ ଗୋଲ୍ ସ୍କୋର କରିବା ଦରକାର। ଏହି ସାମର୍ଥ୍ୟ ସାହାଲଙ୍କ ନିକଟରେ ରହିଛି। ସେ ଜଣେ ପରିପକ୍ୱ ଖେଳାଳି ଭାରତ ତାଙ୍କଠାରୁ ଅନେକ କିଛି ଆଶା କରେ। ଏଟିକେ ମୋହନବାଗାନ ବିପକ୍ଷରେ ଖେଳିବା ବେଳେ କେରଳକୁ ଏହାର ପୁରୁଣା ଖରାପ ଅଭ୍ୟାସକୁ ହଯାଇବାକୁ ପଡ଼ିବ। ଅର୍ଥାତ ଦଳ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଲୟ ହରାଇ ବସିଥାଏ। ଏଟିକେ ମୋହନବାଗାନକୁ ସାମାନ୍ୟ ସୁଯୋଗ ଦେଲେ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ। ଦ୍ୱିତୀୟତଃ କୋଲକାତାରେ ସମର୍ଥକମାନେ ମ୍ୟାଚର ଫଳାଫଳ ବ୍ୟତୀତ ସେମାନଙ୍କ ଦଳ ଆକର୍ଷଣୀୟ ପ୍ରଦର୍ଶନ କରୁ ବୋଲି ଚାହିଥାନ୍ତି। କୋଚ୍ ଆଣ୍ଟୋନିଓଙ୍କର ଏଥିପ୍ରତି ଧ୍ୟାନ ଥିବ ନିଶ୍ଚୟ। ପ୍ଲେ-ଅଫ୍ ଯୋଗ୍ୟତା ହାସଲ କରିବାକୁ ଥିବାରୁ ଏଟିକେ ମୋହନବାଗାନ ଅଧବକ ବପଜ୍ଜନକ ସାବ୍ୟସ୍ତ ହୋଇପାରେ। ଏହି କ୍ଲବ ମାର୍ସିଲିନୋଙ୍କୁ ଉଧାର ସୂତ୍ରରେ ଆଣିଛି। ଏହି ଖେଳାଳି କେବେ ତାଙ୍କର ଦକ୍ଷତା ପ୍ରଦର୍ଶନ କରିବେ ମୁଁ ତାହାକୁ ଅପେକ୍ଷା କରି ରହିଛି। (ଗେମ୍‌ପ୍ଲାନ)




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ବୈଠକ

ପୁରୀ ଅଫିସ: ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଭିତ୍ତିଭୂମି ସମୀକ୍ଷା ବୈଠକ ଶନିବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସିଡିଆରଆଇ ଡିଜି ସନ୍ଦୀପ ପୋଣ୍ଡ୍ରିକ୍ ଯୋଗଦେଇ ଜିଲା ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍‌ସରବରାହ ସମେତ ଅନ୍ୟାନ୍ୟ ବ୍ୟବସ୍ଥା କିଭଳି ଭାବେ ନିରବଚ୍ଛିନ୍ନ ରହିପାରିବ ସେନେଇ ବୈଠକରେ ଆଲୋଚନା ହୋଇଛି। ଉପକୂଳ ଅଞ୍ଚଳ ବାତ୍ୟାପ୍ରବଣ ହୋଇଥିବା ହେତୁ ସର୍ବନିମ୍ନ ଭିତ୍ତିଭୂମି ବ୍ୟବସ୍ଥା ଯଥା ସଡ଼କ ପରିବହନ, ଆଶ୍ରୟସ୍ଥଳୀ, ପାନୀୟ ଜଳ ଯୋଗାଣ ନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତ ରଖିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଜିଲାପାଳ ସମର୍ଥ ବର୍ମା, ଗଗନ ସ୍ୱାଇଁ, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଓ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ମଦ, ଭାଙ୍ଗ ଜବତ: ୨ ଗିରଫ

ନିମାପଡ଼ା,୩୦।୧(ଡି.ଏନ୍.ଏ.): ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଶନିବାର ନିମାପଡ଼ା ଦୋଳବେଦୀ ଛକ, ହାଟ ଛକ, ଜୟଶ୍ରୀ ଛକ, ଗୋଲେଇ ଛକ, ଡେଲଟା ଛକ, ବଳଙ୍ଗା ବଜାର, ଧନୁଆ ଛକ, ନହନ୍ତରା, କୁଆଁସ, ଗୋପାଳପୁର ଆଦି ଛକରେ ଅଚାନକ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ ୨ଜଣ ମଦ, ଭାଙ୍ଗ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନିମାପଡ଼ା ଥାନା ଅଧୀନ ଝାମ୍ପୁଲାକୁଦ ଗ୍ରାମର ବିପିନ ସ୍ୱାଇଁ ଓ ବଳଙ୍ଗା ଥାନା ଅଞ୍ଚଳର ବାବାଜୀ ସାହୁ। ସେମାନଙ୍କଠାରୁ ୨୫ବୋତଲ ଦେଶୀ ମଦ ଓ ୫ଶହ ଗ୍ରାମ ଭାଙ୍ଗ ଜବତ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ପୃଥକ ୨ଟି ମାମଲା(ନଂ.୫୬,୫୭/୨୧) ରୁଜୁ କରାଯାଇଛି। ଚଢ଼ାଉରେ ସ୍ଥାନୀୟ ଅବକାରୀ ସବ୍‌ଇନ୍ସପେକ୍ଟର ଯୋଗମାୟା ମଲ୍ଲିକ, ସବିତା ସାହୁ, ଜିତେନ୍ଦ୍ର ବେହେରା ପ୍ରମୁଖ ସାମିଲ ଥିଲେ।

## ଶିଳ୍ପୋଦ୍ୟୋଗୀ ତାଲିମ ଶିବିର ଉଦ୍‌ଯାପିତ

ପିପିଲି,୩୦।୧(ଡି.ଏନ୍.ଏ.): ପିପିଲି ବ୍ଲକ ଜଇସପାଟଣା ଛକରେ ଥିବା ରଶ୍ମିରେଖା ଛତୁ ଉତ୍ପାଦନ କେନ୍ଦ୍ରରେ ଏମ୍‌ଏସ୍‌ଏମ୍‌ଇ ଏବଂ ଡିଆଇସିର ମିଳିତ ସହଯୋଗରେ ୧୫ଦିନ ଧରି ଚାଲିଥିବା ଶିଳ୍ପୋଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଓ ତାଲିମ ଶିବିରର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ପୁରୀ, କଟକ ଏବଂ ଖୋର୍ଦ୍ଧା ଜିଲାର ମୋଟ ୩୮ଜଣ ମହିଳା ଏବଂ ପୁରୁଷ ପ୍ରଶିକ୍ଷଣ ନେଇଥିଲେ। ଏଥିରେ ଡିଆଇସି କର୍ମକର୍ତ୍ତା, ବ୍ୟାଙ୍କ ଅଫିସର ଏବଂ ଅଭିଜ୍ଞ ଶିଳ୍ପପତିମାନେ ଆସି ବିଭିନ୍ନ ସମୟରେ ଶିକ୍ଷା ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ଭୁବନେଶ୍ୱରସ୍ଥିତ ଓଇଡିର ସଂଯୋଜକ ସୁବ୍ରତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଲିମ ନେଇଥିବା ସମସ୍ତ ବ୍ୟକ୍ତିଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଇଡିର ପ୍ରୋଗ୍ରାମ ଅଫିସର ଜି.ଏନ. ଭୋଳ ଏବଂ ସମ୍ମାନିତ ଅତିଥି ଭାବେ ରଶ୍ମିରେଖା ଉତ୍ପାଦନ କେନ୍ଦ୍ରର ନିର୍ଦ୍ଦେଶକ ସଞ୍ଜୀବ କୁମାର ମହାନ୍ତି ଯୋଗଦେଇ ସମସ୍ତଙ୍କୁ ସ୍ୱାବଲମ୍ବୀ ହେବା ଦିଗରେ ବକ୍ତବ୍ୟ ମାଧମରେ ଉତ୍ସାହିତ କରିଥିଲେ।

## ବନ୍ଧୁମିଳନ, ପର୍ଯ୍ୟଟନସ୍ଥଳ ଭ୍ରମଣ

ପିପିଲି,୩୦।୧(ଡି.ଏନ୍.ଏ.): ପିପିଲି ବ୍ଲକ ଅନ୍ତର୍ଗତ ଜବାହର ବିଦ୍ୟାପୀଠରେ ୧୯୭୮ ମାଟ୍ରିକ୍ ବ୍ୟାଚ ଛାତ୍ରମାନଙ୍କ ଏକ ବନ୍ଧୁମିଳନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୮ଯୋଡ଼ା ଦମ୍ପତି ପର୍ଯ୍ୟଟନସ୍ଥଳ ଭ୍ରମଣର ବ୍ୟବସ୍ଥା କରିଥିଲେ। ଚିଲିକା ହ୍ରଦ, ଅଲାରନାଥ, ବାଲିହରଚଣ୍ଡୀ ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ମହାପ୍ରସାଦ ସେବନ ପରେ ଗୋଲ୍‌ଡ୍ରେନ୍ ବିଚ୍ ମହୋଦଧିର ସନ୍ଧ୍ୟାକାଳୀନ ଦୃଶ୍ୟ ଉପଭୋଗ କରିଥିଲେ। ବସ୍‌ଯାତ୍ରା ସମୟରେ ପରସ୍ପର ଭାବର ଆଦାନ ପ୍ରଦାନ ସହ ସ୍କୁଲ ସମୟର ସ୍ମୃତି ବଖାଣିଥିଲେ। ଏହି କାର୍ଯ୍ୟକ୍ରମର ଦାୟିତ୍ୱ ଲକ୍ଷ୍ମୀଧର ପ୍ରଧାନ, ବିଜୟ ଛୋଟରାୟ, ଅଖିଳ ସ୍ୱାଇଁ ଓ ଶରତ ପ୍ରଧାନ ନେଇଥିବାବେଳେ ବେଣୁଧର, ଭାସ୍କର, ଭିକାରୀ, ରମେଶ ସହାୟତା କରିଥିଲେ। ସମ୍ପୃକ୍ତ ବନ୍ଧୁମାନଙ୍କ ସହଧର୍ମିଣୀଙ୍କ ମଧ୍ୟରେ ଏକ ଘନିଷ୍ଠ ସମ୍ପର୍କ ସ୍ଥାପନ ହୋଇଥିଲା।

## ୧୯୯୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

କୋଣାର୍କ,୩୦।୧(ଡି.ଏନ୍.ଏ.): କୋଣାର୍କର ଅନସରାସ୍ଥିତ ରୁଦ୍ରଣୀ ଉଚ୍ଚ ବିଦ୍ୟାଳୟ ୧୯୯୨ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ସମାରୋହ ରାମଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୁରାତନ ସ୍ମୃତି ବାଣ୍ଟିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ଅନିତା ରାୟ ଚୁଡ଼ାମଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ ସେଠ, ସୁମନ୍ତ ସେଠ, ସୁଶାନ୍ତ ବେହେରା, ବିଜୟ ନନ୍ଦି, ପ୍ରକାଶ, ସଦାଶିବ ମାଣ୍ଡୋଇ, ମମତା ସ୍ୱାଇଁ ଓ ଲଳିତା ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରଶାସନକୁ ଦୋଷ ଦେଲା ପୁଷ୍ପାଳକ ନିଯୋଗ

ପୁରୀ ଅଫିସ,୩୦।୧:



ବୈଠକରେ ଯୋଗଦେଇଥିବା ଜିଲାପାଳ ସମର୍ଥ ବର୍ମା ଓ ପୁଷ୍ପାଳକ ନିଯୋଗର ସଦସ୍ୟମାନେ ।

- ସୁନାବେଶ ନୀତିକାନ୍ତିରେ ବିଳମ୍ବ ଘଟଣା
- ଆଜି ମେକାପ ସେବାୟତଙ୍କ ସହ ବୈଠକ

ପୌଷ ପୂର୍ଣ୍ଣିମାରେ ସୁନାବେଶ ନୀତିକାନ୍ତିରେ ବିଳମ୍ବ ହୋଇଥିବା ଘଟଣାକୁ ନେଇ ଶନିବାର ପୁଷ୍ପାଳକ ନିଯୋଗ ସହ ଶ୍ରୀମନ୍ଦିର ଓ ଜିଲା ପ୍ରଶାସନର ଏକ ବୈଠକ ହୋଇଛି। ପୂର୍ବରୁ ପୁଷ୍ପାଳକ ଓ ଭଣ୍ଡାର ମେକାପ ସେବାୟତମାନଙ୍କ ମଧ୍ୟରେ ଉପୁଜୁଥିବା ବିବାଦ ଯୋଗୁ ନୀତିକାନ୍ତିରେ ବିଳମ୍ବ ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ କୁମାର କହିଥିଲେ। କିନ୍ତୁ ଶନିବାର ବୈଠକ ପରେ ପୁଷ୍ପାଳକ ନିଯୋଗ ସମ୍ପାଦକ ସିଧାସଳଖ ଶ୍ରୀମନ୍ଦିର ପ୍ରଶାସନକୁ ନୀତି ବିଳମ୍ବ ପଛର ଦାୟୀ ବୋଲି କହିଛନ୍ତି। ସମ୍ପାଦକ ହରେକୃଷ୍ଣ ସିଂହାରୀଙ୍କ କହିବା ଅନୁଯାୟୀ, ଶ୍ରୀଜୀଉଙ୍କ ସୁନା କିରୀଟିରେ ଓଜନ ପାଖାପାଖି ୬୫ କିଲୋଗ୍ରାମ। ୩ ଜଣ ସେବାୟତ ଏହାକୁ ୨୫ ଫୁଟ୍ ଉପରକୁ ଉଠାଇବା ଆଦୌ ସମ୍ଭବ ନୁହେଁ। ତେଣୁ ଅଧିକ ସେବକ ଆବଶ୍ୟକ ହେବା ସ୍ୱାଭାବିକ କଥା। ତେବେ ଏହା ନୂଆ କଥା ନୁହେଁ ବିଗତ ଦିନରେ ମଧ୍ୟ ଏହିଭଳି ଭାବେ କାର୍ଯ୍ୟ ହୋଇଛି। ମାତ୍ର ପୌଷ ପୂର୍ଣ୍ଣମୀ ଦିନ ଶ୍ରୀମନ୍ଦିର କର୍ମଚାରୀ ପହଞ୍ଚି ରତ୍ନବେଦୀ ଉପରକୁ ୩ରୁ ଅଧିକ ସେବକଙ୍କୁ ଉଠିବାକୁ ବାରଣ କରିଥିଲେ। ଫଳରେ ସେବା ବାଧାପ୍ରାପ୍ତ ହୋଇଛି। ଗୋଷ୍ଠୀଗତ ଭାବେ ସେବା କରିବାର ଅଧିକାର ଆମର ରହିଛି। ରେକର୍ଡ ଅଫ୍ ରାଇଟ୍ସରେ ଉଲ୍ଲେଖ ରହିଛି ଯେ ପାଳିଆମାନେ ଓ ପୁଷ୍ପାଳକମାନେ ସେବା କରିବେ। ଗୋଟି ପାଳିରେ ୩ ଜଣଙ୍କୁ ସେବା ଅନୁମତି ଥିଲେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟକ ସେବାୟତଙ୍କୁ ଅନୁମତି ଦେବା କଥା ରେକର୍ଡ ଅଫ୍ ରାଇଟ୍ସରେ ଉଲ୍ଲେଖ ହୋଇନାହିଁ। ସମୁଦାୟ ୧୧୪ ଜଣଙ୍କୁ ସେବା ଅନୁମତି ରହିଛି। ମାତ୍ର ସମସ୍ତେ ସେବା କରିବା ସମ୍ଭବ ନୁହେଁ। ତେଣୁ ଏକାବେଳେ ୬ରୁ ୭ଜଣ ସେବା କରିଥାନ୍ତି। ସେମାନେ କ୍ଲାନ୍ତ ଅନୁଭବ କଲେ ଅନ୍ୟଙ୍କୁ ସେବା କରିବାର ସୁଯୋଗ ମିଳେ। ତେବେ ପ୍ରଶାସନ ୩ ଜଣଙ୍କ କଥା କହିବା ପରେ ହିଁ ସେବା ବନ୍ଦ ହୋଇଛି। ତେବେ ଶ୍ରୀମନ୍ଦିର ପ୍ରଶାସନର ଦୋଷ ଦୁର୍ବଳତା ବିଷୟରେ ପୁଷ୍ପାଳକ ନିଯୋଗ ବଖାଣିଥିବାବେଳେ ଭଣ୍ଡାର ମେକାପଙ୍କ ସମ୍ପର୍କରେ ପଦୁଟିଏ କହିନାହାନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଯଦି ବିବାଦ ଦୁଇ ନିଯୋଗ ମଧ୍ୟରେ ଉପୁଜୁଛି ତେବେ ପୁଷ୍ପାଳକ ନିଯୋଗ କେବଳ ପ୍ରଶାସନକୁ କାହିଁକି ଟାର୍ଗେଟ କଲେ। ରବିବାର ଭଣ୍ଡାର ମେକାପରେ ପୁଷ୍ପାଳକ ନିଯୋଗର ପ୍ରତିନିଧିମାନଙ୍କ ସହ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜିଲାପାଳ ସମର୍ଥ ବର୍ମା ଓ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ।



ଗାନ୍ଧୀଙ୍କ ବେଶରେ ପୁରୀକୁ ସ୍ୱଚ୍ଛ ବାର୍ତ୍ତା ଦେଇ ଆମେ ଶ୍ରୀକ୍ଷେତ୍ରବାସୀ ଅନୁଷ୍ଠାନର ସଦସ୍ୟମାନେ ସିଂହଦ୍ୱାର ଆଗରେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ।

## ମହାତ୍ମା ଗାନ୍ଧୀଙ୍କ ପୁଣ୍ୟ ତିଥିରେ ସ୍ୱଚ୍ଛତା ବାର୍ତ୍ତା

ପୁରୀ ଅଫିସ,୩୦।୧:

ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ତିଥିରେ ଆମେ ଶ୍ରୀକ୍ଷେତ୍ରବାସୀ ଅନୁଷ୍ଠାନ ତରଫରୁ ପୁରୀରେ ସ୍ୱଚ୍ଛତା ବାର୍ତ୍ତା କାର୍ଯ୍ୟକ୍ରମର ଆୟୋଜନ ହୋଇଛି। ଗାନ୍ଧୀଘାଟରେ ମହତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଗାନ୍ଧୀଘାଟଠାରୁ ଶୋଭାଯାତ୍ରାରେ ବାହାରି ସ୍ୱଚ୍ଛତା ବାର୍ତ୍ତା ପ୍ରଚାର କରାଯାଇଛି। କେତେଜଣ ବ୍ୟକ୍ତି ଗାନ୍ଧୀ ବେଶ ଧାରଣ କରି ସଚେତନ କରିଥିଲେ। ଶୋଭାଯାତ୍ରା ସିଂହଦ୍ୱାରରେ ପହଞ୍ଚି ସେଠାରେ ୭୩ଟି ଦୀପଦାନ ଓ ପ୍ରଦୀପ ପ୍ରଜ୍ୱଳନ କରିବା ସହ ସାଲବେଗ ପୀଠରେ ଗାନ୍ଧିଜୀଙ୍କର ଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଛି। ଓଡ଼ିଶା ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ଏହି ଚିତ୍ରକଳା କାର୍ଯ୍ୟକ୍ରମ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ଦୁର୍ଗାମାଧବ କରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ୧୨ଜଣ ବିଦ୍ୟାର୍ଥୀ ଭାଗ ନେଇଥିଲେ।

## ଗାନ୍ଧୀ ଦର୍ଶନ, ଶିକ୍ଷା ସମ୍ପର୍କରେ ଆଲୋଚନାଚକ୍ର

ଡେଲାଙ୍ଗ, ୩୦।୧(ଡି.ଏନ.ଏ):

ଡେଲାଙ୍ଗ ବ୍ଲକ ମୁନିନ୍ଦା ପଞ୍ଚାୟତର କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଶହୀଦ ଦିବସ ଅବସରରେ ଗାନ୍ଧୀ ଦର୍ଶନ ଓ ଶିକ୍ଷା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ଡ.ବିଜୟ କୁମାର ସାହୁ ଯୋଗ ଦେଇ ଗାନ୍ଧୀ ଦର୍ଶନ ଓ ଆଜିର ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଲେଖକ ଡ.ଭଗବାନ ପ୍ରକାଶ, ପୂର୍ବତନ ଏମ୍‌ପି ଡ.ପ୍ରସନ୍ନ ପାଟଶାଣୀ, ଅଧ୍ୟାପକ ତଥା ସ୍କୁଲ ସମ୍ପାଦକ ଶଶାଙ୍କ ଚୂଡାମଣୀ, ଲେଖକ ଗୌରାଙ୍ଗଚରଣ ପରିଡ଼ା, ଡ.ହାରୁନ ରସିଦ୍ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଚୂଡାମଣୀଙ୍କ ଦ୍ୱାରା ସମ୍ପାଦିତ ହିନ୍ଦୀ ସଂସ୍କରଣ ପୁସ୍ତକ 'ଗାନ୍ଧିଜୀ ଔର ଓଡ଼ିଶା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ରମେଶ ପରିଡ଼ା, ହରିଚନ୍ଦନ, ମହିରି ପରିଡ଼ା ଓ ଅଜିତ ରାୟ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ପିପିଲି ବ୍ଲକ କଂଗ୍ରେସ ସଭାପତି ହେଲେ ଜିତୁପ୍ରକାଶ

ପିପିଲି,୩୦।୧(ସ୍ୱ.ପ୍ର.):

ପିପିଲି ଇନ୍ଦିରା ମୈଦାନଠାରେ ପିପିଲି ବ୍ଲକ ଓ ଏନଏସି କଂଗ୍ରେସ ତରଫରୁ ଶନିବାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପିପିଲି ବ୍ଲକ ପୂର୍ବତନ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୁରୀ ଜିଲା ପ୍ରଭାରୀ ବିଜୟାଲକ୍ଷ୍ମୀ ସାହୁ ଯୋଗ ଦେଇଥିଲେ। ପ୍ରମୁଖ ଅତିଥି ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର, ପୁରୀ ଜିଲା କଂଗ୍ରେସ ସଭାପତି ଅଜିତ ମଙ୍ଗରାଜ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ନିରୁପମା ପାତ୍ର ଯୋଗଦେଇଥିଲେ। ଏଥିରେ ଆଗାମୀ ଉପନିର୍ବାଚନରେ ସଂଗଠନ କିପରି ସୁଦୃଢ଼ ହେବ ସେନେଇ ଅତିଥିମାନେ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ପିପିଲି ବ୍ଲକ କଂଗ୍ରେସ ସଭାପତି ଭାବେ ମଙ୍ଗଳପୁରର ଯୁବ କଂଗ୍ରେସ କର୍ମୀ ଜିତୁପ୍ରକାଶ ପରିଡାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ପିପିଲି ପୌରାଞ୍ଚଳ କଂଗ୍ରେସ ସଭାପତି ପଦ ପାଇଁ ସେକ୍ ଆବିଦ୍ ଉଦ୍ଦିନ ଓ ସେକ ମେହେବୁବ୍‌ଙ୍କ ନାମ ବଛାଯିବାରୁ ଉଭୟଙ୍କ ନାମକୁ ରାଜ୍ୟ ପିସିସିକୁ ପଠାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଏଥିରେ ପ୍ରମୋଦ ପଲେଇ, ପ୍ରଦୀପ ବଡେଇ, ବିଜୟ ଦାସ, ଚନ୍ଦନ ସେଠୀ, ସେକ୍ ବାବୁଲା, ମହେନ୍ଦ୍ର ନାୟକ, ରଞ୍ଜିତ ମହାପାତ୍ର, ପ୍ରଶାନ୍ତ ବରାଳଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।

## ସଚେତନତା ପାଇଁ ବେଳାଭୂମିରେ ଟ୍ରେକିଂ

ପୁରୀ ଅଫିସ,୩୦।୧:



ଭୁବନେଶ୍ୱର ସାଇକେଲିଂ ଆଣ୍ଡ ଆଡଭେଞ୍ଚର କ୍ଲବ୍ ପକ୍ଷରୁ ପୁରୀରୁ ଚିଲିକା ମୁହାଣ ଧଳାବାଲି ପର୍ଯ୍ୟନ୍ତ ଟ୍ରେକିଂ କାର୍ଯ୍ୟକ୍ରମ ଶନିବାର ପୁରୀ ବେଳାଭୂମିଠାରେ ଅନୁଷ୍ଠିତ ହୋଇଛି। ପୁରୀରୁ ଚିଲିକା ବେଳାଭୂମି ପର୍ଯ୍ୟନ୍ତ ୩୦ କିଲୋମିଟର ରାସ୍ତା ଅତିକ୍ରମ କରିବା ପାଇଁ ୭୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏମାନେ ପୁରୀ ବେଳାଭୂମି ଅତିକ୍ରମ କରିବା ପରେ ଷ୍ଟର୍ଲିଂ ହୋଟେଲ ପାଖରୁ ଡଙ୍ଗା ଯୋଗେ ମଙ୍ଗଳା ନଦୀ ପାର ହେବେ। ସେଠାରୁ ୧୫ କିଲୋମିଟର ରାସ୍ତା ଚାଲିବା ପରେ ବାଲି ହରଚଣ୍ଡୀ ବେଳାଭୂମିରେ ପହଞ୍ଚିବେ। ସେଠାରୁ ପୁନଶ୍ଚ ୧୫ କିଲୋମିଟର ରାସ୍ତା ଅତିକ୍ରମ କରିବା ପରେ ଚିଲିକା ମୁହାଣ ଧଳାବାଲିଠାରେ ପହଞ୍ଚିବେ। ସେହିଭଳି ବେଳାଭୂମିରେ ଅସ୍ଥାୟୀ କ୍ୟାମ୍ପ କରି ବିଶ୍ରାମ ନେବେ। ତେବେ ବେଳାଭୂମି ଦେଇ ଚିଲିକା ମୁହାଣରେ ପହଞ୍ଚିବା ପର୍ଯ୍ୟନ୍ତ ଟ୍ରେକିଂ କାଳରେ ସାଧାରଣ ଲୋକ ଓ ମାଛଧରାଳିମାନଙ୍କୁ ଅଲିଭ୍ ରିଡଲେଙ୍କ ସୁରକ୍ଷା ସମ୍ପର୍କିତ ସଚେତନତା ଦିଆଯିବ। ଧଳାବାଲିରେ ପହଞ୍ଚି ସେଠାରେ ବେଳାଭୂମି ସଫା କରି ଟ୍ରେକରମାନେ ଫେରିବେ।

## ଅଲିମ୍ପିକ ଯୋଗ୍ୟତା ହାସଲ କରିଥିବା ଜାଭେଲିନ୍ ଥ୍ରୋ ଗ୍ରୁପ୍‌ର ପୁରୀ ଗସ୍ତ

ପୁରୀ ଅଫିସ,୩୦।୧:

ଟୋକିଓ ଅଲିମ୍ପିକ୍ ଖେଳିବା ନେଇ ଯୋଗ୍ୟତା ଅର୍ଜନ କରିଥିବା ଜାଭେଲିନ୍ ଥ୍ରୋ ଗ୍ରୁପ୍ ଶନିବାର ପୁରୀରେ ପହଞ୍ଚିଛି। ଏହି ଗ୍ରୁପରେ ନୀରଜ ଚୋପ୍ରା, ଶିବପାଲ ସିଂ, ରାଜିନ୍ଦର ସିଂ, ରୋହିତ ଯାଦବ, ଇଶାନ, ସୁଶ୍ରୀ ଅନୁରାଣୀ ପ୍ରମୁଖ ରହିଛନ୍ତି। ସେମାନଙ୍କୁ ପ୍ରଥମେ ସର୍କିଟ ହାଉସରେ ସ୍ୱାଗତ ଜଣାଇବା ପରେ ସେମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏହାପରେ ପୁରୀ ବେଳାଭୂମିରେ କିଛି ସମୟ ଅତିବାହିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଗ୍ରୁପ୍ ଟୋକିଓ ଅଲିମ୍ପିକ୍ ନିମନ୍ତେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ତାଲିମ ଶିବିରରେ ଯୋଗ ଦେଇଛନ୍ତି। ଏହି ଗ୍ରୁପକୁ ସ୍ୱାଗତ କରିବା ବେଳେ ଜିଲା କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ, ଜିଲା ଆଥଲେଟିକ ସଂଘର ସମ୍ପାଦକ ରବିଶଙ୍କର ପ୍ରତିହାରୀ, ପାରା ଆଥଲେଟ୍ ଜୟନ୍ତୀ ବେହେରା, ବିଷ୍ଣୁପ୍ରସାଦ ମିଶ୍ର ଓ ପାର୍ଥସାରଥି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୨ ସ୍ୱାସ୍ଥ୍ୟକେନ୍ଦ୍ର ବୁଲିଲେ କାୟାକଳ୍ପ ଟିମ୍



ନିମାପଡାର ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଆସିଥିବା କାୟାକଳ୍ପ ଟିମ୍ ।

ନିମାପଡ଼ା/ ଡେଲାଙ୍ଗ, ୩୦।୧(ଡି.ଏନ୍.ଏ.):

ରାଜ୍ୟର କାୟାକଳ୍ପ ଟିମ୍ ଶନିବାର ନିମାପଡ଼ା ବ୍ଲକ ଅଧୀନ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଟିମ୍‌ର ଅଧିକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ୱାର୍ଡ, ଓଟି, ଔଷଧ ବିତରଣ କେନ୍ଦ୍ର, ଔଷଧୀୟ ବଗିଚା ବୁଲି ଦେଖିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା ତଦାରଖ କରିଥିଲେ। ଏପରିକି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ଉତ୍ତମ ସେବା କିଭଳି ମିଳୁଛି ସେନେଇ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ପଚାରି ବୁଝିଥିଲେ। ଟିମ୍‌ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା.ଦୀପକ ବିଶୋଇ, ରାଜ୍ୟ ପ୍ରୋଗ୍ରାମ ମ୍ୟାନେଜର ଡା. ବିଶ୍ୱରଞ୍ଜନ ପୁରୋହିତ, ଡା. ଜ୍ଞାନରଞ୍ଜନ ପ୍ରଧାନ, ଡା. ପି. ନାରାୟଣ ରାଓ, ଅଶୋକ ସାହୁ ପ୍ରମୁଖ ସମୀକ୍ଷା କରିଥିଲେ। ଏଥିରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟ, ଡା.ଏସ୍.କେ.ଜେନା, ଡା. ଅଭିନନ୍ଦନ ମହାପାତ୍ରଙ୍କ ସମେତ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ। ସେହିଭଳି ଏହି ଟିମ୍ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ପରିଦର୍ଶନ କରିଛନ୍ତି। କରୋନା ସମୟରେ କିଭଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତରମାନେ ପରିଚାଳନା କରୁଥିଲେ ସେନେଇ ଅଧିକାରୀମାନେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଏଥିରେ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ତ୍ରିପାଠୀ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଦିଲୀପ ପରିଡ଼ା, ବଳରାମ ପଟ୍ଟନାୟକ, ଶିବଉପାସିନୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## 'ଛାତ୍ରୀଛାତ୍ର ସମୟାନୁବର୍ତ୍ତୀ ହେବା ଜରୁରୀ'



ବ୍ରଜସୁନ୍ଦର ଶିକ୍ଷା ପରିଷଦର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ।

### ବ୍ରଜସୁନ୍ଦର ଶିକ୍ଷା ପରିଷଦର ବାର୍ଷିକୋତ୍ସବ

ବାଣପୁର, ୩୦।୧(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବାଣପୁର ପଞ୍ଚୁଗାଁଠାରେ ବ୍ରଜସୁନ୍ଦର ଶିକ୍ଷା ପରିଷଦର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ବାନାମ୍ବର ଏକାଡେମୀର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ସେନାପତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ବିବେକାନନ୍ଦ ପାଣିଗ୍ରାହୀ ଯୋଗଦେଇ ଖୋର୍ଦ୍ଧା ଜିଲାର ସାହିତ୍ୟ ଏକାଡେମୀ ସଭ୍ୟଭାବେ ବାଣପୁର ଅଞ୍ଚଳର ସାହିତ୍ୟିକଙ୍କ ବିକାଶ ନିମନ୍ତେ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଗାଳ୍ପିକା ଡ. ବାସନ୍ତୀ ମହାନ୍ତି ଯୋଗ ଦେଇ ସାହିତ୍ୟର ମୂଲ୍ୟବୋଧକୁ ସମାଜ ନିମନ୍ତେ ଅଭିପ୍ରେତ କରିବା ଦରକାର ବୋଲି କହିଥିଲେ । ପରିଷଦ ସମ୍ପାଦକ ବ୍ରଜସୁନ୍ଦର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିବା ସହିତ,ପୁସ୍ତକଗତ ବିଦ୍ୟାକୁ ଛାତ୍ରୀଛାତ୍ର ଗ୍ରହଣ କରି ଡିଗ୍ରୀ ହାସଲ କଲେ ହେବ ନାହିଁ, ବରଂ ଚରିତ୍ରବାନ ତଥା ସମୟାନୁବର୍ତ୍ତୀ ହେବା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡ.ନୃସିଂହ ଚରଣ ପ୍ରଧାନ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକାକୁ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ଭାବେ ଅଜିତ ଦାଶ ଯୋଗ ଦେଇଥିଲେ । ଉକ୍ତ ଉତ୍ସବରେ ୧୨ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ମୁଖପତ୍ର 'ଶିକ୍ଷା ସଳିତା' ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଧିଷଣାର ସମ୍ପାଦିକା ଡ.ଶର୍ମିଷ୍ଠା ମହାପାତ୍ର । କାର୍ଯ୍ୟକ୍ରମରେ ଗୋଲକ ବିହାରୀ ପଟ୍ଟନାୟକ, ବାଳମୁକୁନ୍ଦ ଦାଶ, କେଦାର ନନ୍ଦ, ନମିତା ଦାଶ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପିକା ସଂଘମିତ୍ରା ଓ ସସ୍ମିତା । ପ୍ରଧାନ ଶିକ୍ଷକ ପବିତ୍ର ସେଣ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷି ଆଇନ ବିରୋଧରେ ଗାନ୍ଧୀଘାଟରେ ଅନଶନ

ପୁରୀ ଅଫିସ,୩୦।୧:

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଅବସରରେ ପୁରୀ ଗାନ୍ଧୀଘାଟରେ ଶନିବାର କୃଷି ଆଇନ ବାତିଲ ଦାବିରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଅନଶନ କରାଯାଇଛି। ୬୫ ଦିନ ଧରି ଚାଷୀମାନେ ଶୀତକାକରରେ ପଡ଼ି ରହି କୃଷି ଆଇନକୁ ବିରୋଧ କରୁଥିବା ବେଳେ ସରକାର ସମସ୍ୟାର ସମାଧାନ ଖୋଜୁ ନାହାନ୍ତି। ଏହାବଦଳରେ ଚାଷୀଙ୍କ ଉପରେ ଚାପପ୍ରୟୋଗ କରି ଆନ୍ଦୋଳନକୁ ଚପାଇବା ପାଇଁ ପ୍ରୟାସ କରୁଛନ୍ତି। ମୋଦି ସରକାର କର୍ପୋରେଟ୍ ସ୍ୱାର୍ଥରେ ଏଭଳି ନିଷ୍ପତ୍ତି ନେଉଛି ଓ ଏହା ଚାଷୀ ବିରୋଧୀ ଆଇନ ଅଟେ। ଏପର୍ଯ୍ୟନ୍ତ ଆନ୍ଦୋଳନରେ ଅଧିକାଂଶ କୃଷକ ଆଇନକୁ ବିରୋଧ କରି ପ୍ରାଣବଳି ଦେଇ ସାରିଲେଣି। ସରକାରଙ୍କ ନୂତନ କୃଷି ଆଇନ ନ ହଟିବା ପର୍ଯ୍ୟନ୍ତ ଚାଷୀ ଶ୍ରେଣୀ ଚୁପ୍ ବସିବ ନାହିଁ ବୋଲି ସମିତି ସଦସ୍ୟ ଶରତ କୁମାର ରାୟଗୁରୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ଦେଓ, ପ୍ରଦୀପ୍ତ ମହାନ୍ତି, ମୋହନ ନାଇଡୁ, ଭୀମସେନ ସ୍ୱାଇଁ, ଅଶୋକ ପ୍ରଧାନ ଓ ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ସଦସ୍ୟମାନେ ଗାନ୍ଧୀଘାଟରେ ଅନଶନ କରୁଛନ୍ତି ।

# ପଞ୍ଚାୟତସ୍ତରରେ ହେବ ପାଠାଗାର ନିର୍ମାଣ

ପୁରୀ ଅଫିସ,୩୦।୧:




କର୍ମଶାଳାରେ ଉପସ୍ଥିତ ସରପଞ୍ଚମାନଙ୍କ ସହ ଜିଲାପାଳ ସମର୍ଥ ବର୍ମା ଆଲୋଚନା କରୁଛନ୍ତି ।

### ସ୍ଥାନ ଚିହ୍ନଟ କରିବେ ସରପଞ୍ଚ

ଗ୍ରାମପଞ୍ଚାୟତ ସ୍ତରରେ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ପୁରୀ ଜିଲାର ସମସ୍ତ ସରପଞ୍ଚଙ୍କୁ ନେଇ ସମୀକ୍ଷା ଓ କର୍ମଶାଳା ବୈଠକ ଶନିବାର ସ୍ଥାନୀୟ ନୀଳାଦ୍ରିଭକ୍ତ ନିବାସରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲାପାଳ ସମର୍ଥ ବର୍ମାଙ୍କ ସଭାପତିତ୍ୱରେ ସବୁ ବ୍ଲକ୍‌ର ବିଡିଓ, ୨୬୮ ପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଯୋଗ ଦେଇଛନ୍ତି। ବୈଠକରେ ପଞ୍ଚାୟତ ସ୍ତରରେ ପାଠାଗାର ଓ ଆମୋଦ ପ୍ରମୋଦ ଉଦ୍ୟାନ ନିର୍ମାଣ କରିବା ନେଇ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ସପ୍ତାହକ ମଧ୍ୟରେ ଜାଗା ଚିହ୍ନଟ କରି ଜିଲା ପ୍ରଶାସନକୁ ଜଣାଇବା ପାଇଁ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପଞ୍ଚାୟତ ସ୍ତରରେ ଥିବା ଖେଳପଡ଼ିଆର ମଧ୍ୟ ବିକାଶ କରାଯିବ। ଏଥିପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅଧିକ ଶ୍ରମ ଦିବସ ସୃଷ୍ଟି ନେଇ ପ୍ରୟାସ ହେବ। କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନ ପାଣ୍ଠିର ସମ୍ପୂର୍ଣ୍ଣ ବିନିଯୋଗରେ ପଞ୍ଚାୟତଗୁଡ଼ିକରେ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯିବ। ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ନେଇ ବକେୟା କାର୍ଯ୍ୟ ତୁରନ୍ତ ଶେଷ ହେବ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୀତିରଞ୍ଜନ ସେନଙ୍କୁ ଜିଲାପାଳ ବର୍ମା ଏନେଇ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପ୍ରତି ପଞ୍ଚାୟତର ସମସ୍ୟା ସବୁ ଗ୍ରାମ ସଭା ଓ ଆଲୋଚନା କରି ସରପଞ୍ଚମାନେ ସମାଧାନ କରିବେ। ଏହାସହ ଗ୍ରାମୀଣ ଗୃହ ନିର୍ମାଣ ଓ ମିଶନ ଶକ୍ତି ଗୃହ ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ଏହି ଅବସରରେ ଆଲୋଚିତ ପ୍ରସଙ୍ଗ ଉପରେ ସରପଞ୍ଚମାନଙ୍କ ମତ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରବି ନାରାୟଣ ତ୍ରିପାଠୀ, ବିମଳ ଚନ୍ଦ୍ର ତିରିୟା, ଜିଲା ପଞ୍ଚାୟତ ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୩୧ ଜାନୁୟାରୀ, ୨୦୨୧

**ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଗଣଉପବାସ ପାଳିତ**

ବୋଲଗଡ଼,(ଡି.ଏନ୍.ଏ.): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସକୁ ଶହୀଦ ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର ବୋଲଗଡ ବ୍ଲକ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କେତେଜଣ ଚାଷୀଙ୍କୁ ନେଇ ସ୍ଥାନୀୟ ଗାନ୍ଧୀ ମଣ୍ଡପରେ ଗଣଉପବାସ ପାଳନ କରାଯାଇଛି। କିଷାନ ମୋର୍ଚ୍ଚାର ମୁଖ୍ୟ ରାକେଶ ଟିକାୟତଙ୍କ ଆହ୍ୱାନରେ ଖୋର୍ଦ୍ଧା ଜିଲା ସଭାପତି ସୁରେଶ ମାନସିଂହ, ବ୍ଲକ ସଭାପତି ଜୟନ୍ତ ତ୍ରିପାଠୀ, ବୈକୁଣ୍ଠ ନାଥ ମହାପାତ୍ର, ସୁଶାନ୍ତ ବେହେରା, ଜଳଧର ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।



## ସଂକ୍ଷେପରେ

### ଖଣ୍ଡା, ବାଇକ୍ ଜବତ: ୯ ଗିରଫ



ଜଟଣୀ,୩୦।୧(ଡି.ଏନ୍.ଏ.): ଜଟଣୀ ପୋଲିସ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ୯ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏମାନଙ୍କ ନିକଟରୁ ଖଣ୍ଡା, ଲୁହାରଡ, ୧୦ଟି ବାଇକ୍ ଓ ଲଙ୍କାଗୁଣ୍ଡ ଜବତ ହୋଇଛି। ସୂଚନା ମୁତାବକ, ଏକ ଡକାୟତି ଘଟଣାରେ ପୋଲିସ ଜଟଣୀ ମୁଣ୍ଡିଆସାହି ଅଞ୍ଚଳର ଏସ୍.କେ. ଆଜିମ, ରାଜା ବଜାରର ରେହମାନ ସରିଫ, ପଦନପୁରର ରଘୁନାଥ ଦାସ, ବଡ଼ନୂଆଗାଁର ରଞ୍ଜନ ବାରିକଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୬୭/୨୧)ରୁଜୁ ହୋଇଛି। ସେହିପରି ବାଇକ୍ ଚୋରି ଘଟଣାରେ ପୋଲିସ ଜଟଣୀ ପଦନପୁରର ରାଜେନ୍ଦ୍ର ମହାପାତ୍ର ଓ ତିରିମଲର ରଘୁନାଥ ସେଠୀଙ୍କୁ ଗିରଫ କରିଛି। ଏମାନଙ୍କ ନିକଟରୁ ୧୦ଟି ବାଇକ ଜବତ ହୋଇଛି। ଏହି ଦୁଇ ଲୁଟେରା ଜଟଣୀ, ଡେଲାଙ୍ଗ, ପିପିଲି ଓ ଭୁବନେଶ୍ୱର ଅଞ୍ଚଳରୁ ବାଇକ୍ ଚୋରି କରିଥାନ୍ତି ବୋଲି ପୋଲିସ କହିଛି। ଏନେଇ ଥାନାରେ ମାମଲା (ନଂ.୪୪/୨୧)ରୁଜୁ ହୋଇଛି। ଅନ୍ୟ ଏକ ଚୋରି ଘଟଣାରେ ପୋଲିସ ପଦନପୁରର ନାଲୁ ନାୟକ, ବାଦଲ ନାୟକ, ବଛରାପାଟଣାର ସଞ୍ଜୟ ନାୟକଙ୍କୁ ଗିରଫ କରିଛି। ଏମାନଙ୍କ ନିକଟରୁ ପାଣି ମୋଟର ସହ ଚୋରି ସାମଗ୍ରୀ ଜବତ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୬୫/୨୧) ରୁଜୁ ହୋଇଛି।

### ରତିକାନ୍ତ ସଭାପତି, ସୁଧାକର ସାଧାରଣ ସମ୍ପାଦକ

ଖୋର୍ଦ୍ଧା ଅଫିସ,୩୦।୧: ଖୋର୍ଦ୍ଧା ପୌର କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ରତିକାନ୍ତ ପଟ୍ଟନାୟକ ସଭାପତି, ପ୍ରଲେୟଶ ପ୍ରଧାନ ଉପସଭାପତି, ସୁଧାକର ଶତପଥୀ ସାଧାରଣ ସମ୍ପାଦକ, ସୁବ୍ରତ କୁମାର ବେହେରା ଯୁଗ୍ମ ସମ୍ପାଦକ ଏବଂ ଦୁର୍ଗା ଚରଣ ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି ଜୟନ୍ତୀ ନାରାୟଣୀ ସିଂ, ଆଲୋକ କୁମାର ରାଉତରାୟ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଗୋପୀନାଥ ପରିଡା, ପତିତପାବନ ଘଡେଇ ଫକୀର ମହାଭୋଇ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଥିବା ବେଳେ ନାରାୟଣ ଚନ୍ଦ୍ର ଜେନା ଏବଂ ସ୍ୱପ୍ନେଶ୍ୱର ସ୍ୱାଇଁ ଅଡିଟର ଭାବେ ମନୋନୀତ ହୋଇଛନ୍ତି।

### ଫୁଟବଲ: ଫାଇନାଲରେ ବାଲାଜୀ ଏକାଡେମୀ

ନିରାକାରପୁର,୩୦।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଛଣଗିରିଠାରେ ମା’ ଭଗବତୀ ଫୁଟବଲ ଆସୋସିଏଶନ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଶନିବାର ଖୋର୍ଦ୍ଧା ଆର.ଏନ. ଏକାଡେମୀକୁ ହରାଇ ଜଟଣୀର ବାଲାଜୀ ଏକାଡେମୀ ବିଜୟୀ ହେବା ସହ ଫାଇନାଲକୁ ପ୍ରବେଶ କରିଛି। ଫକୀର ଚରଣ ନିଶଙ୍କ, ଶରତ ଚନ୍ଦ୍ର ଛୋଟରାୟ, ସୁକାନ୍ତ ପ୍ରଧାନ ଓ ବିଶ୍ୱଜିତ ସାହୁ ମ୍ୟାଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଜଙ୍କିଆ ଥାନା ଆଇଆଇସି ସତ୍ୟବ୍ରତ ଲେଙ୍କା, ଅତିଥିଭାବେ ଛଣଗିରି ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ବସନ୍ତ କୁମାର ଶଙ୍ଖୁଆ, ପ୍ରଧାନଶିକ୍ଷକ ଘନଶ୍ୟାମ ସ୍ୱାଇଁ, ସୁଶାନ୍ତ କୁମାର ଗଜେନ୍ଦ୍ର, ଏସ୍.କେ ଇସ୍ରାଏଲ, ଅକ୍ଷୟ କୁମାର ଚୌହ୍ୱାନ, ମାନସ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚନ୍ଦନ ମିଶ୍ର ମ୍ୟାଚର ବିବରଣୀ ପ୍ରଦାନ କରିଥିଲେ।

### ଶିକ୍ଷକ ସର୍ବେଶ୍ୱରଙ୍କ ସ୍ମୃତିସଭା

ଟାଙ୍ଗୀ(ଖୋର୍ଦ୍ଧା)୩୦।୧(ଡି.ଏନ୍.ଏ.): ଟାଙ୍ଗୀ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ ଆନୁକୂଲ୍ୟରେ ଶନିବାର ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଶିକ୍ଷକ ସର୍ବେଶ୍ୱର ସୁନ୍ଦରାୟଙ୍କ ୩ୟ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଗୋଦାବରୀଶ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଦେବଦତ୍ତ ମହାନ୍ତି, ବିଜୟ ରାଉତ, ଉଦୟନାଥ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଓଡ଼ିଶାରେ ରାଜସ୍ଥାନୀ ମୂର୍ତ୍ତି ଚୋର ଗ୍ୟାଙ୍ଗ

**ଦକ୍ଷ ପ୍ରଜାପତିଙ୍କ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣା**

- ୪ ଅଭିଯୁକ୍ତ ଗିରଫ
- ୯ ମୂର୍ତ୍ତି, ୪ ତରଳା ପଦାର୍ଥ ଜବତ
- କାମ କରିବା ବାହାନାରେ ଚୋରି କରନ୍ତି
- ସିସିଟିଭି ଫୁଟେଜରୁ ମିଳିଥିଲା ସୁରାକ

ଖୋର୍ଦ୍ଧା ଅଫିସ/ବାଣପୁର, ୩୦।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁରର ପ୍ରସିଦ୍ଧ ଦକ୍ଷ ପ୍ରଜାପତିଙ୍କ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାରେ ପୋଲିସ ରାଜସ୍ଥାନର ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରାଜସ୍ଥାନ ୱାଜିପୁର ଥାନା ଅଞ୍ଚଳର ମୁକେଶ ଚନ୍ଦ୍ର ମୀନା ଓରଫ ଫୁଜି(୪୪), କୈଳାସ ମୀନା(୩୪), ଛୁଟାନ(୩୨) ଏବଂ ମନୋଜ କୁମାର ମୀନା(୩୦)। ଏମାନଙ୍କ ଠାରୁ ୯ଟି ଦେବଦେବୀଙ୍କ ଅଷ୍ଟଧାତୁ ମୂର୍ତ୍ତି, ୪ଟି ତରଳ ପଦାର୍ଥ, ୩ ମୋବାଇଲ ଫୋନ ଏବଂ ଗୋଟିଏ ବ୍ୟାଗ ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ମନୋଜଙ୍କ ନାମରେ ରାଜସ୍ଥାନର ବିଭିନ୍ନ ଥାନାରେ ୯ଟି ମାମଲା ରହିଥିବା ବେଳେ ମୁକେଶଙ୍କ ନାମରେ ୭ଟି, କୈଳାସଙ୍କ ନାମରେ ୬ଟି ଏବଂ ଛୁଟାନଙ୍କ ନାମରେ ୪ଟି ମାମଲା ରହିଛି ବୋଲି ଶନିବାର ବାଣପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି।

ପ୍ରକାଶ ଯେ, ଦକ୍ଷ ପ୍ରଜାପତିଙ୍କ ମନ୍ଦିରରୁ ଡିସେମ୍ବର ୨୨ ବିଳମ୍ବିତ ରାତିରେ ୨୨ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୩୯୮/୨୦) ରୁଜୁ ହୋଇଥିଲା। ମନ୍ଦିରରୁ ମୂର୍ତ୍ତି ଚୋରି ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୋଲିସ ମନ୍ଦିର ନିକଟ ଦୋକାନରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିଥିଲା। ଅଭିଯୁକ୍ତଙ୍କୁ ଧରିବା ଲାଗି ବାଲୁଗାଁ ଏସ୍‌ଡିପିଓ ଏବଂ ବାଣପୁର ପୋଲିସକୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଚଢ଼ାଉ କରିଥିଲା। ଏପରିକି ବିଭିନ୍ନ ସୁନା ବେପାରୀ, ମୂର୍ତ୍ତି କାରିଗରଙ୍କୁ ମଧ୍ୟ ପଚରାଉଚରା କରିଥିଲା। ସିସିଟିଭି ଫୁଟେଜରୁ ମିଳିଥିବା ତଥ୍ୟକୁ ମାଧ୍ୟମ କରି ପୋଲିସ ବରୁଣେଇ ମନ୍ଦିର ନିକଟରେ କୈଳାସଙ୍କୁ ଗିରଫ କରିଥିଲା। ପରେ ତାଙ୍କ ଠାରୁ ସୂଚନା ପାଇ ପୋଲିସ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ଚୋରି ଘଟଣା ସ୍ୱୀକାର କରିଥିଲେ। ଅଭିଯୁକ୍ତମାନେ ପେସାଦାର ମୂର୍ତ୍ତି ଚୋର। ଏମାନେ ବାଣପୁର ଅଞ୍ଚଳର ଜଣେ ଠିକାଦାରଙ୍କ ଅଧୀନରେ କାମ କରୁଥିଲେ। ଏହି ଅଞ୍ଚଳରେ ରହିଥିବା ବିଭିନ୍ନ ମନ୍ଦିର ଉପରେ ନଜର ପକାଇଥିଲେ। ଦକ୍ଷ ପ୍ରଜାପତିଙ୍କ ମନ୍ଦିରରେ ଅଷ୍ଟଧାତୁ ମୂର୍ତ୍ତି ରହିଥିବା ଜାଣିବା ପରେ ଅଭିଯୁକ୍ତମାନେ ଏହାକୁ ଚୋରି କରିବା ଲାଗି ବ୍ଲୁ ପ୍ରିଣ୍ଟ କରିଥିଲେ। କୋଭିଡ୍ ସମୟରେ ମନ୍ଦିରରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଥିବା ସୁଯୋଗ ନେଇ ମୂର୍ତ୍ତି ଚୋରି କରୁଥିଲେ। ଏଥିରୁ ଅଧିକାଂଶ ମୂର୍ତ୍ତି ତରଳାଇ ଦେଇଛନ୍ତି। ଏଥିସହ ବିଭିନ୍ନ ରାଜ୍ୟରୁ ଏମାନେ ମୂର୍ତ୍ତି ଚୋରି କରିଥିବା ସ୍ୱୀକାର କରିଛନ୍ତି। ଏହି ଘଟଣାରେ ଅନ୍ୟ କେଉଁମାନଙ୍କ ହାତ ରହିଛି, ତାହାର ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଏସ୍‌ପି ସ୍ୱାଇଁ କହିଛନ୍ତି।



ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ବିନା ଲାଇସେନ୍ସରେ ଚାଲିଛି ହୋଟେଲ, ରେଷ୍ଟୁରାଣ୍ଟ

- ୩୦କେଜି ପଚା ଖାଦ୍ୟ ଜବତ
- ୩ ହଜାର ଟଙ୍କା ଜରିମାନା ଆଦାୟ



ଏକ ହୋଟେଲରେ ଖାଦ୍ୟର ମାନ ଯାଞ୍ଚ କରାଯାଉଛି।

ଖୋର୍ଦ୍ଧା ଅଫିସ,୩୦।୧

ଖୋର୍ଦ୍ଧା ସହରରେ ବିନା ଟ୍ରେଡ ଏବଂ ଫୁଡ୍ ଲାଇସେନ୍ସରେ ଚାଲିଛି ହୋଟେଲ ଓ ରେଷ୍ଟୁରାଣ୍ଟ। ଏକାଧିକ ଦୋକାନର ପଞ୍ଜୀକରଣ ନାହିଁ। ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ଶନିବାର ଖୋର୍ଦ୍ଧା ପୌରାଞ୍ଚଳ ଦାୟିତ୍ୱରେ ଥିବା ଫୁଡ୍ ସେଫ୍ଟି ଅଫିସର ସତ୍ୟଜିତ ପଟେଲ ଏବଂ ପୌର ପ୍ରଶାସନର ଏକ ଟିମ୍ ମିଳିତଭାବେ ଜାତୀୟ ରାଜପଥରେ ଥିବା ହୋଟେଲ ଏବଂ ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ କରିଥିଲେ। ଯାଞ୍ଚ ବେଳେ ୩୦କେଜିରୁ ଊର୍ଦ୍ଧ୍ୱ ପଚିଶଢି ଯାଇଥିବା ରନ୍ଧାଖାଦ୍ୟ, ନକଲି ସସ୍, ଖାଦ୍ୟରେ ବ୍ୟବହୃତ ବିଭିନ୍ନ କଲର ଏବଂ ଫ୍ରିଜରେ ଥିବା ମାଛ ଓ ମାଂସ ଜବତ କରାଯାଇଛି। ଏଥିସହ ୩ଟି ହୋଟେଲ ଓ ରେଷ୍ଟୁରାଣ୍ଟରୁ ୧ ହଜାର ଲେଖାଏ ଜରିମାନା ଆଦାୟ କରାଯାଇଛି। ରୋଷେଇ ଗୃହ ପରିଷ୍କାର ରଖିବା, ପଚା ପନିପରିବା ବ୍ୟବହାର କରିବେ ନାହିଁ। ଟଟକା ପରିବା ବ୍ୟବହାର କରିବେ। ଫ୍ରିଜକୁ ନିୟମିତ ବ୍ୟବଧାନରେ ସଫା କରିବେ। ଖାଦ୍ୟରେ କୌଣସି କଲର ବ୍ୟବହାର ନ କରିବା, ଟ୍ରେଡ ଏବଂ ଫୁଡ୍ ଲାଇସେନ୍ସ କରିବାକୁ ସେଫ୍ଟି ଅଫିସର ପଟେଲ ପରାମର୍ଶ ଦେଇଛନ୍ତି। ବିନା ପଞ୍ଜୀକରଣରେ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଖୋଲିଲେ, ଆଗାମୀ ଦିନରେ ସିଲ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଚଢ଼ାଉରେ ଖୋର୍ଦ୍ଧା ପୌର ପ୍ରଶାସନର ଟ୍ରେଡ ଲାଇସେନ୍ସ ଇନ୍‌ସପେକ୍ଟର ନାରାୟଣ ଜେନା, ମାର୍କେଟ ଫି କଲେକ୍ଟର ଆଲୋକ ରାଉତରାୟ, ସୁପରଭାଇଜର ଦାଶରଥି ମହାପାତ୍ର, ରେଣ୍ଟ କଲେକ୍ଟର କେ. ପାଇକରାୟ ପ୍ରମୁଖ ସାମିଲ ହୋଇଥିଲେ।

# ଅହିଂସା ହେଉଛି ଶ୍ରେଷ୍ଠ ମାର୍ଗ

ଖୋର୍ଦ୍ଧା ଅଫିସ,୩୦।୧

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ରାଧାବଲ୍ଲଭ ସାହିସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହାଳୟରେ ଶନିବାର ପାଳିତ ହୋଇଯାଇଛି। ବିଜେବି ହାଇସ୍କୁଲର ପ୍ରଧାନ ଶିକ୍ଷକ ଶେକ୍ ଗହର ଅଲୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଭାରତୀୟ ଇତିହାସ ସଙ୍କଳନ ସମିତିର ଉପସଭାପତି ପ୍ରଫେସର ନାରାୟଣ ରାଓ ଯୋଗଦେଇ ସାମ୍ପ୍ରତିକ ବିଶ୍ୱରେ ଗାନ୍ଧୀ ଦର୍ଶନର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ସ୍ୱାଧୀନତା ଆନ୍ଦୋଳନରେ ବିଶେଷ ପ୍ରଭାବ ପକାଇଥିଲା। ଅହିଂସା ହେଉଛି ଶ୍ରେଷ୍ଠ ମାର୍ଗ ବୋଲି କହିଥିଲେ। ମୁଖ୍ୟବକ୍ତା ଖୋର୍ଦ୍ଧା ଐତିହାସିକ ସମାଜର ସମ୍ପାଦକ ବୈକୁଣ୍ଠନାଥ ରାଜଗୁରୁ ଗାନ୍ଧୀଜୀଙ୍କ ବାଣପୁର ଓ ବୋଲଗଡ଼ ଆଗମନ ସମ୍ପର୍କରେ କହିଥିଲେ। ଅତିଥିଭାବେ ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ନବ କିଶୋର ମିଶ୍ର, ଏନ୍.ସି.ସି. ଅଫିସର ବିଭୁପ୍ରସାଦ ସେନାପତି, ସ୍କାଉଟ୍‌ମାଷ୍ଟର୍ ଅଞ୍ଜନ କୁମାର ରାୟ, ରାଷ୍ଟ୍ରପତି ରୋଭର୍ ମନୋଜ କୁମାର ନାୟକ ପ୍ରମୁଖ ଯୋଗଦେଇ ଗାନ୍ଧୀଜୀଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ଏହି ଅବସରରେ ପ୍ରଦର୍ଶିତ ଗାନ୍ଧୀଜୀଙ୍କ ସାବରମତି ଆଶ୍ରମ ଓ ମୁମ୍ବାଇସ୍ଥିତ ମଣିଭବନର ଦ୍ରବ୍ୟ, ଦେଶ ବିଦେଶର ଡାକଟିକଟ, ଫାଷ୍ଟଡ଼େ କଭର୍, ମୁଦ୍ରା, ଅରଟ, ଗାନ୍ଧିଜୀଙ୍କ ଦୁଷ୍ପ୍ରାପ୍ୟ ରଚନାବଳୀ, ବିଭିନ୍ନ ଭାଷାରେ ଗାନ୍ଧିଜୀଙ୍କ ସ୍ୱାକ୍ଷର ଆଦି ଛାତ୍ରମାନେ ବୁଲି ଦେଖିଥିଲେ। ସଂଗ୍ରାହାଧ୍ୟକ୍ଷ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଧନ୍ୟବାଦ ଦେଇଥିଲେ।

**ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ରତ୍ନମାଳୀ କ୍ଲବ ଚାମ୍ପିୟନ

ବାଲୁଗାଁ,୩୦।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ରଘୁନାଥ ଦେବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଫାଇନାଲ ମ୍ୟାଚ୍‌ରେ ଢୁଙ୍ଗମାଳ ପଞ୍ଚାୟତର ମା’ମଙ୍ଗଳା ୟୁଥ କ୍ଲବକୁ ୫୫ରନରେ ହରାଇ ବଡ଼କୂଳ ପଞ୍ଚାୟତର ରତ୍ନମାଳୀ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ରତ୍ନମାଳୀ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭରରେ ୭ ଉଇକେଟ ବିନିମୟରେ ୧୫୦ରନ ସଂଗ୍ରହ କରିଥିଲା। ଜବାବରେ ମା’ମଙ୍ଗଳା ୟୁଥ୍ କ୍ଲବ ସମସ୍ତ ଉଇକେଟ ବିନିମୟରେ ୯୫ରନ୍ କରି ପରାଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଜଳନ୍ଧର ସ୍ୱାଇଁ, ଗଣେଶ ସ୍ୱାଇଁ, ବୈକୁଣ୍ଠନାଥ ପ୍ରଧାନ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୬,୫୦୦ଟଙ୍କା ଓ ରନର୍ସ ଅପ ଟିମକୁ ଟ୍ରଫି ସହ ୪,୫୦୦ଟଙ୍କା ପ୍ରଦାନ କରିଥିଲେ। ରଘୁନାଥ କ୍ଲବର ସମସ୍ତ ସଦସ୍ୟ ରହି ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଟିମ୍ ଓ ଅନ୍ୟମାନେ।

# ଚିକିତ୍ସାରେ ବାଧକ ସାଜିଛି ଅର୍ଥ

- କିଡ୍‌ନୀ ରୋଗରେ ଆକ୍ରାନ୍ତ ଅଶୋକ ଶଯ୍ୟାଶାୟୀ
- ସରକାରୀ ସହାୟତା ପାଇଁ ନିବେଦନ

ଖୋର୍ଦ୍ଧା ଅଫିସ,୩୦।୧

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମର ଅଶୋକ ବେହେରା(୪୨)। ସ୍ତ୍ରୀ ଶକୁନ୍ତଳା, ଗୋଟିଏ ପୁଅ ଓ ଝିଅ ଏବଂ ବିଧବା ମା’ଙ୍କୁ ନେଇ ତାଙ୍କ ପରିବାର। ଘରର ଏକମାତ୍ର ରୋଜଗାରିଆ ଅଶୋକ ଗତ କିଛି ମାସ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଅବସ୍ଥାରେ ଜୀବନ ସହ ସଂଘର୍ଷ କରୁଛନ୍ତି। ଫଳରେ ପରିବାର ଚଳିବା କଷ୍ଟକର ହୋଇପଡ଼ିଛି। ଭୋକ ଉପାସରେ ସ୍ୱାମୀର ଚିକିତ୍ସା ପାଇଁ ସ୍ତ୍ରୀ ଶକୁନ୍ତଳା ଏ ମେଡିକାଲରୁ ସେ ମେଡିକାଲକୁ ଦୌଡୁଛନ୍ତି। ଅର୍ଥାଭାବ ଯୋଗୁ ତାଙ୍କ ଚିକିତ୍ସାରେ ବାଧକ ସାଜିଛି। ଅନ୍ୟପଟେ ଆର୍ଥିକ ଅନଟନ ଯୋଗୁ ପିଲାଙ୍କ ପାଠପଢାରେ ଡୋରି ବାନ୍ଧି ହେବାକୁ ବସିଲାଣି। ଓଳିଏ ଖାଇଲେ, ଓଳିଏ ଉପବାସ ରହିବାକୁ ପଡୁଛି। ଫଳରେ ପରିବାର ଲୋକେ ଭାଗ୍ୟକୁ ଆଦରି ରହିଛନ୍ତି। ଅଶୋକଙ୍କୁ ଚିକିତ୍ସା ଲାଗି ଏମ୍‌ସ ମେଡିକାଲ ନେଇଥିଲୁ। ସେଠାରେ ଚିକିତ୍ସା ଲାଗି ଟିକଟ ମିଳିଲା ନାହିଁ। ଏନେଇ କର୍ତ୍ତୃପକ୍ଷଙ୍କୁ ଗୁହାରି କରିଥିଲେ ମଧ୍ୟ ଶୁଣିଲେ ନାହିଁ। ପାଖରେ ଯାହା କିଛି ଥିଲା ବିକ୍ରି କରି ସ୍ୱାମୀଙ୍କ ଚିକିତ୍ସାରେ ଖର୍ଚ୍ଚ ସରିଲାଣି। ଘରୋଇ ହସ୍ପିଟାଲ ଯିବା ଲାଗି ପାଖରେ ଟଙ୍କା ନାହିଁ। ଶେଷରେ ଶକୁନ୍ତଳା ସରକାରୀ ସହାୟତା ପାଇଁ ଗୁହାରି କରିଛନ୍ତି। ଏହି ଖବର ଜାଣିବା ପରେ ଭୁବନେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ କୁମାର ବିଜୁଳି ଶକୁନ୍ତଳାଙ୍କ ଘରେ ପହଞ୍ଚି ଅଶୋକଙ୍କ ଅବସ୍ଥା ବୁଝିବା ସହ ତାଙ୍କ ଚିକିତ୍ସାର ବ୍ୟବସ୍ଥା କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ଅଶୋକଙ୍କ ନିକଟରେ ପରିବାର ସଦସ୍ୟ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ରେନୀ



@ କମଳାକାନ୍ତ



@ ବିଶ୍ୱମ୍ଭର



@ ସୁକାନ୍ତ



@ ରାମଚନ୍ଦ୍ର



@ ରାଜେଶ



@ ଶରତ



@ ରମେଶ